# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ଜୁନ୍ ୯/୨୦୨୦ (୨୨ ପୃଷ୍ଠା) | Balasore, Tuesday, June 9/2020 | ★★★★

୪୬ଶ ଭାଗ ୧୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ସରପ୍ରାଇଜ୍ ଦେବେ ସଲ୍ମାନ

ସଲ୍ମାନ ଖାଁ ତାଙ୍କ ପ୍ରଶଂସକଙ୍କୁ ସରପ୍ରାଇଜ୍ ଦେବେ ବୋଲି ଶୁଣିବାକୁ ମିଳିଛି। ଏହି ବଲିଉଡ୍ ନାୟକ ଏଥର ଜଣେ ନୂଆ ଅଭିନେତ୍ରୀଙ୍କ ସହ ଏକ ଶର୍ଟ ଫିଲ୍ମରେ ନଜର ଆସୁଛନ୍ତି।

୦୯

୦୮

## ରାଜ୍ୟ ସଭା ନିର୍ବାଚନ ଲଢ଼ିବେ ଦେବେଗୌଡ଼ା

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଅନୁରୋଧକ୍ରମେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡା କର୍ଣାଟକରୁ ରାଜ୍ୟ ସଭା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି।





**ନନ୍ଦିନୀ ଶତପଥୀଙ୍କ**
୮୯ତମ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାରର ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

## ଡିଜିଟାଲ ପ୍ରଚାର

**ଆଜିର ମନ୍ତବ୍ୟ**

"ଭାରତର ସୀମାନ୍ତ ସ୍ଥିତିର ବାସ୍ତବତା ସମସ୍ତେ ଜାଣନ୍ତି।
– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ରାଜକୋଷକୁ କରୋନା ମାଡ଼

ଭୁବନେଶ୍ୱର,୮।୬(ବ୍ୟୁରୋ)



- ଜିଏସ୍ଟି ୫୦%, ଯାନବାହନ ଟିକସ ୭୫% କମିଲା
- ଅକ୍ଟୋବର ପରେ ବଢ଼ିପାରେ ସଙ୍କଟ
- ମିଳୁନି କେନ୍ଦ୍ର ଅଂଶଧନ
- କେନ୍ଦ୍ର ସରକାରଙ୍କ ଉପରେ ୮ ହଜାର କୋଟି ବକେୟା

ମହାମାରୀ କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦ ସାଜିଛି। ଏହା କେବଳ ଯେ ସ୍ୱାସ୍ଥ୍ୟ ନୁହେଁ, ଆର୍ଥିକ ବ୍ୟବସ୍ଥାକୁ ମଧ୍ୟ ବିଗାଡ଼ି ଦେଇଛି। ଯାହାଫଳରେ ଗତ କିଛି ମାସ ହେବ ରାଜକୋଷ ଉପରେ ମଧ୍ୟ ଶକ୍ତ ଚାପ ପଡ଼ିଛି। ସମସ୍ତ ବିକାଶମୂଳକ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ଯେଉଁ ନୂତନ ଯୋଜନାର ମୂଳଦୁଆ ପକାଇଥିଲେ ସେସବୁ ଫାଇଲ ଭିତରେ ରହିଯାଇଛି। ଏଥିଯୋଗୁ କେନ୍ଦ୍ର ସରକାର ଚଳିତ ବର୍ଷ କୌଣସି ନୂତନ ଯୋଜନା ଆରମ୍ଭ ନ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ରାଜ୍ୟ ସରକାର ଏ ନେଇ କୌଣସି ନିଷ୍ପତ୍ତି ଏଯାବତ୍ ନେଇନାହାନ୍ତି। ଏଭଳିସ୍ଥିତିରେ ରାଜ୍ୟ ରାଜକୋଷର ଅବସ୍ଥା ଯାହା କହୁଛି ଚଳିତ ଆର୍ଥିକ ବର୍ଷରେ ଚାଲୁ ରହିଥିବା ଯୋଜନାକୁ ଆଗକୁ ନେବା ପାଇଁ ସରକାରଙ୍କ ପାଖରେ ବଳ ନାହିଁ। ଏପରି କି ଆର୍ଥିକ ପରିସ୍ଥିତିରେ ସୁଧାର ନ ଆସିଲେ ଆସନ୍ତା ଅକ୍ଟୋବର ବେଳକୁ ସରକାର କର୍ମଚାରୀମାନଙ୍କୁ ଦରମା ଦେବା ମଧ୍ୟ ମୁସ୍କିଲ ହୋଇପଡ଼ିବ ବୋଲି ଅର୍ଥ ବିଭାଗର ଜଣେ ଅଧିକାରୀ କହିଛନ୍ତି।

ଆର୍ଥିକ ମାନ୍ଦାବସ୍ଥା ଯୋଗୁ ରାଜ୍ୟର ଆର୍ଥିକ ଅବସ୍ଥା ସେତେଟା ଭଲ ନ ଥିବା ବେଳେ କୋଭିଡ୍-୧୯ ପରିସ୍ଥିତିକୁ ଆହୁରି ବିଗାଡ଼ିଦେଇଛି। ଗତ ଦୁଇ ମାସ ହେବ ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟ ବିଶେଷଭାବେ ହ୍ରାସ ପାଇଛି। ରାଜକୋଷର ସିଂହଭାଗ ଆସୁଥିବା ଦ୍ରବ୍ୟ ଓ ସେବା ଟିକସ(ଜିଏସ୍ଟି) ଆଦାୟ ଅତ୍ୟନ୍ତ ନୈରାଶ୍ୟଜନକ ସ୍ଥିତିରେ ରହିଛି। ଅର୍ଥ ବିଭାଗରୁ ମିଳିଥିବା ସୂଚନା ମୁତାବକ ୨୦୧୫-୧୬ରେ ମୂଲ୍ୟଯୁକ୍ତ କର(ଭାଟ୍), କେନ୍ଦ୍ରୀୟ ବିକ୍ରି କର(ସିଏସ୍ଟି), ଆମୋଦପ୍ରମୋଦ କର(ଇଟି), ରାଜ୍ୟ ବିକ୍ରିକର(ଓଏସ୍ଟି) ଓ ପ୍ରବେଶ କର ବାବଦରେ ୧୧୦୨୨.୬୯ କୋଟି ଟଙ୍କା ଆଦାୟ ହୋଇଥିଲା। ୨୦୧୬-୧୭ରେ ଏହା ୧୧୮୩୪.୪୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୧୭ ଜୁଲାଇ ପହିଲାରୁ ରାଜ୍ୟରେ ଜିଏସ୍ଟି ଲାଗୁ ହୋଇଥିଲା। ୨୦୧୭-୧୮ରେ ଜିଏସ୍ଟି ବାବଦରେ ୬୧୨୭.୨୭ କୋଟି ଏବଂ ଅନ୍ୟାନ୍ୟ ଟିକସ ବାବଦରେ ୪୫୨୫.୫୪ କୋଟିକୁ ମିଶାଇ ମୋଟ ୧୦୬୫୨.୮୧ ଟଙ୍କା ରାଜକୋଷକୁ ମିଳିଥିଲା। ୨୦୧୮-୧୯ରେ ଜିଏସ୍ଟି ବାବଦରେ ୧୦୧୪୮.୧୪ କୋଟି ଏବଂ ଅନ୍ୟାନ୍ୟ ଟିକସ ବାବଦରେ ୧୮୪.୨୯ କୋଟିକୁ ମିଶାଇ ୧୦୩୩୨.୪୩ କୋଟି ଟଙ୍କା ମିଳିଥିଲା। ପୂର୍ବ ବର୍ଷ ତୁଳନାରେ ଜିଏସ୍ଟି ଆଦାୟ ହାର ୧୦.୪୧ ପ୍ରତିଶତ ଅଧିକ ହେଇଥିଲା। ସେହିପରି ୨୦୧୯-୨୦ରେ ଜିଏସ୍ଟି ବାବଦରେ ୧୨୭୪୭.୯୯ କୋଟି ଏବଂ ଅନ୍ୟାନ୍ୟ ଟିକସ ବାବଦରେ ୧୦୧.୭୯ କୋଟି ଆଦାୟ ହୋଇଥିଲା ; ଯାହାକି ଗତ ବର୍ଷ ତୁଳନାରେ ଜିଏସ୍ଟି ଆଦାୟ ଶତକଡ଼ା ୨୫.୬୨ ପ୍ରତିଶତକୁ ବୃଦ୍ଧି ପାଇଥିଲା।

ଚଳିତ ଆର୍ଥିକ ବର୍ଷ ପାଇଁ ଜିଏସ୍ଟି ଆଦାୟ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଜିଏସ୍ଟି ଆଦାୟ ୨୦୨୦ ମେ ମଧ୍ୟରେ ୧୦୯୨.୦୫ କୋଟି ଟଙ୍କାକୁ ଖସି ଯାଇଥିବା ବେଳେ ଅନ୍ୟାନ୍ୟ ଟିକସ ଆଦାୟ ମାତ୍ର ୯.୯୦ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ତୁଳନାରେ ମେ ମାସ ଶେଷ ମଧ୍ୟରେ ଜିଏସ୍ଟି ଆଦାୟର -୪୮.୬୦ ପ୍ରତିଶତ ଅଟେ। ୨୦୨୦ ଏପ୍ରିଲ ଓ ମେ ମାସରେ ସରକାର ସବୁଠାରୁ ଅଧିକ କ୍ଷତି ସହିଛନ୍ତି। ଏହି ଦୁଇମାସରେ ଜିଏସ୍ଟି ଆଦାୟ -୫୧.୫୩ ପ୍ରତିଶତକୁ ଖସି ଆସି ମାତ୍ର ୧୪୫୩.୮୨କୋଟି ରହିଛି। ସେହିପରି ଯାନବହାନ ଟିକସ ଆଦାୟ ମଧ୍ୟ ବହୁ ତଳକୁ ଖସିଯାଇଛି। ୨୦୧୯ ଏପ୍ରିଲ ଓ ମେ ମାସ ମାସରେ ଯାନବାହନରୁ ୨୭୧.୨୮ କୋଟି ଟଙ୍କାର ଟିକସ ଆଦାୟ ହୋଇଥିବା ବେଳେ ୨୦୨୦ ମେ ଶେଷ ସୁଦ୍ଧା ମାତ୍ର ୬୯ କୋଟି ଟଙ୍କା ଆଦାୟ ହୋଇଛି। ପ୍ରାୟ ୭୫ ପ୍ରତିଶତ ଟିକସ କମି ଯାଇଛି। ନୂତନ ଗାଡ଼ି ବିକ୍ରି ନ ହେବା ସାଙ୍ଗକୁ ବସ୍ ଓ ଅନ୍ୟାନ୍ୟ ବାଣିଜ୍ୟିକ ଯାନବାହନରୁ ୩ ମାସ ପାଇଁ ଟିକସ ଛାଡ଼ କରିବା ଯୋଗୁ ସରକାରଙ୍କୁ ଆହୁରି କ୍ଷତି ସହିବାକୁ ପଡ଼ିଛି। ରାଜ୍ୟଗୁଡ଼ିକର ଜଏସ୍ଟି ଜନିତ କ୍ଷତିଭରଣା କରିବା ପାଇଁ କେନ୍ଦ୍ର ସରକାର ଅର୍ଥ ପ୍ରଦାନ ☞ ପୃଷ୍ଠା-୪

# ୧୦୦ ଫୁଟ ଉଚ୍ଚରୁ ଖସିପଡ଼ିଲା ବିମାନ

## କ୍ୟାପ୍ଟେନ, ଟ୍ରେନି ପାଇଲଟ୍ ମୃତ

କାମାକ୍ଷାନଗର, ୮।୬(ଡି.ଏନ.ଏ.)





ସଞ୍ଜୀବ ଝା



ଅନିଶ ଫାତିମା

- ପ୍ରଶିକ୍ଷଣ ବେଳେ ଦୁର୍ଘଟଣା
- ତଦନ୍ତ କରିବ ସିଭିଲ ଆଭିଏଶନ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବୀରାଶାଳସ୍ଥିତ ଏୟାରଷ୍ଟ୍ରିପ୍‌ରେ ସୋମବାର ସକାଳ ୬ଟା ୪୦ରେ ପ୍ରଶିକ୍ଷଣ ସମୟରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ମୁଖ୍ୟ ପ୍ରଶିକ୍ଷକ (ପାଇଲଟ ଟ୍ରେନର) କ୍ୟାପଟେନ୍ ସଞ୍ଜୀବ କୁମାର ଝା ଏବଂ ଟ୍ରେନି ପାଇଲେଟ ଅନିଶ ଫାତିମାଙ୍କ ମୃତ୍ୟୁ ଘଟିଛି। ମୃତ କ୍ୟାପ୍ଟେନ୍‌ଙ୍କ ଘର ଝାଡଖଣ୍ଡର ସିଂହଭୂମି ଜିଲାର ଆଗ୍ରିକୋ ଏବଂ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଙ୍କ ଘର ଚେନ୍ନାଇରେ ବୋଲି ଜଣାପଡ଼ିଛି।

ଦୁର୍ଘଟଣା ସମ୍ପର୍କରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ମନୋଜ କୁମାର ରାୟ କୁହନ୍ତି, ସବୁଦିନ ଭଳି ସକାଳୁ ପ୍ରଶିକ୍ଷାର୍ଥୀଙ୍କ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ଦୁଇ ସିଟ୍ ବିଶିଷ୍ଟ ବିମାନ ଭିଟି ଇଏନ୍‌ଏଫ୍-୧୨୫କୁ ସାଧାରଣତଃ ମହିଳା ପାଇଲଟ ଚଳାଇଥାନ୍ତି। ହେଲେ ସୋମବାର ଟ୍ରେନି ପାଇଲଟ୍ ଅନିଶଙ୍କୁ ନେଇ କ୍ୟାପଟେନ ଝା ବିମାନକୁ ଉଡ଼ାଇଥିଲେ। ବିମାନଟି ଭଲ ଭାବରେ ଟେକ୍ ଅଫ୍ ହୋଇଥିଲା। ହେଲେ ଲ୍ୟାଣ୍ଡିଂର କିଛି ସେକେଣ୍ଡ ପୂର୍ବରୁ ପ୍ରାୟ ୧୦୦ ଫୁଟ ଉପରୁ ହଠାତ୍ ବିମାନଟି ଖସିପଡ଼ିଥିଲା। ବିମାନର ସମ୍ମୁଖ ଭାଗ ଭୂଇଁରେ ପିଟି ହୋଇଯିବା ଫଳରେ ସେଥିରେ ବସିଥିବା ଦୁଇଜଣ ଚାପି ହୋଇ ରହିଯାଇଥିଲେ। ପାଖରେ ଥିବା ଅନ୍ୟ ୨ଜଣ ପାଇଲଟ ଘଟଣାସ୍ଥଳକୁ ଦୌଡ଼ି ଯାଇ ସେମାନଙ୍କୁ ବାହାର କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଆମ୍ବୁଲାନ୍ସ କର୍ମଚାରୀ, ବିଭାଗୀୟ ଅଗ୍ନିଶମ ସେବା ଦଳ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ବୀରାଶାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ☞ ପୃଷ୍ଠା-୪

# ଲଘୁଚାପ: ୧୦ରୁ ପ୍ରବଳ ବର୍ଷିବ

- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ୩ ଦିନ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ

ଭୁବନେଶ୍ୱର, ୮।୬(ବ୍ୟୁରୋ): ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବ। ଏଥିସହିତ ଓଡ଼ିଶାକୁ ମୌସୁମୀ ପ୍ରବେଶ କରିବ। ରାଜ୍ୟରେ ବିଭିନ୍ନ ସ୍ଥାନରେ ୩ ଦିନ ଧରି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲଘୁଚାପ ଉପରେ ସତର୍କ ଦୃଷ୍ଟି ରଖିବା ସହ ବର୍ଷା ପରିମାଣ ରିପୋର୍ଟ କାର୍ଯ୍ୟାଳୟକୁ ନିରନ୍ତର ପଠାଇବାକୁ କୁହାଯାଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବା ସକାଶେ ଜିଲା ପ୍ରଶାସନକୁ ସତର୍କ କରାଯାଇଛି। ଲଘୁଚାପ ଯୋଗୁ ଆସନ୍ତା ୯ ତାରିଖରୁ ୧୩ ତାରିଖ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ। ୯ ତାରିଖ ସନ୍ଧ୍ୟାରୁ ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ ଏବଂ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୦ ତାରିଖରେ ବର୍ଷା ପରିମାଣ ବଢ଼ିବ। କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ଅନୁଗୋଳ, ☞ ପୃଷ୍ଠା-୪

# ବଜ୍ରପାତ ନେଲା ୧୦ ଜୀବନ

ଭୁବନେଶ୍ୱର, ୮।୬(ବ୍ୟୁରୋ)



ରାଜ୍ୟରେ ସୋମବାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ସହ ବର୍ଷା ହୋଇଛି। ଏହି ସମୟରେ ବଜ୍ରପାତ ଘଟି ୧୦ ଜଣଙ୍କ ଜୀବନ ଯାଇଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ କେନ୍ଦୁଝରର ଆନନ୍ଦପୁର, କେନ୍ଦ୍ରାପଡ଼ାର ମହାକାଳପଡ଼ା, ଜଗତ୍‌ସିଂହପୁରର ବାଲିକୁଦା ବ୍ଲକରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ସେହିଭଳି ଢେଙ୍କାନାଳରେ ୨ଜଣ ମହିଳା, ଅନୁଗୋଳରେ ଜଣେ ମହିଳା, ଗଞ୍ଜାମର କବିସୂର୍ଯ୍ୟନଗରରେ ଜଣେ, ଗଜପତି ମୋହନାରେ ଜଣେ ଓ କଟକ ଚୌଦ୍ୱାରରେ ଜଣଙ୍କର ମୃତ୍ୟୁ ହୋଇଛି। ତେବେ ମୃତକଙ୍କ ମଧ୍ୟରୁ ୩ଜଣ ଚାଷୀ ଥିବା ଜଣାପଡ଼ିଛି। ଅନ୍ୟ ୭ଜଣ ଆହତ ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ, ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସୁନାଡଙ୍ଗରି ଗ୍ରାମର ନରସିଂହ ମାଝି (୧୩) ଘରକୁ ଫେରୁଥିଲେ। ମାଝିଗୁଡ଼ା ମୁଖ୍ୟ ରାସ୍ତାରେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ତରତରା ପଞ୍ଚାୟତ ଦୁଦୁଗାଁ ଗ୍ରାମର ଦିଲୀପ ଚକ୍ର ନାମକ ଜଣେ ଯୁବକଙ୍କର ବଜ୍ରପାତରେ ମୃତ୍ୟୁ ହୋଇଛି। ସେ କାଠକଟା ଅଞ୍ଚଳ ବୁଲିବାକୁ ଯାଇଥିବାବେଳେ କାଳବୈଶାଖୀ ପ୍ରଭାବରେ ବର୍ଷା ହେବାରୁ ନିକଟରେ ଥିବା ଏକ ଗଛ ମୂଳରେ ଠିଆ ହୋଇଥିଲେ। ଏହି ସମୟରେ ସେ ବଜ୍ରପାତର ଶିକାର ହୋଇଥିଲେ। ସେହିପରି କାଠକଟା ପଞ୍ଚାୟତ ଯୋଗିଆବନ୍ଧ ଗ୍ରାମର ଚଞ୍ଚଳା ମହାନ୍ତ ଘରେ ଥିବା ସମୟରେ ବଜ୍ରପାତ ହେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଢେଙ୍କାନାଳ ସଦର ଥାନା ବାଲିଅମ୍ବ ପଞ୍ଚାୟତ ରାଇଡିହି ଗ୍ରାମର ନିର୍ମଳା ସାହୁ(୫୬) ଘର ନିକଟ ପଡ଼ିଆକୁ ଗାଈ ଆଣିବାକୁ ଯାଇଥିବାବେଳେ ବଜ୍ରପାତ ☞ ପୃଷ୍ଠା-୪


DADLS-21

ଓଡ଼ିଶା ସରକାର



## କୋଭିଡ ମୁକାବିଲା

ଆମ ସୁରକ୍ଷା, ଆମ ଦାୟିତ୍ୱ
ଜୁନ୍ ମାସ ଗୁରୁତ୍ୱପୂର୍ଣ୍ଣ

ମୌସୁମୀ ଆସୁଛି, ଆମେ ଅଧିକ ସତର୍କ ହେବା, ଅଧିକ ଦାୟିତ୍ୱବାନ ହେବା।

ସରକାରଙ୍କ ଲକ୍ ଡାଉନ୍, ସଟ୍ ଡାଉନ୍ ଥାଉ ବା ନଥାଉ, ପରିବାରର ମଙ୍ଗଳ ପାଇଁ ନିଜକୁ ନିଜେ ଲକ୍ ଡାଉନ୍‌ରେ ରଖିବା।

ନିଜେ ସଂକ୍ରମିତ ହେବା ନାହିଁ କିମ୍ବା ଅନ୍ୟ କାହାକୁ ସଂକ୍ରମଣର ଶିକାର ହେବାକୁ ଦେବା ନାହିଁ।

**ଏଥିପାଇଁ ଆମେ ଏହି ୫ଟି କଥା ମାନିବା**

୧. ଘରେ ରୁହନ୍ତୁ। ଜରୁରୀ କାମ ନ ଥିଲେ, ବାହାରକୁ ଯାଆନ୍ତୁ ନାହିଁ।
୨. ଯେତେବେଳେ ବି ବାହାରକୁ ଯାଉଛନ୍ତି, ମୁହଁରେ ମାସ୍କ ନିଶ୍ଚୟ ଲଗାନ୍ତୁ। ଠିକ୍ ଠାକ୍ ମାସ୍କ ଲଗାଇଲେ କରୋନା ସଂକ୍ରମଣ ୯୦ ପ୍ରତିଶତ କମିଯିବ।
୩. ହାଟ, ବଜାର, ଅଫିସ ବା ଟ୍ରାଫିକ ସବୁଠାରେ ସାମାଜିକ ଦୂରତା ରକ୍ଷା କରନ୍ତୁ। କାରଣ ଆମ ପାଖରେ କିଏ କରୋନା ପଜିଟିଭ ଅଛି, ତାହା ଆମେ ଜାଣିପାରିବା ନାହିଁ।
୪. ନିଜ ଲୋକ କିଏ କୋଭିଡ ହସ୍ପିଟାଲକୁ ଯାଉ, ଏହା କେହି କେବେ ଚାହିଁବେ ନାହିଁ। ତେଣୁ ଘରକୁ ଫେରିବା ପରେ ଭଲ ଭାବରେ ସାବୁନରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ନିଶ୍ଚୟ ହାତ ଧୁଅନ୍ତୁ।
୫. ୬୫ ବର୍ଷରୁ ଅଧିକ ବୟସର ଲୋକ, ଗୁରୁତର ରୋଗରେ ପୀଡ଼ିତ ଲୋକ, ଗର୍ଭବତୀ ମହିଳା ଏବଂ ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ କେବେ ବି ବାହାରକୁ ଛାଡ଼ନ୍ତୁ ନାହିଁ।

"ଲକ୍ ଡାଉନ କୋହଳ ହେଲା,
ତାର ଅର୍ଥ ନୁହେଁ କରୋନା ଚାଲିଗଲା,
ବର୍ତ୍ତମାନ ହେଉଛି ଆତ୍ମସଂଯମର ସମୟ।"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ
ସତର୍କ ଓଡ଼ିଶା, ସୁରକ୍ଷିତ ଓଡ଼ିଶା

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0028/2021


# ପୃଥିବୀ ଭଳି ଗ୍ରହର ସନ୍ଧାନ

ୱାଶିଂଟନ,୮।୬



- ୩୭୮ ଦିନରେ ନିଜ ସୂର୍ଯ୍ୟ 'କେପ୍‌ଲର ୧୬୦'କୁ ପରିକ୍ରମା କରୁଛି
- ବାସ ଉପଯୋଗୀ ହୋଇପାରିବା ନେଇ ଆଶା
- ପୃଥିବୀଠାରୁ ୩୦୦୦ ଆଲୋକ ବର୍ଷ ଦୂରରେ ରହିଛି

ବାସଯୋଗ୍ୟ ପୃଥିବୀ ଭଳି ଆଉ ଏକ ଗ୍ରହ ଖୋଜିବାରେ ବୈଜ୍ଞାନିକ ଓ ମହାକାଶ ବିଜ୍ଞାନୀମାନେ ଉଦ୍ୟମ ଚଳାଇଛନ୍ତି। ଏଥିରେ ବିଳମ୍ବ ହେଲେ ବି ସେମାନଙ୍କ ମିଶନକୁ ଏବେ ଗତି ମିଳିଥିବା ଜଣାପଡ଼ିଛି। କାରଣ ପୃଥିବୀ ଭଳି ଆଉ ଏକ ଗ୍ରହର ସନ୍ଧାନ କରାଯାଇଛି, ଯାହାର ନାଁ ହେଲା 'କେଓଆଇ-୪୫୬.୦୪'। ଜର୍ମାନୀର ଗଟିଂଜେନ୍‌ସ୍ଥିତ ମାକ୍ସ ପ୍ଲାଙ୍କ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋଲାର ସିଷ୍ଟମ୍ ରିସର୍ଚ୍ଚର ବୈଜ୍ଞାନିକ ଟିମ୍ ଜାଣିବାକୁ ପାଇଛନ୍ତି ଯେ, 'କେଓଆଇ-୪୫୬.୦୪'ର ଆକାର ଏବଂ କକ୍ଷପଥ ଆମେ ବାସ କରୁଥିବା ପୃଥିବୀ ସହିତ ପ୍ରାୟ ସମାନ। ଏହା ସୂର୍ଯ୍ୟ ପରି ଏକ ନକ୍ଷତ୍ର 'କେପଲର୍ ୧୬୦'ର ଗ୍ରହମଣ୍ଡଳରେ ରହିଛି। ଉକ୍ତ ଗ୍ରହମଣ୍ଡଳରେ ତିନୋଟି ଗ୍ରହ ଥିବା ବିଶ୍ୱାସ କରାଯାଉଛି।

ସନ୍ଧାନ ହୋଇଥିବା ଏହି ଗ୍ରହ ସମ୍ପର୍କିତ ଏକ ଅଧ୍ୟୟନ ଅନ୍ତର୍ଜାତୀୟ ଜର୍ନାଲ 'ଆଷ୍ଟ୍ରୋନୋମି ଆଣ୍ଡ ଆଷ୍ଟ୍ରୋଫିଜିକ୍ସ'ରେ ପ୍ରକାଶ ପାଇଛି। ସେଥିରେ ସମ୍ଭାବ୍ୟ ନୂଆ ପୃଥିବୀ 'କେଓଆଇ-୪୫୬.୦୪'ର ଗଠନ ବିଷୟରେ କିଛି ସନ୍ଦେହ ସୃଷ୍ଟି କରାଯାଇଛି। କିନ୍ତୁ ତଥ୍ୟକୁ ଆଧାର କରି ଏହା ପୃଥିବୀ ଭଳି ବାସ ଉପଯୋଗୀ ହୋଇପାରେ ବୋଲି ଆଶା କରାଯାଉଛି। ପୃଥିବୀ ଯେତିକି ଦୂରରେ ସୂର୍ଯ୍ୟକୁ ପରିକ୍ରମା କରୁଛି 'କେଓଆଇ-୪୫୬.୦୪' ମଧ୍ୟ ସେତିକି ଦୂରରେ ନିଜର ସୂର୍ଯ୍ୟ ତଥା 'କେପଲର୍ ୧୬୦'କୁ ପରିକ୍ରମା କରୁଛି। ଗୋଟିଏ ସମ୍ପୂର୍ଣ୍ଣ କକ୍ଷପଥ ପରିକ୍ରମା ପାଇଁ ପୃଥିବୀ ୩୬୫ ଦିନ ୬ ଘଣ୍ଟା ସମୟ ନେଉଥିବାବେଳେ 'କେଓଆଇ-୪୫୬.୦୪' ୩୭୮ ଦିନରେ ପରିକ୍ରମା କରୁଛି। ପୃଥିବୀ ସୂର୍ଯ୍ୟଠାରୁ ଯେତିକି ଆଲୋକ ପାଇଥାଏ, ତାହା ମଧ୍ୟ ୯୩% ପାଇବ ବୋଲି ବିଶ୍ୱାସ କରାଯାଉଛି। ପୃଥିବୀଠାରୁ 'କେଓଆଇ-୪୫୬.୦୪' ପ୍ରାୟ ୩୦୦୦ ଆଲୋକ ବର୍ଷ ଦୂରରେ ରହିଥିବା ଅଧ୍ୟୟନରୁ ଜଣାପଡ଼ିଛି।

କେପ୍‌ଲର ସ୍ପେସ୍ ଟେଲିସ୍କୋପ ଦ୍ୱାରା ସଂଗୃହୀତ ତଥ୍ୟ ମାଧ୍ୟମରେ ଗବେଷକମାନେ 'କେଓଆଇ-୪୫୬.୦୪'ର ସନ୍ଧାନ ପାଇଥିଲେ। ନାସାର ଆଗାମୀ ☞ ପୃଷ୍ଠା-୪








# ସ୍ମୃତିରେ ନନ୍ଦିନୀ



**ନନ୍ଦିନୀ ଶତପଥୀ, କେବଳ ଓଡ଼ିଶା ନୁହେଁ ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା। ଯାହାଙ୍କ ଅବଦାନରେ ଉଭୟ ରାଜନୀତି ଏବଂ ସାହିତ୍ୟ ବିଭିନ୍ନ ଭାବେ ପରିପୁଷ୍ଟ। ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀଙ୍କର ସ୍ୱପ୍ନ ଥିଲା ରାଜ୍ୟର ସାମଗ୍ରିକ ବିକାଶ। ସ୍ୱପ୍ନକୁ ବାସ୍ତବ ରୂପ ଦେବା ଲାଗି ସେ ଚଳାଇଥିଲେ ଆପ୍ରାଣ ଉଦ୍ୟମ, ଯାହାର ସୁଫଳ ଆଜି ପାଉଛନ୍ତି ରାଜ୍ୟବାସୀ। ରାଜନୀତି ଭଳି ଓଡ଼ିଆ ଭାଷାରେ ଭାରତୀୟ ସାହିତ୍ୟକୁ ସେ କରିଯାଇଛନ୍ତି ସମୃଦ୍ଧ । ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ 'ଓଡ଼ିଶା ସାହିତ୍ୟ ଏକାଡେମୀ', 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ସାହିତ୍ୟ ଭାରତୀ' ସମ୍ମାନରେ ସେ ସମ୍ମାନିତା।**

## ସଂକ୍ଷେପରେ...

୧୯୩୧(ଜନ୍ମ): ଜୁନ୍ ୯, ଖ୍ରୀଷ୍ଟିଆନ ସାହି, ଯାଚକ ଲେନ୍, ବକ୍ସିବଜାର, କଟକ।
୧୯୪୨: ୧୧ବର୍ଷ ବୟସରେ 'ଭାରତଛାଡ଼' ଆନ୍ଦୋଳନରେ ଯୋଗଦାନ।
୧୯୫୧: ଦରମା ବୃଦ୍ଧି ବିରୋଧରେ ବିଶାଳ ଛାତ୍ର ଆନ୍ଦୋଳନର ନେତୃତ୍ୱ, ପୋଲିସ ଲାଠିମାଡ଼ର ଶିକାର ଓ ଜେଲବରଣ।
୧୯୫୫: ମହିଳା ବନ୍ୟା ରିଲିଫ ସଂଘର ସମ୍ପାଦିକା ନିଯୁକ୍ତ। ଦଳେଇଘାଇ ବିପନ୍ନଙ୍କୁ ରିଲିଫ ବଣ୍ଟନ।
୧୯୫୭ : ସାମୟିକ 'ଧରିତ୍ରୀ' ପତ୍ରିକା ପ୍ରକାଶନ। (୧୯୭୪ ନଭେମ୍ବର ୨୪ରେ ଏହା ଦୈନିକରେ ରୂପାନ୍ତରିତ)
୧୯୫୮: ସର୍ବୋଦୟ ଆନ୍ଦୋଳନରେ ଯୋଗଦାନ।
୧୯୬୨: ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ କଂଗ୍ରେସରୁ ରାଜ୍ୟ ସଭାକୁ ନିର୍ବାଚିତ।
୧୯୬୬-୬୮: ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ତଥ୍ୟ ଓ ବେତାର ବିଭାଗର ଉପମନ୍ତ୍ରୀ।
୧୯୬୮ ଓ ୧୯୭୧: ଭାରତର ସାଂସ୍କୃତିକ ପ୍ରତିନିଧି ଦଳର ନେତୃତ୍ୱ ନେଇ ସୋଭିଏତ୍ ଗସ୍ତ ଓ ଭାରତ – ସୋଭିଏତ୍ ବନ୍ଧୁତ୍ୱର ଭିତ୍ତି ସ୍ଥାପନ।
୧୯୭୨: ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ (ଜୁନ୍ ୧୪)।
୧୯୭୨: କଟକରୁ ବିଧାୟିକା ଭାବେ ୫ମ ବିଧାନସଭାକୁ ନିର୍ବାଚିତ।
୧୯୭୨: କଟକରେ 'ଆକାଶବାଣୀ ଭବନ' ନିର୍ମାଣ।
୧୯୭୩: 'କେନ୍ଦୁପତ୍ର ଜାତୀୟକରଣ' ନିଷ୍ପତ୍ତି।
୧୯୭୪: 'ଯୌତୁକ ନିରୋଧ ଆଇନ' ଓ 'ଓଡ଼ିଶା ଭାଗଚାଷୀ ଆଇନ' ପ୍ରଣୟନ।
୧୯୮୯: ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ ମଣ୍ଡନ।
୨୦୦୬: ଅଗଷ୍ଟ ୪ରେ ଇହଲୀଳା ସମ୍ବରଣ।

# ଆସନ୍ତାବର୍ଷରୁ ପାଠ୍ୟକ୍ରମରେ 'ବନ୍ଦେ ଉତ୍କଳ ଜନନୀ'

ଭୁବନେଶ୍ୱର, ୮।୬(ବ୍ୟୁରୋ)

'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ମିଳିଛି। ଆସନ୍ତା ଶିକ୍ଷାବର୍ଷଠାରୁ ପାଠ୍ୟକ୍ରମରେ ଏହା ସ୍ଥାନ ପାଇବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୋମବାର ସୂଚନା ଦେଇଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଠ୍ୟକ୍ରମରେ ଏହି ସଙ୍ଗୀତକୁ ଅନ୍ତର୍ଭୁକ୍ତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରସଙ୍ଗରେ ମନ୍ତ୍ରୀ ଦାଶ କହିଛନ୍ତି, ଚଳିତବର୍ଷ ବହି ବଣ୍ଟା ହୋଇସାରିଛି। ତେବେ ସଙ୍ଗୀତକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଭାଗ ପଦକ୍ଷେପ ନେବ। ଯଦି ସୁବିଧା ହୁଏ, ତେବେ ଏବର୍ଷ ସଙ୍ଗୀତକୁ ନେଇ ସ୍ୱତନ୍ତ୍ର ପୁସ୍ତିକା ବଣ୍ଟନ କରିବାର ବ୍ୟବସ୍ଥା କରାଯିବ। ତେବେ ଏ ସଂକ୍ରାନ୍ତରେ ବିଭାଗ ବିସ୍ତୃତ ଅନୁଧ୍ୟାନ ପରେ ନିଷ୍ପତ୍ତି ନେବ। ସ୍କୁଲରେ ୪ଟାବେଳେ ଛୁଟି ହେବା ପୂର୍ବରୁ ଏହି ସଙ୍ଗୀତ ଗାନ କରାଯିବ। ଏବେ ବି କିଛି ସ୍କୁଲରେ ଗାନ କରାଯାଉଛି। ହେଲେ ଆସନ୍ତାବର୍ଷଠାରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଗାଇଡ୍‌ଲାଇନ୍ ଅନୁସାରେ ସାମିଲ କରାଯିବ। ପାଠ୍ୟକ୍ରମରେ ଏହି ରାଜ୍ୟ ସଙ୍ଗୀତ ରହିବା ସହିତ ଏହାକୁ ଲେଖିଥିବା କାନ୍ତକବିଙ୍କ ସମ୍ପର୍କରେ ମଧ୍ୟ ସ୍ଥାନ ପାଇବ ବୋଲି ମନ୍ତ୍ରୀ କହିଛନ୍ତି।

# ୨ ମିନିଟ ୧୧ ସେକେଣ୍ଡ ହେବ ରାଜ୍ୟ ସଙ୍ଗୀତ

ଭୁବନେଶ୍ୱର,୮।୬(ବ୍ୟୁରୋ)

- ବାଳକୃଷ୍ଣ ଦାଶଙ୍କ ଶୈଳୀରେ ଗାୟନ ହେବ
- ସରକାରୀ ଢାଞ୍ଚାକୁ କେହି ବଦଳାଇପାରିବେନି
- ପୂର୍ବଭଳି ରହିବ ସମସ୍ତ ୬ ପଦ

'ବନ୍ଦେ ଉତ୍କଳ ଜନନୀ' ଗାନ କରିବାକୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରିବେ ରାଜ୍ୟ ସରକାର। ରାଜ୍ୟ ସଙ୍ଗୀତକୁ ନେଇ ରହିଥିବା ନୀତି ନିୟମକୁ ଅନୁକରଣ କରାଯାଇ ଏହି ଗାଇଡ୍‌ଲାଇନ ପ୍ରସ୍ତୁତ କରାଯିବ। ସଙ୍ଗୀତ ଗାନ ବେଳେ ସମସ୍ତେ ଦଣ୍ଡାୟମାନ ରହିବେ। ତେଣୁ ଏହାକୁ ଦୃଷ୍ଟିରେ ରଖି ସଙ୍ଗୀତକୁ କମ୍ ଅବଧି ବିଶିଷ୍ଟ କରାଯିବ। ପୂର୍ବରୁ ୩ ମିନିଟ ଅବଧି ବିଶିଷ୍ଟ ହେବ ବୋଲି କୁହାଯାଇଥିବାବେଳେ ଏବେ ତାହାକୁ ୨ ମିନିଟ୍ ୧୧ ସେକେଣ୍ଡର କରାଯିବ। ଏହା ସରକାରୀ ଢାଞ୍ଚାରେ ହେବ ଏବଂ ଏଥିରେ ଆଉ ପରିବର୍ତ୍ତନ କରାଯିବ ନାହିଁ। ତେବେ ସମୟ କମିଲେ ମଧ୍ୟ ଗୀତର ସମସ୍ତ ୬ଟି ପଦକୁ ପୂର୍ବଭଳି ରଖାଯିବ। କୌଣସି ଧାଡ଼ିର ପୁନରାବୃତ୍ତି ହେବନାହିଁ। ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଶୈଳୀରେ ଏହାକୁ ଗାୟନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ 'ବନ୍ଦେ ଉତ୍କଳ ଜନନୀ' ଗାନ ସମ୍ପର୍କିତ ବିସ୍ତୃତ ଖସଡ଼ା ଖୁବ୍‌ଶୀଘ୍ର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରସ୍ତୁତ କରିବ ବୋଲି ବିଭାଗୀୟ ମନ୍ତ୍ରୀ ରଘୁନନ୍ଦନ ଦାସ ସୂଚନା ଦେଇଛନ୍ତି। ପୂର୍ବରୁ ୯ଟି ରାଜ୍ୟ ସେମାନଙ୍କ ରାଜ୍ୟ ସଙ୍ଗୀତ ପ୍ରଚଳନ କରିଥିବାବେଳେ ସେମାନଙ୍କୁ ଅନୁକରଣ କରାଯାଇ ଏହି ଖସଡ଼ା ଏବଂ ନୀତି ପ୍ରସ୍ତୁତ ହେବ ବୋଲି ଦାସ କହିଛନ୍ତି। ଉଦ୍‌ଘାଟନୀ, ଉଦ୍‌ଯାପନୀ ଏବଂ ଉଦ୍‌ବୋଧନ ସଙ୍ଗୀତ ଭାବେ ଏହାକୁ ଗାନ କରାଯିବା ସମୟରେ ଏହି ରାଜ୍ୟ ସଙ୍ଗୀତ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଉପସ୍ଥିତ ସମସ୍ତେ ସଙ୍ଗୀତ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦଣ୍ଡାୟମାନ ରହିବେ। ତେବେ ବୟସ୍କ, ଭିନ୍ନକ୍ଷମ, ଅସୁସ୍ଥ, ଶିଶୁ ଏବଂ ଗର୍ଭବତୀ ମହିଳାମାନେ ନମ୍ର ଭାବେ ବସି ସଙ୍ଗୀତ ପ୍ରତି ସମ୍ମାନ ପ୍ରଦର୍ଶନ କରିପାରିବେ। ସୂଚନାଯୋଗ୍ୟ, ଦୀର୍ଘବର୍ଷର ପ୍ରଚେଷ୍ଟା ପରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ 'ବନ୍ଦେ ଉତ୍କଳ ଜନନୀ'କୁ ରବିବାର ବସିଥିବା କ୍ୟାବିନେଟ ବୈଠକରେ ରାଜ୍ୟ ସଂଗୀତର ମାନ୍ୟତା ପ୍ରଦାନ କରାଯାଇଥିଲା।







# ଓମ୍‌ଫେଡ: ଦୁଗ୍ଧକୁ ପାଣି

ଭୁବନେଶ୍ୱର,୮।୬(ବ୍ୟୁରୋ)

ଓଡ଼ିଶାର ଗୌରବ ବୋଲାଉଥିବା ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ(ଓମ୍‌ଫେଡ୍)ର ଜନ୍ମ ୧୯୮୦ରେ ହୋଇଥିଲା। ଦୀର୍ଘ ୪ଦଶନ୍ଧି ପରେ ଏହି ସମବାୟ ସଂସ୍ଥାର ଆର୍ଥିକ ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇଥିବାର ଖବର ମିଳିଛି। ଜଣାପଡ଼ିଛି ଯେ, ଏହି ସମିତିର ସମ୍ପୂର୍ଣ୍ଣ ଭିତ୍ତିଭୂମି ଯଥା ଜମି, ଚିଲିଂ ପ୍ଲାଣ୍ଟ, ପାଶ୍ଚରାଇଜେଶନ, ପ୍ୟାକିଂ ଏବଂ ଅନ୍ୟାନ୍ୟ ସବୁ ଯନ୍ତ୍ରପାତି ଓ ଘର ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ବିପୁଳ ଅର୍ଥ ବିନିଯୋଗ ହୋଇଛି। ଅପରପଟେ ଏହାର ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ରାଜ୍ୟ ସରକାର ମଧ୍ୟ ଅର୍ଥ ବିନିଯୋଗ କରୁଛନ୍ତି। ଏହିସବୁ ସୁବିଧା ପାଉଥିବା ଓମ୍‌ଫେଡ୍‌ର ମୂଳ ଲକ୍ଷ୍ୟ ମୁନାଫା ନ ଥିଲା। ଉଚିତ ଦରରେ ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟ ବିକ୍ରିକରି ଏକ ସୁସ୍ଥ ବ୍ୟବସାୟିକ ସଂସ୍ଥାଭାବେ ଗଢି ଉଠିବା ଏହି ସମବାୟ ମହାସଂଘର ଉଦ୍ଦେଶ୍ୟ ଥିଲା। ଓମ୍‌ଫେଡ୍‌ରେ ପ୍ରାୟ ଅଢ଼େଇ ଲକ୍ଷରୁ ଅଧିକ ଚାଷୀ ତାଲିକାଭୁକ୍ତ ଥିବା ସତ୍ତ୍ୱେ ଏବେକାର କୋଭିଡ୍-୧୯ ଲକ୍‌ଡାଉନ ସମୟରେ ଚାଷୀଙ୍କୁ ସମ୍ପୂର୍ଣ୍ଣଭାବେ ଅଣଦେଖା କରାଯାଇଛି। ପୂର୍ବରୁ ୭ଲକ୍ଷରୁ ଊର୍ଦ୍ଧ୍ୱ ଲିଟର ଦୈନିକ ଦୁଗ୍ଧ ସଂଗ୍ରହ କରୁଥିବା ଓମ୍‌ଫେଡ୍ ଏହି ଲକ୍‌ଡାଉନ ସମୟରେ ମାତ୍ର ୨ରୁ ୩ଲକ୍ଷ ଲିଟର ସଂଗ୍ରହକୁ ହ୍ରାସ କରିଦେଇଛି। ଏଥିରୁ ପରିଚାଳନାଗତ ତ୍ରୁଟି ଏବଂ ଅପାରଗତାର ସ୍ପଷ୍ଟ ଉଦାହରଣ ଦେଖିବାକୁ ମିଳୁଛି। କେବଳ ଏହି ସମୟର ଅପାରଗତା ନୁହେଁ ୨୦୧୩-୧୪ରୁ ୨୦୧୭-୧୮ ମସିହାର ଅଡିଟ ରିପୋର୍ଟକୁ ଅନୁଧ୍ୟାନ କଲେ ଓମ୍‌ଫେଡ୍‌ରେ ଘଟିଥିବା ବିରାଟକାୟ ଦୁର୍ନୀତି ଆଡ଼କୁ ଦୃଷ୍ଟି ଆକର୍ଷଣ ହେଉଛି।

ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ନିର୍ଦ୍ଦେଶକ୍ରମେ ୨୦୧୩-୧୪ରୁ ୨୦୧୭-୧୮ ମସିହା ମଧ୍ୟରେ ହୋଇଥିବା ବିଭିନ୍ନ ଆର୍ଥିକ ପରିଚାଳନା ସମ୍ପର୍କିତ ଏହି ସ୍ୱତନ୍ତ୍ର ଅଡିଟ ରିପୋର୍ଟରେ ଦର୍ଶାଯାଇଛି, କେନ୍ଦ୍ରର ବିଭିନ୍ନ ଯୋଜନା ମାଧ୍ୟମରେ ଓମ୍‌ଫେଡ୍‌କୁ ବିପୁଳ ଅର୍ଥ ଦିଆଯାଇଛି। ହେଲେ ଏହି ଅର୍ଥ ଖର୍ଚ୍ଚ ନ କରି ଭୁଲ୍ ରିପୋର୍ଟ ଦେଖାଇ କାମ ହୋଇଛି ବୋଲି ଦର୍ଶାଇବାକୁ ଚେଷ୍ଟା କରାଯାଇଛି। କେନ୍ଦ୍ରର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆର୍‌କେଭିୱାଇ)ରେ ୨୦୧୩-୧୪ରୁ ୨୦୧୭-୧୮ ମଧ୍ୟରେ ମୋଟ ଓମ୍‌ଫେଡ ୨୬ଟି ପ୍ରକଳ୍ପ ଲାଗି ୧୩୯କୋଟି ୫୬ଲକ୍ଷ ୯ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ମୋଟ ୧୧୧କୋଟି ୬୭ଲକ୍ଷ ୪୮ହଜାର ଟଙ୍କା କେନ୍ଦ୍ରରୁ ଆସିଛି। ହେଲେ ଏହି ଅର୍ଥରେ ମୋଟ ୧୩ଟି ପ୍ରକଳ୍ପ କାର୍ଯ୍ୟ କରାଯାଇଥିବା ବେଳେ ସବୁ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଜଣାପଡ଼ିଛି। ପ୍ରାୟ ସବୁ ସ୍ଥାନରେ ଆର୍‌କେଭିୱାଇ ପାଣ୍ଠି ଖର୍ଚ୍ଚ ନ କରି କାମ ହୋଇଥିବାର ଭୁଲ୍ ରିପୋର୍ଟ ଦେଖାଯାଇଛି। ତେବେ ଏହା ଭିନ୍ନ ଏକ ବାର୍ତ୍ତା ଦେଉଛି। ଅନ୍ୟପଟେ ୧୩୯କୋଟିରେ ୨୬ ପ୍ରକଳ୍ପ ହେବା କଥା କିନ୍ତୁ ସେଥିରୁ ୧୧୧କୋଟି ଖର୍ଚ୍ଚ କରି ସମ୍ପୂର୍ଣ୍ଣ ଭାବେ ୧୩ଟି ପ୍ରକଳ୍ପ କିପରି ହୋଇପାରିଲା ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିବା ଭଳି ବିଷୟ। ରିପୋର୍ଟରେ ଏକ ଭାଗରେ ଉଲ୍ଲେଖ କରାଯାଇଛି, ବିଭିନ୍ନ ଯୋଜନା ମାଧ୍ୟମରେ ଓମ୍‌ଫେଡ୍‌କୁ ଆସିଥିବା ଅର୍ଥରୁ ୩୦ କୋଟି ୬୫ଲକ୍ଷ ଟଙ୍କା କେତେଜଣ ଅଧିକାରୀଙ୍କ ଠାରୁ ଆଦାୟ କରାଯିବ। ଏକ ଟେବୁଲ ଜରିଆରେ ଟଙ୍କା ଆଦାୟ କରାଯିବାକୁ ଥିବା ଅଧିକାରୀମାନଙ୍କ ନାମ ମଧ୍ୟ ପ୍ରକାଶ ପାଇଛି। ଏତଦ୍‌ବ୍ୟତୀତ ୨୦୭ କୋଟିରୁ ଅଧିକ ଟଙ୍କା ବିଭିନ୍ନ ବିବାଦରେ ରହିଛି ବୋଲି ଉକ୍ତ ସ୍ୱତନ୍ତ୍ର ରିପୋର୍ଟରେ ଦର୍ଶାଯାଇଛି। ଏସବୁ କିପ୍ରକାର ବିବାଦ ଏବଂ ଏତେ ପରିମାଣ ଅର୍ଥ ପାଇଁ କାହିଁକି ବିବାଦ ଉଠୁଛି ତାହା କୌଣସି ଜାଗାରେ ସ୍ପଷ୍ଟ ହୋଇନାହିଁ। ଅପରପକ୍ଷେ ଆହୁରି ଦୁଇଜଣ ଅଧିକାରୀଙ୍କୁ ବିଭିନ୍ନ ଦୁର୍ନୀତି ପାଇଁ ଅଡିଟର ଦାୟୀ କରିଛନ୍ତି। ସେହିପରି ଯେତେସବୁ ଯୋଜନାରେ ଅର୍ଥ ଆସିଛି, ସେସବର କାର୍ଯ୍ୟ ଠିକ୍‌ଭାବେ ବିନିଯୋଗ ହୋଇନାହିଁ ବୋଲି ଜଣାପଡିଛି। ଅନେକ ପ୍ରକଳ୍ପ କାର୍ଯ୍ୟର ୟୁସି(ୟୁଟିଲାଇଜେଶନ ସାର୍ଟିଫିକେଟ) ମଧ୍ୟ ଦାଖଲ କରାଯାଇନାହିଁ। ଅଭିଯୋଗ ଆସିଥିବା କୌଣସି ବ୍ୟକ୍ତିମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଅନ୍ୟପଟେ ଜଣେ କନିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଓମ୍‌ଫେଡ୍‌ର ମୂଳ ଦୁର୍ବଳତା ତାହାର ପ୍ରଶାସନିକ ମୁଖ୍ୟଙ୍କଠାରେ ସୀମିତ ରହିଯାଉଛି। ଯେହେତୁ କୌଣସି ବ୍ୟକ୍ତି ଏହି ବିରାଟକାୟ ମହାସଂଘ ପାଇଁ ଦାୟୀ ରହୁନାହାନ୍ତି ସେହେତୁ ଏହାର କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ଅର୍ଥ ଦୁରୁପଯୋଗ ହେଉଛି। ଏବେ ମଧ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ସଚିବ ଆର୍. ରଘୁପ୍ରସାଦଙ୍କୁ ଓମ୍‌ଫେଡ୍‌ର ମୁଖ୍ୟଭାବେ ରଖାଯାଇଥିବାରୁ ତାଙ୍କ ସମ୍ପୂର୍ଣ୍ଣ ଦୃଷ୍ଟି ଓଡ଼ିଶାର ଦୁଗ୍ଧ କ୍ଷେତ୍ରର ଉନ୍ନତି ନିମନ୍ତେ ରହୁନାହିଁ।



RESULT OF SPECIAL AUDIT:

As a result of Spl. Audit, a sum of **Rs.30,65,82,581.28** is suggested for recovery and an amount of **Rs.207,44,?1,486.51** is held under objection. The Para wise abstract position is given here under in a tabular form for better appreciation. The detail positions are elaborated in foregoing paragraphs of the instant Spl. Audit Report:-

| Sl. | Para No. | Brief Description | Amount suggested for recovery (Rs.) | Amount held under objection (Rs.) | Person (s) at fault |
|---|---|---|---|---|---|
| 1 | 1 | Diversion of funds under the scheme Online Payment to Dairy Co-operative Society | | 5,56,12,000.00 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 2 | 2 | Cowshed Flooring balance amount | 7,65,864.60 | 3,38,423.40 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 3 | 3 | IDDP-X Project | 5,77,669.19 | | Er. J.B. Mohapatra, GM (CSS) Sri S.C. Altia, DGM (F) & concerned Milk Union |
| 4 | 4 | IDDP-VIII Project | | 2,?9,173.42 + 6,57,210.42 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 5 | 5 | Balance amount of strengthening of Ganjam Milk Union | 1,90,643.00 | 1,26,35,357.00 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 6 | 6 | Doubtful expenditure TWDP | | 9,69,67,000.00 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 7 | 7 | IDDP-IX Project (Balance kept) | 67,33,744.06 (63,15,548/- + 4,18,196.06) | 4,21,99,255.94 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 8 | 8 | False UC & non-refund of unspent balance | 17,13,000.00 | | /Dhenkanal Milk Union/Er. J.B. Mohapatra, GM (CSS) & Sri S.C. Altia, DGM (F) |
| 9 | 9 | False UC | 1,06,000.00 + 1,50,000/- | 52,50,000.00 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 10 | 10 | Fallacious expenditure | | 2,50,08,769.30 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 11 | 11 | Support to AI activities | | 3,49,00,000.00 | Dr. S.K. Sahoo/ Er. J.B. Mohapatra, GM (CSS) Sri S.C. Altia, DGM (F) |
| 12 | 12 | Calf Rearing Scheme | 69,59,673.00 | 36,79,227.00 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 13 | 13 | False UC submitted | | 9,38,50,000.00 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 14 | 14 | Mineral Mixture | | 4,50,000.00 | Er. J.B. Mohapatra, GM (CSS) Sri S.C. Altia, DGM (F) & others |
| 15 | 15 | Construction of Cowshed | | 6,75,00,000.00 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 16 | 16 | Gomata Samridhi Prakalp-II | 2,45,877.00 | 5,01,54,123.00 | Er. J.B. Mohapatra, GM (CSS) Sri S.C. Altia, DGM (F) & other officials |
| 17 | 17 | IDDP-VII to X | | 74,35,000.00 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 18 | 18 | Fragrant expenditure in RKVY assistance | 7,13,606.00 | 5,60,70,394.00 | Er. J.B. Mohapatra, GM (CSS) Sri S.C. Altia, DGM (F) |
| 19 | 19 | False closure certificate of NDDB fund | 4,13,28,305.00 | 1,71,695.00 | Er. J.B. Mohapatra, GM (CSS) Sri S.C. Altia, DGM (F) |

# କେସିଙ୍ଗାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ପାଇଁ ଖର୍ଚ୍ଚ ହେବ ୧୦୦ କୋଟି

**ଭୁବନେଶ୍ୱର,୮।୬(ବ୍ୟୁରୋ):** କଳାହାଣ୍ଡି ଜିଲାର କେସିଙ୍ଗାରେ ପ୍ରତିଷ୍ଠା କରାଯାଉଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାର୍କ ପାଇଁ ୧୦୦ କୋଟି ଖର୍ଚ୍ଚ ହେବ। ସୋମବାର ଲୋକସେବା ଭବନରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି।

ଏହି ପାର୍କ ନିର୍ମାଣ କରିବାକୁ କେସିଙ୍ଗାଠାରେ ଏଥିପାଇଁ ସରକାର ୬୪ ଏକର ଜମି ଚିହ୍ନଟ କରିଛନ୍ତି। ଏଥିପାଇଁ ୪୦ କୋଟି ବିନିଯୋଗ କରିବାର ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ପାର୍କ ନିମନ୍ତେ ୧୦କୋଟି ମଞ୍ଜୁର କରିଛନ୍ତି। ଏବେ ସେଠାରେ ଏକ ଫୁଡ୍ ପାର୍କ ପ୍ରତିଷ୍ଠା ଲାଗି ସରକାର ପଦକ୍ଷେପ ନେଇଛନ୍ତି।

ସେଥିରେ ୫୦ କୋଟି ବିନିଯୋଗ ପାଇଁ ପ୍ରସ୍ତାବ ରହିଛି। ଏହା ଯେତେ ଶୀଘ୍ର କରାଯାଇ ପାରିବ ସେଥିପାଇଁ ଆନୁସଙ୍ଗିକ ପଦକ୍ଷେପ ନେବାକୁ ସମୀକ୍ଷା ବୈଠକରେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ଏହା ପୂର୍ଣ୍ଣାଙ୍ଗ ହେବାକୁ ଦେଢରୁ ଦୁଇ ବର୍ଷ ସମୟ ଲାଗିବ ବୋଲି ପ୍ରାରମ୍ଭିକ ଆକଳନରୁ ଜଣାପଡ଼ିଛି। ତେବେ ଏହି ବହୁ ପ୍ରତୀକ୍ଷିତ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା ହେଲେ ସ୍ଥାନୀୟ ଯୁବତୀ, ଯୁବକଙ୍କ ନିମନ୍ତେ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ହେବା ସହ କଳାହାଣ୍ଡି ଜିଲା ଶିଳ୍ପ ସମୃଦ୍ଧି ଦିଗରେ ଆଉ ଦୁଇ ପାଦ ଆଗେଇ ଯିବ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଏହି ବୈଠକରେ ନିର୍ବାହୀଯନ୍ତ୍ରୀ ଭକ୍ତ କବି ଦାସ, ମୁଖ୍ୟ ସାଧାରଣ ପ୍ରବନ୍ଧକ, ଏମ୍‌ଏସ୍‌ଏମ୍‌ଇର କୁଶଧର ମହାନ୍ତ, ଅତିରିକ୍ତ ନିର୍ଦ୍ଦେଶକ ଦିଲୀପ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଜୁଲାଇ ୭ରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ୩ ଷଷ୍ଠ ସେମିଷ୍ଟର

ଭୁବନେଶ୍ୱର, ୮।୬(ବ୍ୟୁରୋ)- ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଡିଗ୍ରୀ କଲେଜର ଯୁକ୍ତ୩ ଷଷ୍ଠ ସେମିଷ୍ଟର ପରୀକ୍ଷା ପାଇଁ ତାରିଖ ଘୋଷଣା କରାଯାଇଛି। ଜୁଲାଇ ୭ରୁ ପରୀକ୍ଷା ଆରମ୍ଭ ହୋଇ ୨୩ରେ ତାରିଖରେ ଶେଷ ହେବ। ପ୍ରାକ୍ଟିକାଲ ପରୀକ୍ଷା ଜୁଲାଇ ୭ରୁ ୧୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ଥିଓରି ପରୀକ୍ଷା ଜୁଲାଇ ୧୪ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବ। ଜୁଲାଇ ୨୮ ସୁଦ୍ଧା ପ୍ରୋଜେକ୍ଟ ପେପର ଓ ମାର୍କ ବିଶ୍ୱବିଦ୍ୟାଳୟରେ ଦାଖଲ କରିବାକୁ ପଡ଼ିବ। ଏନେଇ ସୋମବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ପରୀକ୍ଷା ସମୟରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କୋଭିଡ୍-୧୯ ନିର୍ଦ୍ଦେଶାବଳୀ ପାଳନ ହେବ। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ସମସ୍ତ ଶ୍ରେଣୀଗୃହ ଓ ପରୀକ୍ଷାଗାରକୁ ସାନିଟାଇଜ କରାଯିବ। ସେହିପରି ପରୀକ୍ଷାକୁ ଆସିବା ବେଳେ ମାସ୍କ ଲଗାଇବା ସହିତ ସାନିଟାଇଜର ଓ ପାଣି ବୋତଲ ଆଣିବା ପାଇଁ ଛାତ୍ରୀଛାତ୍ରଙ୍କୁ ଜଣାଇ ଦେବା ପାଇଁ କଲେଜଗୁଡ଼ିକୁ କୁହାଯାଇଛି। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ପରିକ୍ଷାର୍ଥୀ ଓ ପରୀକ୍ଷକଙ୍କ ଶରୀର ତାପମାତ୍ରା ମପାଯିବ। ଏଥିପାଇଁ ଯଦି ଜିଲା ପ୍ରଶାସନ କିମ୍ବା ଅର୍ବାନ ଲୋକାଲ ଅଥରିଟି କିମ୍ବା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପକ୍ଷରୁ ଥର୍ମାଲ ସ୍କାନର ଦିଆଯାଇ ନ ଥାଏ ତେବେ କଲେଜ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସ୍ନାନଯାତ୍ରାରେ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ
## କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟରେ ମାମଲା

କଟକ ଅଫିସ,୮।୬

ପୁରୀ ଶ୍ରୀମନ୍ଦିରରେ ତିନି ଠାକୁରଙ୍କ ସ୍ନାନଯାତ୍ରା ବେଳେ ଲକ୍‌ଡାଉନ୍ ନିୟମର ଉଲ୍ଲଂଘନ ହୋଇଛି। ମୁଦିରସ୍ତ, ସେବାୟତ ଓ ଦଇତାପତିମାନେ ମାସ୍କ ପିନ୍ଧି ନ ଥିଲେ କିମ୍ବା ସାମାଜିକ ଦୂରତ୍ୱ ପାଳନ କରି ନ ଥିଲେ। ତେଣୁ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, କେବଳ ଠାକୁରଙ୍କ ରୀତିନୀତି ରକ୍ଷା ପାଇଁ ରଥଯାତ୍ରା ଆୟୋଜନ ହେଉଛି। ଗଜପତି ମହାରାଜା ସ୍ନାନଯାତ୍ରାରେ ଭାଗ ନେଇନାହାନ୍ତି। ଛେରା ପହଁରାରେ ସେ ଅନୁପସ୍ଥିତ ଥିଲେ। ଆଇନକୁ ସମ୍ମାନ ଜଣାଇ ସେ କୌଣସି ପ୍ରକାର ନିୟମ ଭାଙ୍ଗିବାଠାରୁ ନିଜକୁ ଦୂରେଇ ରଖିଛନ୍ତି। ଗଜପତି ମହାରାଜ, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଶ୍ରଦ୍ଧାଳୁ ସମସ୍ତେ ସରକାରଙ୍କ କଟକଣାକୁ ମାନୁଥିବା ବେଳେ ଅଳ୍ପ କେତେଜଣ ମାନିନାହାନ୍ତି। ଆଇନଠାରୁ ଊର୍ଦ୍ଧ୍ୱରେ କେହି ନୁହନ୍ତି। ଯେଉଁମାନେ ଆଇନ ଉଲ୍ଲଂଘନ କରିଛନ୍ତି, ସେମାନଙ୍କଠାରୁ ଜରିମାନା ଆଦାୟ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟଙ୍କ ନିକଟରେ ନିବେଦନ କରାଯାଇଛି। ଆଇନଜୀବୀ ଦିଲ୍ଲୀପ କୁମାର ରାୟ ଏହି ମାମଲା ଦାଏର କରିଛନ୍ତି। ଏଥିରେ ରାଜ୍ୟ ସରକାର, ଗୃହ ବିଭାଗ ସଚିବ, କେନ୍ଦ୍ର ସରକାରଙ୍କ ଗୃହ ସଚିବ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ମୁଖ୍ୟ ପ୍ରଶାସକଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଜୁନ୍ ୩୦ ଯାଏ ଧାର୍ମିକ ସ୍ଥଳ ବନ୍ଦ ରହିବ

ଭୁବନେଶ୍ୱର,୮।୬(ବ୍ୟୁରୋ)

**ଜାରି ହେଲା ସଂଶୋଧିତ ଗାଇଡ୍‌ଲାଇନ**

- ଶପିଂମଲ, ସିନେମା ହଲ, ଜିମ୍ନାସିୟମ ଖୋଲିବନି

କେନ୍ଦ୍ର ସରକାର ଧାର୍ମିକ ସ୍ଥଳ, ଶପିଂମଲ ଖୋଲିବାକୁ ଅନୁମତି ଦେଇଛନ୍ତି। ତେବେ ରାଜ୍ୟ ସରକାର କରୋନା ସ୍ଥିତିକୁ ଦେଖି କଟକଣା ଜାରି କରିପାରିବେ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଗାଇଡଲାଇନରେ କୁହାଯାଇଥିଲା। ରାଜ୍ୟ ସରକାର ଦ୍ୱନ୍ଦ୍ୱ ଦୂର କରିବାକୁ ପୂର୍ବରୁ ଜୁନ ମାସ ପାଇଁ ଜାରି କରାଯାଇଥିବା ଗାଇଡଲାଇନରେ ସାମାନ୍ୟ ସଂଶୋଧନ କରିଛନ୍ତି। ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜୁନ ୩୦ ତାରିଖ ଯାଏ ସମସ୍ତ ଧାର୍ମିକ ସ୍ଥଳରେ ଉପାସନା ବନ୍ଦ ରହିବ। ସମସ୍ତ ଶପିଂ ମଲ, ସିନେମା ହଲ, ଜିମ୍ନାସିୟମ, ସୁଇମିଂ ପୁଲ, ଆମୋଦପ୍ରମୋଦ ପାର୍କ, ଥିଏଟର, ବାର, ଅଡି ଟୋରିୟମ, ଆସେମ୍ବ୍ଲି ହଲ ଇତ୍ୟାଦି ମଧ୍ୟ ଚଳିତ ମାସ ଶେଷ ପର୍ଯ୍ୟନ୍ତ ବନ୍ଦ ରହିବ। ତେବେ ହୋଟେଲ ଓ ରେଷ୍ଟୁରାଣ୍ଟ ପାଇଁ ସରକାର ୨୦୨୦ ଜୁନ ପହିଲାରେ ଜାରି କରିଥିବା ଗାଇଡଲାଇନ ବଳବତ୍ତର ରହିବ। ଏଥିସହିତ ଉକ୍ତ ବିଜ୍ଞପ୍ତିରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ପୂର୍ବ ଭଳି ଜାରି ରହିବ।

# ୨ଜିଲା କରୋନା ମୁକ୍ତ, ୨୮ ଜିଲାରେ ୯୯୦ ସକ୍ରିୟ

ଭୁବନେଶ୍ୱର, ୮।୬(ବ୍ୟୁରୋ)

**୧୩୮ ନୂଆ ଆକ୍ରାନ୍ତ ଚିହ୍ନଟ, ୯୯ ସୁସ୍ଥ**

ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ପ୍ରତିଦିନ ବହୁ ଆକ୍ରାନ୍ତ ସୁସ୍ଥ ହେଉଛନ୍ତି। ଶେଷ ୨୪ ଘଣ୍ଟାରେ ୧୩୮ଜଣ ନୂଆ କରୋନା ପଜିଟିଭ୍ ବାହାରିଥିବାବେଳେ ଆଉ ୯୯ଜଣ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୯୯୪ରେ ପହଞ୍ଚିଛି ଓ ସୁସ୍ଥ ରୋଗୀଙ୍କ ସଂଖ୍ୟା ୧୯୯୩କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ମାଲକାନଗିରି ଓ ନବରଙ୍ଗପୁର ଜିଲା କରୋନା ମୁକ୍ତ ହୋଇଛି। ମାଲକାନଗିରିରେ ୨୧ଜଣ ଓ ନବରଙ୍ଗପୁରରେ ୨ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏମାନେ ସମସ୍ତେ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇସାରିଛନ୍ତି। ତେଣୁ ବର୍ତ୍ତମାନ ୨୮ଜିଲାରେ ୯୯୦ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୋମବାର ଦିଆଯାଇଥିବା ତଥ୍ୟରୁ ଜଣାପଡିଛି।

ଏହି ତଥ୍ୟ ଅନୁସାରେ, ରାଜ୍ୟରେ ଚିହ୍ନଟ ହୋଇଥିବା ୧୩୮ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୨୫ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଠାବ କରାଯାଇଥିବାବେଳେ ୧୩ଜଣ ସ୍ଥାନୀୟ ଆକ୍ରାନ୍ତ। ଏମାନେ ସମସ୍ତେ ୧୮ଟି ଜିଲାରୁ ଚିହ୍ନଟ ହୋଇଛନ୍ତି। ଗଞ୍ଜାମ ସର୍ବାଧିକ ୩୩ଜଣ ଚିହ୍ନଟ ହୋଇଥିବାବେଳେ କଟକ ୧୫, ଖୋର୍ଦ୍ଧା ୧୩, ସୁନ୍ଦରଗଡ଼ରେ ୧୨, ଭଦ୍ରକ ୧୧, କେନ୍ଦୁଝର ଓ କନ୍ଧମାଳ ୧୦ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୀରୁ ୭, ମୟୂରଭଞ୍ଜ ଓ ଯାଜପୁରରୁ ୬ଜଣ ଲେଖାଏ, ନୟାଗଡ଼, ଢେଙ୍କାନାଳ ଓ ନୂଆପଡ଼ାରୁ ୩ଜଣ ଲେଖାଏ, କଳାହାଣ୍ଡିରୁ ୨, ରାୟଗଡ଼ା, ସମ୍ବଲପୁର, ବଲାଙ୍ଗୀର ଓ କେନ୍ଦ୍ରାପଡ଼ାରେ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଅନ୍ୟପଟେ ସୁସ୍ଥ ହୋଇଥିବା ୯୯ଜଣଙ୍କ ମଧ୍ୟରୁ ଯାଜପୁରରୁ ୧୬, ଖୋର୍ଦ୍ଧା ୧୩, କେନ୍ଦ୍ରାପଡ଼ା ୧୧, ଗଞ୍ଜାମ ୯, ଦେବଗଡ଼ ୮, କଟକ ଓ ଜଗତ୍‌ସିଂହପୁର ୭ଜଣ ଲେଖାଏ, ବାଲେଶ୍ୱର, ବରଗଡ଼ ଓ ବଲାଙ୍ଗୀର ୬ଜଣ ଲେଖାଏ, କେନ୍ଦୁଝର ୪, ନୟାଗଡ଼ ୩, କୋରାପୁଟ, ସମ୍ବଲପୁର ସୁନ୍ଦରଗଡ଼ରୁ ଜଣେ ଲେଖାଏ ରୋଗୀ ସୁସ୍ଥ ହୋଇଛନ୍ତି।

# ସିବିଆଇ ତଦନ୍ତ ପାଇଁ ଜନସ୍ୱାର୍ଥ ମାମଲା

କଟକ ଅଫିସ,୮।୬

**ପିପିଇ କିଟ୍, ମାସ୍କ କିଣାରେ ଦୁର୍ନୀତି ଅଭିଯୋଗ**



କରୋନା ଭୁତାଣୁର ମୁକାବିଲା ପାଇଁ ବ୍ୟକ୍ତିଗତ ସୁରକ୍ଷା ସରଞ୍ଜାମ (ପିପିଇ) କିଟ୍ ଓ ମାସ୍କ କିଣିଛନ୍ତି ରାଜ୍ୟ ସରକାର। ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠିବା ପରେ ସୋମବାର ଏହାର ସିବିଆଇ କିମ୍ବା ବିଚାରବିଭାଗୀୟ ତଦନ୍ତ ପାଇଁ ହାଇକୋର୍ଟରେ ଦୁଇଟି ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆଇନଜୀବୀ ଅକ୍ଷୟ ପତିଙ୍କ ପକ୍ଷରୁ ଗୋଟିଏ ଏବଂ ଅନ୍ୟଟି ନ୍ୟାଶନାଲିଷ୍ଟ ଲୟର୍ସ ଫୋରମ୍ ପକ୍ଷରୁ ଆବେଦନ ହୋଇଛି।

ଆବେଦନରେ ଉଲ୍ଲେଖ ରହିଛି ଯେ, କରୋନା ସଂକ୍ରମଣ ଦେଖାଦେବା ପରେ ମାସ୍କର କଳାବଜାରୀ ଆରମ୍ଭ ହୋଇଥିଲା। ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାର ମାସ୍କର ଦର ସ୍ଥିର କରିଥିଲେ। ଡବଲ୍ ଲେୟାର ମାସ୍କ ୮ ଟଙ୍କା ଓ ଟ୍ରିପଲ ଲେୟାର ମାସ୍କ ଦର ୧୦ ଟଙ୍କା ରହିଥିଲା। ୨୧ ମାର୍ଚ୍ଚରେ ନିର୍ଦ୍ଦେଶ ଜାରି ହୋଇଥିବା ବେଳେ ଏହି ଦର ଜୁନ୍ ୩୦ ପର୍ଯ୍ୟନ୍ତ ଲାଗୁ ହେବ। ରାଜ୍ୟ ଔଷଧ ନିଗମ ଏପ୍ରିଲ୍ ୧୫ରେ ଟ୍ରିପଲ୍ ଲେୟାର ମାସ୍କକୁ ୯ ଟଙ୍କା ୯୦ ପଇସାରେ କିଣିବା ପାଇଁ ଫରିଦାବାଦ୍‌ର ଏକ କମ୍ପାନିକୁ ଅର୍ଡର ଦେଇଥିଲେ। କିନ୍ତୁ ଏହାର ମାତ୍ର ଦୁଇ ଦିନ ପରେ ଏପ୍ରିଲ୍ ୧୭ରେ ତାମିଲନାଡୁର ଏକ କମ୍ପାନି ୧୬ ଟଙ୍କାରେ ୩୦ ଲକ୍ଷ ଟ୍ରିପଲ ଲେୟାର ମାସ୍କ କିଣିବା ପାଇଁ ଅର୍ଡର ଦିଆଯାଇଥିଲା। ଶ୍ରୀବିଷ୍ଣୁ ଡିସ୍ପୋଜେବଲ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏହି କମ୍ପାନି ୱେବ୍‌ସାଇଟ୍‌ରେ ଦୁଇପ୍ରକାର ଟ୍ରିପଲ୍ ଲେୟାର ମାସ୍କର ଦାମ ୬ ଟଙ୍କା ଓ ୧୦ଟଙ୍କା ଲେଖାଯାଇଛି। ସେହିଭଳି ପିପିଇ କିଟ୍ ଗୋଟା ପିଛା ୯ଶହ ଟଙ୍କାରେ ଏକ ଲକ୍ କିଟ୍ ପାଇଁ ତାମିଲନାଡୁର ଏକ କମ୍ପାନି ଏମ୍‌ଏସ୍ ଲଫ୍‌ଟି ଅଫ୍ଟିକାଲ୍‌ସ ଇଣ୍ଡଷ୍ଟ୍ରିଜ୍‌କୁ ଏପ୍ରିଲ୍ ୧୬ରେ ଅର୍ଡର ଦିଆଯାଇଛି। ଟେଷ୍ଟିଂ କିଟ୍ ମଧ୍ୟ ଭିନ୍ନଭିନ୍ନ ଦରରେ କିଣାଯାଇଛି। କଲିକତାର ଏକ କମ୍ପାନିକୁ ଏପ୍ରିଲ୍ ୨୧ରେ ଟେଷ୍ଟିଂ କିଟ୍ ପିଛା ୧୩୨୧ ଟଙ୍କାରେ ୨ଲକ୍ଷ କିଟ୍ ପାଇଁ ଅର୍ଡର ଦିଆଯାଇଛି। ସେହିପରି ୭ ମେ'ରେ ଆର୍‌ଏମ୍‌ଆର୍‌ସି ପକ୍ଷରୁ ୧୧୨୫ ଟଙ୍କାରେ ୪୫ ହଜାର କିଟ୍, ମେ ୧୧ରେ ଭୁବନେଶ୍ୱରର ଏକ କମ୍ପାନିକୁ ୯୮୦ ଟଙ୍କାରେ ୪୯୨୦ଟି କିଟ୍ ପାଇଁ ଅର୍ଡର ଦିଆଯାଇଛି। ପିସିଆର୍ ମେଶିନର ଦାମ୍ ବଜାରରେ ୪ରୁ ୫ଲକ୍ଷ ଥିବାବେଳେ ରାଜ୍ୟ ସରକାର ଏହାକୁ ୧୨ ଲକ୍ଷ ୯୪ ହଜାର ଟଙ୍କାରେ କିଣିଥିବା କୁହାଯାଉଛି। ତେଣୁ ସାମଗ୍ରୀ କିଣାରେ ଯୋଜନାବଦ୍ଧ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଏହାର ସିବିଆଇ କିମ୍ବା ବିଚାରବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଅଦାଲତଙ୍କୁ ପ୍ରାର୍ଥନା କରାଯାଇଛି।

# ସ୍ତ୍ରୀଙ୍କୁ ହାଣି ବୃଦ୍ଧଙ୍କ ଆତ୍ମହତ୍ୟା ଉଦ୍ୟମ

କେନ୍ଦ୍ରାପଡ଼ା ଅଫିସ, ୮।୬

ପାରିବାରିକ କଳହର ଉଗ୍ରରୂପ କେନ୍ଦ୍ରାପଡା ସଦର ଥାନା ଗରାପୁରଠାରେ ସୋମବାର ଦେଖିବାକୁ ମିଳିଛି। ଏହି ଗ୍ରାମର ଜଗିନ୍ଦ୍ରେ ମଲ୍ଲିକ (୭୪) ଏକ କଟୁରିରେ ସ୍ତ୍ରୀ ଘୁଙ୍ଗୁର (୭୦)ଙ୍କୁ ହାଣି ଦେଇଛନ୍ତି। ଏଥିସହ ନିଜେ ଡେମୋକ୍ରିନ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଘଟଣାସ୍ଥଳରେ ଘୁଙ୍ଗୁରଙ୍କ ମୃତ୍ୟୁ ହୋଇଥିବା ବେଳେ ଜଗିନ୍ଦ୍ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହାସହ ହତ୍ୟାରେ ବ୍ୟବହୃତ କଟୁରି ଓ ଆତ୍ମହତ୍ୟା ପାଇଁ ବ୍ୟବହାର ହୋଇଥିବା ବିଷ ବୋତଲ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (୧୩୪/୨୦) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ କୌଣସି କାରଣରୁ କଳହ ହୋଇଥିବା ଗତ ରାତିରେ ପଡୋଶୀ ଶୁଣିଛନ୍ତି। ପ୍ରତ୍ୟୁଷରେ ଜଗିନ୍ଦ୍ରେ ସ୍ତ୍ରୀ ଘୁଙ୍ଗୁରଙ୍କୁ ହାଣିବା ପରେ ନିଜେ ବିଷ ପିଇ ଦେଇଥିଲେ।

# ରାଜ୍ୟରେ ଆରମ୍ଭ ହେଲା ଟ୍ରେନ୍, ବସ୍ ସେବା

ଭୁବନେଶ୍ୱର, ୮।୬(ବ୍ୟୁରୋ)

- ୬ ଯୋଡ଼ା ଟ୍ରେନ୍ ଚଳାଇଲା ପୂର୍ବତଟ ରେଳପଥ
- ଓଏସ୍‌ଆର୍‌ଟିସିର ୬୬ ରୁଟ୍‌ରେ ଚାଲିଲା ବସ୍

ଦୀର୍ଘ ଅଢେଇ ମାସ ପରେ ସୋମବାରଠାରୁ ରାଜ୍ୟ ଭିତରେ ଟ୍ରେନ୍ ଓ ବସ୍ ସେବା ଆରମ୍ଭ ହୋଇଛି। ପୂର୍ବ ନିଷ୍ପତ୍ତି ମୁତାବକ ପୂର୍ବତଟ ରେଳପଥ ପକ୍ଷରୁ ୬ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଛି। ସେହିଭଳି ଅନ୍‌ଲକ୍-୧ରେ କେନ୍ଦ୍ର ସରକାର ଅନୁମତି ଦେବାପରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି) ୬୬ଟି ରୁଟ୍‌ରେ ବସ୍ ସେବା ଆରମ୍ଭ କରିଛି। ଗାଇଡ୍‌ଲାଇନ୍ ଅନୁଯାୟୀ ଉଭୟ ଟ୍ରେନ୍ ଓ ବସ୍‌ରେ ମାସ୍କ ବାଧ୍ୟତାମୂଳକ କରାଯାଇଥିବାବେଳେ ଯାତ୍ରୀଙ୍କ ସ୍କ୍ରିନିଂ, ସାମାଜିକ ଦୂରତା ରକ୍ଷା ନିୟମକୁ କଡ଼ାକଡ଼ି କରାଯାଇଛି।

ଜୁନ୍ ୮ରୁ ୩୦ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ପକ୍ଷରୁ ରାଜ୍ୟ ଭିତରେ ୬ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଏଥିମଧ୍ୟରୁ ସପ୍ତାହରେ ୫ଦିନ ଚାଲିବାକୁ ଥିବା ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ସୋମବାର ସକାଳ ୬ଟା ୩୦ରେ ଭୁବନେଶ୍ୱର ପ୍ଲାଟଫର୍ମ ନଂ.୧ରୁ ବାହାରିଥିଲା। ଏଥିରେ ଭୁବନେଶ୍ୱରରୁ ୧୮୭ଜଣ ଯାତ୍ରୀ ଚଢିଥିବାବେଳେ ପ୍ଲାଟଫର୍ମରେ ପ୍ରବେଶ ପୂର୍ବରୁ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ଅପରାହ୍ନ ୨ଟା ୪୫ରେ ଏହା ବଲାଙ୍ଗୀର ଷ୍ଟେଶନରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ସେହିପରି ସମ୍ବଲପୁର-ଖୋର୍ଦ୍ଧାରୋଡ଼-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ସମ୍ବଲପୁର ଷ୍ଟେଶନରୁ ୮୨ଜଣ ଯାତ୍ରୀଙ୍କୁ ଧରି ସକାଳ ୬ଟାରେ ଛାଡ଼ିଥିଲା। ସେହିପରି ଖୋର୍ଦ୍ଧାରୋଡରୁ ଅପରାହ୍ନ ୪ଟା ୫୫ରେ ପୁଣି ସମ୍ବଲପୁର ଅଭିମୁଖେ ବାହାରିଥିଲା। ଏହାବ୍ୟତୀତ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ସନ୍ଧ୍ୟା ୬ଟାରେ ଯାତ୍ରୀଙ୍କୁ ନେଇ ବାହାରିଥିବାବେଳେ ସକାଳ ୭ଟା ୩୦ରେ ଭଦ୍ରକ ଷ୍ଟେଶନରୁ ବାହାରିଥିଲା। ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଭୁବନେଶ୍ୱରରୁ ଅପରାହ୍ନ ୫ଟା ୩୦ ଏବଂ ବ୍ରହ୍ମପୁରରୁ ସକାଳ ୭ଟାରେ ଛାଡ଼ିଥିଲା। ସପ୍ତାହକୁ ୩ଦିନ ଚାଲିବାକୁ ଥିବା ଭୁବନେଶ୍ୱର-କୋରାପୁଟ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ସନ୍ଧ୍ୟା ୬ଟା ୩୦ରେ ଯାତ୍ରୀଙ୍କୁ ନେଇ ସମ୍ବଲପୁର-ରାୟଗଡ଼ା ମଧ୍ୟଦେଇ କୋରାପୁଟ ଅଭିମୁଖେ ଯାଇଥିଲା। ସେହିପରି ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ୱତନ୍ତ୍ର ଟ୍ରେନ୍ ସକାଳ ୫ଟା ୧୦ରେ ରାଉରକେଲା ଏବଂ ଅପରାହ୍ନ ୨ଟା ୧୦ରେ ଭୁବନେଶ୍ୱର ପ୍ଲାଟଫର୍ମରୁ ଯାତ୍ରୀଙ୍କୁ ନେଇ ଯାଇଥିଲା। କେବଳ କନ୍‌ଫର୍ମ ଟିକେଟ୍ ଥିବା ଯାତ୍ରୀଙ୍କୁ ଟ୍ରେନ୍‌ରେ ଯାତ୍ରା କରିବାର ଅନୁମତି ମିଳିଥିଲା।

ଅନ୍ୟପକ୍ଷରେ ଓଏସ୍‌ଆର୍‌ଟିସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୬୬ଟି ରୁଟ୍‌ରେ ମୋଟ ୯୬ଟି ବସ୍ ଭୁବନେଶ୍ୱରରୁ ରାଜ୍ୟର ୨୨ଟି ସହରକୁ ଯାଇଥିଲା। ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଏହି ବସ୍‌ଗୁଡ଼ିକ ବାହାରିଥିବାବେଳେ ବିନା ମାସ୍କରେ ଓ ଠିଆ ହୋଇ ଯାତ୍ରୀଙ୍କୁ ଯାତ୍ରା କରିବାର ଅନୁମତି ଦିଆଯାଇ ନ ଥିଲା। ବସ୍‌ଗୁଡ଼ିକୁ ବିଶୋଧନ କରାଯାଇଥିଲା। ଥର୍ମାଲ ସ୍କ୍ରିନିଂ ସହ ବସ୍‌ର ସମସ୍ତ କର୍ମଚାରୀ ମାସ୍କ, ଫେସ୍ ସିଲ୍‌ଡ ଏବଂ ଗ୍ଲୋଭ୍‌ସ ପିନ୍ଧିଥିଲେ। ତେବେ ପର୍ଯ୍ୟାୟକ୍ରମେ ଅଧିକ ବସ୍ ଚଳାଚଳ ନେଇ ନିଷ୍ପତ୍ତି ନିଆଯିବ ବୋଲି ଓଏସ୍‌ଆର୍‌ଟିସି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା କହିଥିଲେ। ସମୁଦାୟ ୪୪୦ଟି ବସ୍ ମଧ୍ୟରୁ ୭୦ ପ୍ରତିଶତ ବସ୍ ଅତିଥି ଶ୍ରମିକଙ୍କୁ ନେବା ଆଣିବା କାର୍ଯ୍ୟରେ ନିୟୋଜିତ ଥିବାରୁ ସାଧାରଣ ବସ୍ ସେବା ବନ୍ଦ ରହିଥିଲା। ଧୀରେ ଧୀରେ ପରିସ୍ଥିତି ସ୍ୱାଭାବିକ ହେବ। ହେଲେ ଜରୁରୀ ଆବଶ୍ୟକତା ନ ଥିଲେ ବସ୍‌ରେ ଯାତ୍ରା ନ କରିବାକୁ ବୋଥ୍ରା ପରାମର୍ଶ ଦେଇଛନ୍ତି।

## ଟ୍ରକ୍ ଧକ୍କାରେ ୨ ମୃତ

ଛେଣ୍ଡିପଦା,୮।୬(ସ୍ୱ.ପ୍ର.): ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଜରପଡ଼ା ଥାନା କତଡା ନିକଟରେ ସୋମବାର ଏକ ଟ୍ରକ୍ କାର୍‌କୁ ଧକ୍କା ଦେବାରୁ ୨ଜଣଙ୍କର ମୃତ୍ୟୁ ହୋଇଛି। କାର୍‌ରେ ଥିବା ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସମସ୍ତେ ସୋନପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ପୋଲିସ କହିଛି, ଭୁବନେଶ୍ୱରରୁ ୩ଜଣ ଏକ କାର୍‌ରେ ସୋନପୁର ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ମିକ୍ସଚର ମେସିନ ବୋଝେଇ ଟ୍ରକ୍ ମୁହାଁମୁହିଁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ମୃତାହତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏନ୍‌ଡିଆର୍‌ଏଫ୍‌ର ୪୯ ଯବାନ କରୋନା ପଜିଟିଭ

**କଟକ ଅଫିସ,୮।୬**

ପଶ୍ଚିମବଙ୍ଗରୁ ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ସାରି ଫେରିଥିବା ଏନ୍‌ଡିଆର୍‌ଏଫ୍ ଟିମ୍‌ର ଆଉ ୪୯ କରୋନା ଆକ୍ରାନ୍ତ ହୋଇଛନ୍ତି। ସୋମବାର ସେମାନଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଥିବା ଜଣାପଡ଼ିଛି। ଏହାପରେ ସେମାନଙ୍କୁ ଭୁବନେଶ୍ୱର କିମ୍ବା କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ପ୍ରଶାସନ ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ, ବାତ୍ୟା ଅମ୍ଫାନ୍ ଯୋଗୁ ମେ' ୨୩ରେ ପଶ୍ଚିମବଙ୍ଗରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ କଟକ ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍‌ର ୧୬୭ ଯବାନ। ଗତ ୪ ତାରିଖରେ ସେମାନେ ଉଦ୍ଧାର କାର୍ଯ୍ୟ ସାରି ଓଡ଼ିଶା ଫେରିଥିଲେ। ସେମାନଙ୍କୁ ସଙ୍ଗରୋଧରେ ରଖିବା ସହ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସୋମବାର ୪୯ ଯବାନଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଗତ ଶନିବାର ମଧ୍ୟ ଜଣେ ଯବାନଙ୍କଠାରେ କରୋନା ପଜିଟିଭ୍ ବାହାରିଥିଲା। ଫଳରେ ଏନ୍‌ଡିଆର୍‌ଏଫ୍‌ରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରେ ପହଞ୍ଚିଛି। ସୋମବାର ସୁଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୩୫ ହୋଇଛି।

# ହିତେଶଙ୍କୁ ଶ୍ରେଷ୍ଠ ମ୍ୟୁଜିକାଲ ଚଳଚ୍ଚିତ୍ର ପୁରସ୍କାର

**ଯାଜପୁରରୋଡ/ଯାଜପୁର ଅଫିସ, ୮।୬**



ଓରିଫାର୍ମିଂ ପକ୍ଷରୁ ଏପ୍ରିଲ ୨୮ରୁ ଜୁନ ୩ ପର୍ଯ୍ୟନ୍ତ ଅନ୍‌ଲାଇନରେ କୋଭିଡ-୧୯ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ରୋଡ୍‌ର ହିତେଶ କୁମାରଙ୍କୁ ଶ୍ରେଷ୍ଠ ମ୍ୟୁଜିକାଲ ପ୍ରାମାଣିକ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ହିତେଶଙ୍କ ଦ୍ୱାରା କୋଭିଡ୍ ଯୋଦ୍ଧାମାନଙ୍କୁ ସମ୍ମାନ ଜଣାଇ ପ୍ରସ୍ତୁତ ହୋଇଥିବା ୭ ମିନିଟର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିରେ ଜରୁରିକାଳୀନ ଓ ଅତ୍ୟାବଶ୍ୟକ ସେବାରେ ବ୍ରତୀ ଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ମୁଖ୍ୟ ଅଭିନେତା ଭାବେ ପ୍ରତିପାଦିତ କରାଯାଇଛି। ଫ୍ରାନ୍ସର ମିସ୍ ମାରିଆନି ବରଗୋ, ଭାରତରୁ ଏମ୍. ମନିରାମ, ଆଫଗାନିସ୍ତାନରୁ କ୍ୱାଗ୍ରାଥୁଲ୍ଲା ତାମ୍ପି, କଙ୍ଗୋର ରିଚାର୍ଡ ବିଚାରକ ଭାବେ ରହିଥିଲେ। ପ୍ରତିଯୋଗିତାରେ ୨୪୦୦ ପ୍ରତିଯୋଗୀଙ୍କ ୮୦୦ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସେଥିରୁ ଭାରତ ୨୦ଟି ପୁରସ୍କାର ପାଇଥିବାବେଳେ ଅନ୍ୟ ଦେଶଗୁଡ଼ିକ ୧୦ଟି ପୁରସ୍କାର ପାଇଛନ୍ତି। ଭାରତର ୨୦ ପୁରସ୍କାରରୁ ୧୦ଟି ଓଡ଼ିଶାର କଳାକାରମାନେ ଅକ୍ତିଆର କରିଛନ୍ତି।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ସେଠୀଙ୍କ ପରଲୋକ

**ଭଦ୍ରକ ଅଫିସ, ୮।୬**


ଅର୍ଜୁନ ଚରଣ ସେଠୀ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅର୍ଜୁନ ଚରଣ ସେଠୀଙ୍କର ସୋମବାର ପରଲୋକ ଘଟିଛି। ତାଙ୍କୁ ୭୯ବର୍ଷ ହୋଇଥିଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ଦେହାନ୍ତ ଘଟିଛି। ଶିକ୍ଷକତାରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ଅର୍ଜୁନ ପ୍ରଥମଥର ପାଇଁ ୧୯୭୧ରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସେ ୧୯୮୦ରେ ପୁନର୍ବାର ଏମ୍‌ପି ହୋଇଥିଲେ। ପରେ ସେ ଜନତା ଦଳରେ ଯୋଗଦେଇ ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ୧୯୯୦-୯୧ ଏବଂ ୧୯୯୫ରେ ପୁନଶ୍ଚ ନିର୍ବାଚିତ ହୋଇଥିଲେ। ତେବେ ୧୯୯୧ରେ ସେ ଭଦ୍ରକ ଲୋକସଭା ଆସନରୁ ତୃତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ। ଏହାପରେ ୧୯୯୮, ୧୯୯୯, ୨୦୦୪, ୨୦୦୯, ୨୦୧୪ରେ ଲଗାତର ଲୋକସଭାକୁ ଯାଇଥିଲେ। ୨୦୦୦ରୁ ୨୦୦୪ ମଧ୍ୟରେ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ସେ ଜଳସମ୍ପଦ ମନ୍ତ୍ରୀ ଥିଲେ। ଏଥିସହିତ ବିଜେଡି ସଂସଦୀୟ ଦଳର ନେତା ହୋଇଥିଲେ। ହେଲେ ୨୦୧୯ରେ ବିଜେଡିରୁ ଟିକେଟ ନ ପାଇବାରୁ ସେ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। ତାଙ୍କ ପୁତ୍ର ଅଭିମନ୍ୟୁ ଭଦ୍ରକ ଲୋକସଭା ଆସନରୁ ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଥିଲେ।

ଅର୍ଜୁନ ୧୯୪୧ ମସିହା ସେପ୍ଟେମ୍ବର ୧୮ ତାରିଖରେ ତତ୍କାଳୀନ ବାଲେଶ୍ୱର ଜିଲା( ଏବେ ଭଦ୍ରକ) ବନ୍ତ ବ୍ଲକ ଅନ୍ତର୍ଗତ ଓଡ଼ଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପତ୍ନୀ ସୁଭଦ୍ରା, ୩ ପୁଅ ଓ ୨ଝିଅ ଅଛନ୍ତି। ଅର୍ଜୁନଙ୍କ ପରଲୋକରେ ବିଧାନସଭାରେ ଭାଜପା ଉପନେତା ବିଷ୍ଣୁ ଚରଣ ସେଠୀ, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଶୋକ

ଅର୍ଜୁନଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ବାର୍ତ୍ତାରେ ସେ କହିଛନ୍ତି ଯେ, ଅର୍ଜୁନ ଜଣେ ବର୍ଷୀୟାନ ରାଜନେତା ଥିଲେ। ଲୋକଙ୍କ ମଧ୍ୟରେ ତାଙ୍କର ସୁନାମ ଥିଲା। ସେ ତାଙ୍କ ଜୀବନ ଜନସାଧାରଣଙ୍କ ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଦକ୍ଷ ରାଜନେତାଙ୍କୁ ହରାଇଛି।

### ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଅର୍ଜୁନଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାର ରାଜନୈତିକ ଓ ସାମାଜିକ ଜୀବନକୁ ଦୀର୍ଘବର୍ଷ ଧରି ପ୍ରଭାବିତ କରିଥିବା ଅର୍ଜୁନଙ୍କ ବିୟୋଗରେ ସେ ମର୍ମାହତ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କ ପରିବାରକୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁତା ତ କୁତା**
**ଶ୍ୱଶୁର ଘରେ ଜୋଇଁ**
**କୁତା ତ କୁତା**
**ଭଉଣୀ ଘରେ ଭାଇ ।**

ସମ୍ପର୍କୀୟ ଘରେ ବେଶିଦିନ ରହିଲେ ଓଜନ ହରାଇବାକୁ ପଡ଼େ । ଏପରି ସ୍ଥଳେ ଶ୍ୱଶୁର ଘରେ ଜ୍ୱାଇଁ ଓ ଭଉଣୀ ଘରେ ଭାଇ ଆବଶ୍ୟକତାଠୁ ଅଧିକ ଦିନ ବା କାଳ ରହିଲେ ଅବଜ୍ଞାର ପାତ୍ର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଳୀ ମାଈ,**
**ଚୂନ ବୋଳିଲେ କି ଗୋରୀ ହୋଇ ?**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ । ଶ୍ୟାମଳ ଦେହକୁ ଯେତେ ଘଷି ମାଜିଲେ ବି ସେ କେବେ ଗୌରବର୍ଣ୍ଣ ହୋଇପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ମଧ୍ୟ ବୃଥା ବୋଲି ପ୍ରମାଣିତ ହୋଇଥାଏ। ଗୋରୀ ହେବା ପାଇଁ ପ୍ରୟାସରତା ମହିଳା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ପ୍ରଥମ ପୃଷ୍ଠାରୁ...

### ୧୦୦ ଫୁଟ୍...

ଦୁଇଜଣଙ୍କୁ କାମାକ୍ଷାନଗର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଭୁବନେଶ୍ୱର ନିଆଯାଇଛି। ସେଠାରୁ ମୃତଦେହ ସେମାନଙ୍କ ଘରକୁ ପଠାଯିବ ବୋଲି ଜଣାପଡ଼ିଛି। ସିଭିଲ୍ ଆଭିଏଶନର ଡାଇରେକ୍ଟର ଜେନେରାଲ ଘଟଣାର ତଦନ୍ତ କରିବେ ବୋଲି ଟ୍ରାଫିକ୍ କଣ୍ଟ୍ରୋଲର ରାୟ ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ କ୍ୟାପ୍‌ଟେନ୍ କବିତା କୁହନ୍ତି, ଲକ୍‌ଡାଉନ୍ ଘୋଷଣା ପରଠାରୁ ପ୍ରଶିକ୍ଷଣ ବନ୍ଦ ଥିଲା। ମେ ୧୫ରେ ଅନୁମତି ମିଳିବା ପରେ ପୁଣିଥରେ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ସୂଚନା ପାଇ ଏସ୍‌ପି ଅନୁପମା ଜେମ୍ସ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଛନ୍ତି। ପ୍ରଶିକ୍ଷଣ କେନ୍ଦ୍ର ଏବଂ ପୋଲିସ ପକ୍ଷରୁ ମୃତକଙ୍କ ପରିବାରକୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଛି। ଏ ନେଇ କଙ୍କଡ଼ାହାଡ଼ ଥାନାରେ ନଂ. ୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ଘଟଣା ଉପରେ ନଜର ରଖିଥିବା ସେ କହିଛନ୍ତି। ସେହିପରି ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ବୀରାଶାଳ ଏୟାରଷ୍ଟ୍ରିପ୍ ଅଞ୍ଚଳର ଗର୍ବ। ତେବେ କାହିଁକି ଏଭଳି ଦୁର୍ଘଟଣା ଘଟିଲା ସେ ନେଇ ସରକାରଙ୍କ ତରଫରୁ ତଦନ୍ତ ଲାଗି ଦାବି ଉପସ୍ଥାପନା କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

**ଅଞ୍ଚଳବାସୀ ଭୟଭୀତ**

ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ବିମାନ ଦୁର୍ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। କେତେଜଣ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଜନବସତିଠାରୁ ୫୦୦ ମିଟର ଦୂରରେ ଏୟାର ଷ୍ଟ୍ରିପ୍ ରହିଛି। ସେଠାରେ ନିୟମିତ ପ୍ରଶିକ୍ଷଣ ଦିଆଯାଉଛି। ଅଞ୍ଚଳବାସୀଙ୍କ ଲାଗି ଏପରି ବିମାନ ଦୁର୍ଘଟଣା ପ୍ରଥମ। ଆଗାମୀ ଦିନରେ ମଧ୍ୟ ଏଭଳି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଥର ଏୟାରଷ୍ଟ୍ରିପ୍ ଭିତରେ ବିମାନ ଦୁର୍ଘଟଣା ହୋଇଛି। ଯଦି ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜନବସତି ଅଞ୍ଚଳରେ ଖସିପଡ଼ିବ ତେବେ ଧନଜୀବନ ହାନି ହେବା ଆଶଙ୍କା ଅଧିକ। ତେଣୁ ଅଞ୍ଚଳବାସୀଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

**୨୦୧୯ ଡିସେମ୍ବରରୁ ଆରମ୍ଭ ହୋଇଛି ପ୍ରଶିକ୍ଷଣ**

ପରିତ୍ୟକ୍ତ ହୋଇ ପଡ଼ିଥିବା ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ପାଇଲଟ୍ ପ୍ରଶିକ୍ଷଣ କେନ୍ଦ୍ର ଭାବେ ବିକଶିତ କରିବାକୁ ୨୦୧୬ରେ ରାଜ୍ୟ ସରକାର ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦେଇଥିଲେ। ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପାଚେରି, ରନ୍‌ୱେ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ପରେ ୨୦୧୮ ମେ ୧୪ରେ ଏହାର ଉଦ୍‌ଘାଟନ ହୋଇଥିଲା। ୫୦ ଏକର ପରିମିତି ଜମିରେ ନିର୍ମିତ ଗଭର୍ନମେଣ୍ଟ ଆଭିଏଶନ ପାଇଲଟ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଜିଏଟିଆଇ) ହାତରେ ପାଇଲଟ ପ୍ରଶିକ୍ଷଣ ପରିଚାଳନା ଭାର ନ୍ୟସ୍ତ କରାଯାଇଥିଲା। ୨୦୧୯ ଡିସେମ୍ବରରେ ୧୦ ଛାତ୍ରାଛାତ୍ରୀଙ୍କୁ ନେଇ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ଲାଗି ୩ ବିମାନ ଆସିଥିଲା। ସେଥିରୁ ଗୋଟିଏ ୫ ସିଟ୍ ଏବଂ ଅନ୍ୟ ଦୁଇଟି ଦୁଇ ସିଟ୍ ବିଶିଷ୍ଟ। ଏହି ବିମାନ ପ୍ରଶିକ୍ଷଣ କେନ୍ଦ୍ରରେ ୬୦ଜଣ ପ୍ରଶିକ୍ଷଣ ନେବା ବ୍ୟବସ୍ଥା ରହିଛି। ଏବେ ଏଠାରେ ୩୦ରୁ ୩୫ଜଣ ଛାତ୍ରାଛାତ୍ର ପ୍ରଶିକ୍ଷଣ ନେଉଛନ୍ତି। ତେବେ ପ୍ରଶିକ୍ଷାର୍ଥୀଙ୍କ ରହିବା ଲାଗି ସୁବିଧା ନ ଥିବାରୁ ଗ୍ରାମ ନିକଟରେ ଭଡ଼ାରେ ରହି ସେମାନେ ସକାଳେ ଏବଂ ଅପରାହ୍ନରେ ତାଲିମ ନେଉଛନ୍ତି।

### ରାଜକୋଷକୁ...

କରିଥାନ୍ତି। ଏହି କ୍ରମରେ ଗତ ୫ତାରିଖରେ ସମସ୍ତ ରାଜ୍ୟକୁ ୨୦୧୯ ଡିସେମ୍ବର ଓ ୨୦୨୦ ଜାନୁୟାରୀ ଓ ଫେବୃୟାରୀ ମାସ ପାଇଁ ୩୬,୪୦୦କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ଓଡ଼ିଶାକୁ ମାତ୍ର ୧୧୧୬.୨୪କୋଟି ମିଳିଛି। ଗୋଟିଏ ପଟେ ରାଜସ୍ୱ ତଳମୁହାଁ ହୋଇଥିବା ବେଳେ ଅନ୍ୟ ପଟେ କେନ୍ଦ୍ର ସରକାର କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟର ଅଂଶଧନକୁ ନ ଦେବା ଦ୍ୱାରା ଆର୍ଥିକ ଚାପ ବହୁତ ବଢ଼ିଯାଇଛି। ୨୦୧୫ରୁ ୨୦୨୦ ମାର୍ଚ୍ଚ ମଧ୍ୟରେ ଚତୁର୍ଦ୍ଦଶ ଅର୍ଥ କମିଶନ ସୁପାରିସ ଅନୁଯାୟୀ କେନ୍ଦ୍ର ସରକାର ରାଜ୍ୟର କେନ୍ଦ୍ରୀୟ ଟିକସ ବାବଦ ଅଂଶଧନ ୮୨୫୬ କୋଟି ଟଙ୍କା ଦେଇନାହାନ୍ତି। ସେହିପରି କେନ୍ଦ୍ର ସରକାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି(ଏସ୍‌ଡିଆର୍‌ଏଫ୍) ବାବଦରେ ଗତ ୫ ବର୍ଷ ମଧ୍ୟରେ ପାଇବାକୁ ଥିବା ୩୭୧୮ କୋଟି ଟଙ୍କାରୁ ୩୦୯୭ କୋଟି ଟଙ୍କା ଦେଇଥିବା ବେଳେ ଅବଶିଷ୍ଟ ଅର୍ଥରାଶି ଏବେ ବି ପଡ଼ି ରହିଛି।

### ଲଘୁଚାପ: ୧୦ରୁ...

ଢେଙ୍କାନାଳ, ବୌଦ୍ଧ କନ୍ଧମାଳ ଏବଂ କଳାହାଣ୍ଡି ଜିଲାର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୧ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୩ ତାରିଖରେ ନୂଆପଡା, ବଲାଙ୍ଗୀର, ନବରଙ୍ଗପୁର ଏବଂ ବରଗଡ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଯାଇଛି। ଲଘୁଚାପ ଯୋଗୁ ସମୁଦ୍ର ଅଶାନ୍ତ ରହିବ। ୧୦ ରୁ ୧୨ ତାରିଖ ଯାଏ ସମୁଦ୍ରକୁ ମାଛ ଧରିବା ଲାଗି ନ ଯିବା ସକାଶେ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

### ବଜ୍ରପାତ ନେଲା...

ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ଦଣ୍ଡାରଗଡି ଗାଁର ରଞ୍ଜିତା ପ୍ରଧାନ (୪୦) ନାମକ ଅନ୍ୟଜଣେ ମହିଳାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଅନୁଗୋଳ ଥାନା କୁମୁରିସିଙ୍ଗା ପଞ୍ଚାୟତ କାବୁଲିପାଳ ଗ୍ରାମର ସୀତା ଭୋଇ (୪୨) ଗାଈ ଚରାଇବାକୁ ଯାଇଥିବାବେଳେ ତାଙ୍କ ଉପରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏଥିସହ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ବଜ୍ରପାତରେ ୫ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବାରତାଙ୍ଗ ପଞ୍ଚାୟତ ମଳାଡିହି ଗ୍ରାମର ସରୋଜ ଜେନା (୩୨) ବିଲରେ ହଳ କରୁଥିବାବେଳେ ବଜ୍ରପାତରେ ମୃତ୍ୟୁ ଘଟିଛି। ଜଗତ୍‌ସିଂହପୁର ଜିଲା ବୋରିକିନା ପଞ୍ଚାୟତ ଅନ୍ତର୍ଗତ ବରୁଗୁଡିପଡା (ଗୋଡିବେଦୀ) ଗ୍ରାମର ବାଉରିବନ୍ଧୁ ମୁଦୁଲି(୫୦)ଙ୍କ ଉପରେ ବଜ୍ରପାତ ହେବାରୁ ତାଙ୍କର ଜୀବନ ଚାଲିଯାଇଛି। କଟକ ଚୌଦ୍ୱାର ଥାନା ଅନ୍ତର୍ଗତ ସଫା ପଞ୍ଚାୟତ ସୁଆଁରି ଗ୍ରାମର ନିତ୍ୟାନନ୍ଦ ସ୍ୱାଇଁ (୨୦)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିବାବେଳେ ଏହି ପଞ୍ଚାୟତ ଅନ୍ତର୍ଗତ ଡାହାଣିଗାଡ଼ିଆ ଗ୍ରାମର ଶକୁନ୍ତଳା ମଲ୍ଲିକ(୪୪) ଗୁରୁତର ଆହତ ହୋଇଛନ୍ତି। ସେହିପରି ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ବାଘମାରି ଗ୍ରାମପଞ୍ଚାୟତର ଅଣ୍ଡିରାଗଡ଼ ଗ୍ରାମର କାର୍ତ୍ତିକ ପାଇକ(୪୫) ଚାଷ କାର୍ଯ୍ୟ କରୁଥିବା ସମୟରେ ବଜ୍ରପାତରେ ମୃତ୍ୟୁ ଘଟିଥିବାବେଳେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ପାଇକଯମୁନା ଗ୍ରାମର ବଳରାମ ଗୌଡ଼(୧୭) ମଧ ବିଲରେ ଟଳିପଡିଥିବା ଜଣାପଡିଛି।

### ପୃଥିବୀ ଭଳି...

ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ ଏବଂ ୨୦୨୬ରେ ଆସିବାକୁ ଥିବା ୟୁରୋପିଆନ ସ୍ପେସ୍ ଏଜେନ୍ସିର ପ୍ଲାଟୋ ସ୍ପେସ୍ ଟେଲିସ୍କୋପ୍ ଦ୍ୱାରା 'କେଓଆଇ-୪୫୬.୦୪' ସମ୍ପର୍କରେ ଅଧିକ ସ୍ପଷ୍ଟତା ଜଣାପଡ଼ିବ ବୋଲି ଅନେକ ଆଶା ରହିଛି। ଗ୍ରହ 'କେଓଆଇ-୪୫୬.୦୪'ରେ ଜୀବନଧାରଣ ପାଇଁ ଆଶା କରାଯାଉଛି। କାରଣ ଏହାର ସୂର୍ଯ୍ୟ 'କେପଲର୍ ୧୬୦'ର ଗଠନ ଆମ ସୂର୍ଯ୍ୟ ସହିତ ସମାନ। 'କେପଲର୍ ୧୬୦'ଠାରୁ ଇନ୍‌ଫ୍ରାଡ୍ ବିକିରଣ ଆଶଙ୍କା ବହୁତ କମ୍। ଯେହେତୁ ଏହା ଲାଲ ଛୋଟ ତାରା ପରି, ତେଣୁ 'କେଓଆଇ-୪୫୬.୦୪'ରେ ଜୀବନ ସମ୍ଭବ ହେବ ବୋଲି ବିଶ୍ୱାସ କରାଯାଉଛି।


## classifieds

**Everyday**
0674-2580101, 2549302




**SALE**

4/5BHK Duplex with gated Community at Balianta. Construction- 2200 @ 60lakhs/ 2600 @ 70lakhs. Mplanets: 9938219397/ 9861022055. D-17445

Immediate ଘରକରି ରହିବା ପାଇଁ ଭୁବନେଶ୍ୱର ବରଗଡ଼ ମୌଜାରେ ଘରବାରି plot ମିଳୁଛି। 9938756259. D-69511

Patiaରେ 2250/-, 1250/-, Nakhara 750/-, Tirsulia 800/-, Bhubaneswar IIT ପାଖରେ installmentରେ land ମିଳୁଛି। 7978124465. D-69512

Gharabari Sthitiban Plot available at Hanspal (Balianta). Call- 9937816565, 9937568585. D-17456

CV Raman College ପାଖରେ 12000sqft. ଘରବାରି plot sqft.-500/- sale ହେବ। Contact- 9778928492. D-68347

Gita College ପାଖରେ 200ft. roadକୁ ଲାଗି 4800 sqft. ଘରବାରି plot ବିକ୍ରିହେବ। Contact- 9937910363. D-68348

CV Raman College ପାଖରେ 35000sqft. plot ବିକ୍ରିହେବ। Contact- 9778928492. D-68349

ଭୁବନେଶ୍ୱର, ରଙ୍ଗବଜାର, BJEM School ନିକଟରେ ଅଗ୍ରିମ boundary wall ଘରବାରି ପଟ୍ଟା plot ଦିଆଯାଉଛି। 7008045582, 9692003948. D-17455




Rejuvenate and Ayurvedic full body massage by smart therapist. 9114402304. D-69275

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69273

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Herbal full body massage by smart / expert therapist. Contact: 8338067247. D-69274

Newly open full body massage SPA in Bhubaneswar. Contact: 7205058838. D-69277

Full body massage with Gents and Ladies, Aaiginia Square. 9777167531. D-59950

Full body herbal massage with refreshment expert therapist. 7381239385, 06742540855. D-69253

Experience full body massage with us (expert). Call: 7377048581, 06742597822. D-69254

Ayurvedic full body massage Ladies and Gents. Contact- 9861064981. D-65913

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଚନ୍ଦ୍ର ସହ ଗୁରୁଶୌରୀ ଯୋଗର ପ୍ରଭାବରୁ ମୃଦୁ ମନ୍ଦ ଗତିରେ କର୍ମପ୍ରବାହକୁ ଆଗକୁ ଗଡାଇ ନେବେ। କୌଣସି ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବୃଦ୍ଧି ପାଇବ। ପାରିବାରିକ କ୍ଷେତ୍ରରେ କୁପ୍ରଭାବରୁ ମତାନ୍ତରଜନିତ ଅନର୍ଥ ସୃଷ୍ଟି ସମ୍ଭାବନା ରହିଛି। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ତଥା ସଭାସମିତିରେ ପ୍ରଶଂସିତ ହେବେ।

**ବୃଷ**

ଦ୍ୱିଜା ନକ୍ଷତ୍ର ବାଧ୍ୟବାଧକତାରେ ମନ ଚାହୁଁ ନ ଥିବା କେତେକ କାମ ପରିସ୍ଥିତିରେ ପଡ଼ି କରିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ସମ୍ମୁଖରେ ପାରିବାରିକ ଜୀବନର ଅକୁହା କଥାକୁ ଲୁଚାଇ ରଖି ହସି ହସି କଥା କହିପାରନ୍ତି। ଆଜି ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇଯିବ।

**ମିଥୁନ**

ଦୁଃସ୍ଥାନସ୍ଥ ପାପଗ୍ରହ ଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ଅନ୍ୟମାନଙ୍କୁ ଖୁସୀ କରିବାକୁ ଯାଇ ନିଜର ସ୍ୱାର୍ଥକୁ ବଳି ଦେବାକୁ ପଡ଼ିପାରେ। ଅଭାବ ନ ଥିଲେ ଘରୋଇ କଥା ମନରେ ବାରମ୍ବାର ଆଲୋଡ଼ନ ସୃଷ୍ଟି କରି ଚିନ୍ତାଧାରାକୁ ବିକ୍ଷିପ୍ତ କରିଦେବ। ସାଂଗଠନିକ କାର୍ଯ୍ୟରେ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**କର୍କଟ**

ଯୁକ୍ତିତର୍କ, ବ୍ୟବସାୟିକ ଶିଥିଳତା ଚିତ୍ତ ବିଭ୍ରମର କାରଣ ହେବ। ପୁନର୍ବସୁ ନକ୍ଷତ୍ରର କାମଗୁଡ଼ିକରେ କୌଣସି ପ୍ରତିବନ୍ଧକ ନ ରହିଲେ ମଧ୍ୟ ସେତେଟା ପ୍ରୀତିପ୍ରଦ ରହିବ ନାହିଁ। ନିକଟରେ ରହୁଥିବା ବନ୍ଧୁ ମାନଙ୍କ ସାହାଯ୍ୟ ଓ ସମର୍ଥନ ସାମୟିକ ଦୁଃଖକୁ ଭୁଲି ଯିବାରେ ସାହାଯ୍ୟ କରିବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ**

ଚତୁର୍ଥ ଭାଗ୍ୟାଧିପ ଉଚ୍ଚସ୍ଥ ଯୋଗୁ କର୍ମକ୍ଷେତ୍ର ସକାଶେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସାଙ୍ଗଠନିକ କାର୍ଯ୍ୟରେ କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପିଲାମାନଙ୍କ କାର୍ଯ୍ୟ କଳାପ, ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତାକୁ ନେଇ ଚିନ୍ତିତ ରହିବେ।

**କନ୍ୟା**

ଧନସ୍ଥାନକୁ ଶୁକ୍ରଙ୍କ ଶୁଭଦୃଷ୍ଟି କାରଣରୁ ଆଜି ଯାହା ପାଇବା କଥା ତାହା ସହଜ ଓ ସୁବିଧାରେ ମିଳିବ। ପ୍ଲଟିଙ୍ଗ୍ କାରବାର, ଯାନ୍ତ୍ରିକ କିମ୍ବା ବିଦ୍ୟୁତ ବ୍ୟବସାୟୀମାନେ ବିଶେଷ ପରିମାଣରେ ଉପକୃତ ହେବେ। ପିଲାମାନଙ୍କ ଉଚ୍ଚ ଶିକ୍ଷା ସକାଶେ ପାରିବାରିକ ଆଲୋଚନାକୁ ପ୍ରାଧାନ୍ୟ ଦେଇପାରନ୍ତି।

**ତୁଳା**

ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ନିଜର ପ୍ରିୟବ୍ୟକ୍ତିଙ୍କଠାରୁ ବହୁ ଦୂରେଇ ଚିନ୍ତିତ ରହିବେ। ନିକଟ ସମ୍ପର୍କୀୟମାନଙ୍କ ବେଖାତିର ମନୋଭାବ ଯାହାକି କାହାକୁ କହି ପାରିବେ ନାହିଁ କିନ୍ତୁ ମନେ ମନେ ଅସନ୍ତୁଷ୍ଟ ରହିବେ। ପାରିବାରିକ ସମସ୍ୟାକୁ ମନ ଭିତରେ ରଖି କାମ କରିବାକୁ ବାଧ୍ୟ ହେବେ।

**ବିଛା**

ମୁଖଭାବରେ ମୁଣ୍ଡ ନ ଥିବା ଗ୍ରହ କେତୁ ଅବସ୍ଥାନ କରିଥିବାରୁ ଧନହାନି, ଅପରିଣାମଦର୍ଶୀଜନିତ ବିଚାରହୀନ କାର୍ଯ୍ୟକରିପାରନ୍ତି। ଭାଙ୍ଗି ପଡିଥିବା ସମ୍ପର୍କକୁ ପୁଣି ଯୋଡିବାକୁ ଚେଷ୍ଟା କରି ଅସଫଳ ହେବେ। ପରିବାର ସଦସ୍ୟମାନେ ଅଯଥା ଦୋଷାରୋପ କରି ମାନସିକ ସ୍ଥିତିକୁ କଳୁଷିତ କରିପାରନ୍ତି।

**ଧନୁ**

ଅନାବଶ୍ୟକ କଥାଗୁଡ଼ିକୁ ମନରୁ ପରିହାର କରି ବାସ୍ତବତାକୁ ଗୁରୁତ୍ୱ ଦେଇ କାମ କରିବା ଭଲ ହେବ। ବିଭିନ୍ନ ପ୍ରକାରର ସ୍ଥଗିତ କାମକୁ ନେଇ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇବେ।

**ମକର**

ଧୈର୍ଯ୍ୟର ସହ ସମସ୍ତ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତାର ଅବସାନ ଘଟିବ। ପ୍ରଶାସନିକ ସ୍ତରରେ କିମ୍ବା ପ୍ରକାଶନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପ୍ରତିବାଦର ସ୍ୱର ଉଠାଇ କାମଟିକୁ ଭଣ୍ଡୁର କରି ଦେଇପାରନ୍ତି।

**କୁମ୍ଭ**

କର୍ମାଧିପଙ୍କ ସୁପ୍ରଭାବରୁ ସମସ୍ୟା ଲାଗି ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଆଜିର ଦୂରଯାତ୍ରା, ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦଜନିତ ସାମୟିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି, ଯାହା କି ବିରକ୍ତିର କାରଣ ହେବ।

**ମୀନ**

ସହଯୋଗ ଭିତ୍ତିରେ କାମକଲେ ଉପକାର ପାଇବେ। ପୂର୍ବଭାଦ୍ରବ ନକ୍ଷତ୍ରର ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣାରୁ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହେବାର ଆଶଙ୍କା ପୂରା ମାତ୍ରାରେ ରହିଛି। ନିର୍ମାଣାଧୀନ କାମ, ସଭାସମିତି, ବନ୍ଧୁଙ୍କ ଅଭ୍ୟର୍ଥନାଦି ସମ୍ପନ୍ନ କରି ଖୁସୀ ରହିବେ।

ଆଜି ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ, ଆଷାଢ଼ କୃଷ୍ଣ ଚତୁର୍ଥୀ ମଙ୍ଗଳବାର, ଜୁନ୍ ୯ ତାରିଖ, ବିର୍ସାମୁଣ୍ଡା ଶହୀଦ ଦିବସ, ରାଶିନକ୍ଷତ୍ର-ଦିବା ଘ.୦୨.୦୧ମି. ପର୍ଯ୍ୟନ୍ତ ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୧.୪୧ମି. ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ମକର ରାଶିର ଘାତବାର, ମୃତେ ଦ୍ୱିପାଦ ପୁଷ୍କର ଦୋଷ, ଦିବା ଘ.୦୭.୪୯ମି. ମଧ୍ୟେ, ଘ.୦୯.୩୪ ମି.ଗତେ ଘ.୧୨.୧୨ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୪.୩୬ମି.ଗତେ ଘ.୦୫.୨୮ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୩.୦୩ ମି. ଗତେ ଘ.୦୪.୪୨ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ରକ୍ତ କର୍କଟ, କେମୋଥେରାପି ପାଇଁ ସ୍ୱତନ୍ତ୍ର ୱାର୍ଡ ଆରମ୍ଭ

କଟକ ଅଫିସ,୮।୬: ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଏଣିକି ରକ୍ତ କର୍କଟ ଓ କେମୋଥେରାପି ରୋଗୀଙ୍କ ପାଇଁ ମିଳିବ ସ୍ୱତନ୍ତ୍ର ସୁବିଧା। ସୋମବାର ଏହି ବିଭାଗର ରୋଗୀଙ୍କ ପାଇଁ ନୂଆ କରି ୧୨ ଶଯ୍ୟାବିଶିଷ୍ଟ ୱାର୍ଡ ଆରମ୍ଭ ହୋଇଛି। ପ୍ରତ୍ୟେକ ଶଯ୍ୟା ମନିଟର ଦ୍ୱାରା ପରିଚାଳିତ ହେବ। ଫଳରେ ରୋଗୀଙ୍କ ପ୍ରତ୍ୟେକ ମୁହୂର୍ତ୍ତର ସମସ୍ତ ତଥ୍ୟ ଠିକ୍ ଭାବେ ଜାଣିହେବ । ପ୍ରଥମ ଦିନରେ ୨ଜଣ ରୋଗୀଙ୍କୁ ଏହି ୱାର୍ଡକୁ ସ୍ଥାନାନ୍ତର କରାଯାଇଛି । ଅତୀତରେ ରକ୍ତ କର୍କଟ (ଲିୟୁକେମିଆ)ରୋଗୀଙ୍କୁ ଏସ୍‌ସିବିର ହେମାଟୋଲୋଜି ବିଭାଗରେ ଚିକିତ୍ସା କରାଯାଉଥିଲା। ଏଣିକି ଆଉ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ଆବଶ୍ୟକ ପଡ଼ିବ ନାହିଁ। ସେହିପରି କେମୋଥେରାପି ପରେ ରୋଗୀଙ୍କ ଶ୍ୱେତରକ୍ତ କଣିକାର ନିୟୁଟ୍ରୋଫିଲ ସଂଖ୍ୟା କମିବା (ନ୍ୟୁଟ୍ରୋପେନିଆ) କାରଣରୁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଏପରି ରୋଗୀମାନେ ଅଧିକ ସଂକ୍ରମଣର ଶିକାର ହେବା ଆଶଙ୍କା ଥାଏ। ଏବେ ଏହି ରୋଗୀଙ୍କୁ ନୂତନ ୱାର୍ଡରେ ରଖି ଅଧିକ ଯତ୍ନ ନେଇହେବ ବୋଲି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ଓ ହେମାଟୋ-ଅନ୍‌କୋ ବିଭାଗର ମୁଖ୍ୟ ଡା. ଦିପ୍ତୀ ସାମନ୍ତ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ପ୍ରତିଷ୍ଠାନରେ ଆଗରୁ ୨୮୧ଟି ସାଧାରଣ ଶଯ୍ୟା ଓ ୧୧ଟି ଆଇସିୟୁ ଶଯ୍ୟା ରହିଥିଲା। ଏବେ ଏହି ନୂଆ ୱାର୍ଡର ୧୨ଟିକୁ ମିଶାଇ ଶଯ୍ୟା ସଂଖ୍ୟା ୩୦୪ରେ ପହଞ୍ଚିଛି।

### ଡକାୟତି ଯୋଜନା ପଣ୍ଡ, ୮ ଗିରଫ: ମାରଣାସ୍ତ୍ର ଜବତ

ପୁରୀ ଅଫିସ,୮।୬: ପୁରୀ ସହରରେ ଏକ ବଡ଼ ଧରଣର ଡକାୟତି ପାଇଁ ଯୋଜନା କରୁଥିବାବେଳେ ୮ ଅଭିଯୁକ୍ତ ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ୭.୬୨ ଏମ୍ଏମ୍ ପିସ୍ତଲ ଏବଂ ଗୋଟିଏ ରାଉଣ୍ଡ ଗୁଳି ଜବତ କରାଯାଇଛି। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ.୧୨୩/୨୦) ରୁଜୁ ହେବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ତଳଜଙ୍ଗର ଦିବାକର ପ୍ରଧାନ ଓ ଅବିନାଶ ସେନାପତି, ପେଣ୍ଠକଟା ବେହେରା ସାହିର ରାଜେନ୍ଦ୍ର ସାହୁ, ରେଳଫାଟକ ଅଞ୍ଚଳର ମୁନା ବେହେରା, ବାଲିଘାଟ ସାହୁ ବଗିଚାର ପ୍ରଣବ କୁମାର ଆଚାର୍ଯ୍ୟ, କୁମୁଟିପାଟଣାର ରଞ୍ଜିତ ସ୍ୱାଇଁ, ଉରର ସୁନିଲ ମୁଦୁଲି ଓ ଚନ୍ଦନପୁର ଥାନା ଅନ୍ତର୍ଗତ କପ୍ତେଶ୍ୱରର ପୁପା ମଲ୍ଲିକ। ଜଗନ୍ନାଥ ବଲ୍ଲଭ ପାର୍କିଂ ପରିସର ବଡ଼ୁ ମହାପାତ୍ର ଜାଗା ନିକଟରେ ରବିବାର ସନ୍ଧ୍ୟାରେ ୮ଜଣ ଯୁବକ ବସି ଡକାୟତି ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସୋମବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ଜେଲ୍ ପଠାଇ ଦିଆଯାଇଥିବା ଆଇଆଇସି ଉପେନ୍ଦ୍ର ନାଥ ପ୍ରଧାନ କହିଛନ୍ତି।

# ଭାଇରାଲ ଭିଡିଓ, ଚଢ଼ାଉ ସମ୍ପର୍କିତ ରିପୋର୍ଟ ପ୍ରଦାନ

## ଖୋର୍ଦ୍ଧା ଉପକାରାଗାରରେ ବ୍ରାଉନସୁଗାର କାରବାର ଘଟଣା

ଖୋର୍ଦ୍ଧା ଅଫିସ,୮।୬

ଖୋର୍ଦ୍ଧା ଉପକାରାଗାର ପରିସରରେ ବ୍ରାଉନସୁଗାର କାରବାର ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ ଶନିବାର ପ୍ରଶାସନ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ପୋଲିସ ଜେଲ ପରିସରରୁ ଗୁଟ୍‌ଖା, ସୁଗାରେଟ, ଗଞ୍ଜେଇ ଜବତ କରିଥିଲା। ଭାଇରାଲ ଭିଡିଓ ଖୋର୍ଦ୍ଧା ଉପକାରଗାର ପରିସରର ହୋଇଥିବା ବେଳେ ଚଢ଼ାଉ ସମ୍ପର୍କିତ ରିପୋର୍ଟ ଜିଲାପାଳ ଓ ଜେଲ ଡିଜିଙ୍କୁ ପ୍ରଦାନ କରାଯାଇଛି ବୋଲି ସୋମବାର ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି। ଏହି ଘଟଣାରେ ଜେଲ ପରିସରରୁ ୩ଜଣ ୱାର୍ଡନରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତଙ୍କ ମୋବାଇଲ ନଂ. ୯୯୩୭୨୨୪୭୬୩କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ପର୍କ ହୋଇପାରି ନ ଥିଲା। ଅପରାଧକୁ କୌଣସି ମତେ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଖୋର୍ଦ୍ଧା ପୋଲିସ ଓ ପ୍ରଶାସନ ଡିଣ୍ଡିମ ପିଟୁଥିବା ବେଳେ ଜେଲ ପରିସରରେ କଡ଼ା ସୁରକ୍ଷା ବଳୟ, ସିସିଟିଭି ସର୍ଭେଲାନ୍ସ ସତ୍ତ୍ୱେ ବ୍ରାଉନସୁଗାର ଏବଂ ଅନ୍ୟ ସାମଗ୍ରୀ ଯାଉଛି କିପରି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଏମାନେ କ'ଣ କୁହନ୍ତି

"ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବ। ଭାଇରାଲ ଭିଡିଓର ଯାଞ୍ଚ ଚାଲିଛି। ଏହି ଭିଡିଓ କିଛି ମାସର ବୋଲି ଜଣାପଡିଛି। ଏଥିରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନସୁଗାର କାରବାରରେ ଲିପ୍ତ ଥିବା ଅଭିଯୁକ୍ତମାନେ ଏହି ଜେଲରେ ରହିଛନ୍ତି। କିଛି ମାସ ପୂର୍ବରୁ ଏମାନଙ୍କୁ ଏଠାରୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରାଯାଇଛି। ଏଥିରେ ସେମାନଙ୍କ ସମ୍ପୃକ୍ତି ରହିଛି କି ନାହିଁ ଯାଞ୍ଚ କରାଯିବ।"

**ସନ୍ତୋଷ ଉପାଧ୍ୟାୟ, ଜେଲ ଡିଜି**

"ଜିଲାପାଳଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ସହ ଜେଲ ପରିସରରେ ଚଢ଼ାଉ କରିଥିଲୁ। ଚଢାଉ ସମୟରେ ସିସିଟିଭିକୁ ଯାଞ୍ଚ କରାଯାଇଥିଲା। ମୋବାଇଲ ଏବଂ ବ୍ରାଉନସୁଗାରର ସୁରାକ ମିଳି ନ ଥିଲା। କିଛି ସ୍ଥାନରେ ସିସିଟିଭି ଫୁଟେଜ୍ ଝାପ୍ସା ରହିଥିଲା। ଏହାକୁ ଠିକ୍ କରିବା ଲାଗି ତାଗିଦ୍ କରାଯାଇଛି।"

**ଶାନ୍ତନୁ ମହାନ୍ତି, ଉପଜିଲାପାଳ**

"ଖୋର୍ଦ୍ଧା ଅଞ୍ଚଳରେ ବ୍ରାଉନସୁଗାର କାରବାର ମାତ୍ରାଧିକ ବୃଦ୍ଧି ପାଇଛି। ଯୁବପିଢିଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଜେଲ ପରିସରରେ ଏହି କାରବାର ଚାଲିଥିବା ଏକ ସାଂଘାତିକ ଅପରାଧ। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଆବଶ୍ୟକ।"

**ଶିଶିର କୁମାର ପରିଡ଼ା, ଆଇନଜୀବୀ**

# ଝାରପଡ଼ା ଜେଲରେ ଗଞ୍ଜେଇ, ସିଗାରେଟ, ଟଙ୍କା

- ଭିଡିଓ ଭାଇରାଲ ପରେ ଅଡୁଆରେ ଜେଲ ବିଭାଗ
- ତଦନ୍ତ ହେବ କହିଲେ ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ

ଭୁବନେଶ୍ୱର,୮।୬ (ବ୍ୟୁରୋ)



ଖୋର୍ଦ୍ଧା ଜେଲ୍‌ରେ ନିଶା କାରବାର ଚାଲୁଥିବା ଓ କଏଦୀମାନେ ମୋବାଇଲ୍ ଫୋନ୍‌ରେ କଥା ହେଉଥିବାର ଭିଡ଼ିଓ ରବିବାର ଭାଇରାଲ ହେବାପରେ ଚଢ଼ାଉ କରାଯାଇଥିଲା। ଏବେ ରାଜ୍ୟର ଅନ୍ୟତମ ବଡ଼ କାରାଗାର କୁହାଯାଉଥିବା ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲ୍‌ର ଏକ ଭିଡିଓ ସୋମବାର ଭାଇରାଲ ହୋଇଛି। ଜେଲ ଭିତରେ ଗଞ୍ଜେଇ, ସିଗାରେଟ ଓ ଟଙ୍କା ଦିଆନିଆ ଚାଲିଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳୁଛି। ଟଙ୍କା ଦେଇ ନିଶା ଓ ମାଦକ ଦ୍ରବ୍ୟ ଜେଲ୍ ଭିତରକୁ ଆସୁଥିବା ଓ ଏକ ନିର୍ଦ୍ଦିଷ୍ଟ ସେଲ୍ ଭିତରେ ଏଭଳି ଭିଡ଼ିଓ ହୋଇଥିବା ଜଣାପଡୁଛି। ଜେଲରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ କିଭଳି ଏପରି ବେଆଇନ କାରବାର ଚାଲିଛି ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସବୁ ଭିଡ଼ିଓ ରାଜ୍ୟ ଜେଲ୍ ଭିତର ଗୁମର ପଦାକୁ ଆଣିଥିବାବେଳେ ଏହାକୁ ନେଇ ଅଡୁଆରେ ପଡିଛି ଜେଲ ବିଭାଗ। ଉକ୍ତ ଭିଡ଼ିଓ କେବେ, କିଏ ଶୁଟିଂ କଲା ଓ ତାହା ପଦାକୁ କିପରି ଆସିଲା ତାହାକୁ ନେଇ ଆରମ୍ଭ ହୋଇଛି ଖୋଳତାଡ଼।

ଏନେଇ ଜେଲ ଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି, ଉକ୍ତ ଭିଡ଼ିଓଟି ୭ ମାସ ତଳର। କିଏ ଭିଡ଼ିଓ କରିଛି ଓ କିଭଳି ଏଭଳି ନିଶା କାରବାର କରାଯାଉଛି ତାହାର ତଦନ୍ତ କରାଯିବ। ଯେତେବେଳେ ଜେଲର ଏଭଳି କିଛି ଖବର ଆମ ଦୃଷ୍ଟିକୁ ଆସୁଛି ଆମେ ତାହାକୁ ଗୁରୁତର ସହ ନେଇ ତଦନ୍ତ କରୁଛୁ। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଜିଲାପାଳ, ଏସ୍‌ପି, ସ୍ଥାନୀୟ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଉଛୁ। ଏବେ ଭାଇରାଲ ହୋଇଥିବା ଭିଡିଓକୁ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରାଯିବ। ଏଥିସହ ଉକ୍ତ ଭିଡ଼ିଓକୁ ମଧ୍ୟ ଦାଖଲ କରାଯିବ। ପୋଲିସ ତଦନ୍ତ କରିବ। ହୋଇପାରେ ଆଗରୁ ଯେଉଁମାନଙ୍କୁ ବଦଳି କରାଯାଇଛି ସେମାନଙ୍କ ସ୍ୱାର୍ଥରେ କିଛି ଆଞ୍ଚ ଆସିଥିବାରୁ ବଦନାମ କରିବା ପାଇଁ ଏସବୁ କରିଥାଇ ପାରନ୍ତି। ତେଣୁ ସବୁଦିଗକୁ ନେଇ ତଦନ୍ତ କରାଗଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସେ କହିଛନ୍ତି।

### ମୋବାଇଲ୍ ଫୋନ୍‌କୁ ନେଇ କଏଦୀଙ୍କୁ ହୋଇଥିଲା ଆକ୍ରମଣ

କିଛିଦିନତଳେ ଝାରପଡ଼ା ଜେଲ ଭିତରକୁ ମୋବାଇଲ୍ ଫୋନ୍ ଯାଉଥିବା ଅଭିଯୋଗ ଆସିଥିଲା। ଏପରି କେତେଜଣ କଏଦୀ ନିଜ ପାଖରେ ମୋବାଇଲ୍ ଫୋନ୍ ରଖି ଅନ୍ୟକଏଦୀଙ୍କୁ କଥାହେବାକୁ ଦେଇ ସେମାନଙ୍କ ପରିବାର ଲୋକଙ୍କଠାରୁ ଗୁଗୁଲ୍ ପେ' ମାଧ୍ୟମରେ ଟଙ୍କା ନେଉଥିଲେ। ତେବେ ଜଣେ କଏଦୀଙ୍କ ପରିବାର ଲୋକେ ଟଙ୍କା ନ ଦେବାରୁ ତାଙ୍କୁ ସମ୍ପୃକ୍ତ କଏଦୀମାନେ ଆକ୍ରମଣ କରିଥିଲେ। ଏନେଇ ଲକ୍ଷ୍ମୀସାଗର ଥାନାରେ ମାମଲା ହୋଇଛି। ତେଣୁ ଝାରପଡ଼ା ଜେଲ ଭିତରକୁ ନିଶା ଦ୍ରବ୍ୟ ଓ ମୋବାଇଲ୍ ଫୋନ୍ ଅବାଧରେ ଯାଉଥିବା ସ୍ପଷ୍ଟ ବାରିହୋଇପଡୁଛି।


## E-AUCTION

(Under Regulation 33 and Schedule I (1) of the Insolvency and Bankruptcy Board of India (Liquidation Process) Regulations, 2016)

SALE OF SCRAP OF M/S THE JEYPORE SUGAR COMPANY LTD (IN LIQUIDATION) FORMING PART OF THE LIQUIDATION ESTATE OF THE CD IN POSSESSION OF THE LIQUIDATOR APPOINTED BY THE HON`BLE NCLT, CHENNAI VIDE ORDER NO.DATED 29.05.2020.
(The Sale Of scrap will be done by the undersigned through The E-Auction platform)

| DESCRIPTION OF MATERIAL | UPSET PRICE OF EARNEST MONEY | DATE AND TIME OF THE AUCTION | LOCATION OF MATERIAL |
|---|---|---|---|
| Sale of Ferromanganese Slag (Approximately 10,000 Mt) | Rs. 90 Lakhs (At the rate of Rs. 900 per Tonne subject to actual Quantity) EMD - Rs. 20 Lakhs Rupees Twenty Lakhs | 20.06.2020 from 3.00 p.m. to 5.00 p.m. | M/s.The Jeypore Sugar Company Ltd, Rayagada, Orissa |

Refer to the Process Memorandum uploaded in the Tender Tiger for more details Link: https://ncltauction.auctiontiger.net

CONTACT
V.VENKATA SIVAKUMAR
Liquidator of M/s The Jeypore Sugar Co Ltd
10/11, Dr.Subbarayan Nagar Main road, Kodambakkam, Chennai - 600024
Ph. No: 044-2483 7777, Mob: 9444785500
Email: arunasri.siva@gmail.com, jsclliquidation@gmail.com

Place :Chennai
Date : 09.06.2020



## ODISHA TOURISM DEVELOPMENT CORPORATION LIMITED

(A GOVT. OF ODISHA UNDERTAKING)
PANTHANIVA (OLD BLOCK), LEWIS ROAD, BHUBANESWAR - 14
E-mail: bpdivn2otdc@gmail.com, Tel.: (0674) 2432477, Fax: (0674) 2431053

Letter No. 2571 Date: 05.06.2020

NOTICE INVITATION FOR BIDS (NIFB)

No. CAD-143 e-Procurement Notice No. BP-II/18/2020-21 Dt.05.06.2020

| | | | |
|---|---|---|---|
| 1 | Nature of Work | : | Civil Works |
| 2 | Total No. of Works | : | 03 (Three) Nos. |
| 3 | Tender Cost of the Works | : | Rs.20.67 Lakhs |
| 4 | Bid Security | : | 1% of the amount put to tender |
| 5 | Class of Contractor | : | "C" & "B" |
| 6 | Period of Completion | : | 4 (Four) Months |
| 7 | Other details as follows | : | |

| Procurement Officer | Bid Identification No. | Availability of Bid Online | | Payment Mode | Date, Time & Place of Opening of Tender |
|---|---|---|---|---|---|
| Executive Engineer, B.P. Divn. No.-II, O.T.D.C. Ltd. | BP-BP-II/18/2020-21 Dt.05.06.2020 | From: 11.06.2020 | To: 22.06.2020 | Online | Dt.24.06.2020 at 11.30 A.M. in the Office of the Executive Engineer, B.P. Divn., No.-II, O.T.D.C. Ltd. |

Further details can be seen from the Government website: www.etenderodisha.gov.in.

Sd./- Executive Engineer
Building Project Division No. II, O.T.D.C. Ltd., Bhubaneswar

OIPR-37002/11/0007/2021



## ODISHA CONSTRUCTION CORPORATION LIMITED, BHUBANESWAR, ODISHA, PIN - 751012

Tel. No. (0674) 2562020, e-Mail: theoccltd@odishaconstruction.com
"e" Procurement Notice No. - 06/OCCL/2020-21 (Online)
Bid Identification No. - OCCL-SGP/04/2020-21

No. CAD-144:- Online tender is invited on EPC Contract (turn - Key Basis) for the work as detailed below:

| Sl. No. | Type of Work | Period of Completion | Tender Fee | EMD | Date & time of availability of bid document in the portal | Last date/time for receipt of bids in the portal | Seeking Clarification | Pre-Bid Meeting on | Time and date of Opening of Technical Bid |
|---|---|---|---|---|---|---|---|---|---|
| 01 | Lift Irrigation works in cluster basis covering three districts on EPC - Turn-key basis including O&M for five years. | 24 (Twenty Four) Calendar Months including rainy seasons | Rs.11,800/- Inclusive GST (Non-refundable) | Rs.276.40 lakhs | From 11.06.2020, 10.00 A.M. to 01.07.2020 upto 5.30 P.M. | 01.07.2020 upto 5.30 P.M. | 10.00 A.M. of 11.06.2020 to 03.00 P.M. of 19.06.2020 | 11.30 A.M. of 20.06.2020 at OCC Ltd., Head Office | 02.07.2020 at 12.00 Noon |

Name & address of the Officer Inviting Bid : Managing Director, Odisha Construction Corporation Limited, Unit-VIII, Gopabandhunagar, BBSR-12.
Further details can be seen from the e-procurement portal https://www.tendersodisha.gov.in.

OIPR-34120/11/0002/2021 Sd./- Managing Director, OCCL



## NANDANKANAN ZOOLOGICAL PARK

NANDANKANAN

TENDER NOTICE No. 02 of 2020-21
Date: 08.06.2020

No. MM-21:- Deputy Director, Nandankanan Zoological Park invites sealed tender in prescribed form from interested individuals/firms/entrepreneurs for following tender of Nandankanan Zoological Park.

| Sl. No. | Name of the Tender | Last date of submission of sealed tender | Opening of the sealed tender |
|---|---|---|---|
| 1 | Animal Feed | 5.30 P.M. of 20.06.2020 | 11.30 A.M. of 22.06.2020 |

Detailed terms and conditions along with the tender papers will be available in the website of Nandankanan Zoological Park (www.nandankanan.org) from 09.06.2020. The downloaded tender papers must be accompanied with a Bank Draft for **Rs.1180/-** (inclusive of 18% GST) for each tender drawn in favour of "Deputy Director, Nandankanan Zoological Park" in any Nationalized Bank payable at Bhubaneswar.

Sd./- Deputy Director
Nandankanan Zoological Park

OIPR-08070/11/0001/2021



## OFFICE OF THE EXECUTIVE ENGINEER BALASORE (ROADS & BUILDINGS) DIVISION - I

No. B-67 AT/P.O.- PADHUANPADA, BALASORE
Contact No.: 06782-262045, E-mail ID: ee_blsrb@yahoo.co.in

BID INVITATION NO. EE (R and B) BLS_Divn.-1-01/2020-21

Letter No. 3696/WE Date: 03.06.2020

| | | | |
|---|---|---|---|
| 1 | The Executive Engineer, Balasore (R&B) Division-I, Balasore on behalf of the Governor of Odisha invites Percentage rate bids to be received in ONLINE MODE only for road and Building works. | | |
| 2 | No. of Work | : | 5 Nos. |
| 3 | Nature of Work | : | Road & Building works of Balasore (R&B) Division-I |
| 4 | Class of Contractor | : | "B" & "A" Class |
| 5 | Approx. Value of Work | : | Rs.56.46 to 87.66 Lakhs |
| 6 | Tender Cost | : | Rs.10,000/- |
| 7 | Availability of Bid Documents in the website | : | From 10.00 hours of Dt.09.06.2020 to 16.00 hours of Dt.19.06.2020 |
| 8 | Date of Opening of Bid | : | Dt.24.06.2020 at 11.00 hours |
| 9 | Other details can be seen in the bidding documents from the website: https://tendersorissa.gov.in. | | |

Sd./- Er. M.C. Mohanty
Executive Engineer
Balasore (R&B) Division-I

OIPR-34078/11/0001/2021



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER JAJPUR

NATIONAL HEALTH MISSION

TENDER CALL NOTICE

Ref No.: 4391 Dated- 08.06.2020

"It is for information to all the parties concerned to submit their bid for "**Supply of Consumables & BMW items for DHH, Jajpur**" to the office of the CDM&PHO, Jajpur on or before **29.06.2020 at 01 P.M.** by Speed Post, Courier service, Registered post only. For terms and conditions regarding Tender Call, please log on to the website: **www.jajpur.nic.in**

The interested parties with valid documents may participate in tender process himself or with their representatives with applicable terms and conditions".

Sd./- Chief District Medical & Public Health Officer, Jajpur



## ବିଜ୍ଞପ୍ତି

No. F-08:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସରକାରୀ ମୁଦ୍ରଣ ପୁସ୍ତକଙ୍କ ଦ୍ୱାରା ପ୍ରଦତ୍ତ ପାଉତି ବହି ମଧ୍ୟରୁ ଏକ ପାଉତି ବହି ଯାହାର କ୍ରମିକ ସଂଖ୍ୟା ୭୦୪୭୦୫୧୦ଠାରୁ ୭୦୪୭୧୦୦ ପର୍ଯ୍ୟନ୍ତ କେଉଁଆଡ଼େ ହଜିଯାଇଅଛି। ଏଣୁ ଉକ୍ତ ପାଉତି ବହି ଯେଉଁଥିରେ ୫୦ ଗୋଟି ପାଉତି (ନକଲ ସହିତ) ସଂଲଗ୍ନ ହୋଇଅଛି ଯାହାର କ୍ରମିକ ସଂଖ୍ୟା ୭୦୪୭୦୫୧୦ଠାରୁ ୭୦୪୭୧୦୦ ପର୍ଯ୍ୟନ୍ତ ଅଟେ । ସୁତରାଂ ନିମ୍ନ ସ୍ୱାକ୍ଷରକାରୀଙ୍କ ନିର୍ଦ୍ଦେଶ ତଥା ସରକାରଙ୍କ ଆଇନ ଅନୁଯାୟୀ ଉକ୍ତ ପାଉତିଗୁଡ଼ିକୁ ଅବୈଧ ବୋଲି ଘୋଷଣା କରାଗଲା। ଏଣୁ ଉକ୍ତ ପାଉତି ବିନିମୟରେ କୌଣସି ସରକାରୀ ପାଉଣା ଗ୍ରହଣ କରାଯାଇପାରିବ ନାହିଁ । ଯଦି କୌଣସି ସରକାରୀ ପାଉଣା ଉକ୍ତ ପାଉତି ବିନିମୟରେ ପଇଠ କରାଯାଇଥାଏ, ତେବେ ଉକ୍ତ ପାଉଣାର ଉତ୍ତରଦାୟୀ କୌଣସି ସରକାରୀ କାର୍ଯ୍ୟାଳୟ ତଥା ବ୍ୟକ୍ତିବିଶେଷ ଦାୟୀ ରହିବେ ନାହିଁ । ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ପାଉତି ବହି ବିଷୟରେ ସମ୍ୟକ ସୂଚନା ପାଆନ୍ତି, ତେବେ ଉକ୍ତ ଘଟଣାକ୍ରମ ବିଷୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦୃଷ୍ଟି ଗୋଚରକୁ ଆଣିବା ନିମନ୍ତେ ଅନୁରୋଧ କରାଗଲା।

ସ୍ୱା./- ତହସିଲଦାର, ଡେରାବିଶ

OIPR - 24040/11/0002/2021



## OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, SAMBALPUR

(PUBLICH HEALTH WING)

Order No. 595/PH, Sambalpur Dated: 08.06.2020

QUOTATION CALL NOTICE

Sealed Quotation/Expression in interests are hereby invited from intending reputed Firms/Parties/Suppliers/Agency/ Regd. Shop/Distributor having valid registration and VAT/ GST Clearance Certificate for supply of the following items to H.K.N.S. Hatibari Health Home, Hatibari. The quotation should reach to the undersigned on or before 18.06.2020 by 11.00 A.M. by Registered Post only and the same will be opened on the same day at 12 Noon in the Office Chamber of Chief Dist. Medical and Public Health Officer, Sambalpur in presence of the parties or their authorized representatives. Necessary specification/quantity may be obtained from the undersigned in the office hours. The selected quotationers for dietary articles have to supply the same from month to month for the year 2020-21 where as the Saree, Gamuchha, Dhoti have to supply within one month from the date of issue of indent orders. The undersigned/authority reserve the right to reject any or all quotations without assigning any reason thereof.

| Sl. No. | Name of the Item |
|---|---|
| 1 | Vegetables, Egg |
| 2 | Dietary Articles |
| 3 | Dhoti, Gamuchha, Saree |
| 4 | Mutton |
| 5 | Cooking utensils for the inmates |
| 6 | Dining utensils for the inmates |
| 7 | Cots (Single) |
| 8 | Bedding, Pillow, Musquitto Net, Mattress etc. |

Sd./- S. Patel
Chief District Medical and Public Health Officer, Sambalpur



## ODISHA JOINT ENTRANCE EXAMINATION - 2020 [ OJEE - 2020 ]

No: OJEE/155 Date: 08.06.2020

NOTICE REGARDING CORRECTION/ EDIT OPTION FOR CANDIDATES

Facility for correction in the particulars in the Online Application Forms (Form A, B, C, D and E only) will be available on the OJEE website **www.ojee.nic.in** for the candidates from **08/06/2020 to 12/06/2020.** Any candidate who wishes to change/ modify any data entered earlier can do so themselves, provided the candidate has already submitted complete application form, i.e., has completed all the 3 activities, namely, **(a)** submission of form data **(b)** uploading of images and **(c)** payment of fees.

For details, the candidates and their guardians are advised to visit OJEE websites **(www.ojee.nic.in/ www.odishajee.com).**

Sd/-
CHAIRMAN, OJEE, ODISHA



## ପଙ୍ଗପାଳ ଆକ୍ରମଣ ପାଇଁ ଚାଷୀମାନଙ୍କ ନିମନ୍ତେ ସତର୍କ ସୂଚନା

ବର୍ତ୍ତମାନ ପରିସ୍ଥିତିରେ ସମ୍ଭାବ୍ୟ ପଙ୍ଗପାଳ ଫସଲକୁ ଆକ୍ରମଣ କରିବା ଓ ଚାଷୀମାନେ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ। ଏହାର ମୁକାବିଲା ପାଇଁ ଚାଷୀମାନଙ୍କୁ ତଳ ଲିଖିତ ପ୍ରଦତ୍ତ ସୂଚନା ଦିଆଗଲା।

ପ୍ରଥମେ ପଙ୍ଗପାଳ ଓ ଝିଣ୍ଟିକା ମଧ୍ୟରେ ପାର୍ଥକ୍ୟ ଜାଣିବା ନିତାନ୍ତ ଆବଶ୍ୟକ:

୧. ପଙ୍ଗପାଳ ସର୍ବଦା ଦଳଗତ ଭାବେ ଉଡ଼ି ଉଡ଼ି ଆସନ୍ତି। କିନ୍ତୁ ଝିଣ୍ଟିକା ଦଳରେ ଆସନ୍ତି ନାହିଁ କିମ୍ବା ଉଡ଼ି ପାରନ୍ତି ନାହିଁ। ଏହା କେବଳ ଅଳ୍ପ ଦୂର ଡେଇଁ ଯାଇପାରନ୍ତି।
୨. ପଙ୍ଗପାଳର ଝିଣ୍ଟିକା ତୁଳନାରେ ଡେଣାଗୁଡ଼ିକ ଲମ୍ବା ଏବଂ ବଡ଼।
୩. ଯେଉଁ ପଙ୍ଗପାଳ ଆସୁଛନ୍ତି ସେମାନେ ଦେଖିବାକୁ ଈଷତ୍ ଗୋଲାପୀ ରଙ୍ଗର, କିନ୍ତୁ ଝିଣ୍ଟିକାମାନେ ସାଧାରଣଙ୍କ ଫିକା ସବୁଜ କିମ୍ବା ଧୂସର ରଙ୍ଗର ଅଟନ୍ତି।
୪. ପଙ୍ଗପାଳମାନେ ସୂର୍ଯ୍ୟ ଅସ୍ତ ହେବା ପରେ ଦଳଗତ ଭାବେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ (ଫସଲ/ଗଛଲତା) ସୂର୍ଯ୍ୟ ଉଦୟ ହେବା ପର୍ଯ୍ୟନ୍ତ ବସି ରହନ୍ତି।
୫. ପଙ୍ଗପାଳ ଆକ୍ରମଣ କରିବା ପୂର୍ବରୁ ପ୍ରତିଷେଧକ ହିସାବରେ ନିମ୍ବ ଆଧାରିତ କୀଟ ବିଷକୁ (୩୦୦ ପିପିଏମ୍) ଏକର ପ୍ରତି ଏକ ଲିଟର ହିସାବରେ ୨୦୦ ଲିଟର ପାଣିରେ ମିଶାଇ ଉପରବେଳା ଫସଲରେ ସିଞ୍ଚନ କରାଯାଇପାରିବ।
୬. ଆକ୍ରମଣ ଆରମ୍ଭ ହେବା ମାତ୍ରେ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ରାସାୟନିକ କୀଟନାଶକ ବିଷକୁ ବ୍ୟବହାର କରାଯାଇ ଏହାର ଦମନ କରାଯାଇପାରିବ।

ଏହା ବ୍ୟତୀତ, ଚାଷୀ ଭାଇମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ପଙ୍ଗପାଳ ଜାତୀୟ କୀଟ ଦେଖିଲାମାତ୍ରେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କୁ ତକ୍ଷଣାତ୍ ଜଣାନ୍ତୁ।

ସ୍ୱା./– ଶ୍ରୀ ଦୀନବନ୍ଧୁ ଗାନ୍ଧୀ
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ବରଗଡ଼



## ନିୟନ୍ତ୍ରିତ ବଜାର କମିଟି, ବରଗଡ଼

ବିଶ୍ୱ ମହାମାରୀ କୋଭିଡ୍-୧୯ ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ରବିଋତୁ ୨୦୨୦, ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ଅଧୀନରେ ଥିବା ସମସ୍ତ ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରରେ ନିମ୍ନଲିଖିତ ନିୟମ ପ୍ରତି ବିଶେଷ ଧ୍ୟାନ ଦେଇ ପାଳନ କରିବା ଜରୁରୀ ।

୧. ପ୍ରତ୍ୟେକ ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରରେ ଦିନକୁ ୩୦ ଜଣ ଚାଷୀ ଧାନ ବିକ୍ରି କରିପାରିବେ।
୨. ବିନା ମାସ୍କ ପିନ୍ଧି ବଜାର ପ୍ରାଙ୍ଗଣକୁ ପ୍ରବେଶ ନିଷେଧ।
୩. ସାମାଜିକ ଦୂରତ୍ୱ ବଜାୟ ରଖିବା ନିହାତି ଜରୁରୀ।
୪. ବାରମ୍ବାର ସାନିଟାଇଜର ବା ସାବୁନରେ ହାତ ଧୋଇବା ଜରୁରୀ।
୫. ସମସ୍ତ ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ରରେ ଥିବା ଓଜନ ମାପକ ଯନ୍ତ୍ର, ଧାନ ବର୍ଗୀକରଣ ଯନ୍ତ୍ର, କମ୍ପ୍ୟୁଟର ପ୍ରତି ୩ ଘ. ବ୍ୟବଧାନରେ ଜୀବାଣୁ ମୁକ୍ତ (Sanitized) କରିବା ବାଧ୍ୟତାମୂଳକ ତଥା ଚକ୍ଷୁ ଶବଳକ (IRIS Scanner)କୁ ପ୍ରତି ଥର ବ୍ୟବହାର ପରେ ଜୀବାଣୁ ମୁକ୍ତ (Sanitized) କରିବା ଜରୁରୀ।
୬. ବଜାର ପ୍ରାଙ୍ଗଣ ଓ ଅସ୍ଥାୟୀ ଧାନ କ୍ରୟ କେନ୍ଦ୍ର ପରିସରରେ ଧୂମ୍ରପାନ ଓ ପାନ, ଗୁଟକା ଖାଇ ଛେପ ପକାଇବା ନିଷେଧ।
୭. ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ଦ୍ଧାରିତ ସମୟ ଓ ତାରିଖରେ ହିଁ ଚାଷୀ ଭାଇ ନିଜର ଧାନ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବେ ।
୮. ପ୍ରତ୍ୟେକ ବଜାର ପ୍ରାଙ୍ଗଣ ଓ ଧାନ କ୍ରୟ କେନ୍ଦ୍ର ପରିସରକୁ ଅଲଗା ଅଲଗା ଜୋନ୍‌ରେ ବିଭକ୍ତ କରି ଧାନର ଲୋଡିଂ ଅନ୍‌ଲୋଡିଂ କାର୍ଯ୍ୟ ସମ୍ପାଦନ କରିବେ।
୯. ପ୍ରତ୍ୟେକ ଚାଷୀ ତଥା ଉପଭୋକ୍ତାମାନଙ୍କୁ ଅନୁରୋଧ ଯେ ସେମାନେ ଉପରୋକ୍ତ ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ।
୧୦. ଏହାର ଅବମାନନା ହେଲେ ସମ୍ପୃକ୍ତ ଧାନ କ୍ରୟ କେନ୍ଦ୍ରକୁ ବନ୍ଦ କରିଦିଆଯିବା ସହିତ କର୍ମଚାରୀ ତଥା ଅଧିକାରୀଙ୍କ ଉପରେ ଆଇନ ଅନୁସାରେ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ବିଶ୍ୱ ମହାମାରୀ କରୋନାର ଏହି ଘଡ଼ିସନ୍ଧି ସମୟରେ ଅଞ୍ଚଳର ଜନସାଧାରଣଙ୍କୁ ନିବେଦନ, ସେମାନେ ସତର୍କ ଓ ସୁରକ୍ଷିତ ରହନ୍ତୁ, ସାମାଜିକ ଦୂରତା ବଜାୟ ରଖି ଏହି ମହାମାରୀର ଦୃଢ଼ ମୁକାବିଲା କରି ନିଜକୁ ସୁସ୍ଥ ରଖନ୍ତୁ ଓ କରୋନା ଯୋଦ୍ଧାମାନଙ୍କୁ ସମ୍ମାନ ଦିଅନ୍ତୁ।

ସଚେତନ ହୋଇ ସୁରକ୍ଷିତ ରୁହନ୍ତୁ ସୁସ୍ଥ ରୁହନ୍ତୁ।

ସ୍ୱା./- ଶ୍ରୀ ଦୁର୍ଗା ପ୍ରସାଦ ଛୁରିଆ
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ବରଗଡ଼

ସ୍ୱା./- ଶ୍ରୀ ମିର୍ଧା ଟପ୍ପୋ, ଓପ୍ରସେ(S),
ଅତିରିକ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ବରଗଡ଼

# ଡିଜିଟାଲ ପ୍ରଚାର

କୋଭିଡ୍-୧୯ ସଂକ୍ରମଣ ଯୋଗୁ ଗତ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଭାରତ ସମେତ ବିଶ୍ୱବ୍ୟାପୀ ସାଧାରଣ ଚଳପ୍ରଚଳ ଅଚଳ ହୋଇପଡ଼ିଛି। ସାମାଜିକ ଦୂରତା ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଲୋକଙ୍କ ଭିତରେ ଶାରୀରିକ ଦୂରତା ବଢ଼ିଚାଲିଛି। ଫଳରେ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କର ସେତୁ ଅନ୍‌ଲାଇନ୍ ମାଧ୍ୟମ ଭାବେ ଉଭା ହୋଇଛି। ନିର୍ବାଚନ ସଭା ହେଉ ବା କୌଣସି ସାମାଜିକ କାର୍ଯ୍ୟକ୍ରମରେ ପୂର୍ବରୁ ଯେଭଳି ଭିଡ଼ ଦେଖିବାକୁ ମିଳୁଥିଲା ସେଥିରେ ଯଥେଷ୍ଟ ପରିବର୍ତ୍ତନ ହେବାର ଆଭାସ ମିଳିଲାଣି। ଆସନ୍ତା ଅକ୍ଟୋବରରେ ବିହାର ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ସେଥିପାଇଁ ରାଜନୈତିକ ଦଳଗୁଡ଼ିକ କସରତ ଆରମ୍ଭ କଲେଣି। ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅମିତ ଶାହା ୭ ଜୁନ୍‌ରେ ଭର୍ଚୁଆଲ ର୍‍ୟାଲି ମାଧ୍ୟମରେ ମୋଦି ସରକାରଙ୍କ ୨.୦ର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ସଫଳତାର ରିପୋର୍ଟ କାର୍ଡ ଉପସ୍ଥାପନା କରିବା ସହ ବିହାରରେ ନିର୍ବାଚନ ବିଗୁଲ ବଜାଇଛନ୍ତି। ସେହିପରି କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଭିଡିଓ କନଫରେନ୍ସ ମାଧ୍ୟମରେ ସେମାନଙ୍କ କର୍ମୀମାନଙ୍କ ସହ ଯୋଗାଯୋଗରେ ରହୁଛନ୍ତି। ଏପରି କି ଲକ୍‌ଡାଉନ୍ ହେଉ ବା ଶଟ୍‌ଡାଉନ ସଂକ୍ରାନ୍ତ ନିଷ୍ପତ୍ତି ଲାଗି ପ୍ରଧାନମନ୍ତ୍ରୀ ଯେତେବେଳେ ଘୋଷଣା କରିବାକୁ ଚାହୁଁଛନ୍ତି, ତା' ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରୁଛନ୍ତି। କୋଭିଡ୍-୧୯ ବିଷୟରେ ଯେଭଳି ରିପୋର୍ଟ ଦିନକୁ ଦିନ ଆସିବାରେ ଲାଗିଛି ଓ ଏହି ସଂକ୍ରମଣ ଆଗାମୀ କିଛି ବର୍ଷ ପାଇଁ ବଳବତ୍ତର ରହିବ ବୋଲି ସୂଚନା ମିଳୁଛି, ସେଥିରୁ ଅନୁମାନ କରାଯାଇପାରେ ଯେ ସାମାଜିକ ଦୂରତାର ଧାରା ଢେର ବର୍ଷ ଲାଗି ରହିବ। ଏହି ପରିପ୍ରେକ୍ଷୀରେ ଜନବହୁଳ ଭାରତବର୍ଷକୁ ଦେଖିଲେ ଯେଭଳି ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି ସାଧାରଣ କାର୍ଯ୍ୟକଳାପ ଆଗକୁ ଯଥେଷ୍ଟ କମିଯିବ। ଉଲ୍ଲେଖଯୋଗ୍ୟ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଲେଣି ଯଦି ଠିକ୍ ଭାବେ ଟେଷ୍ଟିଂ କରାଯାଏ, ତାହା ହେଲେ ଭାରତ ଓ ଚାଇନାରେ ଆମେରିକାଠାରୁ ଆକ୍ରାନ୍ତଙ୍କ ସଂଖ୍ୟା ବହୁ ଅଧିକ ରହିବ।

ଏହି ପରିପ୍ରେକ୍ଷୀରେ ଭାରତରେ ଆଗାମୀ ଦିନର ନିର୍ବାଚନ ଦୃଶ୍ୟପଟ କିଭଳି ରହିବ ତା' ଉପରେ ଦୃଷ୍ଟି ପକାଯାଇପାରେ। ପାର୍ଲାମେଣ୍ଟ ନିର୍ବାଚନ ପରେ ରାଜ୍ୟଗୁଡ଼ିକର ବିଧାନସଭା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଥାଏ। ନେତାମାନେ ବହୁ ଥାଟବାଟରେ ଯାଇ ନିର୍ବାଚନ ପ୍ରଚାର କରିଥାଆନ୍ତି। ଶହ ଶହ ଗାଡ଼ିମୋଟର ସେମାନଙ୍କ ପଛରେ ଛୁଟେ। ସଭା କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରାଯିବା ଲାଗି ଡାକବାଜି ଯନ୍ତ୍ରରେ ପ୍ରଚାର କରାଯିବାଠାରୁ ଆରମ୍ଭ କରି ଲୋକ ଯୋଗାଡ଼ ଯାଏ ନେତାଙ୍କ ସମର୍ଥକମାନେ ଲାଗି ପଡ଼ିଥାଆନ୍ତି। କୋଭିଡ୍-୧୯ ସଂକ୍ରମଣଜନିତ କାରଣରୁ ଆଗକୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଲା ଭଳି ମନେହେଉ ନାହିଁ। କିଛିମାସ ପରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନ ଏକ ଟେଷ୍ଟିଂ ଗ୍ରାଉଣ୍ଡ ବା ପରୀକ୍ଷଣ ପଡ଼ିଆ ପାଲଟିବ। ଫଳରେ ନିର୍ବାଚନ କମିଶନ ଭିନ୍ନ ଭିନ୍ନ ରାଜନୈତିକ ଦଳ ସହ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାର ବିଚାରବିମର୍ଶ ଉପରେ ଆଲୋକପାତ କରିବାକୁ ବାଧ୍ୟ ହେବେ। ବର୍ତ୍ତମାନର ପରିସ୍ଥିତିକୁ ଦେଖି ନିର୍ବାଚନ ଦୀର୍ଘଦିନ ପର୍ଯ୍ୟନ୍ତ ଗଡ଼ାଇ ଦିଆଯାଇପାରିବ ନାହିଁ। ତେଣୁ ନିର୍ବାଚନ ପ୍ରଚାର ପଦ୍ଧତିରେ ଅନେକ ସଂସ୍କାର ଦେଖାଦେଇପାରେ।

ନିର୍ବାଚନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିଲେ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରଭାବିତ କରିବ। ପଞ୍ଚାୟତ ସ୍ତରରୁ ଆରମ୍ଭ କରି ପାର୍ଲାମେଣ୍ଟ ଯାଏ ସବୁଥିରେ ଭିନ୍ନତା ପରିଲକ୍ଷିତ ହୋଇପାରିବ। ଅବଶ୍ୟ ଏଭଳି ସଂସ୍କାର କେତେ ଦିନ ବଳବତ୍ତର ରହିବ ତାହା ଆକଳନ କରିବା କଷ୍ଟକର। ତଥାପି ଏବର ସ୍ଥିତି ଦେଖିଲେ ଲୋକମାନେ ପରସ୍ପରର ନିକଟତର ନ ହେବାକୁ ବାଧ୍ୟ ହେବେ। ସମ୍ଭବତଃ ଭାରତୀୟ ରାଜନୈତିକ ଇତିହାସରେ ଏଭଳି ଦେଖାଯାଇ ନ ଥିଲା। ଯଦି ଭାରତୀୟ ରାଜନେତାଙ୍କ ଚରିତ୍ରକୁ ଦେଖିବା ତାହା ହେଲେ ନିର୍ବାଚନ ସମୟରେ ନିଜର ଶକ୍ତି ଓ ସାମର୍ଥ୍ୟ ପ୍ରଦର୍ଶନରେ ଅନେକ ରାଜନୈତିକ ବ୍ୟକ୍ତି ଅପାର ଆନନ୍ଦ ପାଇଥାଆନ୍ତି। ଫଳରେ ଜଣେ ଯୋଗ୍ୟ ବ୍ୟକ୍ତି ହୋଇଥିଲେ ମଧ୍ୟ ଯଦି ସେ ବିରାଟବଡ଼ ଭିଡ଼ ସୃଷ୍ଟି କରିବାରେ ଅସଫଳ ହୁଅନ୍ତି, ତାହା ହେଲେ ନିର୍ବାଚନରେ ପରାସ୍ତ ହେବାର ଆଶଙ୍କା ରହିଛି। ନିର୍ବାଚନ ପ୍ରସ୍ତୁତିରେ ପ୍ରତିଦ୍ୱନ୍ଦ୍ୱୀମାନେ ବିରାଟକାୟ ପଟୁଆର ଧାରଣ କରିବାକୁ ଯେଭଳି ପ୍ରମୁଖ ଉପାଦାନ ଭାବେ ଧରିନେଇଥିବା ଲକ୍ଷ୍ୟ କରାଯାଇଥାଏ। ଅନ୍ୟ ଏକ ଦିଗକୁ ଦେଖିଲେ ନିର୍ବାଚନ କମିଶନ ପ୍ରତ୍ୟେକ ପ୍ରାର୍ଥୀ କେତେ ଅର୍ଥ ବ୍ୟୟ କରିପାରିବେ ଓ ପ୍ରସ୍ତୁତି କିଭଳି ଧରଣର ହେବ, ସେଥିଲାଗି ନିୟମ ସ୍ଥିର କରିଥାଅନ୍ତି। ଏହା ସତ୍ୟ ଯେ କୌଣସି ପ୍ରାର୍ଥୀ ଠିକ୍ ତଥ୍ୟ ଦେଇ ନ ଥାଆନ୍ତି। ଅର୍ଥାତ୍ ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ମାନଦଣ୍ଡଠାରୁ ପ୍ରାର୍ଥୀମାନେ କାହିଁ କେତେ ଅଧିକ ଖର୍ଚ୍ଚ କରୁଥିବା ଦେଖାଯାଏ।

ଯଦି ବାସ୍ତବରେ କୋଭିଡ-୧୯ ଜନସାଧାରଣଙ୍କୁ ଦୂରତା ବଜାୟ ରଖିବାକୁ ଯାଇ ଲୋକଭିଡ଼ଠାରୁ ଅଲଗା କରିବାରେ ସମର୍ଥ ହୁଏ, ତେବେ ଭାରତୀୟ ଗଣତନ୍ତ୍ରରେ ବଡ଼ ପରିବର୍ତ୍ତନ ଆସିପାରିବ। ଏହାଦ୍ୱାରା ନିର୍ବାଚନ ପ୍ରଚାରରେ ହେଉଥିବା ବ୍ୟାପକ ଅର୍ଥନିବେଶକୁ କେବଳ ଯେ ରୋକାଯାଇପାରିବ ତାହା ନୁହେଁ, ଅର୍ଥର ଭୂମିକା ମଧ୍ୟ ନଗଣ୍ୟ ହୋଇଯାଇପାରେ। ସେଭଳି ସ୍ଥଳେ ଭାରତୀୟ ରାଜନେତା ଜନସାଧାରଣଙ୍କୁ ଲୋଭ ଓ ମାଗଣା ପଦାର୍ଥ ଦେବାର ଆକର୍ଷଣରୁ ଦୂରେଇ ଯାଇ ଅଧିକ ନୀତି ଓ ଯୋଜନା ବା କାର୍ଯ୍ୟକ୍ରମ ବିଷୟରେ କହିବାକୁ ବାଧ୍ୟ ହେବେ। ଏଭଳି ପରିବର୍ତ୍ତନ ମନ୍ଥର ଗତିରେ ହୋଇପାରେ, କିନ୍ତୁ ଦେଶର ନାଗରିକଙ୍କ ପାଇଁ ଏକ ସୁସମୟ ଆସିପାରେ। ଏହି ପରିସ୍ଥିତି ଯଦି ଦୀର୍ଘମିଆଦୀ ହେବ, ତାହା ନିଶ୍ଚିତ ଭାବେ ଭାରତ ପାଇଁ ଏକ ଶୁଭ ସଙ୍କେତ ଆଣିଦେବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | | 6 | | | B | 7 | | | 5 | A | |
| D | | | | | 7 | | | | | 8 | | | | |
| | | | | B | | 9 | 2 | 1 | 6 | | | | 7 | 3 |
| | E | | | | | | | 8 | 2 | | | B | | |
| | 9 | | | 4 | E | | | | | | | D | 8 | 1 |
| | | | | D | | 7 | 9 | C | 4 | 1 | | | | |
| C | | 8 | 1 | | | B | 0 | | | | 7 | 9 | D | |
| A | 6 | | 8 | | | 5 | | | 9 | 3 | | E | 0 | |
| | | | 6 | | | | | | A | | D | | | |
| | | | | | | | 6 | | | 5 | | 2 | | A |
| | | | | 1 | 8 | | | | | 7 | | 0 | E | D |
| 1 | | 7 | | | 4 | | | 2 | | | 8 | 3 | | |
| | | | 2 | | | | | | | 0 | | | | |
| | | | | 9 | 0 | 8 | B | | D | | 3 | | | |
| 6 | | D | | | | 4 | A | E | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | 8 | A | C | 6 | B | 1 | 4 | 0 | D | 5 | 3 | 9 | E |
| 9 | E | B | 1 | D | 7 | 2 | 5 | 0 | 3 | 4 | 8 | C | A | 6 |
| A | 0 | D | 2 | 4 | 9 | 6 | 8 | 3 | C | E | 1 | 5 | B | 7 |
| 5 | C | 4 | 3 | 0 | B | E | D | 9 | A | 7 | 6 | 1 | 2 | 8 |
| 3 | 6 | 1 | 5 | E | 8 | 7 | C | A | B | 2 | 9 | D | 0 | 4 |
| C | 8 | A | 4 | 6 | D | 1 | 3 | E | 9 | 0 | B | 7 | 5 | 2 |
| E | 3 | 6 | 7 | 9 | C | D | 0 | 5 | 1 | 8 | 2 | A | 4 | B |
| 7 | 1 | 5 | 0 | 3 | E | 8 | 2 | B | 4 | A | D | 6 | C | 9 |
| 0 | D | 9 | B | 5 | 2 | A | 4 | 7 | 6 | C | 3 | E | 8 | 1 |
| 4 | B | 2 | 8 | A | 1 | C | 9 | 6 | E | 5 | 7 | 0 | D | 3 |
| B | 9 | 7 | D | 1 | 3 | 4 | A | C | 8 | 6 | 0 | 2 | E | 5 |
| 8 | 5 | C | 9 | 7 | 0 | 3 | E | 1 | 2 | B | A | 4 | 6 | D |
| 1 | A | E | 6 | 8 | 4 | 5 | 7 | 2 | D | 9 | C | B | 3 | 0 |
| D | 2 | 3 | E | B | A | 0 | 6 | 8 | 5 | 1 | 4 | 9 | 7 | C |
| 6 | 4 | 0 | C | 2 | 5 | 9 | B | D | 7 | 3 | E | 8 | 1 | A |

ଗତକାଲିର ଉତ୍ତର

# ମହାମାରୀ ଆଣିଲା କୃଷି ବିପଣନ ସଂସ୍କାର



ଶକ୍ତି ପ୍ରସାଦ ଦାସ

ବିଶ୍ୱ ଅର୍ଥନୀତିକୁ ପଙ୍ଗୁ କରି ପକାଇଥିବା କୋଭିଡ୍-୧୯ ମହାମାରୀ ଭାରତର ସୁପ୍ତ ରାଜନୈତିକ ଇଚ୍ଛାଶକ୍ତିକୁ ଜାଗ୍ରତ କରିଛି। ମହାମାରୀର ସଙ୍କଟକୁ ସୁଯୋଗରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଆହ୍ୱାନ ଦେଇ ବହୁ ପ୍ରତୀକ୍ଷିତ କୃଷି ବିପଣନ ସଂସ୍କାର ଆଣିଛନ୍ତି। ଏକ ମୂଲ୍ୟ ଶୃଙ୍ଖଳ ଗଠନ କରି କୃଷକମାନଙ୍କ ପାଇଁ ଦୀର୍ଘକାଳୀନ ଭିତ୍ତିରେ ଅଧିକ ଲାଭ ସୁନିଶ୍ଚିତ କରିବାରେ ଏହି ସଂସ୍କାର ସହାୟକ ହେବ ବୋଲି ଆଶା କରାଯାଏ।

୧୯୫୦-୫୧ରେ ଦେଶର ଖାଦ୍ୟ ଉତ୍ପାଦନ ମାତ୍ର ୫୧ ନିୟୁତ ଟନରୁ ୨୦୧୪-୧୫ରେ ପ୍ରାୟ ୨୫୨ ନିୟୁତ ଟନକୁ ବୃଦ୍ଧି ପାଇଛି। ହେଲେ, ଚାଷୀଙ୍କ ଆୟରେ ସେପରି ବୃଦ୍ଧି ଘଟିନାହିଁ। ସମ୍ପ୍ରତି କୋଭିଡ୍-୧୯ ପରିପ୍ରେକ୍ଷୀରେ, ସବୁଜ ବିପ୍ଳବର ବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ୍ କହନ୍ତି କି ରୋଜଗାର ପ୍ରଦାନ ମାଧ୍ୟମରେ କୃଷି ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରେ। ଭଲ ବଜାର ଉପଲବ୍ଧ ନ ହେଲେ କେବଳ ଅଧିକ ଉତ୍ପାଦନ କୃଷକମାନଙ୍କୁ ଅଧିକ ଆୟ ଦେଇପାରିବ ନାହିଁ। ଯଦି ବଜାରଗୁଡ଼ିକ ନିରନ୍ତର ହୋଇଥାନ୍ତା, ଗୋଟିଏ ଅଞ୍ଚଳର ବଳକା ଉତ୍ପାଦ ନିଅଣ୍ଟିଆ ଅଞ୍ଚଳକୁ ଯାଇପାରନ୍ତା, ତା'ହେଲେ ସମସ୍ୟା ରହନ୍ତା ନାହିଁ। ବର୍ତ୍ତମାନ, ଉତ୍ପାଦନଗତ ପ୍ରଯୁକ୍ତିବିଦ୍ୟା ଉନ୍ନତ ଥିବାବେଳେ ଅମଳ ପରବର୍ତ୍ତୀ ସଂରକ୍ଷଣ, ପ୍ରକ୍ରିୟାକରଣ ଆଦି ପ୍ରଯୁକ୍ତିବିଦ୍ୟା ତଥା ଭିତ୍ତିଭୂମି ପର୍ଯ୍ୟାପ୍ତ ନୁହେଁ।

କୃଷକଙ୍କ ଆୟ ଦ୍ୱିଗୁଣ କରିବା ପାଇଁ ଗଠିତ 'ଦଲୱାଇ କମିଟି' ସୂଚିତ କରିଛି ଯେ, ଗ୍ରାହକଙ୍କ କ୍ରୟ-ମୂଲ୍ୟରେ କୃଷକଙ୍କ ଭାଗ ୧୫ରୁ ୪୦ ପ୍ରତିଶତ ମଧ୍ୟରେ ରହିଥାଏ। ମଧ୍ୟସ୍ଥ ଖୁଚୁରା ଓ ପାଇକାରୀ ବେପାରୀମାନେ ଏଥିରୁ ସିଂହଭାଗ ଉଠାଇ ନିଅନ୍ତି। ସଂରକ୍ଷଣ ସୁବିଧାର ଅଭାବ, ଦୁର୍ବଳ ପରିବହନ ବ୍ୟବସ୍ଥା ଓ ଖରାପ ରାସ୍ତା ଯୋଗୁ ଭାରତରେ ବାର୍ଷିକ ପ୍ରାୟ ୪୦ ପ୍ରତିଶତ ଫଳ ଓ ପନିପରିବା ଗ୍ରାହକ ନିକଟରେ ପହଞ୍ଚିବା ପୂର୍ବରୁ ନଷ୍ଟ ହୋଇଯାଉଛି। କେବଳ ସରକାର ପାଣ୍ଠି ଓ ପ୍ରଯୁକ୍ତିବିଦ୍ୟା ଯୋଗାଇଦେଇ କୃଷି ବିପଣନ କ୍ଷେତ୍ରକୁ ନବୀକରଣ କରିପାରିବେ ନାହିଁ। ଏଥିପାଇଁ ଘରୋଇ ନିବେଶକୁ ଉତ୍ସାହିତ କରିବାର ଅଛି।

ସରକାର ୧୯୫୫ର ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ (ଇସିଏ)ରେ ସଂଶୋଧନ କରିବା ସହିତ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦକୁ ଏପିଏମ୍‌ସି ମଣ୍ଡି ବାହାରେ ବିକ୍ରି କରିବାକୁ ଅନୁମତି ଦେବା ପାଇଁ ଏକ କେନ୍ଦ୍ରୀୟ ଆଇନ ଆଣିବାକୁ ଘୋଷଣା କରିଛନ୍ତି। ପ୍ରତିବନ୍ଧକମୁକ୍ତ ଆନ୍ତଃରାଜ୍ୟ ବାଣିଜ୍ୟ ପାଇଁ ଏକ ଆଇନଗତ ଢାଞ୍ଚା ସୃଷ୍ଟି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। 'ଚୁକ୍ତିଭିତ୍ତିକ ଚାଷ' ଅଧୀନରେ ଫସଲ ଆରମ୍ଭ ପୂର୍ବରୁ କ୍ରେତା ଚାଷୀଙ୍କୁ ନିର୍ଦ୍ଦିଷ୍ଟ ମୂଲ୍ୟ ଓ ପରିମାଣ ନିଶ୍ଚିତ କରିବାର ଏକ ବ୍ୟବସ୍ଥା ଆଣିବାକୁ ମଧ୍ୟ ସରକାର ଘୋଷଣା କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ (ଇସିଏ)ରେ ଶସ୍ୟ, ଡାଲି, ତୈଳବୀଜ, ଖାଇବା ତେଲ, ପିଆଜ ଓ ଆଳୁକୁ ସରକାରୀ ନିୟନ୍ତ୍ରଣମୁକ୍ତ କରାଯାଇଛି। ଆଜି ଭାରତ ବିଶ୍ୱର ସର୍ବବୃହତ୍ ଚାଉଳ ରପ୍ତାନିକାରୀ ଓ ଚାଇନା ପରେ ଉଭୟ ଗହମ ଓ ଚାଉଳର ଦ୍ୱିତୀୟ ବୃହତ୍ତମ ଉତ୍ପାଦନକାରୀ ରାଷ୍ଟ୍ର। ବର୍ତ୍ତମାନ ଆମର ଗୋଦାମସବୁ ଭରପୂର ରହୁଥିବାବେଳେ ଘରୋଇ ବ୍ୟବସାୟୀ, ପ୍ରକ୍ରିୟାକାରୀ ଓ ରପ୍ତାନିକାରୀଙ୍କୁ ଇସିଏ କୃଷିଜାତ ଦ୍ରବ୍ୟ ମହଜୁଦ ରଖିବାରେ ଅଯଥା ପ୍ରତିବନ୍ଧକ ସୃଷ୍ଟି କରୁଛି। ଫଳସ୍ୱରୂପ, ଘରୋଇ ନିବେଶକ ଅଧିକ ଗୋଦାମ ନିର୍ମାଣ କରିବାକୁ ନିରୁତ୍ସାହିତ ହେଉଛି ଓ ଦେଶରେ ସଂରକ୍ଷଣ ସୁବିଧାର ଅଭାବ ଅନୁଭୂତ ହେଉଛି।

ଅମଳ ପରେ କୃଷକମାନେ ସେମାନଙ୍କ ଉତ୍ପାଦକୁ ବଜାରକୁ ଆଣିବାବେଳେ, ସେଠାରେ ଉତ୍ପାଦ ଭର୍ତ୍ତିହୋଇ ଥାଏ ଓ ମୂଲ୍ୟ ହ୍ରାସ ପାଇଥାଏ। ଏହା ଚାଷୀଙ୍କୁ କ୍ଷତି ପହଞ୍ଚାଇଥାଏ। ତିରୋଟ ଋତୁରେ ଉପଭୋକ୍ତାଙ୍କ ପାଇଁ ମୂଲ୍ୟ ବଢ଼ିବା ଆରମ୍ଭ କରେ। ସଂରକ୍ଷଣ ସୁବିଧା ଅଭାବରୁ ଉଭୟ ଚାଷୀ ଓ ଉପଭୋକ୍ତା ତିରୋଟ ସମୟରେ କ୍ଷତି ସହନ୍ତି। ଅଧିକନ୍ତୁ, ସଂରକ୍ଷଣ ସୁବିଧା ଅଭାବରୁ ନଷ୍ଟ ହେଉଥିବା କୃଷିଜାତ ଦ୍ରବ୍ୟର ଅପଚୟକୁ ମଧ୍ୟ ରୋକାଯାଇପାରିବ। ଫସଲର ଉତ୍ପାଦନ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ହୁଏ, କିନ୍ତୁ ଏହାର ବ୍ୟବହାର ବର୍ଷସାରା ହୁଏ। ତେଣୁ ସଂରକ୍ଷଣ କରିବାରେ ବିଫଳ ହେଲେ ଅମଳ ପରେ ହଠାତ୍ ମୂଲ୍ୟ ହ୍ରାସ ପାଇବା ସ୍ୱାଭାବିକ।

କୃଷକମାନଙ୍କୁ ଏପିଏମ୍‌ସି ବଜାର ବାହାରେ ବିକ୍ରୟ କରିବାକୁ ଅନୁମତି ଦେବା ପାଇଁ ପ୍ରସ୍ତାବିତ କେନ୍ଦ୍ରୀୟ ଆଇନ କ୍ରେତାଙ୍କ ମଧ୍ୟରେ ଅଧିକ ପ୍ରତିଯୋଗିତା ଆଣିବ। କୃଷକମାନେ ତାଙ୍କର ଉତ୍ପାଦକୁ ଯାହାକୁ ଚାହିଁବେ ଓ ଯେ କୌଣସି ସ୍ଥାନରେ ଚାହିଁବେ, ବିକ୍ରୟ କରିପାରିବେ। ବ୍ୟବସାୟୀ ଓ ପ୍ରୋସେସର୍‌ମାନେ ମଧ୍ୟ ମୁକ୍ତ ଭାବରେ କ୍ରୟ, ସଂରକ୍ଷଣ ଓ ଦେଶ ମଧ୍ୟରେ ଯେ କୌଣସି ପରିମାଣର କୃଷି ଉତ୍ପାଦ ପରିବହନ କରିପାରିବେ। ମଣ୍ଡି-ଫି ଓ କମିଶନ ଏବଂ ରାଜ୍ୟ ସରକାରମାନଙ୍କ ସେସ୍ ଇତ୍ୟାଦି ହ୍ରାସ ପାଇବ।

ବର୍ତ୍ତମାନ ପାଇକାରୀ ଓ ଖୁଚୁରା ବ୍ୟବସାୟୀଙ୍କ ବାବଦରେ ଅତ୍ୟଧିକ ଖର୍ଚ୍ଚ ସହିତ ଏପିଏମ୍‌ସି ବଜାରଗୁଡ଼ିକ ଏକଚାଟିଆ ହୋଇଯାଇଛି। ପ୍ରସ୍ତାବିତ ସଂସ୍କାର କୃଷକମାନଙ୍କୁ ଉଚିତ ମୂଲ୍ୟ ପାଇଁ ଏକାଧିକ ଦ୍ୱାର ଖୋଲା ରଖିବ ଓ ସେମାନଙ୍କୁ ଅଧିକ ଲାଭ ପହଞ୍ଚାଇବାରେ ସାହାଯ୍ୟ କରିବ। ତେଣୁ ସେମାନଙ୍କ ଆୟରେ ଉନ୍ନତି ଆସିବ। ଆନ୍ତଃରାଜ୍ୟ ବାଣିଜ୍ୟରେ ଥିବା ପ୍ରତିବନ୍ଧକକୁ ହଟାଇବା ଓ କୃଷିଜାତ ଦ୍ରବ୍ୟର ଗତିବିଧିକୁ ସୁଗମ କରିବା ଦ୍ୱାରା ଏହି ଆଇନ, ସ୍ଥାନୀୟ ବଜାର ମୂଲ୍ୟକୁ ଆନ୍ତଃରାଜ୍ୟ ସ୍ତରରେ ଏକୀକୃତ କରିପାରିବ। ମୋଟ ଉପରେ କହିବାକୁ ଗଲେ, କୃଷି ଉତ୍ପାଦନ ପାଇଁ ସାରା ଭାରତବର୍ଷ ଗୋଟିଏ ସାଧାରଣ ବଜାର ହୋଇ ରହିଯିବ। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଉ ତାଙ୍କ ରାଜ୍ୟରୁ ଓଡ଼ିଶାକୁ ଆଳୁ ପରିବହନ ବନ୍ଦ କରିପାରିବେ ନାହିଁ।

କୃଷକମାନଙ୍କ ପାଇଁ 'ଫସଲ-ପୂର୍ବବର୍ତ୍ତୀ ଚୁକ୍ତିନାମା' ଜରିଆରେ ଚୁକ୍ତିଭିତ୍ତିକ ଚାଷ ପାଇଁ ସୁବିଧାଜନକ ଆଇନଗତ ଢାଞ୍ଚା ସୃଷ୍ଟି କରିବା ଲାଗି ପ୍ରସ୍ତାବ ଆସିଛି। ଏହା ଚାଷୀ ପାଇଁ ଉତ୍ପାଦର ବିକ୍ରୟ ଦୃଷ୍ଟିରୁ ଉଭୟ ପରିମାଣ ଓ ମୂଲ୍ୟକୁ ନିଶ୍ଚିତ କରିବ। ନିଶ୍ଚିତତାକୁ ଆଧାର କରି ଚାଷୀ ଆଗାମୀ ଫସଲ ଉପରେ ନିଷ୍ପତ୍ତି ନେଇପାରିବ। ସାଧାରଣତଃ, ଆମର କୃଷକମାନେ ଗତବର୍ଷର ଫସଲ ବିକ୍ରି-ମୂଲ୍ୟକୁ ଆଖିରେ ରଖି ଚଳିତ ବର୍ଷର ଚାଷ ଯୋଜନା କରନ୍ତି। ତେଣୁ, ମୂଲ୍ୟ ହ୍ରାସ (କୃଷକମାନଙ୍କ ପାଇଁ) କିମ୍ବା ବୃଦ୍ଧି (କ୍ରେତା ପାଇଁ) ପରିସ୍ଥିତିରେ ଉଭୟ ପକ୍ଷ ପାଇଁ ଏହା ବଜାର ବିପଦକୁ କମ୍ କରିବାରେ ସହାୟକ ହେବ।

ଏହି ପ୍ରସ୍ତାବିତ ସଂସ୍କାରକୁ ଅଧିକ ବାସ୍ତବବାଦୀ କରିବା ପାଇଁ ବିଶିଷ୍ଟ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି ଏକ ଅତିରିକ୍ତ ପ୍ରସ୍ତାବ ରଖିଛନ୍ତି କି, ପ୍ରକ୍ରିୟାକାରୀ, ରପ୍ତାନିକାରୀ ଓ ସଂଗଠିତ ଖୁଚୁରା ବ୍ୟବସାୟୀଙ୍କ ପରି ବଡ଼ କ୍ରେତାମାନେ ବ୍ୟକ୍ତିଗତ ଭାବରେ ଚାଷୀଙ୍କ ନିକଟରେ ପହଞ୍ଚିବା ସମ୍ଭବ ହୋଇ ନ ପାରେ। ସ୍ଥାନୀୟ ଦ୍ରବ୍ୟର ଉପଲବ୍ଧତାକୁ ଆଧାର କରି କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ଜରିଆରେ ସମଗୁଣବତ୍ତାସମ୍ପନ୍ନ ଉତ୍ପାଦ ଓ କମ୍ କାରବାର ଖର୍ଚ୍ଚରେ ଏହି କାର୍ଯ୍ୟ କରାଯାଇପାରେ। ଏହି ବ୍ୟବସ୍ଥା ଏଫ୍‌ପିଓ ଓ ବଡ଼ ବଡ଼ କ୍ରେତାମାନଙ୍କ ମଧ୍ୟରେ ଦର ମୂଲଚାଲ କରିବାର ଶକ୍ତିରେ ଉନ୍ନତି ଆଣିପାରିବ।

ଏତଦ୍‌ବ୍ୟତୀତ, ଚାଷୀ ପାଇଁ ଆଉ ଏକ ପୁରୁଣା ପ୍ରତିବନ୍ଧକ ହେଉଛି ଭାଗଚାଷ। ଆମ ଦେଶରେ ପ୍ରାୟ ୩୦ରୁ ୪୦ ପ୍ରତିଶତ ଚାଷଜମିରେ ଭାଗଚାଷୀଙ୍କ ଦ୍ୱାରା ଚାଷ କରାଯାଇଥାଏ। ଏମାନେ ମାଲିକାନାର ଅଭାବରେ, ବିନା-ବନ୍ଧକରେ ବ୍ୟାଙ୍କ-ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି। ନୂଆ ବ୍ୟବସ୍ଥାରେ କମ୍ପାନୀମାନଙ୍କ ସହିତ 'ଫସଲ-ପୂର୍ବବର୍ତ୍ତୀ ଚୁକ୍ତିନାମା' ପ୍ରକୃତ ଚାଷୀ କରିବାକୁ ସକ୍ଷମ ହେବନାହିଁ। ଭାଗଚାଷ ବ୍ୟବସ୍ଥାର ସମାଧାନ ଜଟିଳ ହେଲେ ମଧ୍ୟ ଏ ବିଷୟରେ ଚିନ୍ତା କରିବାର ବେଳ ଆସିଛି। ନ ହେଲେ, ସିଂହଭାଗ ଚାଷୀ ଏହି କୃଷି ବିପଣନ ସଂସ୍କାରରୁ କୌଣସି ସୁଫଳ ପାଇବେ ନାହିଁ। ଅବଶ୍ୟ, ଓଡ଼ିଶା ପରି କିଛି ରାଜ୍ୟ ଗରିବ ଚାଷୀଙ୍କୁ ଋଣ ନିଶ୍ଚିତ କରିବା ପାଇଁ ନିକଟରେ କେତେକ ଅଭିନବ ଯୋଜନା ଆଣିଛନ୍ତି। ଏସବୁର କାର୍ଯ୍ୟକରିତା ଦେଖିବାକୁ ବାକି ଅଛି। ଏହା ବ୍ୟତୀତ, ଆଉ ଏକ ସମସ୍ୟା ହେଉଛି କ୍ଷୁଦ୍ର ଚାଷ ଜମି। ଏ କ୍ଷେତ୍ରରେ ଜମି ପୁଲିଂ କରି କୃଷକ ଉତ୍ପାଦକ ସଂସ୍ଥା(ଏଫ୍‌ପିଓ) ଜରିଆରେ କୃଷିକୁ ବ୍ୟବସାୟିକ ଭିତ୍ତିରେ କରାଯିବା କଥା ଚିନ୍ତା କରାଯାଇପାରେ।

ଓଡ଼ିଶା ସରକାର ଓଡ଼ିଶା କୃଷି ଉତ୍ପାଦନ ଓ ପଶୁପାଳନ ଚୁକ୍ତି- କୃଷି ଓ ସେବା (ପ୍ରୋତ୍ସାହନ ଓ ସୁବିଧା) ଅଧ୍ୟାଦେଶ-୨୦୨୦ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଜମି, ମୃତ୍ତିକା ପରିଚାଳନା, ମଞ୍ଜି, ବିହନ, ମାଛ ଯାଆଁଳ, ପ୍ରଯୁକ୍ତି ବିଦ୍ୟା, ପଶୁ ଖାଦ୍ୟ ଓ ସେହିଭଳି ଅନ୍ୟାନ୍ୟ ସେବାର ଉତ୍ପାଦନ ଓ ଉତ୍ପାଦକତାରେ ଉନ୍ନତି ଆଣିବା ପାଇଁ ଚୁକ୍ତିଭିତ୍ତିକ କୃଷି କମ୍ପାନୀଗୁଡ଼ିକ ସହିତ କୃଷକମାନଙ୍କୁ ପଞ୍ଜୀକରଣ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ନିୟମରେ ୫୦ ପ୍ରକାରର ଉଦ୍ଭିଦ ଉତ୍ପାଦ ଓ ପାଞ୍ଚଟି ପଶୁ ଉତ୍ପାଦର କ୍ରୟ-ବିକ୍ରୟ ଅନ୍ତର୍ଭୁକ୍ତ। ଏହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ପଦକ୍ଷେପ। କେତେକ କୃଷକ ନେତାଙ୍କ ମତରେ, ପ୍ରଥମ କିଛି ବର୍ଷ ଏହି ପ୍ରସ୍ତାବଗୁଡ଼ିକ ଆକର୍ଷଣୀୟ ହେବ। ଏହାପରେ ବଡ ବଡ କମ୍ପାନୀମାନେ ଛୋଟ ଚାଷୀଙ୍କୁ ଶୋଷଣ କରିବା ଆରମ୍ଭ କରିବେ। ଏହା କିଛି ଅସମ୍ଭବ ନୁହେଁ। ସରକାରଙ୍କୁ ସମୁଦାୟ ବ୍ୟବସ୍ଥା ଉପରେ ଦୃଷ୍ଟି ରଖିବାକୁ ହେବ।

ସରକାର, ଉଦ୍ୟୋଗ ଜଗତ ଓ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରଖି ଉତ୍ପାଦକ ଓ ଉପଭୋକ୍ତା ନିକଟରେ ଉତ୍ପାଦର ଉଚିତ ମୂଲ୍ୟ ପହଞ୍ଚାଇପାରିଲେ ଏହି କୃଷି ବିପଣନ ସଂସ୍କାର, ୧୯୯୧ର ଉଦାରୀକରଣ ଓ ଲାଇସେନ୍ସ ମୁକ୍ତ ପଦକ୍ଷେପ ଦ୍ୱାରା ଶିଳ୍ପ ଓ ସେବା କ୍ଷେତ୍ରରେ କ୍ରାନ୍ତିକାରୀ ପଦକ୍ଷେପ ହୋଇପାରିବ ବୋଲି ଆଶା କରାଯାଏ।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ମୋ:୯୪୩୭୬୭୪୬୧୧
Email: saktiprasadd@yahoo.in

# ଠୁଠପଥର



ସୌମ୍ୟା ପରିଡ଼ା

ଟୁଝିଲୁ ମିନୁ, ତୁ କି ଭାଗ୍ୟ କରିଥିଲୁ ଯେ ଆମ ଘରକୁ ବାହାହେଇ ଆସିଲୁ। ଦେଖୁନୁ ଏ ବଡ଼ଗାଡ଼ି, ବଡ଼ଘର, ସୁଖସୁବିଧା ତତେ କ'ଣ ଆଉ କୋଉଠି ମିଳିଥାଆନ୍ତା ! ଏଠି ତତେ କିଛି କରିବାକୁ ପଡୁନି। ତୋ ଅଫିସ୍ କାମ ସହ ଘର ଛୁଆପିଲା ଯାହା ସମ୍ଭାଳିବା କଥା। ଏମିତି ଭାଗ୍ୟ କାହାର ଥାଏ ? ଗହଣାଗାଣ୍ଠି, ଶାଢ଼ି-ଚୁଡ଼ି କୋଉଥିରେ ତ ଅଭାବ ନାହିଁ। ଖାଲି ଯାହା ମୋ ପୁଅଟା ବଦ୍‌ରାଗୀଟା, କଥା କଥାକେ ଟିକିଏ ତୋ ଉପରେ ହାତ ଉଠେଇଦିଏ। ହେଲେ ଘରର ସ୍ତ୍ରୀଲୋକଙ୍କୁ ତ ସେସବୁ ସହିବାକୁ ପଡ଼ିବ। ଘର ସମ୍ଭାଳିବାକୁ ପଡ଼ିବ। ନ ହେଲେ ଘର ଭାଙ୍ଗିଯିବନି ? କେବେ ତାକୁ ଉତ୍ତର ଦେବୁନି। ଏମିତି ଉପଦେଶ ଅନେକ ଘରେ ବୋହୂମାନଙ୍କୁ ଶୁଣିବାକୁ ପଡ଼େ।

ଅଧିକାଂଶ ସମୟରେ ବାହାଘର ପରେ ପୁଅ ଯାହା କଲା ବୋହୂର ଦୋଷ। ଛୁଆ ହେବାରେ ଟିକିଏ ବିଳମ୍ବ ହେଲେ ବି ତା'ର ଦୋଷ। ଘରେ ବର୍ଷକ ବାରମାସ ଖାଇବା ସୁଆଦିଆ ହେବା ବି ଘରର ମହିଳାଟିର ଦାୟିତ୍ୱ। ତା' ସହ ଛୁଆଙ୍କ ପାଠପଢ଼ା, ଘର ସଫା-ଝାଡ଼ା, ଲୁଗାପଟା ସଫା, ଇସ୍ତ୍ରି କରିବା, ବନ୍ଧୁବାନ୍ଧବ ହାନିଲାଭ ସବୁର ଦାୟିତ୍ୱ ପୁଣି ତା' ଉପରେ। ହେଲେ ସେସବୁ ଭିତରେ ପୁଣି ସେଇ ଗୋଟିଏ ଡାଇଲଗ୍। ଦିନସାରା ଘରେ ବସିବସି କରୁଛ କ'ଣ!

କରୋନା ପାଇଁ ସାରା ବିଶ୍ୱ ଏବେ ଅଲଗା ପରିସ୍ଥିତି ଦେଇ ଗତି କରୁଛି। ହେଲେ ମହିଳାମାନଙ୍କ ପାଇଁ ଯେମିତି କିଛି ବି ବଦଳିନି। ବରଂ ଆହୁରି ଅଧିକ ସେମାନଙ୍କ ପାଇଁ ପରିସ୍ଥିତି ବିପଦପୂର୍ଣ୍ଣ ହୋଇଛି। ଜାତୀୟ ମହିଳା କମିଶନଙ୍କ ଅନୁସାରେ ଏହି ସମୟରେ ଘରୋଇ ହିଂସାର ମାତ୍ରା ଦ୍ୱିଗୁଣିତ ହୋଇଛି। ୮୦ ପ୍ରତିଶତ ଘରୋଇ ହିଂସା, ବଳାତ୍କାର ଓ ଯୌନ ଅତ୍ୟାଚାର ଲୋକଲୋଚନକୁ ଆସି ନ ଥାଏ। ଲୋକଲଜ୍ଜାକୁ ଡରି ସେମାନଙ୍କ ସହ ତାଙ୍କ ଘର ପରିବାର ସଦସ୍ୟ ବି ଚୁପ୍ ରୁହନ୍ତି। ଆଉ ଯେଉଁ କେଇଜଣ ଅଭିଯୋଗ କରନ୍ତି ସେମାନଙ୍କୁ ନ୍ୟାୟ ମିଳିବାକୁ କେବେ କେବେ ବର୍ଷବର୍ଷ ଲାଗିଯାଏ। ଏମିତିକି ଅଭିଯୋଗ କରିଥିବା ଝିଅ, ମହିଳା କି ତାଙ୍କ ପରିବାରକୁ ଆମେ ସବୁ ଭିନ୍ନ ଦୃଷ୍ଟିରେ ଦେଖୁ। ଘରୋଇ ହିଂସା କରିଥିବା ଲୋକଟିକୁ ତ ସମାଜ ସହଜରେ ଗ୍ରହଣ କରିନିଏ। ହେଲେ ମହିଳାଟି ଉପରେ, ଘର ସମ୍ଭାଳି ନ ପାରିବାର ଟ୍ୟାଗ୍‌ଟି ଆଗ ଉଭୟ ପରିବାରର ଲୋକେ ଲଗାଇଦିଅନ୍ତି। ଯେମିତି ସ୍ତ୍ରୀଲୋକଟି ଚୁପ୍ ନ ରହି ମୁହଁ ଖୋଲିବାଟା ହିଁ ମସ୍ତବଡ଼ ଭୁଲ୍। ବାପ ହିସାବରେ ଝିଅଟିଏ ପାଇଁ ଯେକୌଣସି ପୁରୁଷ ବେଶ୍ ସଚେତନ। ହେଲେ ସେଇ ସମାନ ପୁରୁଷ ସ୍ତ୍ରୀଟିଏ ପାଇଁ ସେତିକି ସଚେତନ ନୁହେଁ। ଭଉଣୀ ପାଇଁ ଭାଇଟିଏ ବେଶ୍ ସଚେତନ ହେଲେ ଅନ୍ୟ କାହା ଭଉଣୀଙ୍କୁ ସେତିକି ସମ୍ମାନ ଦେବାଟା ଯେମିତି ତା' ହିସାବରେ ଜରୁରୀ ନୁହେଁ। ମଉକା ମିଳିଲେ ନିଜ ସ୍ତ୍ରୀ ଉପରେ ହାତ ଉଠାଇ ନିଜ ପୁରୁଷପଣିଆ ଜାହିର୍ କରିବା ଲୋକଙ୍କ ସଂଖ୍ୟା ଏଠି କିଛି କମ୍ ନୁହେଁ। ଆଉ ତା'ର ଫାଇଦା ନେଇ ସେମିତି ମହିଳାଙ୍କୁ ଖୋଜିଖୋଜି ଆହା ପଦ ଶୁଣାଇ ନିଜ କାନ୍ଧରେ ସେମାନଙ୍କୁ ଆଉଜେଇ ଫାଇଦା ନେବା ଲୋକଙ୍କ ସଂଖ୍ୟା ବି କମ୍ ନୁହେଁ।

ଅଧିକାଂଶ ମହିଳା ଏଠି ଅଜଣା ଓ ଅଦେଖା ଶିକୁଳିରେ ବନ୍ଧା। ଗାଁରେ ରହୁଥିବା ଆଦିବାସୀ ମହିଳାଟିଏ ବରଂ ଆମ-ତମ ପରି ପାଠୁଆ ମହିଳାମାନଙ୍କଠୁ ଢ଼େର୍ ଅଧିକ ସ୍ୱାଭିମାନୀ ଓ ସଚେତନ ବି। ସେମାନଙ୍କୁ ଅନେକଙ୍କ ଜାଗାରେ ପୁରୁଷ ପରି ସମାନ ଅଧିକାର ଆଉ ସମ୍ମାନ ମିଳେ। ହେଲେ ଆମ-ତମ ପରି ମହିଳା କିଛି ପ୍ରଶ୍ନ କଲେ ତା'ପଛରେ ଅଣ୍ଡିରାଚଣ୍ଡୀର ଟ୍ୟାଗ୍ ଲାଗିବାକୁ କିଛି ଅଧିକା ସମୟ ଲାଗେନି। କେବଳ ପୁରୁଷ ନୁହେଁ ବରଂ ଏମିତି ଟ୍ୟାଗ୍ ବେଶି ମହିଳାଙ୍କ ଉପରେ ମହିଳାମାନେ ହିଁ ଲଗାନ୍ତି। ମହିଳା ଡାକ୍ତର ହୁଅନ୍ତୁ କି ସାମ୍ବାଦିକା, ଓକିଲ ହୁଅନ୍ତୁ କି ସମାଜସେବୀ ବାହାରେ ଅନ୍ୟ ପାଇଁ ଲଢୁଥିବା ଓ ସଚେତନତା ବାଣ୍ଟୁଥିବା ଏଇ ମହିଳାମାନଙ୍କ ଭିତରୁ ଅନେକେ ବି ଘରେ ପ୍ରତିଦିନ ନିଜ ପାଇଁ, ନିଜ ସହ ଅହରହ ଲଢୁଥାଆନ୍ତି। କେବେ ନିଜ ଜାଣତରେ ଆଉ କେବେ ନିଜ ଅଜାଣତରେ। ଯେତେ ଯାହା କଲେ ବି, ଯେତେ ଆତ୍ମନିର୍ଭଶୀଳ ହେଲେ ବି ମହିଳାମାନଙ୍କ ପାଇଁ ଯେମିତି ନିଜ ପରିବାର ଆଉ ସମାଜ ପକ୍ଷରୁ ଗୋଟେ ସୀମାସରହଦ ଆଗରୁ ଲେଖାହୋଇଛି। ବର୍ଷ ପରେ ବର୍ଷ ଗଡ଼ିଚାଲିଛି, ହେଲେ ସେଥିରେ କିଛି ପରିବର୍ତ୍ତନ ହେଉନି। ଫୁଲ, ଫଳ, ପରିବେଶ, ପର୍ବପର୍ବାଣି, ଗହଣାଗାଣ୍ଠି, ଶାଢ଼ିଚୁଡ଼ି ଏସବୁ ବ୍ୟତୀତ ଆଉ କିଛି ଆଲୋଚନା କିମ୍ବା ପ୍ରଶ୍ନ ପଚାରିବାର ଅଧିକାର ଯେମିତି ତା'ର ନାହିଁ। ଯଦି କେବେ ଏହା ବ୍ୟାବୀତ ଅନ୍ୟ କିଛି ପ୍ରଶ୍ନ ପଚାରିଲ ତା'ହେଲେ ସାଙ୍ଗେସାଙ୍ଗେ ଫେମିନିଷ୍ଟ ହେବାର ଟ୍ୟାଗ୍‌ଟା ଆପଣଙ୍କଠି ଲାଗିବା ଥୟ।

ଆମ ଅଜାଣତରେ ଆମେ ଯେମିତି, ସବୁ ମହିଳାଙ୍କ ଉପରେ ଅନେକ ଭାର ଲଦିଦେଇଛେ। 'ଆମେ' ଭିତରେ ବାନ୍ଧିଦେଇ ତା'ଠୁ 'ମୁଁ' କୁ ଛଡ଼ାଇ ନେଇଛେ। ବଡ଼ ଗାଡ଼ି, ଶାଢ଼ୀ, ଚୁଡ଼ି, ସୁନାଗହଣାରେ ତା' ଖୁସି ଅଛି ଭାବି ତା' ଗୋଡ଼ରେ ଶିକୁଳି ପକେଇଦେଇଛେ। ସିଏ ଗାଡ଼ିଆରେ ପଡ଼ିଥିବା ଠୁଠପଥରଟି ପରି ପଡ଼ିରହିଛି। ସବୁ ଝଡ଼ଝଞ୍ଜା ସହି ଦିନକୁ ଦିନ ଚିକ୍କଣ ହେଇଚାଲିଛି। ଠୁଠପଥର ପରି ତା'ର ଅବକ୍ଷୟ ବି ହେଉଛି। ହେଲେ ସମୟ ବଦଳିବ ଯଦି ଆମେ ଚାହିଁବା। ଏବେଠୁ ଆମେ ଚାହିଁଲେ ଆମ ପିଲାଙ୍କୁ ସଚେତନ କରିପାରିବା। ଘରେ ରାନ୍ଧିବା, ପାଣି ଗ୍ଲାସ୍‌ଟେ ନିଜେ ଉଠେଇ ପିଇବା, ନିଜ କାମ ନିଜେ କରିବା- ଏସବୁ ପ୍ରତିଟି ମଣିଷ ପାଇଁ ଜରୁରୀ ବୋଲି ବୁଝାଇପାରିବା। ଏସବୁ କେବଳ ଝିଅକୁ ନୁହେଁ ବରଂ ପୁଅକୁ ବି ଶିଖେଇବା। ଝିଅମାନଙ୍କୁ ଅବଳାଦୁର୍ବଳା ଭାବି ଦୟା ଦେଖେଇବା ଅପେକ୍ଷା ସେମାନଙ୍କୁ ସମ୍ମାନ ଦେବା ଶିଖାଇବା। ତା'ହେଲେ ଯାଇ ବଡ଼ହେଲେ ସେମାନେ ନିଜ ପାଇଁ ଗୋଟେ ସୁସ୍ଥ ସମାଜ ଗଢ଼ିପାରିବେ। ଆଉ ଯେଉଁଠି ଝିଅଟିଏ, ମହିଳାଟିଏ ସମ୍ମାନରେ ମୁଣ୍ଡ ଟେକି ଚାଲିପାରିବ ଆଉ ପରିବାର ଭିତରେ 'ମୁଁ' ହୋଇ ବଞ୍ଚିପାରିବ।

ମୁମ୍ବାଇ, ମୋ-୯୩୩୮୫୬୬୫୮୭

## ଏଇ ଭାରତରେ

ମୁମ୍ବାଇରେ ଯଦି ଲୋକମାନେ ଅଧିକ ପାଣି ପାଉଛନ୍ତି ତେବେ ମହାରାଷ୍ଟ୍ରର କୃଷକମାନେ କାହିଁକି ପାଣି ପାଇବାରୁ ବଞ୍ଚିତ ହେବେ? ଏଭଳି ଏକ ପ୍ରଶ୍ନ ଉଙ୍କି ମାରିଥିଲା ସିଭିଲ ଇଞ୍ଜିନିୟର ଉଲ୍ଲାସ ପରାଞ୍ଜପେଙ୍କ ମନରେ। ପରେ କୃଷକମାନଙ୍କ ଜଳ ସମସ୍ୟା ଦୂର କରିବା ଲାଗି ସେ ଆରମ୍ଭ କରିଥିଲେ ଅଭିଯାନ। ଏବେସୁଦ୍ଧା ରାଜ୍ୟର ମରୁଡ଼ି ପ୍ରପୀଡ଼ିତ ୧୭ଟି ଜିଲାର ୩୫୦ରୁ ଊର୍ଦ୍ଧ୍ୱ କୃଷକଙ୍କ ଜଳ ସମସ୍ୟା ଦୂର କରିପାରିଛନ୍ତି। ସେ ୨୦୦୩ରୁ 'ଜଳବର୍ଦ୍ଧନୀ ପ୍ରତିଷ୍ଠାନ' ମାଧ୍ୟମରେ କୃଷକମାନଙ୍କ ପାଇଁ ବର୍ଷାଜଳ ସଂରକ୍ଷଣ ଟାଙ୍କି ନିର୍ମାଣ କରୁଛନ୍ତି। ପ୍ରଥମେ ରାଇଗଡ଼ ଓ କୋଙ୍କଣ ଜିଲାରୁ ଏହି ଅଭିଯାନ ଆରମ୍ଭ କରି ପରେ ଅନ୍ୟ ଜିଲାକୁ ସମ୍ପ୍ରସାରଣ କରିଛନ୍ତି। ଏହି କାର୍ଯ୍ୟରେ ପରାଞ୍ଜପେଙ୍କୁ ତାଙ୍କ ପରିବାର ବି ସହଯୋଗ କରୁଛି। ସିଭିଲ ଇଞ୍ଜିନିୟର ଭାବେ ଚାକିରି କରିବା ସମୟରେ ସେ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ଆଦିବାସୀ କୃଷକଙ୍କ ଦୁର୍ଦ୍ଦଶା ଦେଖିଥିଲେ। ଏଣୁ ସେ ଆଦିବାସୀମାନଙ୍କୁ ଏହି ପଦ୍ଧତିରେ ବର୍ଷାଜଳ ସଂଗ୍ରହ କରି ଚାଷ କରିବା ଲାଗି ଅଧିକ ଉତ୍ସାହିତ କରୁଛନ୍ତି ବୋଲି କୁହନ୍ତି ୭୨ ବର୍ଷୀୟ ପରାଞ୍ଜପେ। ଆଦିବାସୀ କୃଷକମାନଙ୍କଠାରୁ ପାଣି ଟାଙ୍କି ନିର୍ମାଣ ଲାଗି ଧାର୍ଯ୍ୟ ମୂଲ୍ୟର ଅଧା ନେଉଛନ୍ତି। କେବଳ ମହାରାଷ୍ଟ୍ର ନୁହେଁ କର୍ଣ୍ଣାଟକ, ଗୁଜରାଟ, ମଧ୍ୟପ୍ରଦେଶ, ତେଲଙ୍ଗାନା, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଏହି ସିଷ୍ଟମ୍ ନିର୍ମାଣ କରିବା ଆରମ୍ଭ କରିଛନ୍ତି। କୃଷକମାନଙ୍କୁ ଏ ସମ୍ପର୍କରେ ଅବଗତ କରିବା ପାଇଁ ଏହି ସବୁ ରାଜ୍ୟରେ ୮ଟି ଏନ୍‌ଜିଓ ଓ ୩୩ଟି କଲେଜକୁ ସାମିଲ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜୁନ୍ ୧୯୯୫

- ପାକିସ୍ତାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ୬୦ ଜଣଙ୍କ ପ୍ରାଣହାନି।
- ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ତାଙ୍କର ଭିଟୋ କ୍ଷମତାକୁ ପ୍ରଥମ ଥର ପାଇଁ ପ୍ରୟୋଗ କରି ୧୬.୪ ଶହ କୋଟି ଟଙ୍କାର ଏକ ଖର୍ଚ୍ଚକାଟ ପ୍ୟାକେଜକୁ ପ୍ରତ୍ୟାଖ୍ୟାନ କରିଛନ୍ତି।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବୟୋବୃଦ୍ଧ ପାର୍ଲାମେଣ୍ଟାରିଆନ ପ୍ରଫେସର ଏନ୍.ଜି. ରଙ୍ଗାଙ୍କର ୯୫ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ମାର୍ଟ ଫୋନ୍ ଛାତ୍ର ଜୀବନକୁ କଳୁଷିତ କରୁଛି

ମହାଶୟ,

ଆଜିର ଦୁନିଆରେ ଅଧିକାଂଶ ଲୋକଙ୍କ ପାଖରେ ସ୍ମାର୍ଟ ଫୋନ୍ ରହିଛି। ସ୍ମାର୍ଟ ଫୋନ୍ ଲୋକ ତଥା ଛାତ୍ରୀଛାତ୍ରଙ୍କ ବହୁତ ଉପକାର ଓ ଅପକାର ମଧ୍ୟ କରୁଛି। ପିଲାମାନେ ସ୍ମାର୍ଟ ଫୋନ୍ ପାଇ ଏହାର ଅପବ୍ୟବହାର କରୁଛନ୍ତି। ଅଶ୍ଳୀଳ ଭିଡିଓ ତଥା ଫଟୋ ଦେଖିବା, ଅଶ୍ଳୀଳ କଥା ପଢ଼ିବା, ଗେମ୍ ଖେଳିବା ଇତ୍ୟାଦି। ଖୁବ୍ କମ୍ ଛାତ୍ର ଏ ଦିଗ ପ୍ରତି ସଚେତନ। ମା'ବାପା ପିଲାମାନଙ୍କୁ ସ୍ମାର୍ଟ ଫୋନ୍ ପ୍ରଦାନ କରି ଯଦି ତାହାର ତଦାରଖ ନ କରିବେ ତେବେ ସ୍ମାର୍ଟ ଫୋନ୍ ତଥା ଛାତ୍ରୀଛାତ୍ରଙ୍କର ଅବା କ'ଣ ଭୁଲ୍ ? ପ୍ରତ୍ୟେକ ମା'ବାପା ଏ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ସୌରୀ ମହାରଣା, ଛାତ୍ରୀ, ଆଦିମାତା କଲୋନୀ, ଭୁବନେଶ୍ୱର

### ପ୍ରବାସୀଙ୍କୁ ନିର୍ଦ୍ଦିଷ୍ଟ ସମୟ ଦିଆଯାଉ

ଯେଉଁ ପ୍ରବାସୀ ଓଡ଼ିଆ ଭାଇମାନେ ଓଡ଼ିଶା ଆସିବାକୁ ଚାହାନ୍ତି ତାଙ୍କୁ ରାଜ୍ୟ ସରକାର ୧୫ ଦିନ ସମୟ ଦିଅନ୍ତୁ। ଏହାପରେ ତାଙ୍କ ଆସିବା କଥା ସରକାର ଆଉ ଶୁଣିବେ ନାହିଁ। ଯଦି ଆସିବେ ସେମାନେ ସେହି ରାଜ୍ୟରୁ ନିଜର କରୋନା ଟେଷ୍ଟ କରାଇ ଆସନ୍ତୁ। ତା'ହେଲେ କରୋନା ନିୟନ୍ତ୍ରଣ ହୋଇପାରିବ। ନ ହେଲେ କରୋନା କେବେ ଓଡ଼ିଶା ଛାଡ଼ି ଯିବନାହିଁ।

କୃପାସିନ୍ଧୁ ସିଂ, ସିନିୟର ଆଡ୍‌ଭୋକେଟ, ବାରିପଦା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରୂପସୀ ଖେଳ କିଏ ରୂପର ଖେଳନା
ନୟନେ ଭରି ଦେଇ ରସର ଝରଣା
ଅଧରେ ଗୋଲାପର ମରିଛି କଳିକା
ଦଶନେ ଫୁଟିଉଠେ ପ୍ରଦୋଷ ମଲ୍ଲିକା
ଶୁଭ୍ର ବାସେ ତବ ଜଡ଼ିଛି ବାସନା
ରୂପସୀ ଖେଳ କିଏ ରୂପର ଖେଳନା। (ସୁଦୂର ଗାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୬୫୮ ହାଇସ୍କୁଲକୁ ଅନୁଦାନ

ଭୁବନେଶ୍ୱର,୮।୬(ବ୍ୟୁରୋ): ରାଜ୍ୟ ସରକାର ୪୮ ଏବଂ ୬୧୦ ଅନୁଦାନ ପ୍ରାପ୍ତ ହାଇସ୍କୁଲକୁ ଜୁନରୁ ଅଗଷ୍ଟ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ୧୨୩ କୋଟି ୬୦ ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି। ଏହି ଅର୍ଥ ଶିକ୍ଷକ ଓ କର୍ମଚାରୀମାନଙ୍କ ଦରମା ବାବଦରେ ପ୍ରଦାନ କରାଯିବ। ଏ ନେଇ ସୋମବାର ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗଣ ଶିକ୍ଷା ବିଭାଗର ବିନା ଅନୁମୋଦନରେ କୌଣସି ସଂସ୍ଥାକୁ ଅନୁଦାନ ଅର୍ଥ ନ ଦେବାକୁ କୁହାଯାଇଛି। ଏହାଛଡ଼ା ଅନୁଦାନ ଦେବା ବେଳେ ଆର୍ଥିକ ନିୟମାବଳୀକୁ ଅନୁସରଣ କରିବାକୁ ଡ୍ରଇଂ ଆଣ୍ଡ ଡିସବର୍ସିଂ ଅଫିସର(ଡିଡିଓ) ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଏ.ଜିଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି।

# ସଂକ୍ଷେପରେ

## ୨୮ ଲକ୍ଷର ବ୍ରାଉନସୁଗାର ଜବତ: ଯୁବକ ଗିରଫ

କଟକ ଅଫିସ,୮।୬: ବ୍ରାଉନସୁଗାର ଚାଲାଣ କରୁଥିବା ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ। ଗିରଫ ଯୁବକ ହେଲେ ପଦ୍ମପୁରର କର୍ଣ୍ଣଚନ୍ଦ୍ର ଦାସ (୨୯)। ତାଙ୍କଠାରୁ ୨୭୫ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି, ଯାହାର ମୂଲ୍ୟ ୨୮ ଲକ୍ଷ ଟଙ୍କା ହେବ। ଏନଡିପିଏସ୍ ଧାରା ୨୧(ସି) ଅନୁଯାୟୀ ଗିରଫ କର୍ଣ୍ଣଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଜଗଦୀଶ ଚନ୍ଦ୍ର ସାମଲ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, କର୍ଣ୍ଣଚନ୍ଦ୍ର ଜଣେ ପୁରୁଣା ବ୍ରାଉନସୁଗାର ବେପାରୀ। ସହର ବିଭିନ୍ନ ସ୍ଥାନରେ ସେ ବ୍ରାଉନସୁଗାର ବେପାର କରନ୍ତି। ଖୋର୍ଦ୍ଧାକୁ ମଧ ବ୍ରାଉନସୁଗାର ପଠାଉଥିଲେ। ତାଙ୍କ ଉପରେ ଅବକାରୀ ଗୁଇନ୍ଦା ବିଭାଗର ପୂର୍ବରୁ ନଜର ରହିଥିଲା। ରବିବାର ରାତି ୩ଟା ୩୦ରୁ କର୍ଣ୍ଣଚନ୍ଦ୍ର ବାଲେଶ୍ୱର ଜିଲା ଜଳେଶ୍ୱରରୁ ବ୍ରାଉନସୁଗାର ନେଇ କଟକ ଆସୁଥିଲେ। ଆଇଆଇସି ଜଗଦୀଶଙ୍କ ନେତୃତ୍ୱରେ ଜଗତପୁର ପୀରବଜାର ପେଟ୍ରୋଲପମ୍ପ ନିକଟରେ ବିଭାଗୀୟ ଟିମ୍ ଜଗିରହି କର୍ଣ୍ଣଚନ୍ଦ୍ରଙ୍କୁ କାବୁ କରିଥିଲା। ତାଙ୍କ ଗାଡ଼ି (ଓଡ଼ି-୦୫-ଏପି-୯୪୫୩) ମଧ ଜବତ କରିଛି ଗୁଇନ୍ଦା ବିଭାଗ। ଏହି ଟିମରେ ଏସ୍ଆଇ ପ୍ରଦୀପ ବେହେରା, କିଶୋର ଚନ୍ଦ୍ର ରାଉତ, ଜଗନ୍ନାଥ ନାୟକ, ମମତା ଦାସ, ସଞ୍ଜୀବ ମୁଣ୍ଡା ସାମିଲ ଥିଲେ।

## ୧୦ରୁ ଗାଁ ଆମ୍ବ ପସରା ବ୍ରହ୍ମପୁରରେ ମିଳିବ ୭ ଜିଲାର ବିଭିନ୍ନ କିସମ ଆମ୍ବ

ଛତ୍ରପୁର,୮।୬(ଡି.ଏନ.ଏ.): ବ୍ରହ୍ମପୁରର ବୈକୁଣ୍ଠନଗର ଭେଣ୍ଡିଂ ଜେନ୍‌ରେ ଆସନ୍ତା ୧୦ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଗାଁ ଆମ୍ବ ପସରା ଆୟୋଜନ କରାଯିବ। ଏଠାରେ ୭ ଜିଲା ଯଥା ଅନୁଗୋଳ, ଢେଙ୍କାନାଳ, ମୟୁରଭଞ୍ଜ, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ ଓ ଗଜପତି ଜିଲାରେ ହେଉଥିବା ଆମ୍ରପାଲି, ନିଲମ, ବମ୍ବେଗ୍ରୀନ, ସୁନ୍ଦରୀ, ଦସେରି, ବାଇଗଣପଲି, ହିମସାଗର, ମଲିକା, ଲେଙ୍ଗଡା ଆଦି କିସମର ଆମ୍ବ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମିଳିବ। ଗଞ୍ଜାମ ଜିଲା ପ୍ରଶାସନ ସହଯୋଗରେ ଓଡିଶା ଜିବୀକା ମିଶନ ଓ ଓରମାସ ପକ୍ଷରୁ ମିଳିତ ଭାବେ ଏହା ଆୟୋଜନ କରାଯିବାକୁ ଥିବା ଛତ୍ରପୁରସ୍ଥିତ ଡିଆରଡିଏ କାର୍ଯ୍ୟାଳୟ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି।

## ପୁଅ ଟାଙ୍ଗିଆ ଚୋଟରେ ମା' ମୃତ

ବଇଣ୍ଡା, ୮।୬(ଡି.ଏନ.ଏ.): ମଦ୍ୟପାନ କରି ଘରେ ପାଟିତୁଣ୍ଡ କରୁଥିବାବେଳେ ବିରୋଧ କରିବାରୁ ଟାଙ୍ଗିଆରେ ମା'ଙ୍କୁ ହାଣି ହତ୍ୟା କରିଛି ପୁଅ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଶ୍ରୁବାହାଳ ଗ୍ରାମରେ ସୋମବାର ସନ୍ଧ୍ୟାରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଗ୍ରାମର ଅନନ୍ତ ପଧାନ(୪୨) ନିଶାଦ୍ରବ୍ୟ ପାନ କରି ଘରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ମା' ଯମୁନା ପଧାନ(୭୦) ଗଣ୍ଡଗୋଳ ନ କରିବାକୁ କହିବାରୁ ଏଥିରେ ଅନନ୍ତ ଉତ୍କ୍ଷିପ୍ତ ହୋଇ ଘରେ ଥିବା ଏକ ଟାଙ୍ଗିଆରେ ମା'ଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଯମୁନାଙ୍କ ମୃତ୍ୟୁ ଘଟିଥିଲା। ଖବରଲେଖା ହେବା ବେଳକୁ ଘଟଣାସ୍ଥଳରେ ଆଇଆଇସି ଲବ ବୋତା, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା, ସେକେଣ୍ଡ ଅଫିସର ସରୋଜ ଦାସ ପହଞ୍ଚି ତଦନ୍ତ ଚଳାଇଛନ୍ତି।

# 'ଓଡ଼ିଶାକୁ ଭାଜପାର ଅଭେଦ୍ୟ ଗଡ଼ କର'

ଭୁବନେଶ୍ୱର,୮।୬(ବ୍ୟୁରୋ)



ଭର୍ଚୁଆଲ ରାଲିରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଶପଥପାଠ କରାଉଛନ୍ତି।

**ଭାଜପାର ଭର୍ଚୁଆଲ ରାଲି**
- ମୋଦି ଓଡ଼ିଶାବାସୀଙ୍କ ସହ ଚଟାଣ ଭଳି ଠିଆ ହୋଇଛନ୍ତି: ଶାହା

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାରର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ କରୋନା ମହାମାରୀକୁ ଦୃଷ୍ଟିରେ ରଖି ସାରା ଦେଶରେ ଭର୍ଚୁଆଲ ରାଲି କରାଯାଉଛି। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦିଲ୍ଲୀରୁ ସୋମବାର ଓଡ଼ିଶାବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଶାହା କହିଛନ୍ତି ଯେ, ମୋଦି ସରକାର ଓଡ଼ିଶାର ବିକାଶ ପାଇଁ ସବୁବେଳେ ସମର୍ପିତ। ମୋଦି ଓଡ଼ିଶାବାସୀଙ୍କ ସହିତ ସବୁସମୟରେ ଚଟାଣ ଭଳି ଠିଆ ହୋଇଛନ୍ତି। ଲୋକ ସଭା ନିର୍ବାଚନରେ ଓଡ଼ିଶାବାସୀ ୮ ପ୍ରାର୍ଥୀଙ୍କୁ ବିଜୟୀ କରି ମୋଦିଙ୍କ ହାତମୁଠାକୁ ଟାଣ କରିଛନ୍ତି। ଓଡ଼ିଶାବାସୀ ଦୀର୍ଘ ୨୦ ବର୍ଷ ଧରି ବିରୋଧୀ ଦଳ ଥିବା କଂଗ୍ରେସକୁ ପଛରେ ପକାଇ ଭାଜପାକୁ ରାଜ୍ୟରେ ପ୍ରମୁଖ ବିରୋଧୀ ଦଳର ମାନ୍ୟତା ଦେଇଛନ୍ତି। ୯୧ ଲକ୍ଷରୁ ଅଧିକ ଭୋଟ ଦେଇଛନ୍ତି। ଏଥିଯୋଗୁ ରାଜ୍ୟର ୨ ଜଣ ଓଡ଼ିଆ କ୍ୟାବିନେଟରେ ମନ୍ତ୍ରୀ ହୋଇଛନ୍ତି। ଓଡ଼ିଶା ଲୋକେ ମୋଦି ସରକାର ଉପରେ ଯେଉଁ ଆଶା ରଖିଛନ୍ତି ତାହା ପୂରଣ ହେବ ବୋଲି ଶାହା କହିଛନ୍ତି। ଏହାସହ ଓଡ଼ିଶାକୁ ଭାଜପାର ଅଭେଦ୍ୟ ଗଡ଼ କରିବାକୁ ସେ କର୍ମୀ ଓ ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଶାହା କହିଛନ୍ତି ଯେ, ଓଡ଼ିଶା ପାଇଁ ମୋଦି ସରକାର ଗତ ୬ ବର୍ଷରେ ଯାହା କରିଛନ୍ତି ତାହା କଂଗ୍ରେସ ସରକାର ୭୦ ବର୍ଷରେ କରିପାରି ନ ଥିଲା। ତ୍ରୟୋଦଶ ଅର୍ଥ କମିଶନ ସୁପାରିସ ଅନୁସାରେ କଂଗ୍ରେସ ସରକାର ଓଡ଼ିଶାକୁ ୭୯ ହଜାର କୋଟି ଟଙ୍କା ପ୍ରଦାନ କରିଥିଲେ। ଗତ ୫ ବର୍ଷରେ ମୋଦି ସରକାର ୫ ଲକ୍ଷ ୫୨ ହଜାର ୧୦୯ କୋଟି ପ୍ରଦାନ କରିଛନ୍ତି। ଭାଜପା କ୍ଷମତା ହାତେଇବା ପାଇଁ ରାଜନୀତି କରେ ନାହିଁ। ସଂଗଠନ ମାଧ୍ୟମରେ ଜନ ସମ୍ପର୍କ କରିବା ସହ ଲୋକଙ୍କ ସମସ୍ୟା ବୁଝିବା ଏବଂ ସରକାରୀ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଜଣାଇବାର କାର୍ଯ୍ୟ କରିଥାଏ। ମୋଦି ସରକାର ଦେଶର ଜନତାଙ୍କୁ ସାଙ୍ଗରେ ନେଇ କରୋନା ବିରୋଧରେ ଲଢେଇ କରି ଏହି ମହାମାରୀକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି। ଆଗାମୀ ଦିନରେ ମୋଦିଙ୍କ ପ୍ରୟାସରେ ହୋଇଥିବା ଜନତା କର୍ଫ୍ୟୁ ସ୍ୱର୍ଣ୍ଣିମ ଅକ୍ଷରରେ ଲେଖା ହେବ ବୋଲି ଶାହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଦିଲ୍ଲୀରୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ଅନେକ ପ୍ରଧାନମନ୍ତ୍ରୀ ଦିଲ୍ଲୀ ଦରବାରରେ ଦାୟିତ୍ୱ ନେଇଛନ୍ତି। ମାତ୍ର ମୋଦିଙ୍କ ସରକାର ବିଗତ ୬ ବର୍ଷରେ ଓଡ଼ିଶାର ବିକାଶ ପାଇଁ ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନାରେ ଓଡ଼ିଶା ସବୁଠୁ ବଡ଼ ଲାଭ ପାଇଛି। ଏହି ଭର୍ଚୁଆଲ ରାଲିରେ ରାଜ୍ୟ ସଭାପତି ସମୀର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ସଭାକୁ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ପରିଚାଳନା କରିଥିଲେ। ଆତ୍ମନିର୍ଭର ଅଭିଯାନ ସଙ୍କଳ୍ପକୁ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ପାଠ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଭର୍ଚୁଆଲ ରାଲିରେ ଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଏବଂ ଓଡ଼ିଶା ପ୍ରଭାରୀ ଅରୁଣ ସିଂ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୌଦାନ ସିଂହ, ଭୁବନେଶ୍ୱରରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଉପନେତା ବିଷ୍ଣୁ ସେଠୀ ପ୍ରମୁଖ ଯୋଗଦେଇଥିଲେ।

# ଅଧା ରହିଗଲା ବାହାଘର ପ୍ରସ୍ତୁତି, ଫେରିଲାନି ମୃତଦେହ

- ହରିୟାଣାରେ କରୋନା ଆକ୍ରାନ୍ତ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ
- ଗ୍ରାମରେ ଶୋକର ଛାୟା

ଉଦଳା, ୮।୬(ଡି.ଏନ.ଏ)

କିଣା ସରିଥିଲା ବର ପାଇଁ ବାହା ମୁକୁଟ। ତିଆରି ଚାଲିଥିଲା ଘରକାମ। ଘରକୁ ଫେରିଥିଲେ ବାହାଘର ହୋଇଥାନ୍ତା। ହେଲେ କରୋନା ମହାମାରୀ ସବୁ ସାରିଦେଲା। ଛଡାଇ ନେଲା ନୟନ ପିତୁଳାକୁ। ଅଧା ରହିଗଲା ବାହାଘର ପ୍ରସ୍ତୁତି। ଶେଷ ସମୟରେ ପୁଅ ମୁହଁ ଦେଖିପାରିଲେନି ମା'ବାପା। ହରିୟାଣାକୁ କାମ କରିବାକୁ ଯାଇଥିବା ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଡିହିରାକୁଳ ଗ୍ରାମର ସୁଶାନ୍ତ ସେନାପତିଙ୍କ ଏଭଳି ଦୁଃଖଦ ମୃତ୍ୟୁକୁ ନେଇ କାନ୍ଦବୋବାଳିରେ ଫାଟିପଡୁଛି ଗାଁ ଦାଣ୍ଡ। ଦୁଆରେ ମୁହଁରେ ବସି ଆଖିରୁ ଲୁହ ଗଡ଼ାଉଛନ୍ତି ତାଙ୍କ ବାପା ଗୋପୀନାଥ ଓ ପରିବାର ବର୍ଗ।

ପେଟପାଟଣା ପାଇଁ ସୁଶାନ୍ତ ଦୀର୍ଘ ୧୫ ବର୍ଷ ହେବ ରାଜ୍ୟ ବାହାରେ କାମ କରି ଆସୁଛନ୍ତି। ଗତ ମାର୍ଚ୍ଚରେ ସେ ହରିୟାଣା ଯାଇଥିଲେ। ଲକ୍‌ଡାଉନ ପାଇଁ ଅଖଚକ ବନ୍ଦ ହୋଇଯିବାରୁ ସେ ଆଉ ଘରକୁ ଆସିପାରିଲେନି। କମ୍ପାନୀ ବନ୍ଦ ହେବା ସହ କାମଧନ୍ଦା ମିଳି ନ ଥିଲା। ୮ ଦିନ ତଳେ ତାଙ୍କ ଦେହ ଅସୁସ୍ଥ ହୋଇପଡ଼ିଲା। ଜ୍ୱର ଲାଗି ରହିବାରୁ ସେଠାକାର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ନେଇ ତାଙ୍କ ଘରକୁ ଖବର ଆସିଥିଲା। ପରେ ଗତ ୫ତାରିଖରେ କରୋନାରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସୁଶାନ୍ତଙ୍କ ମୃତଦେହ ଘରକୁ ପଠାଇବେ ବୋଲି ପରିବାର ଲୋକେ ଆଶା ବାନ୍ଧି ବସିଥିଲେ। ହେଲେ କରୋନାରେ ସୁଶାନ୍ତ ଆକ୍ରାନ୍ତ ହୋଇଥିବାରୁ ଆଉ ମୃତଦେହ ଘରକୁ ଆସିପାରିଲା ନାହିଁ। ପୁଅର ବାହାଘର କରିବା ଆଶାରେ ବସିଥିବା ମା'ବାପା ମୃତ୍ୟୁ ଖବର ପାଇ ଆଉ ଧୈର୍ଯ୍ୟ ଧରି ରହିପାରୁନାହାନ୍ତି। ଗ୍ରାମରେ ମଧ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସରକାର ଏହି ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଦୁଃଖରେ ମିୟମାଣ ସୁଶାନ୍ତଙ୍କ ପରିବାର।

# ପ୍ରତିରକ୍ଷା ବିଭାଗର ୨ ଯବାନ କରୋନା ସଂକ୍ରମିତ: ଦିନକ ପାଇଁ ପିଏକ୍ସଇ ବନ୍ଦ

ବାଲେଶ୍ୱର ଅଫିସ, ୮।୬: ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ବିଭାଗ ପିଏକ୍ସଇ(ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିଶମେଣ୍ଟ) ମିଲଟାରୀ ୱିଙ୍ଗ୍‌ସର ୨ ଯବାନ କରୋନାରେ ସଂକ୍ରମିତ ହୋଇଛନ୍ତି। ଏହି ଖବର ଜଣାପଡିବା ପରେ ସୋମବାର ପିଏକ୍ସଇକୁ ବନ୍ଦ କରିଦିଆଯାଇଥିଲା। ଅନ୍ୟପକ୍ଷରେ ଆଇଟିଆର୍, ଏମ୍ଇଏକ୍ସ, ଇଏମ୍‌ୟୁ ଭଳି ଅନ୍ୟ ବିଭାଗଗୁଡ଼ିକ କାର୍ଯ୍ୟକ୍ଷମ ରହିଥିଲା। କିଛିଦିନ ପୂର୍ବରୁ ଦୁଇ ଯବାନ ଅସୁସ୍ଥ ଅନୁଭବ କରିବାରୁ ପ୍ରଥମେ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଚିକିତ୍ସା ପରେ ଯବାନଦ୍ୱୟ ସୁସ୍ଥ ନ ହେବାରୁ ସେମାନଙ୍କୁ କୋଲକାତାସ୍ଥିତ ବିଭାଗୀୟ କମାଣ୍ଡୋ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସ୍ୱାବ ନମୁନା ପରୀକ୍ଷା କରାଯିବା ପରେ ସେମାନେ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଖବରପାଇ ପିଏକ୍ସଇର ବିଭାଗୀୟ ଅଧିକାରୀ ସୋମବାର କାର୍ଯ୍ୟାଳୟ ବନ୍ଦ କରିଛନ୍ତି। କାର୍ଯ୍ୟାଳୟକୁ ସାନିଟାଇଜ୍ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

# ବିକ୍ଷୋଭ ପରେ ଘୁଞ୍ଚିଲା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରୀକ୍ଷା



ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରୀମାନେ ପ୍ରତିବାଦ କରୁଛନ୍ତି।

ଭୁବନେଶ୍ୱର, ୮।୬(ବ୍ୟୁରୋ): ଛାତ୍ରୀଙ୍କ ବିକ୍ଷୋଭ ପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଷଷ୍ଠ ସେମିଷ୍ଟର ପରୀକ୍ଷାକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଛାତ୍ରୀଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ଦାବିକୁ ଦୃଷ୍ଟିରେ ରଖି କୁଳପତିଙ୍କ ଅନୁମୋଦନକ୍ରମେ କର୍ତ୍ତୃପକ୍ଷ ଏପରି ନିଷ୍ପତ୍ତି ନେଇଛନ୍ତି। ଆପାତତଃ ଜୁଲାଇ ଦ୍ୱିତୀୟ ସପ୍ତାହରୁ ଏହି ପରୀକ୍ଷା ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ତେବେ ଏ ସମ୍ପର୍କିତ ସରକାରୀ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯିବ। ପରୀକ୍ଷା କାର୍ଯ୍ୟସୂଚୀ ସଂକ୍ରାନ୍ତରେ ଛାତ୍ରୀମାନଙ୍କୁ ଜଣାଇଦିଆଯିବ। ଛାତ୍ରୀଙ୍କ ସୁବିଧା ଓ ନିରାପତ୍ତାକୁ ବିଶ୍ୱବିଦ୍ୟାଳୟ ପ୍ରାଥମିକତା ଦିଏ ବୋଲି କର୍ତ୍ତୃପକ୍ଷ କହିଛନ୍ତି।

ସୂଚନାଯୋଗ୍ୟ, ଜୁନ୍ ୨୫ରୁ ଜୁଲାଇ ୩ ପର୍ଯ୍ୟନ୍ତ ଥିଓରି ଓ ଜୁଲାଇ ୪ରୁ ୯ ତାରିଖ ପର୍ଯ୍ୟନ୍ତ ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରାକ୍ଟିକାଲ ପରୀକ୍ଷା ହୋଇଥାଆନ୍ତା। କିନ୍ତୁ ଛାତ୍ରୀମାନେ ଏହାର ପ୍ରତିବାଦ କରି ସୋମବାର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ପରୀକ୍ଷା ରାଜ୍ୟର ସମସ୍ତ କଲେଜରେ ଯେଉଁଦିନ ଅନୁଷ୍ଠିତ ହେବ ରମାଦେବୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ସେହିଦିନ ହେବ ବୋଲି କୁଳପତି ପୂର୍ବରୁ କହିଥିଲେ। ଯାହାକୁ ଛାତ୍ରୀମାନେ ବିରୋଧ କରିଥିଲେ।

# ୩ କୋଚିଂ ସେଣ୍ଟର ସିଲ୍ କଲା ପ୍ରଶାସନ

ଆସିକା,୮।୬(ଡି.ଏନ୍.ଏ.): ଗଞ୍ଜାମ ଜିଲା ଆସିକା ଏନ୍ଏସିର ବାଣୀବିହାରଠାରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଚାଲିଥିବା ୩ଟି କୋଚିଂ ସେଣ୍ଟରକୁ ପ୍ରଶାସନ ପକ୍ଷରୁ ସୋମବାର ସିଲ୍ କରାଯାଇଛି। କଟକଣା ସତ୍ତ୍ୱେ ଏସବୁ କୋଚିଂ ସେଣ୍ଟରରେ ଶିକ୍ଷାଦାନ ଚାଲୁଥିବାରୁ ସକାଳେ ପ୍ରଶାସନିକ ଅଧିକାରୀମାନେ ଚଢାଉ କରି ସିଲ୍ କରିଛନ୍ତି। ଆଗକୁ ଏପରି ନିୟମ ଉଲ୍ଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୋଚିଂ ସେଣ୍ଟର ପରିଚାଳକଙ୍କୁ ଚେତାବନୀ ଦିଆଯାଇଛି। ଆସିକା ତହସିଲଦାର ସଦାନନ୍ଦ ସେଠୀ, ପ୍ରଶାନ୍ତ କୁମାର ସାହୁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ପ୍ରମୁଖ ଚଢାଉରେ ସାମିଲ ଥିଲେ।

# ହ୍ରାସ ପାଉଛି ସହରାଞ୍ଚଳ ବେକାରି

ନୂଆଦିଲ୍ଲୀ,୮।୬

**ଗ୍ରାମାଞ୍ଚଳରେ ସ୍ଥିତି ସୁଧୁରିନି**




କୋଭିଡ୍-୧୯ ସଂକ୍ରମଣରୁ ଦେଶବାସୀଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ସରକାର ଲକଡାଉନ ଜାରି କରିଥିଲେ। ଏହି ସଂକ୍ରମଣର ଭୟାବହତା ପାଇଁ ସରକାର ନାନା କଟକଣା ମଧ ଲାଗୁ କଲେ। ଯାହାର ପ୍ରଭାବ ଦେଶର ଅର୍ଥନୀତି ଓ ବାଣିଜ୍ୟ କାରବାର ସହ ନିଯୁକ୍ତି ଉପରେ ପଡିଥିଲା। ଫଳରେ କରୋନା କଟକଣା ଓ ଆର୍ଥିକ ମାନ୍ଦାବସ୍ଥା ପାଇଁ ବିଭିନ୍ନ ସଂସ୍ଥାରୁ ଆରମ୍ଭ ହୋଇଥିଲା ଛଟେଇ ପ୍ରକ୍ରିୟା। ଏହି ସଂକ୍ରମଣ ଜନିତ ବିଭିନ୍ନ କାରଣରୁ ଦେଶରେ ବେକାରି ସମସ୍ୟା ଦେଖା ଦେଇଥିବା ସମ୍ପର୍କରେ ସେଣ୍ଟର ଫର ଦ୍ ମନିଟରିଂ ଅଫ ଇଣ୍ଡିଆନ ଇକୋନମି(ସିଏମ୍ଆଇଇ) ସୂଚନା ଦେଇଛି। ଏହି ସଂସ୍ଥା ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି ଯେ, ଦେଶର ବେକାରି ହାର ୭ଜୁନ ସୁଦ୍ଧା ୧୭.୦୮% ରହିଛି। ସେହିଭଳି ଏହି ହାର ମେ ୩୧ ମଧ୍ୟରେ ୨୫.୧୪% ରହିଥିଲା। ବର୍ତ୍ତମାନ ସମୟରେ ଜାତୀୟ ହାର ଅନୁସାରେ ମେ ୩୧ ସୁଦ୍ଧା ସହରାଞ୍ଚଳରେ ୨୦.୧୯% ବେକାରି ସମସ୍ୟା ରହିଥିବା ବେଳେ ତାହା ଜୁନ ୭ ସୁଦ୍ଧା ୧୭.୫୧%କୁ ଖସି ଆସିଛି।

ସେହିଭଳି ଗ୍ରାମାଞ୍ଚଳରେ ମେ ମାସରେ ୧୭.୯୨% ରହିଥିବା ବେଳେ ଜୁନ ୭ବେଳକୁ ଏହାର ହାର ୧୭.୭୧% ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଲକଡାଉନ କାରଣରୁ ଦେଶରେ ସବୁ କିଛି ବନ୍ଦ ରହିଥିବା ଯୋଗୁ ଏହି ସମସ୍ୟା ସୃଷ୍ଟି ହୋଇଥିବା ପ୍ରାଥମିକ ସର୍ଭେରୁ ଜଣାପଡିଥିବା ସଂସ୍ଥା ମତ ପ୍ରକାଶ କରିଛି। ସେହିଭଳି ମଧ କୁହାଯାଇଛି ଯେ, ଦେଶର ବାଣିଜ୍ୟିକ କାରବାର ସହ କଳକାରଖାନା ଓ ହୋଟେଲ ଶିଳ୍ପ ଗୁଡିକ ଖୋଲିବା ସହ କାରବାର ବୃଦ୍ଧି ପାଇଲେ ଏହି ପରିସ୍ଥିତର ପରିବର୍ତ୍ତନ ଦେଖା ଦେଇପାରେ ବୋଲି ଆଶା କରାଯାଉଛି। ସହରାଞ୍ଚଳରେ ସବୁ ବର୍ଗର କଳକାରଖାନ ସହ ବିଭିନ୍ନ ସଂସ୍ଥା ଖୋଲିବା ପରେ ଏହି ସ୍ଥିତିରେ ସୁଧାର ଆସିବା ନେଇ ରିପୋର୍ଟରେ ଉଲେଖ୍ୟ କରାଯାଇଛି। ସେହିଭଳି ଗ୍ରାମାଞ୍ଚଳରେ କ୍ଷୁଦ୍ର ଶିଳ୍ପ ଓ ମନରେଗା କାର୍ଯ୍ୟ ଶତ ପ୍ରତିଶତ ଆରମ୍ଭ ହୋଇଗଲେ ଏହି ସମସ୍ୟାର ସୁଧାର ଆସିପାରେ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଉବର ଦେବ ମଲ୍ଟି ଆୱାର ମଲ୍ଟି ଷ୍ଟପ ସେବା

ନୂଆଦିଲ୍ଲୀ,୮।୬

ଘରୋଇ ଇ-ଟ୍ରାଭେଲ ସେବା ପ୍ରଦାନକାରୀ କମ୍ପାନୀ ଉବର ପକ୍ଷରୁ ସୋମବାର ଏକ ଭିନ୍ନ ଧରଣର ଯାତ୍ରୀ ସେବା 'ମଲ୍ଟି ଆୱାର ମଲ୍ଟି ଷ୍ଟପ' ସେବା ଦେଶର ପ୍ରମୁଖ ୧୭ଟି ସହରରେ ପ୍ରଦାନ କରାଯିବ। ଏହା ମଧ୍ୟରେ ଭୁବନେଶ୍ୱର, ଦିଲ୍ଲୀ ଏନସିଆର, ବାଙ୍ଗାଲୋର, ହାଇଦ୍ରାବାଦ, କୋଲକତା, ଚେନ୍ନାଇ, ଜୟପୁର, ପୁଣେ, ଅହମ୍ମଦାବାଦ, କୋଏମ୍ବଟୁର, ଲୁଧିଆନା, ଚଣ୍ଡିଗଡ଼, କୋଚି, ଲକ୍ଷ୍ନୌ, ଗୁଆହାଟି, କାନପୁର ଓ ଭୋପାଳ ଆଦି ସହର ରହିଛି। ସେବା ଯୋଗାଇ ଦେବା ବିଷୟରେ କମ୍ପାନୀ ଘୋଷଣା କରିଛି। ଯାତ୍ରୀଙ୍କ ଚାହିଦା ଓ ପ୍ରସ୍ତାବ ଅନୁସାରେ ଉବର ଖୁବଶିଘ୍ର ଚବିଶ ଘଣ୍ଟିଆ ଯାତ୍ରୀ ଭଡ଼ା ସେବା ଯୋଗାଇବ। ସେହିଭଳି କମ୍ପାନୀ ଇଣ୍ଟର ସିଟି ସ୍ୱତନ୍ତ୍ର ସେବା ପ୍ରଦାନ କରିବ।

# ମୁଥୁଟ୍ ଫାଇନାନ୍ସ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ

ଭୁବନେଶ୍ୱର,୮।୬

କରୋନା ସଂକ୍ରମଣ ଜନିତ ସମସ୍ୟାରେ ସନ୍ତୁଳିତ ହେଉଥିବା ସ୍ଥାନୀୟ ଅଞ୍ଚଳର ଗରିବ ଓ ଅସହାୟ ଲୋକମାନଙ୍କୁ ସୋମବାର ମୁଥୁଟ୍ ଫାଇନାନ୍ସ'ର ଅଶୋକ ନଗର ଶାଖା ପକ୍ଷରୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ପ୍ୟାକେଟ ବଣ୍ଟନ କରାଯାଇଛି। ଏହି ଅବସରରେ ଶାଖା ପରିସରରେ ଏକ ଗ୍ରାହକ ସଭା ଅନୁଷ୍ଠିତ ହୋଇଥିଲା। ସଭା ଶେଷରେ ଉପସ୍ଥିତ ଗ୍ରାହକଙ୍କୁ ସମ୍ମାନିତ ମଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶାଖା ପରିଚାଳକ ସରୋଜକାନ୍ତ ସାହୁ ଉଦବୋଧନ ଦେଇ ଗ୍ରାହକମାନଙ୍କର ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଈପ୍‌ସିତା ପ୍ରିୟଦର୍ଶିନୀ, ବିଶାଲ ଆଚାରୀ, ମହେଶ୍ୱର ମାନ୍ଧାତା ଓ ବିମଲ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।












ଶଟ୍‌ଡାଉନ୍ ଯୋଗୁ ରବିବାର କଟକ ଜୋବ୍ରା ଆନିକଟ ଶୁନ୍‌ଶାନ ହୋଇଥିବାବେଳେ ସୋମବାର କଟକଣା ହଟିବା ପରେ ରାସ୍ତାରେ ପ୍ରବଳ ଭିଡ଼ ଓ ଭୁବନେଶ୍ୱରର କଟକରୋଡ୍‌ରେ ଟ୍ରାଫିକ ଜାମ୍।

**ପଶ୍ଚିମବଙ୍ଗ, ମିଜୋରାମରେ ଲକ୍‌ଡାଉନ ବଢ଼ିଲା**

କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ପଶ୍ଚିମବଙ୍ଗ ଓ ମିଜୋରାମ ସରକାର ଲକ୍‌ଡାଉନ ଅବଧିକୁ ବୃଦ୍ଧି କରିଛନ୍ତି। ପଶ୍ଚିମବଙ୍ଗରେ ଜୁନ୍ ୩୦ ଯାଏ ଲକ୍‌ଡାଉନ ବଢ଼ିଲା ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଘୋଷଣା କରିଛନ୍ତି। ସେହିପରି ମିଜୋରାମ ସରକାର ମଙ୍ଗଳବାରଠାରୁ ୨ ସପ୍ତାହ ପାଇଁ ଲକ୍‌ଡାଉନ ବଢ଼ାଇଛନ୍ତି।

# କ୍ବାରାଣ୍ଟାଇନ୍‌ରେ କେଜ୍‌ରିୱାଲ



**ଆଜି ହେବ କରୋନା ଟେଷ୍ଟ**

ନୂଆଦିଲ୍ଲୀ, ୮।୬

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ଆବାହକ ଅରବିନ୍ଦ କେଜ୍‌ରିୱାଲ ଅସୁସ୍ଥ ହୋଇପଡ଼ିବା ପରେ ସବୁ କାର୍ଯ୍ୟକ୍ରମକୁ ବାତିଲ କରାଯାଇ ତାଙ୍କୁ ସେଲ୍ଫ କ୍ବାରାଣ୍ଟାଇନ୍‌ରେ ରଖାଯାଇଛି। ମଙ୍ଗଳବାର ସକାଳ ୯ଟାରେ ତାଙ୍କର କୋଭିଡ୍-୧୯ଟେଷ୍ଟ କରାଯିବ ବୋଲି ଜଣାପଡ଼ିଛି। କେଜ୍‌ରିୱାଲଙ୍କ ତଣ୍ଟି ଦରଜ ହେବା ସହ ଜ୍ବର ଆକ୍ରାନ୍ତ କରିଥିବାରୁ ସେ ଏବେ ଚିକିତ୍ସାରେ ଅଛନ୍ତି। ଶେଷଥର ଲାଗି ସେ ରବିବାର ସନ୍ଧ୍ୟାରେ ମିଡିଆକୁ ଅନ୍‌ଲାଇନ୍ ସମ୍ବୋଧନ କରିଥିଲେ। ଦେହ ଅସୁସ୍ଥ ହେବା ସହ ଜ୍ବର ଲାଗିରହିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କର କରୋନା ପରୀକ୍ଷା କରାଯିବ ବୋଲି ଦଳର ବିଧାୟକ ରାଘବ ଚଢ଼ା ସୂଚନା ଦେଇଛନ୍ତି। କେଜ୍‌ରିୱାଲଙ୍କ ଥଣ୍ଡା, କାଶ ଓ ଡାଇବେଟିସ୍ ରୋଗ ଥିବାରୁ କରୋନା ଲକ୍ଷଣ ଏହା ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ସେ ଅସୁସ୍ଥ ହେବା ପରଠାରୁ ଦଳର କୌଣସି ନେତା, ମନ୍ତ୍ରୀ ଓ ଅଧିକାରୀଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରି ନ ଥିବା ଚଢ଼ା କହିଛନ୍ତି। ପ୍ରକାଶଥାଉ କି, ରାଜଧାନୀ ଦିଲ୍ଲୀରେ ଏବେ ୨୯ ହଜାର ଭୂତାଣୁ ଆକ୍ରାନ୍ତ ଥିବାବେଳେ ୮୧୨ ଜଣଙ୍କ ଜୀବନ ଗଲାଣି।

## ହସ୍ପିଟାଲ ନିର୍ଦ୍ଦେଶନାମା ରଦ୍ଦ କଲେ ଉପରାଜ୍ୟପାଳ



ଅନିଲ ବୈଜଲ

ନୂଆଦିଲ୍ଲୀ,୮।୬

କୋଭିଡ୍-୧୯ ଚିକିତ୍ସା ଲାଗି ଦିଲ୍ଲୀର ସମସ୍ତ ସରକାରୀ ଓ ଘରୋଇ ହସ୍ପିଟାଲ କେବଳ ଦିଲ୍ଲୀବାସୀଙ୍କ ପାଇଁ ସଂରକ୍ଷିତ ରହିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର ଜାରି କରିଥିବା ନିର୍ଦ୍ଦେଶନାମାକୁ ଉପରାଜ୍ୟପାଳ ଅନିଲ ବୈଜଲ ରଦ୍ଦ କରିଦେଇଛନ୍ତି। ଅନ୍ୟପକ୍ଷରେ ଉପରାଜ୍ୟପାଳ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା କେଜ୍‌ରିୱାଲ ଅଭିଯୋଗ କରିଛନ୍ତି। ସାରା ଦେଶରୁ ଆସୁଥିବା ଲୋକଙ୍କୁ କରୋନା ମହାମାରୀ ବେଳେ ଚିକିତ୍ସା ଯୋଗାଇବା ଏକ ବଡ଼ ଚ୍ୟାଲେଞ୍ଜ। ତଥାପି ଆମେ ସମସ୍ତଙ୍କୁ ଚିକିତ୍ସା ଯୋଗାଇବାକୁ ଉଦ୍ୟମ କରୁଛୁ ବୋଲି କେଜ୍‌ରିୱାଲ କହିଛନ୍ତି।

# ୪ ରାଜ୍ୟରେ ଖୋଲିଲାନି ଧାର୍ମିକ ସ୍ଥଳ

ନୂଆଦିଲ୍ଲୀ,୮।୬(ପି.ଟି.)

ଅନ୍‌ଲକ୍ ୧ର ଦ୍ବିତୀୟ ପର୍ଯ୍ୟାୟରେ ସୋମବାର ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମନ୍ଦିର ଓ ଧର୍ମୀୟ କୀର୍ତ୍ତିରାଜି ଖୋଲିଛି। କେନ୍ଦ୍ରର ଅନୁମତି ସତ୍ତ୍ବେ ଓଡ଼ିଶା, ରାଜସ୍ଥାନ, ମହାରାଷ୍ଟ୍ର ଓ ତାମିଲନାଡୁରେ ଧର୍ମୀୟ ସ୍ଥଳ ବନ୍ଦ ରହିଛି। ସେହିପରି ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ମଧ୍ୟ ଧାର୍ମିକ ସ୍ଥଳ ଖୋଲିନାହିଁ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ସଂରକ୍ଷଣରେ ଥିବା ୮୨୦ ଉପାସନା ସ୍ଥଳୀ ଖୋଲିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ରବିବାର ଅନୁମୋଦନ କରିଥିଲା। ତେବେ ସ୍ଥାନୀୟ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କେନ୍ଦ୍ର ଅନୁମତି ଦେଇଥିଲା। କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ମହାରାଷ୍ଟ୍ରର ୬୫, ରାଜସ୍ଥାନର ୨୮, ଓଡ଼ିଶାର ୪୬, ତାମିଲନାଡୁର ୭୫ ଏବଂ ଜମ୍ମୁ-କଶ୍ମୀରର ୯ଟି ଉପାସନା ସ୍ଥଳ ବନ୍ଦ ରହିଛି। ସେହିପରି ଉତ୍ତରପ୍ରଦେଶର ଆଗ୍ରାଠାରେ ସୋମବାରଠାରୁ ଖୋଲିବାକୁ ଥିବା ୧୪ଟି କୀର୍ତ୍ତିରାଜିକୁ ବନ୍ଦ ରଖିବାକୁ ସ୍ଥାନୀୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାରେ ଲକ୍‌ଡାଉନ ଜୁନ୍ ୩୦ ପର୍ଯ୍ୟନ୍ତ ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିବାରୁ ପୁରୀ ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ, ମୁକ୍ତେଶ୍ବର, ଅନନ୍ତ ବାସୁଦେବ ମନ୍ଦିର ଏବଂ ଅନ୍ୟ ପୁରାତନ ଶୈବପୀଠ, ଢେଙ୍କାନାଳର କପିଳାସ ପୀଠ ଆଦି ବନ୍ଦ ରହିଛି।

ଦୀର୍ଘ ଅଢ଼େଇ ମାସ ଧରି ବନ୍ଦ ରହିବା ପରେ ଦିଲ୍ଲୀର ଧାର୍ମିକ ସ୍ଥାନଗୁଡ଼ିକ ସୋମବାରଠାରୁ ଖୋଲିଛି। ପ୍ରଥମ ଦିନରେ ବହୁ ସଂଖ୍ୟାର ଶ୍ରଦ୍ଧାଳୁ ବିଭିନ୍ନ ଉପାସନା ସ୍ଥଳୀକୁ ଆସିଥିଲେ। ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ସାନିଟାଇଜେଶନ ଲାଗି ମନ୍ଦିର ଓ ଉପାସନା ସ୍ଥଳୀଗୁଡ଼ିକର ପରିଚାଳନା କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ହଉଜ୍‌ଖାସ୍ଥିତ ଜଗନ୍ନାଥ ମନ୍ଦିର ଖୋଲିଥିବାବେଳେ ବହୁସଂଖ୍ୟାରେ ଭକ୍ତ ଦର୍ଶନ କରିବାକୁ ଆସିଥିଲେ। ସକାଳ ୮ଟା ୪୫ରେ ଛତ୍ରପୁର ମନ୍ଦିର କମ୍ପ୍ଲେକ୍ସ ଖୋଲିଥିବାବେଳେ ପ୍ରାରମ୍ଭରେ ୩୦୦ ଶ୍ରଦ୍ଧାଳୁ ଆସିଥିଲେ। ସକାଳ ୫ଟା ପର୍ଯ୍ୟନ୍ତ କରୋନା କର୍ଫ୍ୟୁ ରହୁଥିବାରୁ ଦିନର ପ୍ରଥମ ନମାଜ ପାଇଁ ମସ୍‌ଜିଦ ଖୋଲି ନ ଥିଲା। ଅପରାହ୍ଣ ୧ଟାରେ ଦ୍ବିତୀୟ ନମାଜ ବେଳକୁ ବହୁସଂଖ୍ୟାରେ ଲୋକ ଉପସ୍ଥିତ ହୋଇଥିଲେ। ସେହିପରି ବାଙ୍ଗଲା ସାହିବ, ସିସ୍ ଗଞ୍ଜ ଏବଂ ରାକବଗଞ୍ଜ ଗୁରୁଦ୍ବାରାରେ ଶିଖ୍ ଶ୍ରଦ୍ଧାଳୁମାନଙ୍କୁ ଦେଖିବାକୁ ମିଳିଥିଲା।



ଦିଲ୍ଲୀ ହନୁମାନମନ୍ଦିର ପରିସରରେ ଜଣେ ଶ୍ରଦ୍ଧାଳୁ ବଜରଙ୍ଗୀ ବେଶ ଧରି ନୃତ୍ୟ କରୁଛନ୍ତି।

## ୧୦ରୁ ରାମମନ୍ଦିର ନିର୍ମାଣ

**ଅଯୋଧ୍ୟା,୮।୬(ପି.ଟି.):** ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣ କାର୍ଯ୍ୟ ୧୦ ତାରିଖ (ବୁଧବାର)ଠାରୁ ଆରମ୍ଭ ହେଉଛି। ସେହିଦିନ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ହେବ ବୋଲି ମନ୍ଦିର ଟ୍ରଷ୍ଟ ମୁଖ୍ୟଙ୍କ ମୁଖପାତ୍ର ସୂଚନା ଦେଇଛନ୍ତି। ଏଥିପାଇଁ ରାମ ଜନ୍ମଭୂମି ସ୍ଥଳ ନିକଟରେ ଥିବା କୁବେର ଟିଲାସ୍ଥିତ ଭଗବାନ ଶିବଙ୍କ ପାଖରେ ରୁଦ୍ରାଭିଷେକ କରାଯିବ। ଲଙ୍କା ଆକ୍ରମଣ କରିବାକୁ ଯିବା ପୂର୍ବରୁ ଭଗବାନ ରାମ ଶିବଙ୍କୁ ପୂଜା କରିଥିଲେ। ସେହିଦିନଠାରୁ ରୁଦ୍ରାଭିଷେକ ପରମ୍ପରା ଚାଲିଆସୁଛି ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ମହନ୍ତ ନୃତ୍ୟଗୋପାଳ ଦାସଙ୍କ ମୁଖପାତ୍ର ମହନ୍ତ କମଳନୟନ ଦାସ କହିଛନ୍ତି। ବୁଧବାର ସକାଳ ୮ଟାରୁ ସମସ୍ତ ରୀତିନୀତି ଆରମ୍ଭ ହେବ ବୋଲି ମୁଖପାତ୍ର ସୂଚନା ଦେଇଛନ୍ତି। ଏହି ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ରାମ ମନ୍ଦିରର ଶିଳାନ୍ୟାସ କରାଯିବ। ନୂତନ ମନ୍ଦିର ନିର୍ମାଣ ଲାଗି ଗତ ମାର୍ଚ୍ଚରେ ରାମଲାଲାଙ୍କ ବିଗ୍ରହକୁ ଏକ ଅସ୍ଥାୟୀ ମନ୍ଦିରକୁ ସ୍ଥାନାନ୍ତର କରାଯାଇଥିଲା। ମନ୍ଦିର ସ୍ଥାନକୁ ସମତୁଲ କରିବା କାମ ମେ' ୧୧ରେ ଆରମ୍ଭ ହୋଇଥିଲା।

ଅଯୋଧ୍ୟାର ବିବାଦୀୟ ସ୍ଥଳରେ ଷୋଡ଼ଶ ଶତାବ୍ଦୀରେ ନିର୍ମିତ ବାବ୍ରୀ ମସ୍‌ଜିଦକୁ ୧୯୯୨ରେ କରସେବକମାନେ ଭାଙ୍ଗିଦେଇଥିଲେ। ଗତବର୍ଷ ନଭେମ୍ବରରେ ସୁପ୍ରିମକୋର୍ଟ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି କରି ଉକ୍ତ ସ୍ଥାନରେ ମନ୍ଦିର ନିର୍ମାଣ ସପକ୍ଷରେ ରାୟ ଦେଇଥିଲେ। ଏଥିସହିତ ଅଯୋଧ୍ୟାର ଅନ୍ୟ କୌଣସି ସ୍ଥାନରେ ମସ୍‌ଜିଦ ନିର୍ମାଣ ଲାଗି ୫ ଏକର ଜମି ଯୋଗାଇଦେବାକୁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଏୟାର ଇଣ୍ଡିଆକୁ ମିଳିବ ବି୭୭୭ ବିମାନ



- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବ୍ୟବହୃତ ହେବ
- ବିମାନରେ ରହିବ ମିଶାଇଲ ଡିଫେନ୍ସ ସିଷ୍ଟମ, ସେଲ୍ଫ ପ୍ରୋଟେକ୍ସନ ସୁଟ୍

ନୂଆଦିଲ୍ଲୀ,୮।୬

ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଲାଗି ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଏୟାର ଇଣ୍ଡିଆକୁ ବୋଇଂ କମ୍ପାନୀ ଦୁଇଟି ଅତ୍ୟାଧୁନିକ ବି୭୭୭ ବିମାନ ଯୋଗାଇଦେବ। ଜୁଲାଇରେ ଏହି ବିମାନ ମିଳିବାକୁ ଥିବାବେଳେ କୋଭିଡ୍-୧୯ କାରଣରୁ ବିଳମ୍ବ ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ଉକ୍ତ ବିମାନକୁ ଭାରତୀୟ ବାୟୁସେନାର ପାଇଲଟ ଉଡାଇବେ। ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଏୟାର ଇଣ୍ଡିଆ ଇଞ୍ଜିନିୟରିଂ ସର୍ଭିସେସ୍ ଲିମିଟେଡ୍ କରିବ। ସମ୍ପ୍ରତି ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଯାତ୍ରା ପାଇଁ ଏୟାର ଇଣ୍ଡିଆର ବି୭୪୭ ବିମାନ ବ୍ୟବହୃତ ହେଉଛି, ଯାହା ଏୟାର ଇଣ୍ଡିଆ ୱାନ୍ ଭାବେ ନାମିତ ହୋଇଛି।

ନୂଆ ବିମାନ ବି୭୭୭ର ବିଶେଷତ୍ୱ ହେଲା ଏଥିରେ ଅତ୍ୟାଧୁନିକ ମିଶାଇଲ ଡିଫେନ୍ସ ସିଷ୍ଟମ ଏବଂ ସେଲ୍ଫ ପ୍ରୋଟେକ୍ସନ ସୁଟ୍ ରହିଛି, ଯାହା ବିମାନକୁ ଶତ୍ରୁ ଆକ୍ରମଣରୁ ସୁରକ୍ଷିତ ରଖିପାରିବ। ୧୯୦ ନିୟୁତ ଡଲାର ମୂଲ୍ୟରେ ଦୁଇଟି ଡିଫେନ୍ସ ସିଷ୍ଟମ ଯୋଗାଇଦେବା ଲାଗି ଆମେରିକା ଫେବୃୟାରୀରେ ରାଜି ହୋଇଥିଲା।

## ରାଜ୍ୟ ସଭା ନିର୍ବାଚନ ଲଢ଼ିବେ ଦେବେଗୌଡ଼ା

ବେଙ୍ଗାଲୁରୁ,୮।୬

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଅନୁରୋଧକ୍ରମେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡା କର୍ଣ୍ଣାଟକରୁ ରାଜ୍ୟ ସଭା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଏନେଇ ଦେବେଗୌଡ଼ାଙ୍କ ପୁଅ ତଥା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଟୁଇଟ୍ କରି ସୂଚନା ଦେଇଛନ୍ତି। କିଛିଦିନ ଜେଡିଏସ୍‌ଠାରୁ ଦୂରେଇ ରହିଥିବା କଂଗ୍ରେସ ଦେବେଗୌଡ଼ାଙ୍କୁ ସମର୍ଥନ ଦେବା ନେଇ ସ୍ପଷ୍ଟ କରିଛି। ଦଳୀୟ ବିଧାୟକ, ସୋନିଆ ଗାନ୍ଧୀ ଏବଂ ଅନ୍ୟ କେତେଜଣ ଜାତୀୟ ସ୍ତରର ନେତାଙ୍କ ଅନୁରୋଧକ୍ରମେ ରାଜ୍ୟ ସଭା ନିର୍ବାଚନ ଲଢ଼ିବା ପାଇଁ ଦେବେଗୌଡ଼ା ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ସେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି କୁମାରସ୍ୱାମୀ କହିଛନ୍ତି। ଗତବର୍ଷ ସାଧାରଣ ନିର୍ବାଚନରେ ଦେବେଗୌଡ଼ା ତାଙ୍କ ନିର୍ବାଚନ ମଣ୍ଡଳୀ ହାସନକୁ ନାତି ପ୍ରଜ୍ୱଳ ରେଭାନ୍ନାଙ୍କ ପାଇଁ ଛାଡ଼ିଦେଇଥିଲେ। ନିଜେ ଟୁମାକୁରୁ ଆସନରୁ ନିର୍ବାଚନ ଲଢ଼ି ଭାଜପା ପ୍ରାର୍ଥୀଙ୍କଠାରୁ ହାରି ଯାଇଥିଲେ।

# ଚାଇନାକୁ ଟପିଲା ମହାରାଷ୍ଟ୍ର

- ଭାରତରେ ୭,୨୦୮ ଲୋକଙ୍କ ଜୀବନ ଗଲାଣି
- ସଂକ୍ରମିତଙ୍କ ସଂଖ୍ୟା ୨.୫୭ ଲକ୍ଷରୁ ଅଧିକ



ନୂଆଦିଲ୍ଲୀ, ୮।୬

ମହାମାରୀ କରୋନା ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ଭାରତରେ ଭୟଙ୍କର ଭାବେ ବୃଦ୍ଧିପାଇବାରେ ଲାଗିଛି। ଗତ ୨୦ ଦିନ ହେବ ଭାରତରେ ଉଗ୍ର ସଂକ୍ରମଣ ଯୋଗୁ ସ୍ଥିତି ଏଭଳି ହୋଇଛି। ଦେଶରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୨, ୫୭, ୪୫୬ରେ ପହଞ୍ଚିଛି। ୭,୨୦୮ ଜଣ ଲୋକଙ୍କ ପ୍ରାଣହାନି ଘଟିଲାଣି। ଏଭଳି ସ୍ଥିତିରେ ସଂକ୍ରମଣ କମିବାର ନାଁ ନେଉନାହିଁ। କେବଳ ମହାରାଷ୍ଟ୍ରରେ ଏବେ ୮୫ ହଜାରରୁ ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ଚାଇନାରେ ସଂକ୍ରମିତଙ୍କ ସଂଖ୍ୟା ୮୪,୧୯୧ ରହିଥିବା ବେଳେ ମହାରାଷ୍ଟ୍ର ଏହାକୁ ଟପିଯାଇଛି। ଏଠାରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୮୫,୯୭୫କୁ ବୃଦ୍ଧିପାଇଛି। କେବଳ ମହାରାଷ୍ଟ୍ରରେ ୩,୦୬୦ ଲୋକଙ୍କ ଜୀବନ ଗଲାଣି। କେବଳ ମୁମ୍ବାଇରେ ଆକ୍ରାନ୍ତଙ୍କ ସଂଖ୍ୟା ୪୯ ହଜାରରେ ପହଞ୍ଚିଛି। ଗତ ମାର୍ଚ୍ଚ ୩୧ରେ ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୪୦୦ ରହିଥିବା ବେଳେ ମହାରାଷ୍ଟ୍ରରେ ଏହି ସଂଖ୍ୟା ଥିଲା ମାତ୍ର ୩୦୨। କ୍ରମଶଃ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ମେ ମାସ ୧୫ରେ ଭାରତର ସଂକ୍ରମିତଙ୍କ ସଂଖ୍ୟା ଚାଇନାକୁ ଅତିକ୍ରମ କରିଥିଲା। ସ୍ୱଳ୍ପ ସମୟ ମଧ୍ୟରେ ଭାରତ ବିଶ୍ୱର ଷଷ୍ଠ ସର୍ବାଧିକ ଭୂତାଣୁ ଆକ୍ରାନ୍ତ ଦେଶ ଭାବେ ଉଭାହୋଇଛି। ଆମେରିକା, ବ୍ରାଜିଲ, ରୁଷିଆ, ସ୍ପେନ୍ ଓ ବ୍ରିଟେନ ପଛକୁ ଭାରତ ରହିଛି।

ପ୍ରବାସୀଙ୍କ ଆଗମନ ଓ ଲକ୍‌ଡାଉନ୍ କଟକଣା ହଟିଯିବା ପରେ ଏବେ ସଂକ୍ରମିତଙ୍କ ସଂଖ୍ୟା ଭୟଙ୍କର ସ୍ଥିତିରେ ପହଞ୍ଚିଛି। ମହାରାଷ୍ଟ୍ରକୁ ବାଦ୍ ଦେଲେ ତାମିଲନାଡୁ, ରାଜଧାନୀ ଦିଲ୍ଲୀ, ଗୁଜରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ବିହାର ଆଦି ରାଜ୍ୟରେ ସ୍ଥିତି ଜଟିଳ ହେବାରେ ଲାଗିଛି। ତାମିଲନାଡୁରେ ୩୧,୬୦୦; ଦିଲ୍ଲୀରେ ୨୯ ହଜାର; ଗୁଜରାଟରେ ୨୦,୧୦୦; ରାଜସ୍ଥାନରେ ୧୦,୭୦୦; ମଧ୍ୟପ୍ରଦେଶରେ ୯,୪୦୦; ଉତ୍ତରପ୍ରଦେଶରେ ୧୦,୫୦୦; ପଶ୍ଚିମବଙ୍ଗରେ ୮,୧୦୦; କର୍ଣ୍ଣାଟକରେ ୫,୪୦୦, ବିହାରରେ ୫, ୧୦୦ରୁ ଅଧିକ ଲୋକ ସଂକ୍ରମିତ ଥିବା ଜଣାପଡ଼ିଛି। ଏହିସବୁ ରାଜ୍ୟରେ ଯଥାକ୍ରମେ ୨୭୨, ୮୧୨, ୧,୨୪୯; ୨୪୧, ୪୧୨, ୨୭୫, ୩୯୬,୬୧ ଓ ୩୦ ଜଣଙ୍କ ଜୀବନ ଯାଇଛି। ଭାରତର ଅନ୍ୟ ରାଜ୍ୟଗୁଡ଼ିକର ସ୍ଥିତି ମଧ୍ୟ ଭଲ ନାହିଁ। ବିଭିନ୍ନ ସ୍ଥାନରେ ନୂଆ ନୂଆ ମାମଲା ମୁଣ୍ଡ ଟେକୁଛି। ତେଲଙ୍ଗାନାରେ ୧୩୭ ଓ ପଞ୍ଜାବରେ ୫୧, ଜମ୍ମୁ-କଶ୍ମୀରରେ ୪୧, ଆନ୍ଧ୍ରପ୍ରଦେଶରେ ୭୫ ଓ ହରିୟାଣାରେ ୨୮ ଜଣ ପ୍ରାଣ ହରାଇଛନ୍ତି। କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ପୂର୍ବଭଳି କଟକଣା ବଳବତ୍ତର ରହିଛି।

## ନ୍ୟୁଜିଲାଣ୍ଡ କରୋନାମୁକ୍ତ

ୱେଲିଂଟନ, ୮।୬: ନ୍ୟୁଜିଲାଣ୍ଡ ନିଜକୁ କରୋନାମୁକ୍ତ ବୋଲି ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡେର୍ନ କହିଛନ୍ତି, ୭ ସପ୍ତାହର ଲକ୍‌ଡାଉନ୍ ପରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ଏବେ କୌଣସି ଆକ୍ଟିଭ୍ ମାମଲା ଦେଶରେ ନାହିଁ। ଶେଷ ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଅଧିକାରୀ ସୋମବାର ପ୍ରକାଶ କରିଥିବା ବେଳେ ସରକାରଙ୍କ ପକ୍ଷରୁ ସମସ୍ତ କଟକଣା ହଟାଇ ଦିଆଯାଇଛି। ଏବେ ଆଉ ସାମାଜିକ ଦୂରତା ରକ୍ଷା ଓ ଜନସମାଗମ ଉପରେ କୌଣସି କଟକଣା ନାହିଁ ବୋଲି ନିଜେ ପ୍ରଧାନମନ୍ତ୍ରୀ ଜାସିଣ୍ଡା ଘୋଷଣା କରିଛନ୍ତି। ଦେଶରୁ ଭୂତାଣୁ ଦୂର କରିବାରେ ଆମେ ସମର୍ଥ ହୋଇଛୁ ବୋଲି ସେ ପ୍ରକାଶ କରିଛନ୍ତି। ଦେଶର ମୋଟ ୫୦ ଲକ୍ଷ ଲୋକଙ୍କ ମଧ୍ୟରୁ ୧,୧୫୪ ଜଣ ସଂକ୍ରମିତ ହୋଇଥିବା ବେଳେ ୨୨ ଜଣଙ୍କ ଜୀବନ କରୋନା ନେଇଥିଲା। ୧୭ ଦିନ ହେବ ନ୍ୟୁଜିଲାଣ୍ଡରେ ଆଉ ନୂଆ ମାମଲା ଦେଖିବାକୁ ମିଳିନାହିଁ। ଦେଶବାସୀଙ୍କ ସହଯୋଗ ଲାଗି ପ୍ରଧାନମନ୍ତ୍ରୀ ଧନ୍ୟବାଦ ଦେବା ସହ ଏବେ ଦେଶର ଅର୍ଥନୀତି ସୁଧାରିବା ପ୍ରଥମ କାମ ହେବ ବୋଲି କହିଛନ୍ତି।

## ୧୦ ରାଜ୍ୟରେ ଘରକୁ ଘର ସର୍ଭେ ଲାଗି ପରାମର୍ଶ

ନୂଆଦିଲ୍ଲୀ,୮।୬(ପି.ଟି.)

କରୋନା ସଂକ୍ରମଣ ବଢୁଥିବା ୧୦ ରାଜ୍ୟର ୩୮ ଜିଲା ଅନ୍ତର୍ଗତ ୪୫ଟି ପୌରସଂସ୍ଥାରେ ଘରକୁ ଘର ସର୍ଭେ କରିବା ସହ କୋଭିଡ୍-୧୯ ପରୀକ୍ଷା ବଢ଼ାଇବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୋମବାର ପରାମର୍ଶ ଦେଇଛି। ମୃତ୍ୟୁହାର କମାଇବାକୁ ହେଲେ ଉକ୍ତ ଅଞ୍ଚଳଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ହେବ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୂଦନଙ୍କ ଅଧକ୍ଷତାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୫ ମ୍ୟୁନିସିପାଲ ନିଗମର ଜିଲାପାଳ, ମ୍ୟୁନିସିପାଲ କମିଶନର, ଜିଲା ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟମାନେ ଯୋଗଦେଇଥିଲେ। ମହାରାଷ୍ଟ୍ର, ତେଲଙ୍ଗାନା, ତାମିଲନାଡୁ, ରାଜସ୍ଥାନ, ହରିୟାଣା, ଗୁଜରାଟ, ଜମ୍ମୁ-କଶ୍ମୀର, କର୍ଣ୍ଣାଟକ, ଉତ୍ତରାଖଣ୍ଡ ଏବଂ ମଧ୍ୟପ୍ରଦେଶର ସର୍ବାଧିକ ସଂକ୍ରମିତ ୩୮ ଜିଲାର କରୋନା ସ୍ଥିତି ସମୀକ୍ଷା କରାଯାଇଥିଲା।

## ଗୈରସୈଣ ଉତ୍ତରାଖଣ୍ଡର ଦ୍ୱିତୀୟ ରାଜଧାନୀ

ଡେରାଡୁନ୍,୮।୬(ପି.ଟି.)

ଚାମୋଲି ଜିଲାର ଗୈରସୈଣକୁ ଉତ୍ତରାଖଣ୍ଡର ଗ୍ରୀଷ୍ମକାଳୀନ ରାଜଧାନୀ ଭାବେ ସୋମବାର ଘୋଷଣା କରାଯାଇଛି। ପ୍ରଶାସନ ପାଇଁ ଏହାକୁ ଏକ ଆଦର୍ଶ ସ୍ଥାନ ଭାବେ ବିକଶିତ କରାଯିବ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ୍ କହିଛନ୍ତି। ଡେରାଡୁନ୍ ବ୍ୟତୀତ ଏକ ଦ୍ୱିତୀୟ ରାଜଧାନୀ ନିର୍ମାଣ ସମ୍ପର୍କରେ ମାର୍ଚ୍ଚ ୪ରେ ବିଧାନସଭା ବଜେଟ ଅଧିବେଶନ ବେଳେ ମୁଖ୍ୟମନ୍ତ୍ରୀ ରାୱତ ଘୋଷଣା କରିଥିଲେ। ରାଜ୍ୟପାଳ ବବିରାଣୀ ମୌର୍ଯ୍ୟଙ୍କ ଅନୁମୋଦନ ପରେ ମୁଖ୍ୟ ସଚିବ ଉତ୍ପଳ କୁମାର ସିଂ ଏନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

# ସୀମା ଶାନ୍ତ: ଭିତରେ ଚାଲିଛି ପ୍ରସ୍ତୁତି



ନୂଆଦିଲ୍ଲୀ, ୮।୬

କମାଣ୍ଡର ସ୍ତରୀୟ ଆଲୋଚନା ପରେ ଭାରତ-ଚାଇନା ସୀମା ଶାନ୍ତ ରହିଛି। ଲଦାଖ ସୀମାରେ ଚାଇନା ଓ ଭାରତୀୟ ସୈନ୍ୟଙ୍କ ମାସେ ହେଲା ଲାଗି ରହିଥିବା ତିକ୍ତତା ସୋମବାର ଶିଥିଳ ପଡ଼ିଛି। ଲଦାଖ ନିକଟରେ ସେନା ଗତିବିଧି ଦେଖିବାକୁ ମିଳିନାହିଁ। ତେବେ ଲଦାଖ ଘଟଣାରେ ସୀମା ଶାନ୍ତ ଥିବାବେଳେ ଦୁଇଦେଶ ଜୋର୍‌ଦାର ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି। ସୀମାଠାରୁ ୪୮୦ କି.ମି. ଦୂର କଶ୍‌ଗରଠାରେ ପିଏଲ୍‌ଏ ପ୍ରସ୍ତୁତି ଚଳାଇଛି। ଲଦାଖ୍ ସୀମାରେ ଚାଇନା ହେଲିକପ୍ଟର ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ଭାରତ ମଧ୍ୟ ଭିତ୍ତିଭୂମି ବିକାଶ କରି ତା'ର ସେନା ଓ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ପ୍ରସ୍ତୁତି ଜାରି ରଖିଥିବା ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ପାଙ୍ଗୋଙ୍ଗ ହ୍ରଦ ନିକଟ ମୋଲ୍‌ଡୋ-ଚୁଶୁଲ ସୀମାକୁ ନେଇ ଶନିବାର ହୋଇଥିବା ଆଲୋଚନା ପରେ ଦୁଇପକ୍ଷ ଶାନ୍ତିରକ୍ଷା ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଚାହିଁଛନ୍ତି। ଭାରତ ଓ ଚାଇନା ସେନା କମାଣ୍ଡରଙ୍କ ମଧ୍ୟରେ ଦୀର୍ଘ ୭ ଘଣ୍ଟାର ଆଲୋଚନା ପରେ ଏବେ ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍‌ଏସି)ରେ ଶାନ୍ତି ବଜାୟ ରହିଛି।

ଶନିବାର ବୈଠକରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ହରିନ୍ଦର ସିଂ ଓ ଚାଇନାର ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଭାବେ ମେଜର ଜେନେରାଲ ଲିଉ ଲିନ୍ ଯୋଗ ଦେଇଥିଲେ। ବ୍ରିଗେଡ୍ ଓ ବାଟାଲିୟନ୍ କମାଣ୍ଡରସ୍ତରରେ ଆଲୋଚନା କରାଯାଇ ସମାଧାନ ବାଟ ବାହାର କରିବା ଲାଗି ସ୍ଥିର କରାଯାଇଥିଲା। ଭାରତ ଓ ଚାଇନା ମଧ୍ୟରେ କେତେକ ଘଟଣାକୁ ନେଇ ଭିନ୍ନତା ରହିଥିବା ବେଳେ ଏହା ବିବାଦ ନୁହେଁ ଚାଇନା ମତ ଦେଇଛି। ମୋଦି- ଜିନ୍‌ପିଙ୍ଗ ଆଲୋଚନାକୁ ପାଥେୟ କରି ସମସ୍ୟାର ସମାଧାନ କରିବାକୁ ଉଭୟ ପକ୍ଷ ଗୁରୁତ୍ୱ ଦେଇଛନ୍ତି।

## ମତଭେଦ ବିବାଦରେ ପରିଣତ ନ ହେଉ: ଚାଇନା



ବେଜିଂ,୮।୬(ପି.ଟି.)

ପୂର୍ବଲଦାଖ ଅଞ୍ଚଳରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମାସେ ହେଲା ଲାଗି ରହିଥିବା ଉତ୍ତେଜନା ଦୂର କରିବା ଓ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଶାନ୍ତି ସ୍ଥାପନ ଦିଗରେ କାର୍ଯ୍ୟ କରିବା ପାଇଁ ଶନିବାର ଅନୁଷ୍ଠିତ କମାଣ୍ଡର ସ୍ତରୀୟ ବୈଠକରେ ଉଭୟ ଦେଶ ରାଜି ହୋଇଛନ୍ତି। ମତଭେଦ ବିବାଦରେ ପରିଣତ ନ ହେଉ ବୋଲି ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନିଙ୍ଗ୍ କହିଛନ୍ତି। ଦୁଇଦେଶର ନେତୃତ୍ୱ ସ୍ତରରେ ହୋଇଥିବା ସହମତିକୁ କାର୍ଯ୍ୟକାରୀ କରିବା ଲାଗି କମାଣ୍ଡର ସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଦ୍ୱିପାକ୍ଷିକ ଚୁକ୍ତିନାମା ଆଧାରରେ ସୀମା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରିବ। ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ୨୦୧୮ରେ ହୋଇଥିବା ଅନୌପଚାରିକ ସମିଟ୍‌ର ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରାଗଲେ ମତଭେଦ ଦୂର ହୋଇପାରିବ ବୋଲି ବୈଠକରେ ସହମତି ହୋଇଥିଲା। ସୀମାନ୍ତ ସ୍ଥିତି ମୋଟାମୋଟି ସ୍ଥିର ଓ ନିୟନ୍ତ୍ରଣରେ ରହିଛି। ସେଠାରେ ଶାନ୍ତି ଓ ସ୍ଥିରତା ସମେତ ଉତ୍ତମ ବାତାବରଣ ସୃଷ୍ଟି ଲାଗି ଉଭୟ ପକ୍ଷ କାର୍ଯ୍ୟ କରିବେ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecome.in
7599145935
8280122168

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

NATIONAL Finance
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
7839626709

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରସିଦ୍ଧ କବି ତଥା ଗୀତିକାର ଜାଭେଦ ଅଖ୍ତରଙ୍କୁ ସମ୍ମାନଜନକ ରିଚାର୍ଡ ଡକିନ୍ସ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ପାଇଥିବା ଜାଭେଦ ହେଉଛନ୍ତି ପ୍ରଥମ ଭାରତୀୟ। ସେ ନିଜେ ସୋସିଆଲ ମିଡିଆରେ ପୋଷ୍ଟକରି ଏହି ସୂଚନା ଦେଇଛନ୍ତି। ବିଶ୍ୱ ପ୍ରସିଦ୍ଧ ଇଂରାଜୀ ବିବର୍ତ୍ତନଶୀଳ ଜୀବବିଜ୍ଞାନୀ ରିଚାର୍ଡ ଡକିନ୍ସଙ୍କ ନାମରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ୨୦୦୩ ମସିହାରୁ ଦିଆଯାଉଥିବା ଏହି ପୁରସ୍କାର, ବିଜ୍ଞାନ, ଅନୁସନ୍ଧାନ, ଶିକ୍ଷା ଏବଂ ମନୋରଞ୍ଜନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥାଏ।



# ଫିଟ୍‌ନେସ୍ ଉପରେ କବିତାଙ୍କ ଗୁରୁତ୍ୱ



କବିତା କୌଶିକ

ମୁମ୍ବାଇ: ଟେଲିଭିଜନ ଅଭିନେତ୍ରୀ କବିତା କୌଶିକଙ୍କୁ କିଏ ଅବା ନ ଜାଣେ। ଧାରାବାହିକ 'ଏଫଆଇଆର୍'ରୁ ସେ ବେଶ୍ ଲୋକପ୍ରିୟ ହୋଇଥିଲେ। ସେ ଲମ୍ବା ସମୟ ହେବ ଛୋଟ ପରଦାରୁ ଦୂରେଇ ରହିଥିଲେ ହେଁ, ସୋସିଆଲ ମିଡିଆରେ ସେ ଆକ୍ଟିଭ ରୁହନ୍ତି ଓ ତାଙ୍କ ଫ୍ୟାନ୍‌ମାନଙ୍କ ସହିତ ଯୋଡ଼ି ହୁଅନ୍ତି। ଅନେକ ସମୟରେ ତାଙ୍କର ଫଟୋଗୁଡ଼ିକ ଭାଇରାଲ ମଧ୍ୟ ହୋଇଥାଏ। ସୋସିଆଲ ମିଡିଆରେ ନିଜର ଅନେକ ଫଟୋ ପୋଷ୍ଟ କରୁଥିବା ବେଳେ ଏବେ ଏକ ଫଟୋକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଫିଟ୍‌ନେସ୍‌କୁ ସର୍ବଦା ଗୁରୁତ୍ୱ ଦେଉଥିବା କବିତା ଏବେ ଲକ୍‌ଡାଉନ ସମୟରେ ଯୋଗାସନ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଏହାର ଏକ ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋରେ ସେ ଚକ୍ରାସନ କରୁଥିବା ଦେଖିବାକୁ ମିଳିଛି। ଏହି ଆସନକୁ କରିବା ଏତେ ସହଜ ନୁହେଁ। ଏଥିପାଇଁ ଅଭ୍ୟାସ ଆବଶ୍ୟକ। କବିତା ଏହି ଆସନଟି କରିଥିବାରୁ ତାଙ୍କୁ ଫ୍ୟାନ୍‌ମାନେ ପ୍ରଶଂସା କରୁଛନ୍ତି। ସୂଚନାଯୋଗ୍ୟ, ଲକ୍‌ଡାଉନ ସମୟରେ କବିତାଙ୍କ ଏକ ଫିଲ୍ମ 'ଡୁ ନଟ୍ ଡ୍ରିମ୍' ରିଲିଜ ହୋଇଛି। ଫିଲ୍ମଟିରେ ନିର୍ଦ୍ଦେଶନା ଦେଇଛନ୍ତି ଅଭିନବ ଶୁକ୍ଳା। ଏହାର ଏଡିଟିଂରୁ ଆରମ୍ଭ କରି ପ୍ରଡକ୍ସନ କାମ ବୁଝିଥିଲେ ତାଙ୍କ ସ୍ୱାମୀ ରୋନିତ। ଏହା ଏକ ହରର୍ ଫିଲ୍ମ। ଏହା ମାତ୍ର ୧୩ ମିନିଟ୍‌ର। ତେବେ ଫିଲ୍ମଟିର ପୂରା ଶୁଟିଂ କବିତାଙ୍କ ଘରେ ହୋଇଥିଲା।

# ହ୍ୟାଣ୍ଡୱାଶ୍ ମେଶିନ ତିଆରି କଲେ ବାଳକ

ନୂଆଦିଲ୍ଲୀ: ଆବଶ୍ୟକତା ହିଁ ମଣିଷକୁ ଉଦ୍ଭାବନର ବାଟ ଦେଖାଏ। ହେଲେ କେତେଜଣ ଏପରି ପ୍ରତିଭା ଥାଆନ୍ତି ଯେଉଁମାନେ ନୂଆ କିଛି କରିବା ପାଇଁ ସବୁବେଳେ ପ୍ରୟାସ ଚଳାଇଥାନ୍ତି। ଏମିତି ଜଣେ ସ୍ୱତନ୍ତ୍ର ପ୍ରତିଭା ହେଉଛନ୍ତି କେନିଆର ୯ ବର୍ଷର ବାଳକ ଷ୍ଟେଫେନ ୱାମୁକୋଟା। ଏତେ କମ୍ ବୟସରେ ଏହି ବାଳକ ଜଣକ ଏବେ ଏକ ସ୍ୱତନ୍ତ୍ର ଧରଣର ହ୍ୟାଣ୍ଡୱାଶ୍ ମେଶିନ ତିଆରି କରି ରାଷ୍ଟ୍ରପତି ପୁରସ୍କାର ହାସଲ କରିପାରିଛନ୍ତି।

କେନିଆର ବୁଙ୍ଗୋମା ସହରର ଷ୍ଟେଫେନ୍ ନିଜସ୍ୱ ଉଦ୍ୟମରେ ଏକ ହ୍ୟାଣ୍ଡୱାଶ୍ ମେଶିନ ତିଆରି କରି ଏବେ ସାରା ବିଶ୍ୱରେ ଲୋକପ୍ରିୟତା ହାସଲ କରିଛନ୍ତି। ତାଙ୍କର ଏହି ବିଶେଷ ଉଦ୍ଭାବନ ପାଇଁ କେନିଆ ରାଷ୍ଟ୍ରପତି ତାଙ୍କୁ ପୁରସ୍କୃତ କରିଛନ୍ତି। ରାଷ୍ଟ୍ରପତି ପୁରସ୍କାର ହାସଲ କରିଥିବା ଦେଶର ୬୮ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଷ୍ଟେଫେନ ହେଉଛନ୍ତି ସର୍ବକନିଷ୍ଠ ବ୍ୟକ୍ତି।



ବର୍ତ୍ତମାନ ସମୟରେ ସାମାଜିକ ଦୂରତା ରକ୍ଷାକରିବା ସହିତ ସମସ୍ତଙ୍କୁ ହ୍ୟାଣ୍ଡୱାଶ୍ କରିବାର ଅତ୍ୟନ୍ତ ଆବଶ୍ୟକତା ରହିଛି। ସେଥିପାଇଁ ଷ୍ଟେଫେନ ଏକ ସ୍ୱତନ୍ତ୍ର ଧରଣର ମେଶିନ ବାହାର କରିଛନ୍ତି, ଯେଉଁଥିରେ ହାତ ଲଗାଇବାକୁ ପଡ଼ିବ ନାହିଁ। ଥରେ ଗୋଡ଼ ଲଗାଇଦେଲେ ସେଥିରୁ ପ୍ରଥମେ ହ୍ୟାଣ୍ଡୱାଶ୍ ବାହାରିବ ଏବଂ କିଛି ସମୟ ପରେ ପାଣି ମଧ୍ୟ ବାହାରିବ। ତେଣୁ ଜଣେ ବ୍ୟକ୍ତି ହାତ ସଫାକରିବା ପରେ ଏହାକୁ ଗୋଡ଼ରେ ହିଁ ବନ୍ଦ କରିପାରିବ। ଏଭଳି ଏକ ମେଶିନ ତିଆରି କରିବା ପାଇଁ ସେ କିଛିଦିନ ହେଲା କାମ କରୁଥିଲେ। ତେବେ ଶେଷ ମୁହୂର୍ତ୍ତରେ ସେ ତାଙ୍କ ବାପାଙ୍କ ସହାୟତା ନେଇ ଏହି ମେଶିନ ତିଆରି କରିଥିଲେ। ତେବେ ଷ୍ଟେଫେନଙ୍କ ଏହି ସଫଳତା ପାଇଁ ଏବେ ତାଙ୍କୁ ବିଭିନ୍ନ ଦେଶର ଲୋକେ ପ୍ରଶଂସା କରିବାରେ ଲାଗିଛନ୍ତି। ଏତେ କମ୍ ବୟସରୁ ତାଙ୍କର ଏହି ବିଶେଷ ଗୁଣ ତାଙ୍କୁ ନିଶ୍ଚିତଭାବେ ଭବିଷ୍ୟତରେ ଆହୁରି ସଫଳତା ଆଣିଦେବ।

# ମାଗଣା ହେୟାର ଡ୍ରେସର

ମୁମ୍ବାଇ: କରୋନା ଭୟରେ ଏବେ ସବୁଆଡ଼େ ଲୋକମାନେ ସଚେତନ ରହିବା ପାଇଁ ଚେଷ୍ଟା କରୁଛନ୍ତି। ସଂକ୍ରମଣ ଭୟରେ ଲୋକେ ଏବେ ବ୍ୟୁଟି ପାର୍ଲର କିମ୍ବା ସେଲୁନ ଖୋଲିବା ପାଇଁ ଭୟ କରୁଛନ୍ତି। ଏଭଳି ଏକ ସମୟରେ ବିଭିନ୍ନ ଅଞ୍ଚଳ ବୁଲି ମାଗଣାରେ ଲୋକଙ୍କ କେଶ କାଟୁଛନ୍ତି ମୁମ୍ବାଇର ରବୀନ୍ଦ୍ର ବିରାରୀ।

ମୁମ୍ବାଇର ଭାନ୍‌ଡୁପ୍‌ରେ ଏକ ସେଲୁନ କରି ଜୀବିକା ନିର୍ବାହ କରନ୍ତି ରବୀନ୍ଦ୍ର। ଲକ୍‌ଡାଉନ୍ ପାଇଁ ଅନେକ ଦିନ ଧରି ସେଲୁନ ବନ୍ଦ ରହିବା ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସେ ଅନୁଭବ କରିଥିଲେ। ବିଶେଷକରି ଗରିବ ପିଲାମାନେ ବିଭିନ୍ନ ଅଞ୍ଚଳରେ କେଶ କାଟିପାରୁ ନ ଥିବା ସେ ନିଜେ ଦେଖିବାକୁ ପାଇଥିଲେ। ଏହାପରେ ସେ ଘର ଘର ବୁଲି ଗରିବ ପିଲାଙ୍କ କେଶ କାଟିବେ ବୋଲି ନିଷ୍ପତ୍ତି ନେଇଥିଲେ। ତାଙ୍କର ଏହି ନିଷ୍ପତ୍ତିରେ କିନ୍ତୁ ପରିବାର ଲୋକେ ଅସନ୍ତୁଷ୍ଟ ହୋଇଥିଲେ। ମାତ୍ର ଲୋକଙ୍କ ସୁବିଧା ପାଇଁ ସେ ନିଜକୁ ଅସୁବିଧାରେ ପକାଇବା ପାଇଁ ପଛାଇ ନ ଥିଲେ। ସେଥିପାଇଁ ବିଭିନ୍ନ ବସ୍ତି ଅଞ୍ଚଳ ବୁଲି ସେ ଗରିବ ପିଲାମାନଙ୍କର କେଶ କାଟିବା ଆରମ୍ଭ କରିଥିଲେ। ତେବେ ଏହି ସମୟରେ ସେ ସାନିଟାଇଜେଶନ ଏବଂ ହ୍ୟାଣ୍ଡୱାଶ୍ କରି ସ୍ୱଚ୍ଛତା ଉପରେ ଧ୍ୟାନଦେବାକୁ ବି ଭୁଲନ୍ତି ନାହିଁ। ରବୀନ୍ଦ୍ରଙ୍କର ଏହି କାମ ପାଇଁ ଏବେ ସେ ବିଭିନ୍ନ ଅଞ୍ଚଳରେ ଲୋକପ୍ରିୟ ହେବାରେ ଲାଗିଛନ୍ତି। ତାଙ୍କ କାମକୁ ପ୍ରଶଂସାକରି କେତେଜଣ ସୋସିଆଲ ମିଡିଆରେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି।



# ସମୁଦ୍ର କୂଳରେ ନଜର ଆସିଲେ ଶୈଫିନା

ମୁମ୍ବାଇ: କରୋନା ସଂକ୍ରମଣକୁ ନେଇ ଗତ ମାର୍ଚ୍ଚ ମାସ ଶେଷରୁ ମେ' ମାସ ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା ଲକ୍‌ଡାଉନ। ଏହି ସମୟରେ ବଲିଉଡ୍‌ର ସମସ୍ତ ଶୁଟିଂକୁ ବାତିଲ କରାଯାଇଥିଲା। ଏବେ ଲକ୍‌ଡାଉନ ଖୋଲିଯିବା ସହ ଦେଶରେ ଅନ୍‌ଲକ୍ ୧.୦ ଜାରି ରହିଛି। ଏତେଦିନ ଘରେ ରହିବା ପରେ ଗତ ରବିବାର ବଲିଉଡ ନାୟିକା କରିନା କପୁର, ସ୍ୱାମୀ ଶୈଫ ଅଲି ଖାଁ ଓ ପୁଅ ତୈମୁରଙ୍କୁ ସମୁଦ୍ର କୂଳରେ ଦେଖିବାକୁ ମିଳିଥିଲା। ହେଲେ ଏହାର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଆସିବା ପରେ ଏବେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। କୁହାଯାଉଛି କି ଏମାନେ କୁଆଡେ ମାସ୍କ ପିନ୍ଧି ନ ଥିବାରୁ ପୋଲିସ ଏମାନଙ୍କୁ ବାହାରେ ବୁଲିବାକୁ ବାରଣ କରିଥିଲା। ଆହୁରି କୁହାଯାଉଛି କି ତୈମୁରକୁ ନେଇ ବାହାରକୁ ଆସିଥିବାରୁ ପୋଲିସ ଏମାନଙ୍କୁ ଏଭଳି ଭାବେ ବାହାରେ ବୁଲିବା ଠିକ୍ ନୁହେଁ ବୋଲି କହିଥିଲା।



# କାରୋଲିନା ରିପର ସବୁଠୁ ରାଗ ଲଙ୍କା



ୱାଶିଂଟନ: ଅଧିକାଂଶ ଲୋକ ରାଗଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ସେଥିମଧ୍ୟରୁ କିଛି କିସମର ଲଙ୍କା ଆଦୌ ରାଗ ନ ଥିବା ବେଳେ ଆଉ କିଛି ଲଙ୍କା ବହୁତ ରାଗ ହୋଇଥାଏ। ଏମିତି ଏକ କିସମର ଲଙ୍କା ରହିଛି, ଯାହା ବିଶ୍ୱର ସବୁଠୁ ରାଗ ଲଙ୍କା ଭାବେ ଗଣନା କରାଯାଏ। ଏହି ଲଙ୍କାର ନାମ ହେଉଛି 'କାରୋଲିନା ରିପର'। ଯାହା ଆମେରିକାରେ ଦେଖିବାକୁ ମିଳିଥାଏ। ଏହା ଶିମ୍‌ଲା ଲଙ୍କା ବା କ୍ୟାପ୍‌ଶିକମ୍ ପରି ଦେଖିବାକୁ। ଏହି ଲଙ୍କା ସବୁଠୁ ରାଗ ବୋଲି ଗିନିଜ୍ ୱାର୍ଲ୍ଡ ରେକର୍ଡ ରହିଛି। ବୈଜ୍ଞାନିକଙ୍କ ମତରେ, ଆଜି ପର୍ଯ୍ୟନ୍ତ ଏହି ଲଙ୍କାଠାରୁ କୌଣସି ଲଙ୍କା ଅଧିକ ରାଗ ନୁହେଁ।

୨୦୧୨ ମସିହାରେ ଦକ୍ଷିଣ କାରୋଲିନାର ୱିନ୍‌ଥ୍ରପ୍ ୟୁନିଭରସିଟି ଏହି ଲଙ୍କାର ରାଗପଣ ଯାଞ୍ଚ କରିଥିଲା। ଯେଉଁଥିରେ ୧୫,୬୯,୩୦୦ ଏସ୍‌ଏଚ୍‌ୟୁ ଅର୍ଥାତ୍ ସ୍କୋଭିଲ୍ ହିଟ୍ ୟୁନିଟ୍ ମିଳିଥିଲା। ଯେକୌଣସି ଜିନିଷର ରାଗପଣ ଏସ୍‌ଏଚ୍‌ୟୁ ଦ୍ୱାରା ହିଁ ମପାଯାଇଥାଏ। ଏସ୍‌ଏଚ୍‌ୟୁ ଯେତେ ଅଧିକ ହେବ ରାଗପଣ ସେତେ ଭୟଙ୍କର। ସାଧାରଣତଃ ଲଙ୍କାର ଏସ୍‌ଏଚ୍‌ୟୁ ୫୦୦୦ ହୋଇଥାଏ। ମାତ୍ର ଏହି ଲଙ୍କାର ଏଚ୍‌ଏଚ୍‌ୟୁ ବହୁ ଅଧିକ।

୨୦୧୮ରେ ଆମେରିକାର ନ୍ୟୁୟର୍କରେ ଏହାର ଉଦାହରଣ ଦେଖିବାକୁ ମିଳିଥିଲା। ଏଠାରେ ଜଣେ ୩୪ ବର୍ଷୀୟ ଯୁବକ ଲଙ୍କା ଖାଇବା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେ ଏହି ଲଙ୍କା ଏତେ ଖାଇଥିଲେ ଯେ, ତାଙ୍କ ମୁଣ୍ଡ ଭୀଷଣ ଦରଜ ହୋଇଥିଲା। ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। କାରୋଲିନା ରିପର ଗିନିଜ୍ ୱାର୍ଲ୍ଡରେ ସାମିଲ ହେବା ପୂର୍ବରୁ ଭାରତର 'ଭୂତ ଜୋଲକିୟା'କୁ ବିଶ୍ୱର ସବୁଠୁ ରାଗ ଲଙ୍କା ଭାବେ ଗଣାଯାଉଥିଲା। ୨୦୦୭ରେ ଏହି ଲଙ୍କାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯାଇଥିଲା। ସାଧାରଣ ଲଙ୍କାଠାରୁ ଏହା ୪୦୦ ଗୁଣ ଅଧିକ ରାଗ ଥିଲା। ମାତ୍ର କାରୋଲିନା ରିପର ବର୍ତ୍ତମାନ ବିଶ୍ୱର ସବୁଠୁ ରାଗ ଲଙ୍କା ବୋଲି ବୈଜ୍ଞାନିକମାନେ କୁହନ୍ତି।

# ଶିକ୍ଷକଙ୍କ କୋଭିଡ୍ ସ୍କ୍ରିନିଂ ସେଣ୍ଟର

ଗୁଆହାଟୀ: ଲକ୍‌ଡାଉନ୍‌ରେ ସମସ୍ତ ସ୍କୁଲ ବନ୍ଦ ରହିଛି। କେତେଜଣ ଶିକ୍ଷକ କୋଭିଡ୍ ଡ୍ୟୁଟିରେ ଥିବାବେଳେ ଆଉ କେତେକେ ଛୁଟିରେ ରହିଛନ୍ତି। ତେବେ ଏହି ସଙ୍କଟଜନକ ପରିସ୍ଥିତିରେ ଜଣେ ଶିକ୍ଷକ କରୋନା ଯୋଦ୍ଧାଭାବେ ସାମ୍ନାକୁ ଆସିଛନ୍ତି। ଗ୍ରାମବାସୀଙ୍କୁ କରୋନା ଭୂତାଣୁ କବଳରୁ ରକ୍ଷାକରିବା ପାଇଁ ଅରୁଣାଚଳ ପ୍ରଦେଶର ଇଷ୍ଟ ସିଆଙ୍ଗ ଜିଲା ଅଧୀନ ରୁକ୍‌ସିନସ୍ଥିତ ଏକ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଜନ୍ ପାନ୍ୟାଙ୍ଗ(ଶିକ୍ଷକ) ସ୍ୱେଚ୍ଛାକୃତଭାବେ ଏକ କୋଭିଡ୍ ସ୍କ୍ରିନିଂ ସେଣ୍ଟର ତିଆରି କରିଛନ୍ତି। ଆସାମ-ଅରୁଣାଚଳ ପ୍ରଦେଶ ସୀମା ନିକଟ ପୂର୍ବ ସିଆଙ୍ଗ ଜିଲାର ଗୋରଲୁଙ୍ଗ-ରାଲଙ୍ଗ ଗାଁ ପ୍ରବେଶପଥରେ ଟ୍ରାନ୍ସପରେଣ୍ଟ ପଲିଥିନ୍ ଏବଂ ବାଉଁଶରେ ସେ ଏହି ଅସ୍ଥାୟୀ ସ୍କ୍ରିନିଂ ସେଣ୍ଟର ତିଆରି କରିଛନ୍ତି। ଲୋକଙ୍କ ସେବା ପାଇଁ ନିଜ ଖର୍ଚ୍ଚରେ ସେ ଥର୍ମାଲ ସ୍କ୍ରିନିଂ ମେଶିନ, ମାସ୍କ, ଗ୍ଲୋଭ୍ସ ଏବଂ ସାନିଟାଇଜର କିଣି ଏଠାରେ ରଖିଛନ୍ତି। ଶିକ୍ଷକ ଜଣଙ୍କ ସାରାଦିନ ସ୍କ୍ରିନିଂ ମେଶିନ ଧରି ଠିଆ ହୋଇଥାନ୍ତି। ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କୁ ଏଠାରେ ସେ ସ୍କ୍ରିନିଂ କରିଥାନ୍ତି। ସ୍କ୍ରିନିଂ ବିଷୟରେ ସେ ସରକାରୀ ଡାକ୍ତରଙ୍କଠାରୁ ପ୍ରଶିକ୍ଷଣ ମଧ୍ୟ ନେଇଛନ୍ତି। ସେମାନେ ମଧ୍ୟ ଏହି ମହତ୍ କାର୍ଯ୍ୟ ପାଇଁ ଶିକ୍ଷକଙ୍କୁ ଉତ୍ସାହିତ କରିଥିବା ଜଣାପଡ଼ିଛି। ଜୁନ୍ ୧ରୁ ସେ ଏହି କାର୍ଯ୍ୟ ଆରମ୍ଭ କରିଥିବାବେଳେ ଇତିମଧ୍ୟରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍କ୍ରିନିଂ ସରିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଶରୀରରେ ଜ୍ୱର ଥିବା ଜଣାପଡ଼ିବା ପରେ ରୁକ୍‌ସିନ୍‌ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ସେମାନଙ୍କ ସ୍ୱାବ୍ ରିପୋର୍ଟ ନେଗେଟିଭ୍ ଆସିଥିଲା। ଶିକ୍ଷକଙ୍କ ଏହି କାର୍ଯ୍ୟରେ ଗ୍ରାମବାସୀ ଏବଂ ଯୁବଗୋଷ୍ଠୀ ସହଯୋଗ କରୁଥିବା ସେ କହିଛନ୍ତି। ଇଷ୍ଟ ସିଆଙ୍ଗ ଜିଲାର ଡେପୁଟି କମିଶନର କିନ୍ନି ସିଂ ମଧ୍ୟ ଶିକ୍ଷକଙ୍କ ସ୍ୱେଚ୍ଛାକୃତ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଅରୁଣାଚଳ ପ୍ରଦେଶରେ ଇତିମଧ୍ୟରେ ୪୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଜଣେ ସୁସ୍ଥ ହୋଇ ଫେରିଥିବା ଜଣାପଡ଼ିଛି।




# ସରପ୍ରାଇଜ୍ ଦେବେ ସଲ୍‌ମାନ

ମୁମ୍ବାଇ: ବଲିଉଡ୍ ଦବଙ୍ଗ ସଲ୍‌ମାନ ଖାଁ ଲକ୍‌ଡାଉନ ସମୟରେ ବି ତାଙ୍କ ପ୍ରଶଂସକଙ୍କ ମନୋରଞ୍ଜନ କରି ଚାଲିଛନ୍ତି। ଏବେ ପାନ୍‌ଭେଲରେ ଥିବା ତାଙ୍କ ଫାର୍ମ ହାଉସ୍‌ରେ ସଲ୍‌ମାନ ବ୍ୟସ୍ତ ରହିଲେ ବି ସୋସିଆଲ ମିଡିଆ ମାଧ୍ୟମରେ ସେ ତାଙ୍କ ପ୍ରଶଂସକମାନଙ୍କ ସହ ଯୋଡ଼ି ହୋଇ ରହୁଥିବା ଦେଖାଯାଇଛି। ଘରେ ରହି ମଧ୍ୟ ଏହାରି ଭିତରେ ସଲମାନ ତାଙ୍କ ଫ୍ୟାନ୍‌ମାନଙ୍କ ପାଇଁ ୩ଟି ଗୀତ ରିଲିଜ୍ କରି ସାରିଲେଣି। ଏଥିରୁ ୨ଟି ଗୀତ ସୋସିଆଲ୍ ମିଡିଆରେ ଖୁବ୍ ଚର୍ଚ୍ଚାରେ ରହିଛି। ଏବେ କିନ୍ତୁ ସେ ତାଙ୍କ ପ୍ରଶଂସକଙ୍କୁ ସରପ୍ରାଇଜ୍ ଦେବେ ବୋଲି ଶୁଣିବାକୁ ମିଳିଛି। ଏହି ନାୟକ ଏଥର ଜଣେ ନୂଆ ଅଭିନେତ୍ରୀଙ୍କ ସହ ଏକ ସର୍ଟ ଫିଲ୍ମରେ ନଜର ଆସୁଛନ୍ତି ବୋଲି ଶୁଣାଯାଉଛି। ସେ ଘରେ ରହି ଏହି ସର୍ଟ ଫିଲ୍ମର ଶୁଟିଂ କରିବେ। ତେବେ ନବାଗତା ନାୟିକାଙ୍କ ନାଁ ଏପର୍ଯ୍ୟନ୍ତ ସଲ୍‌ମାନ ପ୍ରକାଶ କରି ନାହାନ୍ତି।




# ଠେଲାଗାଡ଼ିରେ କଦଳୀ ବିକୁଛନ୍ତି ଶିକ୍ଷକ

ନେଲ୍ଲୋର: ମହାମାରୀ କରୋନା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ସହ ଖେଳିଚାଲିଛି। ମୁଣ୍ଡ ପରେ ମୁଣ୍ଡ ଗଡ଼ାଇ ଚାଲିଛି। ବେଉସା ବୁଡ଼ାଇବା ସହ ଅନେକ ଲୋକଙ୍କୁ ବେଘର କରିଛି। ଲକ୍‌ଡାଉନ୍ ପରେ କଳ କାରଖାନା, ଦୋକାନ ବଜାର, ଅଫିସ୍ ଆଦି ବନ୍ଦ ରହିବାରୁ ଅନେକ ଲୋକଙ୍କ ଚଳିବା କଷ୍ଟକର ହୋଇପଡ଼ିଛି। ଅନେକେ ଚାକିରି ହରାଇ ନାନାଦି ପ୍ରକାର ଅସୁବିଧା ଭୋଗୁଛନ୍ତି। ପେଟ ଲାଗି ଅନେକେ ପ୍ରବାସୀ ଶ୍ରମିକ ରାସ୍ତାରେ ଚାଲି ଚାଲି ଆସିବା, ଭୋକ ଶୋଷ ସହ ଲଢ଼ିବା କାହାକୁ ଅଛପା ନାହିଁ। ବହୁଲୋକ ଚାକିରି, ରୋଜଗାର ହରାଇଛନ୍ତି। ସେମାନଙ୍କ ଆଖିକୁ ଏବେ ନିଦ ନାହିଁ। କିପରି ସଂସାର ଚଳିବ ଓ ଅଣ୍ଟା ସଳଖି ଠିଆହେବେ, ସେଇ ଚିନ୍ତାରେ ସମସ୍ତେ ମ୍ରିୟମାଣ। ଏଭଳି ଏକ ଜୀବନ ଯୁଦ୍ଧ ସହ ଲଢୁଛନ୍ତି ଆନ୍ଧ୍ରପ୍ରଦେଶର ନେଲ୍ଲୋର ନଗର ନିବାସୀ ପ. ଭେଙ୍କଟ ସୁବୈୟା। ୪୫ ବର୍ଷୀୟ ସୁବୈୟା ୧୫ ବର୍ଷ ଧରି ଶିକ୍ଷକତା କରିଆସୁଥିଲେ। ତେବେ କରୋନା ସଙ୍କଟ ଯୋଗୁ ତାଙ୍କ ଚାକିରି ଆଉ ଏବେ ନାହିଁ। ଡବଲ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିଥିବା ଏହି ଶିକ୍ଷକ ଏବେ ଠେଲାଗାଡ଼ିରେ କଦଳୀ ବିକ୍ରିକରି ଘର ସାଂସାର ଚଳାଉଛନ୍ତି। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ସୁବୈୟା ମାସିକ ୧୬,୦୮୦ ଟଙ୍କା ଲେଖାଏ ପାଇଆସୁଥିଲେ। ଏବେ ଏକ ଅନିଶ୍ଚିତତା ମଧ୍ୟରେ ତାଙ୍କ ଜୀବନ ବିତୁଛି। ଦୁଇବର୍ଷ ପୂର୍ବରୁ ପୁଅର ଚିକିତ୍ସା ଲାଗି କରିଥିବା ଋଣ ଟଙ୍କା କିପରି ଶୁଝିବେ, ସେଇ ଚିନ୍ତାରେ ସେ ଭାଙ୍ଗିପଡ଼ିଛନ୍ତି।

ଚାଷୀ ପରିବାରର ହୋଇଥିଲେ ହେଁ ଜମିବାଡ଼ି ବୋଲି ତାଙ୍କର କିଛି ନାହିଁ। ଦରମା ଟଙ୍କା ଗଣ୍ଡାକ ତାଙ୍କ ପାଇଁ ସବୁକିଛି ଥିଲା। ଏବେ ଚାକିରି ଚାଲିଯିବା ପରେ ସେ ଏକପ୍ରକାର ବେସାହାରା ହୋଇପଡ଼ିଛନ୍ତି। କଦଳୀ ବେପାରରୁ କେତେ ଟଙ୍କା ଆସିବ, ପରିବାର ଚଳିବା ସହ ପିଲାଙ୍କ ଭବିଷ୍ୟତ ଗଢ଼ିବ। ଋଣ ଟଙ୍କା କିପରି ଶୁଝିବ, ସେଇ ଚିନ୍ତାରେ ସେ ଏବେ ଭାରାକ୍ରାନ୍ତ। ବି. ଏଡ୍ ସହ ରାଜନୀତି ବିଜ୍ଞାନ ଓ ତେଲୁଗୁ ଭାଷାରେ ସେ ପୋଷ୍ଟ ଗ୍ରାଜୁଏଟ୍ କରିଛନ୍ତି ବୋଲି କହିବାକୁ ତାଙ୍କୁ ଏବେ ଲାଜ ଲାଗୁଛି। କର୍ପୋରେଟ୍ କଲେଜରେ ଚାକିରି ମିଳିବା ପରେ ଦେଖିଥିବା ସ୍ୱପ୍ନ ସବୁ ଚୂର୍‌ମାର୍ ହୋଇଯାଇଛି। କାହାକୁ କହିବ, କିଏ ବା ଶୁଣିବ ତାଙ୍କ କଥା। ସବୁ ଦୁଃଖକୁ ଗଳାର ମାଳା କରି ପିନ୍ଧିବା ଛଡ଼ା ଆଉକିଛି ଉପାୟ ନାହିଁ ତାଙ୍କ ପାଖରେ। ବସିବା ଅପେକ୍ଷା ମେ ୨୦ରୁ ଠେଲାଗାଡ଼ିରେ କଦଳୀ ବିକ୍ରିକରି ସେ ଗୁଜୁରାଣ ମେଣ୍ଟାଉଛନ୍ତି। ପରିଶ୍ରମ କଲେ ଫଳ ନିଶ୍ଚିତ ମିଳିବ ବୋଲି ସେ ଆଶା ରଖିଛନ୍ତି। କାମ ଛୋଟ ହେଉ କି ବଡ, ନିଜ କାମ ଠିକ୍ ଭାବେ କଲେ ପରିସ୍ଥିତିରେ ସୁଧାର ଆସିବ ବୋଲି ସେ ଭାବିନେଇ ଆଗେଇ ଚାଲିଛନ୍ତି। ଖାଲି ସୁବୈୟା ନୁହନ୍ତି, ଏଭଳି ଅନେକ ଲୋକଙ୍କ ମୁହଁରୁ ଦାନା ଛଡ଼ାଇ ନେଇଛି କରୋନା। ତଥାପି ଅଣ୍ଟା ସଳଖ କରି ଠିଆହେବାକୁ ପଡ଼ିବ। ଏ କଥାକୁ ଭୁଲିଗଲେ ଚଳିବ ନାହିଁ। ରାତି ପରେ ଦିନ ନିଶ୍ଚୟ ଆସିବ ବୋଲି କହିଛନ୍ତି ସୁବୈୟା।

## ସବୁ ସାରିଦେଲା କରୋନା





ସୌନ୍ଦର୍ଯ୍ୟ

# ଆକର୍ଷଣୀୟ ତ୍ୱଚା ପାଇଁ..

**ବୟସ ଯାହା ବି ହୋଇଥାଉ ତ୍ୱଚାର ଦେଖାଶୁଣା କରିବା ନିହାତି ଆବଶ୍ୟକ। ଏବେ ଲକ୍‌ଡାଉନ୍ ପାଇଁ ଘରେ ଅଧିକାଂଶ ସମୟ ବିତାଉ ଥିବାରୁ ବିଭିନ୍ନ ପ୍ରକାରର ଘରୋଇ ଜିନିଷରେ ସୌନ୍ଦର୍ଯ୍ୟ ପରିଚର୍ଯ୍ୟା କରିପାରିବେ...**

– ଚାଉଳକୁ ରାତିରେ ଭିଜାଇ ସକାଳୁ ଏହାର ପେଷ୍ଟ ତିଆରି କରି ମୁହଁରେ ଲଗାନ୍ତୁ। କିଛି ସମୟ ପରେ ମୁହଁ ଧୋଇ ଦିଅନ୍ତୁ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିଇନଫ୍ଲାମେଟାରୀ ତତ୍ତ୍ୱ ତ୍ୱଚାକୁ ଉଜ୍ଜ୍ୱଳ କରିବ।

– ଦୁଇ ଚାମଚ ଚାଉଳ ଗୁଣ୍ଡରେ ୧ ଚାମଚ ଗୋଲାପ ଜଳ ଓ ୧ ଚାମଚ କ୍ଷୀର ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ମସାଜ୍ କରନ୍ତୁ। ଶୁଖିଗଲା ପରେ ମୁହଁ ଧୋଇ ଦିଅନ୍ତୁ।

– ମସୁର ଡାଲିକୁ ଘଣ୍ଟାଏ ପାଣିରେ ଭିଜାଇ ବାଟି ଦିଅନ୍ତୁ। ଏହି ପେଷ୍ଟରେ ଦୁଇ ବଡ଼ ଚାମଚ ଟମାଟୋ ରସ ମିଶାଇ ମୁହଁ ଏବଂ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

– ଅମୃତଭଣ୍ଡାରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଓ ପୋଷକ ତତ୍ତ୍ୱ ତ୍ୱଚାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ତେଣୁ ପାଚିଲା ଅମୃତଭଣ୍ଡା ରସରେ ମହୁ ମିଶାଇ ଲଗାଇଲେ ତ୍ୱଚା ବହୁତ ସୁନ୍ଦର ଦେଖାଯାଇଥାଏ। ସପ୍ତାହକୁ ଦୁଇଥର ଏହାକୁ ଲଗାଇବା ଆବଶ୍ୟକ।



# ବ୍ୟୁଟି ମାସ୍କ



**ବ୍ୟୁ**ଟି ଟ୍ରିଟ୍‌ମେଣ୍ଟ ବି ହେବ ଆଉ ସୋସିଆଲ ଡିଷ୍ଟାନ୍ସକୁ ପାଳନ କରିହେବ। ସେଥିପାଇଁ ତିଆରି କରାଯାଇଛି ଏକ ସ୍ୱତନ୍ତ୍ର ପ୍ରକାରର ମାସ୍କ। ଗ୍ରହକମାନଙ୍କ ପାଇଁ ଏଭଳି ଏକ ମାସ୍କ ତିଆରି କରିଛି ବ୍ୟାଙ୍କକ୍‌ର ଥାଇ ବ୍ୟୁଟି କ୍ଲିନିକ୍। ଏହି ମାସ୍କ ପିନ୍ଧିବା ଫଳରେ ବ୍ୟୁଟିସିଆନ୍ କିମ୍ବା ଡାକ୍ତରଙ୍କର ଗ୍ରାହକଙ୍କ ସହିତ ସିଧାସଳଖ ସମ୍ପର୍କରୁ ବର୍ତ୍ତି ହେବ। ମିନି ବ୍ୟୁଟି ମାସ୍କଟି ନାକ ଏବଂ ମୁହଁରେ ରହିଥାଏ ଏବଂ ମୁହଁର ଅଧିକ ଅଂଶ ଖାଲି ରହୁଥିବାରୁ ମାସ୍କକୁ ପିନ୍ଧି ବ୍ୟୁଟି ଟ୍ରିଟ୍‌ମେଣ୍ଟ କରିହେବ। କ୍ଲିନିକରେ ଏହି ମାସ୍କ ବିକ୍ରି କରାଯାଇ ନ ଥାଏ କିନ୍ତୁ ଗ୍ରାହକମାନଙ୍କୁ ଏହା ପିନ୍ଧିବାକୁ ଦିଆଯାଏ। ଏହାକୁ ଧୋଇ ପୁଣି ଥରେ ବ୍ୟବହାର କରାଯାଏ। କ୍ଲିନିକରେ ଫେସିଆଲ ଟ୍ରିଟମେଣ୍ଟ ସମୟରେ ଏହି ମାସ୍କ ପିନ୍ଧି ଗ୍ରାହକମାନେ ନିଜକୁ ସୁରକ୍ଷିତ ମନେକରୁଛନ୍ତି। ତ୍ୱଚାର ଉପଚାର ସମୟରେ ଏକ ପ୍ଲାଷ୍ଟିକ୍ ସିଲ୍ଡ ବି ବ୍ୟବହାର କରାଯାଉଛି। ଏହା ସହ କ୍ଲିନିକରେ ତାପମାତ୍ରା ଯାଞ୍ଚ ଓ ସାନିଟାଇଜ୍ ଆଦିର ବ୍ୟବସ୍ଥା ବି କରାଯାଇଛି। ତେବେ କ୍ଲିନିକରେ ଏତେ ସବୁ ବ୍ୟବସ୍ଥା ପରେ ବି ଗ୍ରାହକଙ୍କ ସଂଖ୍ୟା ବହୁତ କମିଯାଇଛି।

# ପଶ୍ଚିମ ନମସ୍କାର ଆସନ

**ବ୍ୟାକ ପେନ୍ ସମସ୍ୟାରୁ ମୁକ୍ତି ପାଇଁ ଏକ୍ସରସାଇଜ୍ କରିବା ନିହାତି ଆବଶ୍ୟକ। ତେବେ ଏକ୍ସରସାଇଜ୍ କରିବା ପାଇଁ ଯଦି ସମୟ ନାହିଁ ତା'ହେଲେ ପଶ୍ଚିମ ନମସ୍କାର ନିଶ୍ଚିତ କରନ୍ତୁ...**

**ପ**ଶ୍ଚିମ ନମସ୍କାରକୁ ଆପଣ ଛିଡ଼ାହୋଇ କିମ୍ବା ବସିକରି କରିପାରିବେ। ଏହି ଆସନରେ ଦୁଇ ହାତକୁ ପଛପଟକୁ ନେଇ ନମସ୍କାର ମୁଦ୍ରା କରିବାକୁ ପଡ଼େ। ଏଥିପାଇଁ ପ୍ରଥମେ କାନ୍ଧକୁ ଢିଲା ରଖି ହାତକୁ ଟିକେ ବୁଲାନ୍ତୁ। ଏହାପରେ ଦୁଇ ହାତକୁ ପଛପଟକୁ ନେଇଯାଆନ୍ତୁ। ଏହାପରେ ପଛପଟରେ ହାତ ରଖି ଦୁଇ ପାପୁଲିକୁ ଏକାଠି କରି ନମସ୍କାର ମୁଦ୍ରା କରନ୍ତୁ। ଏହାପରେ ହାତକୁ ନମସ୍କାର ମୁଦ୍ରାରେ ଉପରକୁ ଉଠାନ୍ତୁ। ଏହି ଆସନ ମୁଦ୍ରାରେ ରହି କିଛି ସମୟ ନିଃଶ୍ୱାସ ନିଅନ୍ତୁ। ନିଃଶ୍ୱାସ ଛାଡ଼ିବା ଅବସ୍ଥାରେ ଧୀରେ ଧୀରେ ହାତକୁ ତଳକୁ ଆଣନ୍ତୁ। ଏହାପରେ ହାତକୁ ସାମାନ୍ୟ ଅବସ୍ଥାରେ ରଖନ୍ତୁ।

**ଲାଭ–**

ନିୟମିତ ଏହି ଆସନ କଲେ ପେଟ ସମସ୍ୟାରୁ ମୁକ୍ତି ମିଳେ। ପିଠି ଦରଜ କମିବା ସହିତ କାନ୍ଧ ଏବଂ ଛାତି ମାଂସପେଶୀକୁ ବି ଆରାମ ଲାଗିଥାଏ।



କର୍ମଜୀବୀ

# ବଢୁଛି ଦାୟିତ୍ୱ...

**ଦୀର୍ଘଦିନର ଲକ୍‌ଡାଉନ୍ ପରେ ଏବେ ଟିକିଏ କୋହଳ ହୋଇଛି କଟକଣା। ଚାଲିଛି ଅନ୍‌ଲକ୍ ଫେଜ୍ ୱାନ୍। ତେଣୁ କର୍ମଜୀବୀ ମହିଳାମାନେ ବି ପୁଣି ଫେରିଛନ୍ତି କର୍ମକ୍ଷେତ୍ରକୁ। ଗୋଟିଏ ପଟେ କରୋନା ସଂକ୍ରମଣର ଭୟ କମି ନ ଥିବାବେଳେ ଅନ୍ୟ ପଟେ ନିଜ କ୍ୟାରିୟରକୁ ସମ୍ଭାଳିବା ପାଇଁ ସଂଘର୍ଷ କରିବାକୁ ପଡୁଛି...**







**ଘ**ର ପରିବାର ଆଉ କ୍ୟାରିୟର ଭିତରେ ସମନ୍ୱୟ ରକ୍ଷା କରିବା ପାଇଁ କର୍ମଜୀବୀମାନଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥାଏ। ଏବେ କରୋନା ଭାଇରସ୍ ସଂକ୍ରମଣର ଭୟ କମିନି। ସେନେଇ ଯଥେଷ୍ଟ ସଚେତନ ହେବାକୁ ପଡୁଛି। ଏହା ଭିତରେ ଅନେକଙ୍କୁ ଘରୁ ଗୋଡ଼ କାଢ଼ି ବାହାରକୁ ବି ଯିବାକୁ ପଡ଼ିଛି। କାରଣ ଏବେ କାମ ନ କଲେ ହୁଏତ କ୍ୟାରିୟରରେ ଏକ ବିରାଟ ପୂର୍ଣ୍ଣଚ୍ଛେଦ ପଡ଼ିଯାଇପାରେ। ତେଣୁ ନିଜର ତଥା ପରିବାରର ସ୍ୱାସ୍ଥ୍ୟ ସଚେତନତାକୁ ଦୃଷ୍ଟିରେ ରଖି କାମ କରିବାକୁ ପଡୁଛି।

**କ୍ୟାରିୟର ଭୟ:** ଲକ୍‌ଡାଉନ୍ ପାଇଁ ଏବେ ଅଧିକାଂଶ କର୍ମକ୍ଷେତ୍ରରେ ଚାକିରିକୁ ନେଇ ସଂଘର୍ଷ କରୁଛନ୍ତି ଲୋକେ। ତେଣୁ ଏ ସମୟରେ ଅଫିସର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେତେଜଣ କର୍ମକ୍ଷେତ୍ରକୁ ଯିବା ଆରମ୍ଭ କରିଛନ୍ତି। କରୋନା ସଂକ୍ରମଣ ପ୍ରତି ଭୟ ତ ରହିଛି କିନ୍ତୁ ଏ ସ୍ଥିତିରେ ଚାକିରିରେ ଯୋଗ ନ ଦେଲେ ହୁଏତ ଚାକିରି ହରାଇବାର ଭୟ ଆସିପାରେ। ସେ ଦୃଷ୍ଟିରୁ ଇଚ୍ଛା ନ ଥିଲେ ବି ଅନେକ ମହିଳା କାମ କରିବା ଆରମ୍ଭ କରିଛନ୍ତି।

**ଅଫିସରେ ଚାପ:** କରୋନା ସଂକ୍ରମଣକୁ ଏଡ଼ାଇବା ପାଇଁ ଅଧିକାଂଶ ଅଫିସରେ ଏବେ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ କାମ କରିବାର ଅନୁମତି ମିଳିଛି। ସେଥିପାଇଁ ଅଫିସକୁ ଯାଉଥିବା କିଛି କର୍ମଚାରୀଙ୍କୁ ଅଧିକ ଚାପରେ କାମ କରିବାକୁ ପଡୁଛି। ମହିଳାମାନଙ୍କୁ ଅଫିସରେ ଅଧିକ ଚାପରେ କାମ କରିବାକୁ ପଡୁଥିବାବେଳେ ଘରେ ବି କାମର ଚାପ ଅଧିକ ରହୁଛି। ଲକ୍‌ଡାଉନ୍ ପାଇଁ ପରିବାରର ସବୁ ସଦସ୍ୟ ଏବେ ଘରେ ଅଧିକ ସମୟ ରହୁଥିବାରୁ ସେମାନଙ୍କ ପାଇଁ ଉଭୟପଟେ କାମର ଚାପ ବଢ଼ିଯାଇଛି।

**ସଂକ୍ରମଣ ସଚେତନତା:** କରୋନା ସଂକ୍ରମଣ ନେଇ ଏବେ ପାଦେ ପାଦେ ସଚେତନ ହେବାକୁ ପଡୁଛି। ସେଥିପାଇଁ ତ ଘରୁ ବାହାରିବା ମାତ୍ରେ ସମସ୍ତେ ସାନିଟାଇଜର ସହିତ ମାସ୍କ ଆଦି ସାଙ୍ଗରେ ନେଇ ଯାଉଛନ୍ତି। ଏହା ସହିତ ଘରକୁ ଫେରିବା ସମୟରେ ବି ସାଙ୍ଗରେ ନେଇଥିବା ସମସ୍ତ ଜିନିଷକୁ ସାନିଟାଇଜ୍ କରିବା ସହିତ ନିଜକୁ ପରିଷ୍କାର କରିବାକୁ ପଡୁଛି। ଏଭଳି ସ୍ଥିତିରେ ମହିଳାମାନଙ୍କର ବି କାମ ଟିକେ ଅଧିକ ହୋଇଯାଇଛି। ହେଲେ ଏସବୁ ଭିତରେ ନିଜ କ୍ୟାରିୟରକୁ ନେଇ ବେଶ୍ ଆତ୍ମସନ୍ତୋଷ ମିଳୁଛି।



ରାନୁସ୍ମିତା



ମହାଶ୍ୱେତା



ଦେବେହ୍ନିତା

**ପରିସ୍ଥିତି ସହ ସାମିଲ ହୋଇ କାମ କରିବାକୁ ପଡିବ :** ଏବେ ଦୁଇ ସପ୍ତାହ ହେଲା ମୋ ଅଫିସ୍ ଖୋଲିଲାଣି। ଅଫିସ୍ ଖୋଲିଲା ଯେ ମତେ ବହୁତ ଶାନ୍ତି ଲାଗୁଛି। ନ ହେଲେ ଏତେ ଦିନ ଧରି ଘରେ ରହି ରହି ମୁଁ ବୋର୍ ହୋଇ ଯାଇଥିଲି। ପୁଅର ମାଟ୍ରିକ ପରୀକ୍ଷା ସରି ଯାଇଛି। ତେଣୁ ଏମିତି ଦେଖିବାକୁ ଗଲେ ସେ ନିଜ କାମ ନିଜେ କରିଦେଉଛି। ଏବେ ତା'ର ସମର କୋର୍ସ ପାଠପଢ଼ା ହେଉଛି। ସେଥିପାଇଁ ଟିକେ ନଜର ରଖିବାକୁ ପଡୁଥିଲା। କିନ୍ତୁ ଅଫିସ୍ ପୂରା ବନ୍ଦ ଥିବାରୁ ଭଲ ଲାଗୁ ନ ଥିଲା। ଏବେ ଅଫିସ୍ ଖୋଲିବା ପରେ କରୋନା ପାଇଁ ସଚେତନ ହୋଇ ଆସିବାକୁ ପଡୁଛି। ଥରେ ବାହାରକୁ ବାହାରିବା ମାନେ ଘରକୁ ଫେରିଲେ ଲୁଗାପଟା ଧୋଇ ପୂରା ଗାଧୋଇବାକୁ ପଡୁଛି। ବାକି ସାନିଟାଇଜେସନ୍ ଆଉ ହ୍ୟାଣ୍ଡୱାଶ୍ ତ ସବୁବେଳେ ପାଖରେ ରହିଛି। ପରିସ୍ଥିତି ସହ ସାମିଲ୍ ହୋଇ କାମ କରିବା ଆରମ୍ଭ କରିଛି।

*–ମହାଶ୍ୱେତା ତ୍ରିପାଠୀ, ଏକ୍‌ଜିକ୍ୟୁଟିଭ୍ ଆସିଷ୍ଟାଣ୍ଟ, କିଟ୍ ୟୁନିଭର୍ସିଟି*

**ପୁଅ ପାଇଁ ଚିନ୍ତା:** ଲକ୍‌ଡାଉନ୍ ପାଇଁ ଆମ ଅଫିସ୍ ସବୁ ଦିନ ବନ୍ଦ ରହି ନ ଥିଲା। ଆମର ରୋଟେସନରେ କାମ ହେଉଥିଲା। ତେଣୁ ମତେ କେବେ କେବେ ଘରେ ରହି କାମ କରିବାର ସୁଯୋଗ ମିଳି ଯାଉଥିଲା। ମୋ ପୁଅକୁ ଏବେ ତିନି ବର୍ଷ ହୋଇଛି, ତେଣୁ ୱାର୍କ ଫ୍ରମ ହୋମ୍ ହେବାରୁ ତା' ପାଇଁ ଅଧିକ ସମୟ ଦେବାର ସୁଯୋଗ ପାଉଥିଲି। ଏବେ ଅଫିସ୍ ପୂରା ଖୋଲିଛି। ପୂର୍ବ ଭଳି ଫୁଲ ଟାଇମ୍ କାମ କରି ଘରକୁ ଫେରୁଛି। ହେଲେ କରୋନା ପାଇଁ ଏବେ ଅଧିକ ସଚେତନ ହେବାକୁ ପଡୁଛି। ଅଫିସରେ ଆମର ସାନିଟାଇଜେସନର ସବୁ ସୁବିଧା ରହିଛି। ତା' ଛଡ଼ା ଘରକୁ ଫେରି ସବୁ ଜିନିଷକୁ ସାନିଟାଇଜେସନ୍ କରି ଲୁଗାପଟା ଧୋଇ ଗାଧୋଇବା ପରେ ହିଁ ଛୁଆ ପାଖକୁ ଯାଉଛି। ଘରେ ଅନ୍ୟମାନେ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରୁଛନ୍ତି। ହେଲେ ମୋ ପୁଅଟା ଛୋଟ ବୋଲି ମତେ ଟିକେ ଅଧିକ ସତର୍କ ହେବାକୁ ପଡୁଛି।

*–ଦେବେହ୍ନିତା ଦାସ, ବ୍ରାଞ୍ଚ ମ୍ୟାନେଜର, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ପୁରୀ*

**ଘରେ କାମ ବଢ଼ିଯାଇଛି:** ଲକ୍‌ଡାଉନ୍ ପାଇଁ ଆମର ଅଫିସ୍ ପୂରା ବନ୍ଦ ହୋଇ ନ ଥିଲା। ଅଫିସ୍ ନ ଯାଇ ୱାର୍କ ଫ୍ରମ ହୋମ୍ କରୁଥିଲି। ଏବେ ଦୁଇଟା ଅପସନ୍ ରହିଛି। ଏବେ ଅଫିସ୍ ଆଉ ଘରେ ସୁବିଧା ଅନୁସାରେ କାମ କରିହେବ। ତେଣୁ ମତେ ଅଫିସ୍ କାମ ପାଇଁ ସେମିତି କିଛି ଅସୁବିଧା ହେଉନି। କିନ୍ତୁ ଘରେ ସମସ୍ତଙ୍କ ପାଇଁ ମତେ ହିଁ ସବୁ କରିବାକୁ ପଡୁଛି। କାରଣ ଏବେ ତ ଘରକୁ କାମରେ ସହାୟତା ପାଇଁ କାହାକୁ ଡାକି ହେଉନି। ଆଉ ବାହାରକୁ ବାହାରିବା ମାତ୍ରେ କରୋନା ନେଇ ସଚେତନତା ଦୃଷ୍ଟିରୁ ଅଧିକ କାମ ପଡ଼ିଯାଉଛି। ଦୁଇଜଣ ପିଲା ଛୋଟ ଥିବାରୁ ସେମାନଙ୍କୁ ବି ସବୁବେଳେ ସଚେତନ କରିବାକୁ ପଡୁଛି। ସେଥିପାଇଁ ବେଶି ସମୟ ମୁଁ ଘରୁ କାମ କରିବାକୁ ପସନ୍ଦ କରୁଛି, ଯାହାଫଳରେ ସାନିଟାଇଜେସନ୍ ଆଉ ସଫାସୁତୁରା କାମ ଟିକେ କମ୍ ହେଉଛି।

*–ରାନୁସ୍ମିତା ସ୍ୱାଇଁ, ଟେକ୍ନିକାଲ୍ ଆସିଷ୍ଟାଣ୍ଟ, ନିଟ୍ ଟେକ୍ନୋଲୋଜି, ବାଙ୍ଗାଲୋର*

# ଫ୍ରିଜ୍‌ରେ ରଖିବେନି

**ବଜାରରୁ ଆଣିଥିବା ଅନେକ ସାମଗ୍ରୀକୁ କିଛି ଦିନ ତାଜା ରଖିବା ପାଇଁ ଫ୍ରିଜରେ ରଖାଯାଇଥାଏ। କିନ୍ତୁ ଏମିତି କିଛି ଖାଦ୍ୟପଦାର୍ଥ ରହିଛି, ଯାହାକୁ ଫ୍ରିଜରେ ରଖିଲେ ତାହା ନଷ୍ଟ ହୋଇ ଯାଇଥାଏ। ତେଣୁ କେଉଁ ପଦାର୍ଥକୁ ଫ୍ରିଜରେ ରଖିବେ ନାହିଁ ଜାଣି ରଖନ୍ତୁ...**



**କଦଳୀ:** କଦଳୀ ପୂରା ପାଚି ଯାଇଥିଲେ ତାହା ହୁଏତ ଦିନେ ପର୍ଯ୍ୟନ୍ତ ଫ୍ରିଜରେ ରହିପାରେ। କିନ୍ତୁ ଅଧା ପାଚିଥିବା କଦଳୀକୁ ଫ୍ରିଜରେ ରଖିଲେ ତା'ର ଉପରିଭାଗ କଳା ପଡ଼ିଯାଏ। ତେଣୁ ପାଚିଲା କଦଳୀକୁ କେବେ ଫ୍ରିଜରେ ରଖନ୍ତୁ ନାହିଁ।

**ରସୁଣ:** ରସୁଣକୁ ପ୍ଲାଷ୍ଟିକ୍ ବ୍ୟାଗ କିମ୍ବା ଫ୍ରିଜରେ ରଖିବା ଉଚିତ ନୁହେଁ। ଏହା ନଷ୍ଟ ହୋଇଯାଏ। ଏହାକୁ ସୁରକ୍ଷିତ ରଖିବା ପାଇଁ ଘରର ସାଧାରଣ ତାପମାତ୍ରାରେ କୌଣସି ଶୁଖିଲା ସ୍ଥାନରେ ରଖନ୍ତୁ, ଯେଉଁଠିକୁ ପବନ ଚଳାଚଳ କରୁଥିବ।

**ବ୍ରେଡ:** ଫ୍ରିଜରେ ବ୍ରେଡ ରଖିଲେ ତା'ର ସ୍ୱାଦ ନଷ୍ଟ ହୋଇଯାଏ। ଫ୍ରିଜରେ ଥଣ୍ଡାରେ ରହିବା ପରେ ବ୍ରେଡ ଶୁଖିଯାଏ।

**ଆଳୁ:** ଆଳୁକୁ ଘରର ସାଧାରଣ ତାପମାତ୍ରାରେ ରଖିବା ଉଚିତ। ଏହାକୁ ଫ୍ରିଜରେ ରଖିଲେ ତା'ର ରଙ୍ଗ ପରିବର୍ତ୍ତନ ହେବା ସହିତ ସେଥିରେ ଶର୍କରାର ପରିମାଣ ଅଧିକ ହୋଇଯାଏ। ତେଣୁ ଫ୍ରିଜରେ ରଖିବା ପରେ ଆଳୁ ଅଧିକ ମିଠା ଲାଗିଥାଏ।



ଖାଦ୍ୟ ରୁଚି



# କଞ୍ଚା ଆମ୍ବ ଓ ପୁଦିନା ଚଟଣି

**ଆବଶ୍ୟକ ସାମଗ୍ରୀ–**

କଞ୍ଚା ଆମ୍ବ ୧ଟି
ପୁଦିନାପତ୍ର ଓ ଧନିଆପତ୍ର ଅଳ୍ପ
ଅଦା ଏକ ଇଞ୍ଚ
ରସୁଣ ୭ ରୁ ୮ କୋଲା
ଜିରା ୧ ଚାମଚ
କଞ୍ଚାଲଙ୍କା ୩–୪ଟି
ସ୍ୱାଦ ଅନୁସାରେ ଲୁଣ

**ପ୍ରଣାଳୀ–**

ପ୍ରଥମେ ଆମ୍ବର ଚୋପା ଛଡ଼ାଇ ଛୋଟ ଛୋଟ କାଟି ରଖନ୍ତୁ। ଜିରାକୁ ଭାଜି ରଖନ୍ତୁ। ସେହିପରି ଅଦା ଚୋପା ଛଡ଼ାଇ ତାକୁ କାଟି ଦିଅନ୍ତୁ। ଏବେ ଗ୍ରାଇଣ୍ଡରରେ ଆମ୍ବ, ରସୁଣ, ଅଦା, କଞ୍ଚାଲଙ୍କା, ଜିରା, ଲୁଣ ସବୁ ପକାଇ ବାଟି ଦିଅନ୍ତୁ। ଆବଶ୍ୟକ ହେଲେ ଟିକେ ପାଣି ଦେଇ ବାଟନ୍ତୁ। ଏବେ ପ୍ରସ୍ତୁତ ହୋଇଥିବା ଏହି ଚଟଣିକୁ ଆପଣ ଫ୍ରିଜରେ ୪–୫ ଦିନ ରଖି ଖାଇପାରିବେ।

ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବାର୍ଷିକ ଉତ୍ସବରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ବିଶ୍ୱ ମହାମାରୀ କରୋନାର ଘଡିସନ୍ଧି ମୁହୂର୍ତ୍ତରେ ଓଡିଶାର କ୍ରୀଡାବିତ ମାନେ ସତର୍କ ଓ ସୁରକ୍ଷିତ ରୁହନ୍ତୁ ।
ସାମାଜିକ ଦୂରତ୍ୱ ବଜାୟ ରଖି ନିଜକୁ ଓ ପରିବାର ବର୍ଗଙ୍କୁ ସୁସ୍ଥ ରଖନ୍ତୁ ।
ସୁନ୍ଦରମଣୀ ବାରିକ
ଆନ୍ତର୍ଜାତୀୟ ମାଷ୍ଟର୍ସ ଆଥେଲେଟ ଓ ଆଥେଲେଟିକ ସମ୍ପାଦକ, ସମ୍ବଲପୁର

ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବାର୍ଷିକ ଉତ୍ସବରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ବିଶ୍ୱ ମହାମାରୀ କରୋନାର ଘଡିସନ୍ଧି ମୁହୂର୍ତ୍ତରେ ଓଡିଶାବାସୀଙ୍କୁ ନିବେଦନ କରୁଛି, ସତର୍କ ଓ ସୁରକ୍ଷିତ ରୁହନ୍ତୁ ।
କରୋନା ଯୋଦ୍ଧାମାନଙ୍କୁ ସମ୍ମାନ କରନ୍ତୁ ।
ସମସ୍ତେ ସାମାଜିକ ଦୂରତ୍ୱ ବଜାୟ ରଖି ନିଜକୁ ଓ ପରିବାର ବର୍ଗଙ୍କୁ ସୁସ୍ଥ ରଖନ୍ତୁ ।
ଶାନ୍ତନୁ ବଡପଣ୍ଡା
ପୂର୍ବତନ ସଭାପତି, ହୀରାକୁଦ ଟାଉନ ବିଜେଡି, ସମ୍ବଲପୁର

# ଶାଳମଞ୍ଜିର ଅଭାବୀ ବିକ୍ରି

## ବଜାର ସୁବିଧା ନାହିଁ

**ବୌଦ୍ଧ, ୮।୬(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମାଧପୁର ଗାଁ । ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରନ୍ତି । ଏମାନେ ପ୍ରତିଦିନ ଜଙ୍ଗଲରୁ କାଠ, ମହୁ, ଝୁଣା, ବାଉଁଶ ପରି ବିଭିନ୍ନ ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ କରିନ୍ତି । ସେହି ସାମଗ୍ରୀକୁ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ଏବେ ଶାଳମଞ୍ଜି ସଂଗ୍ରହ ସମୟ । ସେମାନେ ଜଙ୍ଗଲରୁ ଶାଳମଞ୍ଜି ଆଣି ତାକୁ ଗାଁ ଦାଣ୍ଡରେ ଶୁଖାଇବା ପରେ ବିକ୍ରି କରିଥାଆନ୍ତି । ହେଲେ ବଜାର ସୁବିଧା ନ ଥିବାରୁ ଆଦିବାସୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ବେପାରୀମାନେ ଗାଁକୁ ଗାଁ ବୁଲି ଶାଗମାଛ ଦରରେ ଶାଳ ମଞ୍ଜି କିଣିଥାନ୍ତି । ଆଦିବାସୀମାନେ ବି ବେପାରୀମାନଙ୍କୁ କମ୍ ଦରରେ ମଞ୍ଜି ବିକିବାକୁ ବାଧ୍ୟ ହୋଇଥାନ୍ତି ।

ବୌଦ୍ଧ ଏକ ଛୋଟ ଜିଲା । ୩ ବ୍ଲକ ଓ ଗୋଟିଏ ଏନ୍ଏସିକୁ ନେଇ ଏହି ଜିଲା ଗଠିତ । ଏଠାକାର ଅଧିକାଂଶ ଅଧିବାସୀ ଚାଷ ସହ ମୂଲ ମଜୁରି ଲାଗି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ଜିଲାର ହରଭଙ୍ଗା ବ୍ଲକ ୨୨ ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ଏଠାକାର ବହୁ ଆଦିବାସୀ ପରିବାର ପାହାଡ ଓ ଜଙ୍ଗଲ ଅଞ୍ଚଳରେ ବସବାସ କରନ୍ତି । ଏମାନଙ୍କ ଜୀବିକାର ମୁଖ୍ୟ ମାଧ୍ୟମ ହେଲା ଚାଷବାସ ସହ ଜଙ୍ଗଲି ଜାତ ଦ୍ରବ୍ୟ ସଂଗ୍ରହ କରି ବଜାରରେ ବିକ୍ରି କରିବା । ବର୍ତ୍ତମାନ କରୋନା କଟକଣା ଯୋଗୁ



ଆଦିବାସୀମାନେ କାମଧନ୍ଦା ନ ପାଇ ଅସୁବିଧାରେ ଅଛନ୍ତି । ଶାଳମଞ୍ଜି ସଂଗ୍ରହ ସମୟ ହୋଇଥିବାରୁ ଆଦିବାସୀ ପରିବାରଗୁଡିକ ଏହି କାମରେ ଲାଗି ପଡିଛନ୍ତି । ଜିଲାରେ ସରକାରଙ୍କ ପକ୍ଷରୁ ଏହି ମଞ୍ଜି କ୍ରୟ କରିବାର କୌଣସି ବ୍ୟବସ୍ଥା ନ ଥିବାରୁ ସେମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଯଦି ସେମାନେ ବିକ୍ରି ନ କରିବେ ସେମାନଙ୍କ ପେଟକୁ ଦାନା ମିଳିବନି । ପ୍ରଶାସନ ପକ୍ଷରୁ ଏଥିପାଇଁ ବଜାର ବ୍ୟବସ୍ଥା କରାଯିବାକୁ ଦାବି ହେଉଛି ।

ଅଭିନନ୍ଦନ
ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବର୍ଷ ଉପଲକ୍ଷେ ଶୁଭ କାମନା ଜଣାଉଛୁ । ମାଁ ସମଲେଇ ଘଣ୍ଟ ଘୋଡାଇ ସମସ୍ତଙ୍କୁ ସୁଖ ଶାନ୍ତି ପ୍ରଦାନ କରନ୍ତୁ - ଏହାହିଁ କାମନା
ବିଜୁ ଜନତା ଦଳ
ଇଂ ନଳିନୀ କାନ୍ତ ପ୍ରଧାନ
ଜିଲ୍ଲା ପର୍ଯ୍ୟବେକ୍ଷକ ସମ୍ବଲପୁର ଓ ଦେବଗଡ
ବିଜୁ ଜନତା ଦଳ

# କଅଁଳ କାନ୍ଧରେ ଭିନ୍ନକ୍ଷମ ଭାଇର ବୋଝ

**ବିନିକା,୮।୬(ଡି.ଏନ୍.ଏ.):** ୧୫ ବର୍ଷର ବାଳକ ଜିତେନ୍ଦ୍ର ଭୁଏ । ଯେଉଁ ବୟସରେ ସେ ପାଠପଢି ସାଙ୍ଗସାଥୀ ମେଳରେ ହସଖୁସିରେ ଦିନ କାଟିବା କଥା ସେହି ସମୟରେ ତାଙ୍କ କଅଁଳ କାନ୍ଧରେ ଭିନ୍ନକ୍ଷମ ସାନଭାଇର ବୋଝ । ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଗିର୍ଡି ପଞ୍ଚାୟତ ଅନ୍ତର୍ଗତ କୁକୁଡାଖୋଲି ଗୌଡ଼ପଡାରେ ଜିତେନ୍ଦ୍ରଙ୍କ ଘର । ଘରେ କେବଳ ୧୨ ବର୍ଷର ସାନଭାଇ ମିଲନ୍ । ସେ ପକ୍ଷାଘାତ ରୋଗରେ ପୀଡିତ ଥିବା ବେଳେ ଜନ୍ମରୁ ମାନସିକ ଓ ଶାରୀରିକ ଭାବେ ଭିନ୍ନକ୍ଷମ । ତା'ର ଦେଖାଚାହାଁ କରିବାଠାରୁ ଆରମ୍ଭ କରି ସବୁକିଛି ଦାୟିତ୍ୱ ଏବେ ଜିତେନ୍ଦ୍ରଙ୍କ ଉପରେ । ବର୍ଷକ ତଳେ ଦୁଇ ଭାଇ ମା' ବାପାଙ୍କୁ ହରାଇ ବେସାହାରା ହୋଇପଡିଛନ୍ତି । ବାପା ନେହେରୁ ଭୁଏ (୩୮) ଓ ମା' ଉରକୁଲି (୩୫) ମୂଲ ଲାଗି ପରିବାର ଚଳାଉଥିଲେ । ଯାହା ରୋଜଗାର କରି ଆଣୁଥିଲେ ସେଥିରେ ତେଲ ଲୁଣର ସଂସାର ଚାଲିଥିଲା । ହେଲେ ଜିତେନ୍ଦ୍ରଙ୍କ ମା' ବାପା ଝାଡାବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ହୋଇ ଏକ ମାସ ବ୍ୟବଧାନରେ ଆରପାରିକୁ ଚାଲିଗଲେ । ଏହା ପରଠାରୁ ଦୁଇ ଭାଇଙ୍କ ଜୀବନ ଦୁର୍ବିଷହ ହୋଇପଡିଲା । ତଥାପି ଭାଙ୍ଗି ପଡି ନ ଥିଲେ ଜିତେନ୍ଦ୍ର । ସାନଭାଇ ମୁହଁରେ ହସ ଟିକିଏ ଦେଖିବା ପାଇଁ ସେ ତାଙ୍କ ଖାଇବା ପିଇବା , ଗାଧୁଆ ଆଦି ସମସ୍ତ କାମ ନିଜ ହାତରେ କରିବାକୁ କେବେ ଭୁଲିନାହାନ୍ତି । ମା' ବାପାଙ୍କର ଅଭାବ ସାନଭାଇ ଯେଭଳି ଅନୁଭବ ନ କରେ ସେଥିପାଇଁ ସେ ସବୁବେଳେ ସଜାଗ । ଚଳିତବର୍ଷ ଜିତେନ୍ଦ୍ର ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି । ହେଲେ ଭାଇର ଦାୟିତ୍ୱ ମୁଣ୍ଡ ଉପରେ ଥିବାରୁ ସେ କୁହନ୍ତି, ବିପଦ ବେଳେ ଭାଇ ହିଁ ସାହା । ଆଗେ ଭାଇର ଦେଖାଚାହାଁ, ପରେ ପାଠପଢା । ଏହି ପରିବାରର ଜମିବାଡି କହିଲେ କିଛି ନାହିଁ । ଝାଟିମାଟିର ଏକ ଚାଳ ଛପର ଘରେ ଦୁଇ ଭାଇ ଭାଗ୍ୟକୁ ଆଦରି ପଡିଛନ୍ତି । ଭିନ୍ନକ୍ଷମ ମିଲନ୍‌ଙ୍କୁ ପ୍ରତି ମାସରେ ମିଳୁଛି ୫ ଶହ ଟଙ୍କା ଭତ୍ତା । ଏହାଛଡା ଅନ୍ତ୍ୟୋଦୟ ଯୋଜନାରେ ମିଳୁଥିବା ୩୫ କେଜି ଚାଉଳରେ ମେଣ୍ଟୁଛି ଗୁଜୁରାଣ । ଏହି ଦୁଇ ଭାଇଙ୍କୁ ଥଇଥାନ କରିବା ଦିଗରେ ଜିଲା ପ୍ରଶାସନ ବିହିତ ପଦକ୍ଷେପ ନେବାକୁ କୁକୁଡାଖୋଲି ଗ୍ରାମବାସୀ ନିବେଦନ କରିଛନ୍ତି ।



ଅଭିନନ୍ଦନ
ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବାର୍ଷିକ ଉତ୍ସବରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଜୟନାରାୟଣ ମିଶ୍ର
ବିଧାୟକ ସମ୍ବଲପୁର, ପୂର୍ବତନ ମନ୍ତ୍ରୀ, ରାଜ୍ୟ ସରକାର

ଭାରତୀୟ ଜୀବନ ବୀମା ନିଗମ
ସମ୍ବଲପୁର ମଣ୍ଡଳ
Shanti Guaranteed
LIC's JEEVAN SHANTI
Non linked, Non Participating, Single Premium Annuity Plan
LIC

AGE: 50, PURCHASE PRICE Rs. 10 Lakhs

| ANNUITY AFTER | ANNUITY (RS) | INTEREST @ |
|---|---|---|
| 5 Years | 78400 | 7.84% |
| 10 Years | 109400 | 10.94 |
| 15 Years | 144400 | 14.44 |
| 20 Years | 163800 | 16.38 |

ANNUITY IS PAYABLE FOR LIFE LONG

ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବାର୍ଷିକ ଉତ୍ସବରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ବିଶ୍ୱ ମହାମାରୀ କରୋନାର ଘଡିସନ୍ଧି ମୁହୂର୍ତ୍ତରେ ଓଡିଶାର ଜନସାଧାରଣଙ୍କୁ ନିବେଦନ । ସେମାନେ ସତର୍କ ଓ ସୁରକ୍ଷିତ ରୁହନ୍ତୁ, କରୋନା ଯୋଦ୍ଧାମାନଙ୍କୁ ସମ୍ମାନ ଦିଅନ୍ତୁ, ସାମାଜିକ ଦୂରତ୍ୱ ବଜାୟ ରଖି ନିଜକୁ ଓ ପରିବାର ବର୍ଗଙ୍କୁ ସୁସ୍ଥ ରଖନ୍ତୁ ।
ଗୋକୁଳ ମେହେର
ଉପସାଧାରଣ ସମ୍ପାଦକ, ହିନ୍ଦ ମଜଦୁର ସଭା, ରାଜ୍ୟ କମିଟି ଓଡିଶା

ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବାର୍ଷିକ ଉତ୍ସବରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ବିଶ୍ୱ ମହାମାରୀ କରୋନାର ଘଡିସନ୍ଧି ମୁହୂର୍ତ୍ତରେ ଓଡିଶାବାସୀ ସତର୍କ ଓ ସୁରକ୍ଷିତ ରୁହନ୍ତୁ ।
କରୋନା ଯୋଦ୍ଧାମାନଙ୍କୁ ସମ୍ମାନ କରିବା ସହ ସାମାଜିକ ଦୂରତ୍ୱ ବଜାୟ ରଖି ନିଜକୁ ଓ ପରିବାର ବର୍ଗଙ୍କୁ ସୁସ୍ଥ ରଖନ୍ତୁ ।
ହୀରାଲାଲ ବେହେରା
ରାଜ୍ୟ ପରିଷଦ ସଭ୍ୟ
ବିଜୁ ଜନତା ଦଳ

ଅଭିନନ୍ଦନ
ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବର୍ଷ ଉପଲକ୍ଷେ ଶୁଭ କାମନା କରୁଛୁଁ ।
ମାଁ ସମଲେଇଙ୍କ କୃପାରୁ ସମସ୍ତେ ସୁଖରେ ରୁହନ୍ତୁ, ଏତିକି କାମନା ।
-: ଶୁଭେଚ୍ଛା ସହ :-
ସମ୍ବଲପୁର ଟ୍ରକ ମାଲିକ ସଂଘ
ଟ୍ରାନ୍ସପୋର୍ଟ ନଗର, ବରେଇପାଲି, ଜିଲା- ସମ୍ବଲପୁର

ଅଭିନନ୍ଦନ
ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବାର୍ଷିକ ଉତ୍ସବରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଅଶ୍ୱିନୀ ଗୁରୁ
ପୂର୍ବତନ ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି, ସମ୍ବଲପୁର

ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବାର୍ଷିକ ଉତ୍ସବରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଧରିତ୍ରୀ ଖବର କାଗଜର ଉନ୍ନତି କାମନା କରୁଛି ।
ସିଦ୍ଧାର୍ଥ ଦାସ
ସଭାପତି, ବିଜୁ ଜନତା ଦଳ, ସମ୍ବଲପୁର ଜିଲା

ଅଭିନନ୍ଦନ
ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବର୍ଷ ଉପଲକ୍ଷେ ଶୁଭ କାମନା ଜଣାଉଛୁ ।
With Best Compliments from
M. JAISWAL (MCP)
HI-TECH BOTTLING PLANT
JAYANTAPUR, SAMBALPUR

ଅଭିନନ୍ଦନ
ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବାର୍ଷିକ ଉତ୍ସବରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଧରିତ୍ରୀ ଖବର କାଗଜର ଉନ୍ନତି କାମନା କରୁଛି ।
ଇଂ. ରୋହିତ ପୂଜାରୀ
ଉପମୁଖ୍ୟ ସଚେତକ ଓଡିଶା ସରକାର ତଥା ବିଧାୟକ, ରେଢ଼ାଖୋଲ

Mahindra
ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବର୍ଷ ଉପଲକ୍ଷେ ଶୁଭ କାମନା କରୁଛୁଁ ।
ମହିନ୍ଦ୍ରା ନମସ୍କାର ଗ୍ରାହକ ବନ୍ଧୁ ଆତ୍ମନିର୍ଭର ଭାରତରେ ଯୋଗ ଦିଅନ୍ତୁ ଏବଂ ଦେଶର No- 1 ସ୍ୱଦେଶୀ ଟ୍ରାକ୍ଟର ମହିନ୍ଦ୍ରାକୁ ଘରକୁ ନିଅନ୍ତୁ । ମହିନ୍ଦ୍ରା ଆଣିଛି ଆମ କୃଷକ ଭାଇ ମାନଙ୍କ ପାଇଁ ଏକ ଆକର୍ଷଣୀୟ ଉପହାର । ପ୍ରତି 4WD 575 YUVO ଟ୍ରାକ୍ଟରର ବୁକିଂ ୫୦ ହଜାର ଟଙ୍କା କରନ୍ତୁ ଏବଂ ଗୋଟିଏ ଫ୍ରିଜ୍ ଘରକୁ ନିଅନ୍ତୁ । ନିୟମ ଓ ସର୍ତ୍ତାବଳୀ ଲାଗୁ ।
-: ଯୋଗାଯୋଗ କରନ୍ତୁ :-
୯୯୩୮୪୪୦୬୮୯, ୯୯୩୮୫୮୬୫୫୯
STAFF REQUIRED
Sales Man- 6 nos.
Tractor Baazi Manager- 3 nos.
Auth. Dealre : MAHINDRA TRACTORS
SRI SANKAR MOTORS
SRI SANKAR ENGG. WORKS
SRI SANKAR TRADING
SAMBALPUR- BOUDH- ,MANESWAR

ଅଭିନନ୍ଦନ
ଧରିତ୍ରୀ ସମ୍ବଲପୁର ଛାପାର ୧୫ତମ ବାର୍ଷିକ ଉତ୍ସବରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଧରିତ୍ରୀ ଖବର କାଗଜର ଉନ୍ନତି କାମନା କରୁଛି ।
ନାଉରୀ ନାୟକ
ବିଧାୟକ
ରେଙ୍ଗାଲି

ଧରିତ୍ରୀ
DHARITRI
ମଙ୍ଗଳବାର, ଜୁନ୍ ୯, ୨୦୨୦



## କିରୋସିନ ଦରକୁ ନେଇ ଭାଜପାର ପ୍ରତିବାଦ

କଟକସଦର,(ଡି.ଏନ୍.ଏ.): କଟକସଦର ଅଞ୍ଚଳରେ ଜାତୀୟ ଖାଦ୍ୟ ନିରାପତ୍ତା କାର୍ଡଧାରୀଙ୍କୁ ନିର୍ଦ୍ଧାରିତ ଦରଠାରୁ ଅଧିକ ଦରରେ କିରୋସିନ ବିକ୍ରି ହେଉଥିବା ନେଇ ଭାଜପା ପକ୍ଷରୁ ସୋମବାର ପ୍ରତିବାଦ କରାଯିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ସ୍ଥିରୀକୃତ ଦରଠାରୁ ୫୦ପ୍ରତିଶତ ଅଧିକ ଦାମରେ ବିକ୍ରି ବନ୍ଦ କରାଯାଉ । ଏହି ମର୍ମରେ ଭାଜପା ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ ମାସିକ କିରୋସିନ କୋଟାର ପରିମାଣ ସହ ଦର ଲେଖିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ଅଭିଯୋଗର ତଦନ୍ତ ଜିଲାପାଳ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ମଲ୍ଲିକ କହିଛନ୍ତି।

## ସଂକ୍ଷେପରେ

### ଏସ୍ଆଇଙ୍କ ବଦଳି ବାତିଲ ଦାବିରେ ଧାରଣା

ଖୋର୍ଦ୍ଧା ଅଫିସ/ବାଣପୁର,୮।୬(ଡି.ଏନ୍.ଏ): ବାଣପୁର ଥାନାରେ କାର୍ଯ୍ୟରତ ଏସ୍ଆଇ ଦିଗ୍ ବିଜୟ ବିଶ୍ୱାଳଙ୍କ ବଦଳି ବାତିଲ ଦାବିରେ ଏକାଧିକ ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ ସୋମବାର ଥାନା ଆଗରେ ଧାରଣା ଦେଇଥିଲେ। ଥାନା ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।ଏ ନେଇ ଏସ୍ପିଙ୍କ ଉଦ୍ଦେଶ୍ୟରେ ଥାନା ଅଧିକାରୀଙ୍କୁ ମହିଳାମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏସ୍ଆଇ ବିଶ୍ୱାଳଙ୍କ ବଦଳି ବାତିଲ କରା ନ ଗଲେ ଏସ୍ପି ଅଫିସ ଘେରାଉ କରିବୁ ବୋଲି ମହିଳାମାନେ କହିଛନ୍ତି।

### ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଚୌଦ୍ୱାର,୮।୬(ଡି.ଏନ୍.ଏ.): ୫୫ ନମ୍ବର ଜାତୀୟ ରାଜପଥର ଚୌଦ୍ୱାର କଳିଙ୍ଗ ଛକ ନିକଟରେ ସୋମବାର ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ଗ୍ରାମର ସୁଲୋଚନା ସାହୁ। ସୁଲୋଚନା ଓ ତାଙ୍କ ପୁଅ ଏକ ବାଇକ୍‌ରେ ଚଣ୍ଡିଖୋଲରୁ ଆଠଗଡ଼ର ତରଡିଙ୍ଗା ଗ୍ରାମସ୍ଥିତ ବନ୍ଧୁ ଘରକୁ ଯାଉଥିବାବେଳେ କଳିଙ୍ଗ ଛକ ପେଟ୍ରୋଲ ପମ୍ପ ନିକଟରେ ତାଙ୍କୁ ଏକ ଟ୍ରକ୍ (ଓଡି ୩୫ସି ୭୫୧୫) ଧକ୍କା ଦେଇଥିଲା। ସୁଲୋଚନା ବାଇକ୍‌ରୁ ଖସି ପଡ଼ିଥିଲେ। ଟ୍ରକ୍‌ଟି ତାଙ୍କ ଉପରେ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ସୁଲୋଚନା ଓ ତାଙ୍କ ପୁଅଙ୍କୁ କଟକ ବଡ଼ ମେଡିକାଲ ନେଇଥିଲେ। ଦୁର୍ଘଟଣା ଘଟାଇ ଡ୍ରାଇଭର ଟ୍ରକ୍‌କୁ ଏକ କିମି ଦୂର ଧୂମାବତୀ ଛକରେ ଛାଡ଼ି ଦେଇ ଫେରାର ହୋଇଯାଇଛନ୍ତି । ପୋଲିସ୍ ଟ୍ରକ୍‌କୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୩୫/୨୦) ରୁଜୁ କରି ତଦନ୍ତ ଚଳାଇଛି।

### ମଦ ଦୋକାନ ଉଚ୍ଛେଦ ଦାବି

ପୁରୀ ଅଫିସ, ୮।୬: ଗାଁରେ ଠିପି ଖୋଲା ମଦ ଦୋକାନକୁ ବିରୋଧ କରି କୃଷ୍ଣପ୍ରସାଦ ବ୍ଲକ ବଡ଼ଅଁଳ ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଗାଁର ଏକ ଇନ୍ଦିରା ଆବାସ ଘରକୁ ଭଡ଼ା ନିଆଯାଇ ମଦ ଦୋକାନ ଖୋଲାଯାଇଛି। ଏହାକୁ ବିରୋଧ କରି ଗତ ୩ ତାରିଖରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। କିନ୍ତୁ ମଦ ଦୋକାନୀଙ୍କ ସମର୍ଥକମାନେ ପହଞ୍ଚି ବାଡ଼ିଆପିଟା କରିଥିଲେ। ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ୧ ମାସ ମଧ୍ୟରେ ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ମାତ୍ର ପୋଲିସର ଦେଖା ନାହିଁ । ମଦଦୋକାନୀଙ୍କ ସମର୍ଥକମାନେ ଗ୍ରାମବାସୀଙ୍କୁ ଧମକଚମକ ଦେଉଛନ୍ତି। ୭ଦିନ ମଧ୍ୟରେ ମଦ ଦୋକାନ ଉଚ୍ଛେଦ କରା ନ ଗଲେ ପୁଣି ଗଣ ଆନ୍ଦୋଳନ ହେବ। ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ କହିଛନ୍ତି ।

### ଠିକା ଚାଷ ନୀତିକୁ ବିରୋଧ

ପୁରୀ ଅଫିସ, ୮।୬: ଚାଷ ଓ ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଙ୍ଗଠନ ପୁରୀ ଜିଲା କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଗଣ ଉପବାସ ଅନୁଷ୍ଠିତ ହୋଇଯାଇଛି। ନୂତନ ଶ୍ରମ ଆଇନ ଓ ଠିକା ଚାଷ ନୀତିକୁ ତୁରନ୍ତ ବାତିଲ କରାଯାଉ ବୋଲି ଦାବି କରାଯାଇଥିଲା। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ କମିଟି ସଭ୍ୟ ଗୋବିନ୍ଦ ମହାପାତ୍ର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ଓ୍ୱାର୍ଡସ୍ତରୀୟ କୋଭିଡ୍ କମିଟି କରିବାକୁ ନିର୍ଦ୍ଦେଶ

- ଏକାସଙ୍ଗେ ଚାଲିବ ଅର୍ଥନୈତିକ କାର୍ଯ୍ୟ ଓ କୋଭିଡ୍ ଲଢେଇ
- ବ୍ୟାପକ ହେବ ସଚେତନତା କାର୍ଯ୍ୟକ୍ରମ : ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୮।୬(ବ୍ୟୁରୋ)

ରାଜ୍ୟବାସୀଙ୍କ ଜୀବିକା ନିର୍ବାହ ପାଇଁ ଅର୍ଥନୈତିକ କାର୍ଯ୍ୟକଳାପ ସହ କୋଭିଡ୍ ଲଢେଇକୁ ଅଧିକ ଜୋର୍‌ଦାର ଏବଂ ପ୍ରତିରୋଧାତ୍ମକ କରିବା ଉପରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ରାଜ୍ୟର ସମସ୍ତ ସହର ତଥା ଗ୍ରାମାଞ୍ଚଳରେ ସୂଚନା ଓ ସଚେତନ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ପାଇଁ କମିଟି ଗଠନ କରିବାକୁ କହିଛନ୍ତି। ସୋମବାର ରାଜ୍ୟ ଲୋକସେବା ଭବନରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିବା ଅବସରରେ ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂ ସଚେତନତା କାର୍ଯ୍ୟକ୍ରମର ରୂପରେଖ ଓ ବିଷୟବସ୍ତୁ ସମ୍ପର୍କରେ କହିଥିଲେ।

ଉଭୟ ଗ୍ରାମ ଓ ସହରାଞ୍ଚଳରେ ସଚେତନତା ଅଭିଯାନ ବ୍ୟାପକ କରିବା ନିମନ୍ତେ ତ୍ରିପାଠୀ ଲୋକସମ୍ପର୍କ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ, ମହିଳା, ଶିଶୁକଲ୍ୟାଣ ଏବଂ ମିଶନଶକ୍ତି, ଗୃହନିର୍ମାଣ ଓ ନଗର ଉନ୍ନୟନ, କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହକ ମଧ୍ୟରେ ଗ୍ରାମ ଓ ସହରାଞ୍ଚଳରେ ଓ୍ୱାର୍ଡସ୍ତରୀୟ କୋଭିଡ୍ କମିଟି ବୈଠକ ଆୟୋଜନ କରିବାକୁ ଏହି ଅବସରରେ ସ୍ଥିର ହୋଇଥିଲା। ସଚେତନତା ପାଇଁ ମାଇକ୍ ପ୍ରଚାର, ସୋସିଆଲ ମିଡ଼ିଆର ବ୍ୟବହାର, ପୋଷ୍ଟର, ଟେଲିଭିଜନ, ଖବରକାଗଜ, କମ୍ୟୁନିଟି ରେଡିଓ ଓ କାର୍ଟୁନ ଶୋ' ଆଦିର ବ୍ୟାପକ ବ୍ୟବହାର କରିବ। ଏସ୍ଏମ୍ଏସ୍ ସେବା ମାଧ୍ୟମରେ ଲୋକମାନଙ୍କୁ ବିଭିନ୍ନ ସୂଚନା ଓ ବାର୍ତ୍ତା ପଠାଯିବ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ପ୍ରତିନିଧି, କୃଷକ ଓ ଉତ୍ପାଦକ ସଂଘ, ବନ ସୁରକ୍ଷା ସମିତି, ବିଦ୍ୟାଳୟ କମିଟିଗୁଡିକୁ ସକ୍ରିୟଭାବେ ସମ୍ପୃକ୍ତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ୍ତ କୁମାର ଜେନା, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ, ପଞ୍ଚାୟତିରାଜ ବିଭାଗ ପ୍ରମୁଖ ସଚିବ ଦେଓରଞ୍ଜନ କୁମାର ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



# କୂଳ ଲଂଘିଲା ସମୁଦ୍ର

**୫ ଫୁଟ ଗଭୀରରେ ତାଡ଼ି ନେଲା ବାଲି**

ପୁରୀ ଅଫିସ,୮।୬:

ପୁଣି କୂଳ ଲଂଘିଛି ପୁରୀ ସମୁଦ୍ର। ଦେଖାଇଛି ଭୟଙ୍କର ରୂପ। ଗତ ଦୁଇଦିନ ହେବ ଉଗ୍ର ରୂପ ଧାରଣ କରି ପ୍ରାୟ ୫ ଫୁଟ ଗଭୀରରେ ତାଡ଼ି ନେଇଛି ବାଲି। ରାଜଭବନ ପଛପାର୍ଶ୍ୱ ବେଳାଭୂମିରୁ ସ୍ୱର୍ଗଦ୍ୱାର ପଟକୁ ପ୍ରାୟ ୪୦୦ ମିଟର ଲମ୍ବ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ତେବେ ଏହା ସମୁଦ୍ରର ସ୍ୱାଭାବିକ ପ୍ରକ୍ରିୟା। ଅବକ୍ଷୟ ସ୍ଥାନ ପୁଣି ବାନ୍ଧି ହୋଇଯିବ ବୋଲି ଅନେକେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ବାତ୍ୟା ଅମ୍ଫନ ପରେ ସମୁଦ୍ର ଜୁଆର ଅଧିକ ବେଗରେ ଆସି କୂଳରେ ମାଡ଼ ହେଉଛି। ମାତ୍ର ସମୁଦ୍ର ଏଭଳି ଭାବେ ଖାଇଯିବା ଦେଖି ଉଠା ବ୍ୟବସାୟୀ ଅଧିକ ଭୟଭୀତ ହୋଇପଡ଼ିଛନ୍ତି। ପୂର୍ବରୁ ସମୁଦ୍ର କୂଳ ଖାଏ, କିନ୍ତୁ ଏତେ ମାତ୍ରାରେ କୂଳ ଖାଇବା ଦେଖି ନ ଥିଲୁ ବୋଲି ସେମାନେ କହିଛନ୍ତି।

ପୁରୀ ପାଇଁ ଏହା ନୂଆ କଥା ନୁହେଁ। ପୂର୍ବରୁ ୨୦୦୭ରେ ବଳିଆପଣ୍ଡା ଏବଂ ୨୦୧୬ରେ ସ୍ୱର୍ଗଦ୍ୱାର ନିକଟରେ ସମୁଦ୍ର କୂଳ ଖାଇ ରାସ୍ତା ପାଖକୁ ମାଡ଼ି ଆସିଥିଲା। ନିକଟରେ ସ୍ୱର୍ଗଦ୍ୱାର ଓ ବ୍ଲୁ ଫ୍ଲାଗ ବେଳାଭୂମି ନିକଟରେ ଉଚ୍ଚ ଢେଉ ଆସି ବେଳାଭୂମିକୁ ଅବକ୍ଷୟ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରିଆସିଥିଲା। ସୂଚନାଥାଉ କି, ୨୦୧୬ ଅଗଷ୍ଟରେ ସ୍ୱର୍ଗଦ୍ୱାର ସମ୍ମୁଖରେ ବେଳାଭୂମି କ୍ଷୟ ହୋଇଥିଲା। ପ୍ରାୟ ୨୦୦ ଫୁଟରୁ ଊର୍ଦ୍ଧ୍ୱ କୂଳ ଖାଇଥିଲା। ବେଳାଭୂମି ମାର୍ଗ ପର୍ଯ୍ୟନ୍ତ ସମୁଦ୍ର ଛୁଇଁଥିଲା। ଏହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ବିଶେଷଜ୍ଞମାନେ ଆସି ସମୁଦ୍ରର ଏଭଳି ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗର ଉଚ୍ଚ ପଦାଧିକାରୀ ମଧ୍ୟ ଆସି ଦେଖିଥିଲେ। ପରବର୍ତ୍ତୀ ସମୟରେ ସମୁଦ୍ର ପୁଣି ତା' ପୂର୍ବ ସ୍ଥିତିକୁ ଫେରିଥିଲା।

# କାମ ଆରମ୍ଭ କଲେ ଚିତ୍ରକର ସେବକ

ପୁରୀ ଅଫିସ, ୮।୬:




ଆସୁଛି ରଥଯାତ୍ରା। ଏଥିପାଇଁ ରଥଖଳାରେ ରଥ ନିର୍ମାଣ କାମକୁ ଆଗେଇ ନେଉଛନ୍ତି ମହାରଣା ସେବକ। ସେମାନଙ୍କୁ ଭୋଇ, ରୂପକାର, ଓଝା ଏବଂ ଚିତ୍ରକର ସେବକ ସହଯୋଗ କରୁଛନ୍ତି। ସୋମବାର ତିନିରଥରେ ନାହାକା ବାନ୍ଧେଣି ପାଇଁ ଦକ୍ଷିଣ ପାର୍ଶ୍ୱରେ ତଳ କଇଁଚି ସଂଯୋଗ କରାଯାଇଛି। ବାମ ପାର୍ଶ୍ୱ କଇଁଚି ରଥଖଳାରେ ଚଉପଟ ହେଉଛି। ଚଉପଟ ସରିଲେ ତାହାକୁ ସଂଯୋଗ କରାଯିବ। ରଥରେ ଲାଗିହେଉଥିବା ୧୩ ପରସ୍ତ ପୋଟଳ ମଧ୍ୟରୁ ୧୦ ପରସ୍ତ ପୋଟଳ ମାପ ହୋଇ କଟା ସରିଛି। ଆଉ ୩ ପରସ୍ତ କାମ ଜାରି ରହିଛି। ମହାରଣା ସେବକମାନେ କଳସ ପାଖୁଡ଼ା, ଦ୍ୱାର ବେଢାର ମଗର ନିର୍ମାଣ କରୁଛନ୍ତି। ଅନ୍ୟପକ୍ଷରେ ସୋମବାର ଚିତ୍ରକର ସେବକମାନେ କାମ ଆରମ୍ଭ କରିଛନ୍ତି। ସେମାନେ ତିନିରଥର ଚକ, ଗୁଜ, ଦଣ୍ଡା ଇତ୍ୟାଦିରେ ପ୍ରାଇମର ମାରିଛନ୍ତି। ଏହାପରେ ରଙ୍ଗ କରିବେ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ତଳେ ପାର୍ଶ୍ୱ ଦେବଦେବୀ, ଓଲଟ ଶୁଆ, ଶିଖର ଡମ୍ବରୁ, ସଖୀ, କଳସ, ଅଁଳା, ଦ୍ୱାରପାଳ ଇତ୍ୟାଦିଙ୍କୁ ଧୂଆଯାଇ ସଫା କରାଯାଇ ନୂତନ ଭାବେ ରଙ୍ଗ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ରୂପକାର ସେବକମାନେ ଚାରପରିଚ୍ଛା ଓ ନାଟଗୋଡ଼ରେ ଡାଳିଲତା ଏବଂ ରାହୁ ରୂପ ଖୋଦେଇ କରୁଛନ୍ତି। ଓଝା ସେବକମାନେ ବାଗିଆ କଣ୍ଟା, ଗୋଡ଼ିଛାଲ କଣ୍ଟା ଏବଂ ଦଣ୍ଡବିଡ଼ିଆ କଣ୍ଟା ତିଆରିରେ ଲାଗିଛନ୍ତି।

# ଯୌତୁକ ଲାଗି ବଧୂ ହତ୍ୟା, ୨ ଗିରଫ

କଟକସଦର,୫।୬(ଡି.ଏନ୍.ଏ.):

କିଶନ ନଗର ଥାନା ଅଞ୍ଚଳରେ ଯୌତୁକ ଲାଗି ବଧୂ ହତ୍ୟା ଅଭିଯୋଗରେ ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ମୃତ ମହିଳାଙ୍କ ଶାଶୁ ଅନୁସୂୟା ମଲ୍ଲିକ, ଶ୍ୱଶୁର ମୂରଲୀଧର ମଲ୍ଲିକ। ଏ ନେଇ ପୋଲିସ ନଂ.୮୧/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ୩ତାରିଖରେ ମୂରଲୀଙ୍କ ବୋହୂ ରୂପଶ୍ରୀ ବିଷ ପିଇ ଅସୁସ୍ଥ ହୋଇପଡ଼ିଥିଲେ। ଘରେ ପୁଅ ନ ଥିବାବେଳେ ଶାଶୁଶ୍ୱଶୁର ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ନେଇଥିଲେ। କିନ୍ତୁ ୪ତାରିଖରେ ରୂପଶ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପରେ ରୂପଶ୍ରୀଙ୍କ ବାପା ନିଆଳି ଥାନା ଅନ୍ତର୍ଗତ ଅଁଳା ଗ୍ରାମର ଚକ୍ରଧର ମଲ୍ଲିକ ପହଞ୍ଚି ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ରୂପଶ୍ରୀଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ପଚରାଉଚରା କରିବା ପରେ ଉଭୟଙ୍କୁ ଗିରଫ କରିଛି। ଉଲ୍ଲେଖଥାଉ କି, ୨୦୧୯ ଜୁଲାଇରେ ମୂରଲୀଙ୍କ ପୁଅ ଜିତେନ୍ଦ୍ରଙ୍କ ସହ ରୂପଶ୍ରୀଙ୍କ ବିବାହ ହୋଇଥିଲା। ବିବାହର କିଛିଦିନ ପରେ ବାଇକ୍ ଓ ସୁନା ଗହଣା ଆଣିବା ପାଇଁ ରୂପଶ୍ରୀଙ୍କ ଉପରେ ଶାଶୁଘର ଲୋକେ ଚାପ ପକାଇବା ସହ ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଅନ୍ୟପଟେ ଜିତେନ୍ଦ୍ର ବାହାରେ ଚାକିରି କରୁଥିବାରୁ କରୋନା କଟକଣା ଲାଗି ଘରକୁ ଆସିପାରି ନ ଥିଲେ।

# ଫନୀ କ୍ଷତିଗ୍ରସ୍ତଙ୍କୁ ମିଳୁ ଘରଭଙ୍ଗା ସହାୟତା

ପୁରୀ ଅଫିସ, ୮।୬:

ବାତ୍ୟା ଫନୀକୁ ବର୍ଷେ ପୂରିଗଲାଣି। ହେଲେ ଏପର୍ଯ୍ୟନ୍ତ ବ୍ରହ୍ମଗିରି ତହସିଲର କ୍ଷତିଗ୍ରସ୍ତଙ୍କୁ ଘରଭଙ୍ଗା ସହାୟତା ମିଳିନାହିଁ। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ କରିବା ପାଇଁ ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ବ୍ରହ୍ମଗିରି ଶାଖା ଦାବି କରିଛି। ସୋମବାର ଏ ନେଇ ସମିତି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଫନୀର ବର୍ଷେ ପରେ ବି ଅନେକ ଲୋକ ଭଙ୍ଗାଘରେ ଓ ପଲିଥିନ ତଳେ ବସବାସ କରୁଛନ୍ତି। କିନ୍ତୁ ତଦନ୍ତ ସରୁନାହିଁ। ବହୁ ଯୋଗ୍ୟ ହିତାଧିକାରୀ ଘରଭଙ୍ଗା ସହାୟତାରୁ ବଞ୍ଚିତ ରହିଥିବାବେଳେ ଅନେକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଅଚଳ କରିଦିଆଯାଇଛି। ତେଣୁ ପ୍ରଶାସନ ନିକଟରେ ସମିତି ଏକାଧିକ ଦାବି ରଖିଛି। ଯୋଗ୍ୟ ହିତାଧିକାରୀଙ୍କ ସହିତ ଅଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରକାଶ କରାଯାଉ। ତାଲିକା ପ୍ରସ୍ତୁତିରେ ଚଞ୍ଚକତା କରିଥିବା କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ। ସହାୟତାରୁ ବାଦ୍ ପଡ଼ିଥିବା ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସହାୟତା ଦିଆଯାଉ। ଯଦି ତୁରନ୍ତ ଏହାର ସମାଧାନ କରା ନ ଯାଏ ତେବେ ଧାରଣା ଦେଇ ପ୍ରତିବାଦ କରାଯିବ। ସମିତି ପକ୍ଷରୁ ସୁରେନ୍ଦ୍ର ନାଥ ଜେନା, ଭୀମସେନ ସ୍ୱାଇଁ, ପବିତ୍ର ମୋହନ ଦଳାଇ, ହରିହର ସେନାପତି, ବ୍ରଜବନ୍ଧୁ ପ୍ରଧାନ, ଅର୍ଜୁନ ବେହେରା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ଅଣସରରେ ମହାପ୍ରଭୁଙ୍କ ମାନବୀୟ ଲୀଳା

ପୁରୀ ଅଫିସ, ୮।୬

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିତ୍ୟ ଲୀଳାସ୍ଥଳ ପୁରୁଷୋତ୍ତମ କ୍ଷେତ୍ର। ଶ୍ରୀମନ୍ଦିରରେ ବିରାଜମାନ କରି ବିଭିନ୍ନ ଉତ୍ସବରେ ଲୀଳାଖେଳା କରିଥାନ୍ତି ଦାରୁବିଗ୍ରହ। ମାନବୀୟ ଲୀଳା କରୁଥିବା ମହାପ୍ରଭୁ ବିଭିନ୍ନ ପର୍ବପର୍ବାଣିରେ ଭିନ୍ନ ଭିନ୍ନ ବେଶରେ ସଜେଇ ହୁଅନ୍ତି। ରତ୍ନସିଂହାସନ ଛାଡ଼ି ବର୍ଷକୁ ଥରେ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି। ରଥରେ ବସି ଜନ୍ମବେଦିକୁ ଯାତ୍ରା କରନ୍ତି। କଥା ରଖି ମାଉସୀ ଘର ଦେଇ ଫେରିଥାନ୍ତି। ମଣିଷଙ୍କ ପରି ବର୍ଷକୁ ଥରେ ଠାକୁରଙ୍କୁ ଜ୍ୱର ବି ହୁଏ। ଏହି ସମୟରେ ଅଣସର ଘରେ ରୁହନ୍ତି। ଗତ ଶୁକ୍ରବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ଦାରୁବିଗ୍ରହ। ଅଣସର ଘରେ ଶ୍ରୀଅଙ୍ଗ ସେବକ ଦଇତାପତିମାନେ ମହାପ୍ରଭୁଙ୍କ ସେବା କରୁଛନ୍ତି। ସାଧାରଣ ମଣିଷ ଯଦି ଅସୁସ୍ଥ ହୁଏ ତାଙ୍କୁ ଯେଉଁଭଳି ଚିକିତ୍ସା କରାଯାଏ ବର୍ତ୍ତମାନ ଦାରୁଦିଅଁଙ୍କ ସେହିଭଳି ଉପଚାର ଚାଲିଛି।

ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଅସୁସ୍ଥ ମଣିଷ ହସ୍ପିଟାଲରେ ଚିକିତ୍ସିତ ସମୟରେ ଯେଉଁଭଳି ବସ୍ତ୍ର ପରିଧାନ କରନ୍ତି ଠାକୁର ଏବେ ସେହିଭଳି ବସ୍ତ୍ର ପିନ୍ଧିଛନ୍ତି। ପାଟ ପୀତାମ୍ବରୀ ବସ୍ତ୍ର ଏବଂ ଅଳଙ୍କାର ପରିତ୍ୟାଗ କରି ଜଣେ ରୋଗୀଙ୍କ ପରି ଅଣସର ଘରେ କାଠକୁ ଆଉଜି ରହିଛନ୍ତି। ଶ୍ରୀଅଙ୍ଗରେ କେବଳ ଖଣ୍ଡିଏ ଧଳା ସୂତାବସ୍ତ୍ର ରହିଛି। ରୋଗରେ ପଡ଼ିଲେ ମଣିଷ ଯେପରି କୌଣସି କଠିନ ଖାଦ୍ୟ ବା ଅନ୍ନ ଇତ୍ୟାଦି ଖାଆନ୍ତି ନାହିଁ ଠାକୁରଙ୍କ ପାଖରେ ମଧ୍ୟ ସେହିପରି ଭୋଗ ଲାଗୁନାହିଁ। ରୋଗୀ ଯେମିତି ଫଳମୂଳ ଖାଇଥାନ୍ତି ଦାରୁବିଗ୍ରହଙ୍କୁ ସେହିପରି ଧୂଆମୁଗ, ଛେନା ଚକଟା, ପଣସ, ପିଜୁଳି, ସପୁରି, ଅଙ୍ଗୁର, ଆମ୍ବ ପ୍ରଭୃତି ଫଳ ଲାଗି କରାଯାଉଛି। ଅସୁସ୍ଥ ବ୍ୟକ୍ତିଙ୍କୁ ଗ୍ଲୁକୋଜ, ଇଲେକ୍ଟ୍ରାଲ ପାଣି ଦିଆଯିବା ଭଳି ଠାକୁରଙ୍କୁ ସର, କ୍ଷୀର, ଅଳେଇଚ ଓ କର୍ପୂର ପଡ଼ିଥିବା ପଣା ଦିଆଯାଉଛି। ସମ୍ପୂର୍ଣ୍ଣ ଭାବେ ଜ୍ୱର ଛାଡ଼ିଲା ପର୍ଯ୍ୟନ୍ତ ଦଇତାପତିମାନେ ଏହିପରି ମହାପ୍ରଭୁଙ୍କ ସେବା କରିଥାନ୍ତି। ଦୈନନ୍ଦିନ ଦୁଇଥର ଠାକୁରଙ୍କ ଉପଚାର ଚାଲିଛି। ମଧ୍ୟାହ୍ନ ଧୂପ ଏବଂ ସନ୍ଧ୍ୟା ଧୂପ ସରିବା ପରେ ଅଣସର ଘର ଖୋଲାଯାଏ। ଦଇତାପତି ପରିବାରର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଗୋଷ୍ଠୀଗତ ଭାବେ ପ୍ରତ୍ୟହ ଖଣ୍ଡିଏ ବସ୍ତ୍ର ପରିଧାନ କରି ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥାନ୍ତି।

# ଦଧୀଚି ଦେବ କୋଭିଡ୍–୧୯ ଛାତ୍ରବୃତ୍ତି

କଣ୍ଟାପଡ଼ା,୮।୬(ଡି.ଏନ୍.ଏ.):

କରୋନା ସମୟରେ ପୋଲିସ, ଡାକ୍ତର, ସଫେଇ କର୍ମଚାରୀ, ଅଙ୍ଗନୱାଡି ଓ ଆଶାକର୍ମୀମାନେ କାର୍ଯ୍ୟ ଜାରି ରଖିଛନ୍ତି। ସରକାର ଏମାନଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କ କରୋନାରେ ମୃତ୍ୟୁ ଘଟୁଛି। ମୃତ କୋଭିଡ୍ ଯୋଦ୍ଧାଙ୍କ ପରିବାରର ପାଠ ପଢୁଥିବା ପିଲାମାନେ ଯଦି ଦଧୀଚି ଅନୁଷ୍ଠାନର ବିଭିନ୍ନ ପାଠ୍ୟକ୍ରମରେ ପଢିବାକୁ ଚାହାନ୍ତି ସେମାନଙ୍କୁ କୋଭିଡ୍–୧୯ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ଡ. ମନୋଜ ଦାଶ ସୂଚନା ଦେଇଛନ୍ତି।

# ଯୋଗ୍ୟତା, ଅଭିଜ୍ଞତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି ଦାବି

ପୁରୀ ଅଫିସ, ୮।୬:

ସେସୁକୁ ଟାଟା ପାୱାର ଅଧିଗ୍ରହଣ କରିବା ପରେ ସେସୁର ଫ୍ରାଞ୍ଚାଇଜ ଅଧୀନରେ କାର୍ଯ୍ୟ କରୁଥିବା ପ୍ରାୟ ୮ ହଜାର କର୍ମଚାରୀଙ୍କ ଜୀବିକା ପ୍ରତି ସଙ୍କଟ ସୃଷ୍ଟି ହୋଇଛି। ଜୁନ୍ ୩୦ ସେମାନଙ୍କ ଶେଷ କାର୍ଯ୍ୟ ଦିବସ ବୋଲି ନୋଟିସ୍ ଆସିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପାୱାର ଡିଷ୍ଟ୍ରିବ୍ୟୁଶନ ଏମ୍ପ୍ଲୋଇଜ ଫ୍ରାଞ୍ଚାଇଜ ଆସୋସିଏଶନ (ଓପେଫା) ପୁରୀ ପକ୍ଷରୁ ସୋମବାର ସୁଷମା ମଣ୍ଡପରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କୁହାଯାଇଛି ଯେ, ଗତ କିଛିବର୍ଷ ମଧ୍ୟରେ ୪/୫ଟି ବଡ଼ ବାତ୍ୟାକୁ ଓଡ଼ିଶା ସାମ୍ନା କରିଛି। ଏହି ସମୟରେ ବିଦ୍ୟୁତ୍ ବିଭାଗର ବ୍ୟାପକ କ୍ଷତି ହୋଇଥିଲା। କର୍ମଚାରୀମାନେ ଦିନରାତି କାମ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟୁତ୍ ସେବା ଯୋଗାଇ ପ୍ରଶଂସା ପାଇଥିଲେ। ହେଲେ ବର୍ତ୍ତମାନ କରୋନା ପାଇଁ ସଙ୍କଟଜନକ ପରିସ୍ଥିତି ବେଳେ ସେମାନଙ୍କୁ ଛଟେଇ କରାଯିବାକୁ ନିଷ୍ପତ୍ତି ହୋଇଛି। ସରକାର ଏହାକୁ ଗୁରୁତ୍ୱର ସହ ବିଚାର କରିବା ଦରକାର। ୮ହଜାର କର୍ମଚାରୀଙ୍କୁ ଛଟେଇ ନ କରି ଯୋଗ୍ୟତା ଏବଂ ଅଭିଜ୍ଞତା ଭିତ୍ତିରେ ସ୍ଥାୟୀ କରାଯିବାକୁ ଓପେଫା କର୍ମକର୍ତ୍ତା ନିବେଦନ କରିଛନ୍ତି। ସେହିପରି ମୃତ ଓ ଅକର୍ମଣ୍ୟ କର୍ମଚାରୀଙ୍କ ପରିବାରର କୌଣସି ସଦସ୍ୟଙ୍କୁ ନିଯୁକ୍ତି ଦେବାକୁ ଓପେଫା ଅନୁରୋଧ କରିଛି। ଏହି ଖବରଦାତା ସମ୍ମିଳନୀରେ ଜିତେନ୍ଦ୍ର ରାଉତ, ଦୁଷ୍ମନ୍ତ ସାମଲ, ପବିତ୍ର ମୋହନ ନାୟକ, ରାହୁଲ ଝାକର, ଦିବ୍ୟାଜ୍ୟୋତି ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ଜିଲା: ୭ କରୋନା ଆକ୍ରାନ୍ତ ଚିହ୍ନଟ

ପୁରୀ ଅଫିସ, ୮।୬:

ପୁରୀ ଜିଲାରୁ ପୁଣି ୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୋମବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏ ନେଇ ସ୍ପଷ୍ଟ କରିଛି। ଏହି ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୦୮ ଛୁଇଁଛି। ଏମାନଙ୍କ ମଧ୍ୟରୁ ୮୫ ଜଣ ସୁସ୍ଥ ହୋଇଥିବାବେଳେ ୨୩ ଜଣ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ନୂଆ ଆକ୍ରାନ୍ତ କେଉଁ ଅଞ୍ଚଳର, ସେମାନଙ୍କ ମଧ୍ୟରୁ କେତେଜଣ କ୍ୱାରାଣ୍ଟାଇନ ସେଣ୍ଟରର ଏବଂ ସ୍ଥାନୀୟ ସଂକ୍ରମିତ ସେ ନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗତ କିଛିଦିନ ହେବ ଜିଲାର ପଜିଟିଭ ସଂଖ୍ୟା କମ୍ ରହୁଥିଲା। କିନ୍ତୁ ସୋମବାର ଗୋଟିଏ ଦିନରେ ୭ ପଜିଟିଭ ଚିହ୍ନଟ ହେବାକୁ ନେଇ ଜିଲାବାସୀ ଚିନ୍ତିତ ହୋଇପଡ଼ିଛନ୍ତି।

# କାମକୁ ଅଞ୍ଚଳବାସୀଙ୍କ ବିରୋଧ

ପୁରୀ ଅଫିସ, ୮।୬:



**ଯମୁନା ଗାଧୁଆ ପରମ୍ପରା ସ୍ଥଳକୁ ନେଇ ବିବାଦ**

ଶହ ଶହ ବର୍ଷ ଧରି ଶ୍ରୀକ୍ଷେତ୍ରରେ ପାଳିତ ହୋଇଆସୁଛି ଯମୁନା ଗାଧୁଆ ପରମ୍ପରା। ମାତ୍ର ଏହାକୁ ବନ୍ଦ କରିବା ଲାଗି ପ୍ରଶାସନିକ ଷଡ଼ଯନ୍ତ୍ର ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ସ୍ଥାନରେ ଏକ ପ୍ରକଳ୍ପ କରାଯାଉଥିବାରୁ ଏହାକୁ ଅଞ୍ଚଳବାସୀ ବିରୋଧ କରି ଆସୁଛନ୍ତି। ସୋମବାର ସେଠାରେ ପୋଲିସ ଉପସ୍ଥିତିରେ ନିର୍ମାଣ କାମ ଚାଲିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ବିରୋଧ କରିଥିଲେ। ପୋଲିସ ଲୋକଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲା। ମାତ୍ର ଆଗ କାମ ବନ୍ଦ ହେଉ ପଛରେ ଆଲୋଚନା କରାଯିବ ବୋଲି ଲୋକେ ଅଡ଼ି ବସିଥିଲେ। ଉପଜିଲାପାଳଙ୍କ ସହ ଆଲୋଚନା ପାଇଁ ନିଷ୍ପତ୍ତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସନ୍ଧ୍ୟାରେ ଉପଜିଲାପାଳ ଭବତାରଣ ସାହୁଙ୍କ ସହିତ ଯମୁନା ଗାଧୁଆ ବୁଡ଼ ଓ ନନ୍ଦ ଉତ୍ସବ ସୁରକ୍ଷା କମିଟି କର୍ମକର୍ତ୍ତା ଆଲୋଚନା କରିଥିଲେ।

ଯମୁନା ଗାଧୁଆ ବୁଡ ଓ ନନ୍ଦ ଉତ୍ସବ ସୁରକ୍ଷା କମିଟି ପକ୍ଷରୁ କୁହାଯାଇଛି ଯେ, ଯମୁନା ଗାଧୁଆ ବୁଡ଼ ଶ୍ରୀମନ୍ଦିର ସଂସ୍କୃତିର ଏକ ଅଭିନ୍ନ ଅଂଶ। ଶ୍ରୀକୃଷ୍ଣଙ୍କ ଜନ୍ମ ରାତ୍ରରୁ ତା' ପରଦିନ ଅର୍ଥାତ ଦୁଇଦିନ ଧରି ଯମୁନା ଗାଧୁଆ ପରମ୍ପରା ଚାଲେ। ମଙ୍ଗଳା ନଦୀ ବା ଯମୁଦା ନଦୀ କୂଳରେ ଏହି ଉତ୍ସବ ପାଳନ କରାଯାଏ। ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ପରେ ଯମୁନା ନଦୀରେ ନନ୍ଦୋତ୍ସବ ପାଳନ ହୋଇଥାଏ। ଏହି ସମୟରେ ବହୁ ଭକ୍ତଙ୍କ ସମାଗମ ହୁଏ। ଏଥିସହ ନାଗାମେଢ, ବାଡ଼ି ଖେଳ, ଲଉଡ଼ି ଖେଳ, ସମରକଳା, ଗୋଟିପୁଅ ନୃତ୍ୟ ଆଦି ଅନୁଷ୍ଠିତ ହୁଏ। ପାଲା, ଦାସକାଠିଆ, ସଂକୀର୍ତ୍ତନ ମଧ୍ୟ କରାଯାଏ। ଏହାକୁ ଏକ ପ୍ରାଚୀନ କୀର୍ତ୍ତିରାଜି ଭାବେ ସରକାର ଘୋଷଣା କରି ଏକ ସାଇନ୍‌ବୋର୍ଡ ଟାଙ୍ଗିଛନ୍ତି। ଇତିହାସସ କହେ, ଗଜପତି ମହାରାଜା ଘାଟ ମଙ୍ଗଳା ଠାକୁରାଣୀଙ୍କ ପାଇଁ ସ୍ୱତନ୍ତ୍ର ଖଞ୍ଜା କରାଇଥିଲେ ଓ ଘାଟରେ ପାରି ହେବା ଲାଗି ଏକ ଚଉତରା ନିର୍ମାଣ କରିଥିଲେ, ଯାହା ରାଣୀ ଚଉତରା ନାମରେ ପରିଚିତ ଥିଲା। ଏହି ପରମ୍ପରାକୁ ବନ୍ଦ କରିବା ଲାଗି ଷଡ଼ଯନ୍ତ୍ର ହୋଇଛି। ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ସ୍ଥାନୀୟ ଲୋକଙ୍କ ଦାବିକୁ ବିଚାର କରାଯାଉଛି। ପ୍ରକଳ୍ପ ନିର୍ମାଣ ସାଙ୍ଗକୁ ଯେପରି ଲୋକଙ୍କ ଦାବିର ସମାଧାନ ହୋଇପାରିବ ତାହାର ବ୍ୟବସ୍ଥା କରାଯିବ।

# ଆକ୍ରାନ୍ତଙ୍କୁ ନେଇ ଅନ୍ଧାରରେ ଜିଲାବାସୀ

- ପ୍ରଚାରରେ ସୀମିତ ଜିଲାପାଳଙ୍କ ଟୁଇଟର୍ ହ୍ୟାଣ୍ଡଲ୍
- ଅନ୍ୟ ଜିଲାରେ ତଥ୍ୟ ଦେଉଛନ୍ତି, କଟକରେ ନାହିଁ
- ସିଏମ୍‌ସିରୁ ମିଳୁଛି ସହରର ତଥ୍ୟ, ବ୍ଲକର ମିଳୁନି

କଟକ ଅଫିସ,୮।୬

କଟକ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ନିୟମିତ ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ବ୍ଲକକୁ ସଂକ୍ରମଣ ମାଡ଼ି ଚାଲିଛି। ଏଯାବତ୍ ଜିଲାରେ ୧୭୨ ଜଣ ଆକ୍ରାନ୍ତ ହେଲେଣି। ଏନେଇ ଜିଲାବାସୀ ଆଶଙ୍କିତ ହୋଇପଡ଼ିଲେଣି। ଆକ୍ରାନ୍ତଙ୍କ ସମ୍ପର୍କରେ ଜିଲା ପ୍ରଶାସନ କୌଣସି ସୂଚନା ଦେଉ ନ ଥିବାରୁ ସେମାନଙ୍କୁ ନେଇ ଜିଲାବାସୀ ଅନ୍ଧାରରେ ରହୁଛନ୍ତି। ସରକାରୀ କଟକଣା ଭିତରେ ଲୋକେ ସୂଚନା ପାଇଁ ଟୁଇଟର ଉପରେ ନିର୍ଭର କରୁଛନ୍ତି। ହେଲେ କଟକ ଜିଲାପାଳଙ୍କ ଟୁଇଟର୍ ହ୍ୟାଣ୍ଡେଲ୍‌ରେ କୌଣସି ପ୍ରକାର ତଥ୍ୟ ମିଳୁନାହିଁ। କେବଳ ଜିଲାପାଳ ଓ ଜିଲା ପ୍ରଶାସନ ଯେଉଁ କାର୍ଯ୍ୟକ୍ରମ କରୁଛନ୍ତି, ତାହା ପୋଷ୍ଟ ହେଉଛି।

ରାଜ୍ୟରେ କରୋନା ସଂକ୍ରମଣ ଆରମ୍ଭ ହେବା ଦିନଠାରୁ ଆକ୍ରାନ୍ତଙ୍କ ସମ୍ପର୍କରେ ପ୍ରଥମେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଟୁଇଟର୍ ହ୍ୟାଣ୍ଡଲ୍‌ରେ ତଥ୍ୟ ଦିଆଯାଉଥିଲା।




ପରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଟୁଇଟର୍‌ରେ ତଥ୍ୟ ଆସିଲା। ଏବେ ଦୁଇଟି ବିଭାଗର ଟୁଇଟର୍ କିମ୍ବା ୱେବ୍‌ସାଇଟ୍‌ରେ ଆକ୍ରାନ୍ତଙ୍କ ସମ୍ପର୍କରେ ତଥ୍ୟ ମିଳୁଛି। ପୂର୍ବରୁ ଆକ୍ରାନ୍ତମାନେ କେଉଁ ଜିଲା ଓ କେଉଁ ଅଞ୍ଚଳର ସେନେଇ ସୂଚନା ଦିଆଯାଉଥିଲା। କିଛି ଦିନ ହେଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଟୁଇଟର୍‌ରୁ କେବଳ ଜିଲା ଅନୁଯାୟୀ ତଥ୍ୟ ମିଳୁଛି। ସ୍ଥାନୀୟ ଆକ୍ରାନ୍ତ ଓ ସଙ୍ଗରୋଧରୁ ବାହାରୁଥିବା ଆକ୍ରାନ୍ତଙ୍କ ସମ୍ପର୍କରେ ଜିଲା ପ୍ରଶାସନ ତଥ୍ୟ ପ୍ରଦାନ କରିବେ ବୋଲି କୁହାଯାଉଛି। ତେଣୁ ଆକ୍ରାନ୍ତଙ୍କ ବିଷୟରେ ଜାଣିବା ପରେ ଲୋକେ ଜିଲା ପ୍ରଶାସନର ଟୁଇଟର୍ ହ୍ୟାଣ୍ଡଲକୁ ଦେଖୁଛନ୍ତି। କିନ୍ତୁ ଏ ଦିଗରେ କଟକ ଜିଲାପାଳଙ୍କ ସରକାରୀ ଟୁଇଟର୍ ହ୍ୟାଣ୍ଡଲ୍ ସଂପୂର୍ଣ୍ଣ ନିଷ୍କ୍ରିୟ। ଜଗତସିଂହପୁର, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଗଞ୍ଜାମ, ବରଗଡ଼ ଭଳି ଅନେକ ଜିଲାର ଜିଲାପାଳ ଟୁଇଟ୍ ଜରିଆରେ ଆକ୍ରାନ୍ତଙ୍କ ସୂଚନା ଦେଉଛନ୍ତି।

କଟକ ଜିଲାପାଳଙ୍କ ସରକାରୀ ଟୁଇଟର୍ ହ୍ୟାଣ୍ଡଲରେ କିଛି ଦିନ ଭିତରେ କେବଳ କରୋନା କାର୍ଯ୍ୟକ୍ରମ ସମ୍ପର୍କରେ ପୋଷ୍ଟ ହୋଇଛି। ନିର୍ଗୁଣ୍ଡି ଷ୍ଟେଶନ୍‌ରେ ଶ୍ରମିକ ଏକ୍ସପ୍ରେସରେ ଆସୁଥିବା ପ୍ରବାସୀଙ୍କୁ କେମିତି ସ୍ୱାଗତ କରାଯାଉଛି, ସିଏମ୍‌ସି କେମିତି ଓମ୍‌ଫେଡ୍ ହୋମ୍ ଡେଲିଭରି କରୁଛି ଏବଂ ବନ୍ଦେ ଉତ୍କଳ ଜନନୀ ଗାନ ସମ୍ପର୍କରେ ପୋଷ୍ଟ କରାଯାଇଛି। କିନ୍ତୁ ଜିଲାର ଆକ୍ରାନ୍ତଙ୍କ ସମ୍ପର୍କରେ କୌଣସି ପ୍ରକାର ତଥ୍ୟ ନାହିଁ। ଏଦିଗରେ କିନ୍ତୁ ସିଏମ୍‌ସିର ଟୁଇଟର୍ ହ୍ୟାଣ୍ଡଲ୍ ସକ୍ରିୟ ରହୁଛି। ନିୟମିତ ବ୍ୟବଧାନରେ ସହରରେ କରୋନାର ସ୍ଥିତି, ଆକ୍ରାନ୍ତଙ୍କ ତଥ୍ୟ ଓ ଅନ୍ୟ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦିଆଯାଉଛି। ହେଲେ ଜିଲା ବିଷୟରେ ତଥା କେଉଁ ବ୍ଲକରୁ କେତେ ଆକ୍ରାନ୍ତ ବାହାରୁଛନ୍ତି, କେଉଁ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଘୋଷଣା କରାଯାଉଛି, ସେନେଇ ତଥ୍ୟ ମିଳୁନି। ଏନେଇ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଫୋନ୍ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

ଧରିତ୍ରୀ
DHARITRI
ମଙ୍ଗଳବାର, ୯ ଜୁନ୍, ୨୦୨୦



## ଯଥେଷ୍ଟ ଖାଦ୍ୟସାମଗ୍ରୀ ମହଜୁଦ ଅଛି

**କଟକ ଅଫିସ:** ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେଇଥିବା ନେଇ ଯେଉଁ ଚର୍ଚ୍ଚା ଚାଲିଛି, ତାହାକୁ ଖଣ୍ଡନ କରିଛି କଟକ ଚାମ୍ବର ଅଫ୍ କମର୍ସ। ସୋମବାର ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ଯଥେଷ୍ଟ ଖାଦ୍ୟ ସାମଗ୍ରୀ ମହଜୁଦ ରହିଛି। କରୋନା ସତ୍ତ୍ୱେ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି। ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ୍ ଜାରି କରିଥିବା ଯୋଗୁ ୩୦ ପ୍ରତିଶତ ଶ୍ରମିକଙ୍କୁ ନେଇ କାମ ଚାଲିଛି। ଫଳରେ କିଛି ପରିମାଣରେ ଉତ୍ପାଦନ କମିଛି। ଏଫ୍‌ଏମ୍‌ସିଜି ଦ୍ରବ୍ୟର ସାମୟିକ ଅଭାବ ପରିଲକ୍ଷିତ ହୋଇଛି। ଏହା ଧୀରେଧୀରେ ଅପସରି ଯିବ। ଏହାଛଡ଼ା ଡାଲି, ଚାଉଳ, ଚୁଡ଼ା, ଚିନି, ଗୁଡ଼, ଗହମ ଓ ଗହମଜାତ ଦ୍ରବ୍ୟ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି।

## ସଂକ୍ଷେପରେ

### ଆଜିଠୁ ଆଉ ୨ ରୁଟ୍‌ରେ ଗଡ଼ିବ ମୋ ବସ୍

ଭୁବନେଶ୍ୱର, ୮।୬ (ବ୍ୟୁରୋ): ଲୋକଙ୍କ ସୁବିଧାକୁ ପ୍ରାଥମିକତା ଦେଇ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ) ପକ୍ଷରୁ ଆଉ ୨ଟି ରୁଟ୍‌ରେ ମୋ ବସ୍ ଚଳାଚଳ କରାଯିବ। ମଙ୍ଗଳବାରଠାରୁ ରୁଟ୍ ନଂ. ୨୪ ସାଇ ମନ୍ଦିରରୁ କଳିଙ୍ଗ ବିହାର ଓ ରୁଟ୍ ନଂ. ୨୮ ଭୁବନେଶ୍ୱର ରେଳ ଷ୍ଟେଶନରୁ କଳିଙ୍ଗ ନଗରକୁ ମୋ ବସ୍ ଚଳାଚଳ ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ, କରୋନା ଜନିତ ଲକ୍‌ଡାଉନ୍ କାରଣରୁ ମୋ ବସ୍ ଚଳାଚଳ କରିବାରେ ରୋକ୍ ଲଗାଯାଇଥିଲା। ବର୍ତ୍ତମାନ ଅନ୍‌ଲକ୍ ପର୍ଯ୍ୟାୟରେ ଲୋକଙ୍କ ସୁବିଧା ନିମନ୍ତେ ମୋ ବସ୍ ପୁନଃ ଚଳାଚଳ ଆରମ୍ଭ କରିଛି। ବର୍ତ୍ତମାନ ମୋଟ ୯ ରୁଟ୍‌ରେ ୬୨ ବସ୍ ଚାଲିଛି ବୋଲି କ୍ରୁଟ୍ ପକ୍ଷରୁ ସୂଚନା ମିଳିଛି।

### ୧୧ ପଜିଟିଭ୍ ଚିହ୍ନଟ

**ଖୋର୍ଦ୍ଧା ଅଫିସ,୮।୬ :** ଖୋର୍ଦ୍ଧା ଉପଖଣ୍ଡରେ ସୋମବାର ପୁଣି ୧୧ଜଣ କରୋନା ପିଜିଟଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ବାଣପୁର୨, ବାଲୁଗାଁ ୭ ଏବଂ ଟାଙ୍ଗୀ ବ୍ଲକରୁ ୨ଜଣ କରୋନା ପଜିଟିଭ୍ ରହିଛନ୍ତି। ଚିହ୍ନଟ ସମସ୍ତ ବ୍ୟକ୍ତି ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସମସ୍ତ ଆକ୍ରାନ୍ତଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ଚାରିଛକ ବଜାର ଶଟ୍‌ଡାଉନ

**କୃଷ୍ଣପ୍ରସାଦ,୮।୬: (ଡି.ଏନ୍.ଏ.):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କୃଷ୍ଣପ୍ରସାଦ ବ୍ଲକ ତିତିପ ପଞ୍ଚାୟତର ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର ସୋମବାର ଭୋର ୫ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାରିଛକ ବଜାରକୁ ଶଟ୍‌ଡାଉନ ଘୋଷଣା କରିଥିଲେ। ଔଷଧ ଦୋକାନ ଖୋଲାଥିବା ବେଳେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଥିଲା। ସୂଚନା ଅନୁଯାୟୀ, ସ୍ଥାନୀୟ ଗୁମୁଣ୍ଡିଆ ପଞ୍ଚାୟତର ପ୍ରବାସୀ ଓଡ଼ିଆ ଦମ୍ପତି ଦିଲ୍ଲୀରୁ ଫେରି ୭ଦିନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ଏହାପରେ ସେମାନଙ୍କ ସ୍ୱାବ୍ ପରୀକ୍ଷା ପରେ ରିପୋର୍ଟ ପଜିଟିଭ୍ ଆସିଥିଲା। ଫଳରେ ବିଡିଓ ଅଭିମନ୍ୟୁ ମାଝି ଦମ୍ପତି ରହୁଥିବା ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିଲେ। ଗୁମୁଣ୍ଡିଆ ପଞ୍ଚାୟତ ନିକଟରେ ଚାରିଛକ ବଜାର ହୋଇଥିବାରୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସୋମବାର ୧୨ଘଣ୍ଟା ଲାଗି ଶଟ୍‌ଡାଉନ କରାଯାଇଥିଲା ବୋଲି ସରପଞ୍ଚ ମହାପାତ୍ର କହିଛନ୍ତି।

### ଯୁକ୍ତ୨ ଅଫ୍‌ଲାଇନ ଖାତା ଦେଖା ଆରମ୍ଭ

ଭୁବନେଶ୍ୱର, ୮।୬(ବ୍ୟୁରୋ): ଯୁକ୍ତ୨ ଅଫ୍‌ଲାଇନ ଖାତା ଦେଖା ସୋମବାରଠାରୁ ଆରମ୍ଭ ହୋଇଛି। ରାଜ୍ୟର ମୋଟ ୬୭ଟି ମୂଲ୍ୟାୟନ କେନ୍ଦ୍ରରେ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବିଷୟର ଖାତା ଦେଖା ଆରମ୍ଭ ହୋଇଛି। ପ୍ରଥମ ସିଫ୍ଟ ସକାଳ ସାଢ଼େ ୭ଟାରୁ ଅପରାହ୍ନ ସାଢ଼େ ୧୨ଟା ଓ ଅପରାହ୍ନ ସାଢ଼େ ଗୋଟାଏରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଫ୍ଟରେ ଖାତା ଦେଖା ହେଉଛି। ଖାତା ଦେଖା ସମୟରେ ସାମାଜିକ ଦୂରତ୍ୱ ଓ କରୋନା ମହାମାରୀ ପାଇଁ ରହିଥିବା ସମସ୍ତ ନିର୍ଦ୍ଦେଶାବଳୀକୁ ଅନୁପାଳନ କରାଯାଉଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୮।୬(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରି ବିହାର ସେକ୍ଟର-୫ରେ ରାସ୍ତାକଡ଼ରେ ଥିବା ଏକ ଗଛରୁ ସୋମବାର ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ମୃତ ଯୁବକ ଜଣଙ୍କ ହେଲେ ପଣ୍ଡାପାର୍କ ବସ୍ତିର ଜାନ୍ କୁମାର ନାୟକ(୨୦)।

### ନବନିର୍ମାଣ କୃଷକ ସଙ୍ଗଠନର ଧାରଣା

ଖୋର୍ଦ୍ଧା ଅଫିସ,୮।୬: କରୋନା ମହାମାରୀ ଯୋଗୁ ବହୁ ଚାଷୀ ପ୍ରଭାବିତ ହୋଇଛନ୍ତି। ମଣ୍ଡିରେ ଧାନ ବିକ୍ରି ଲାଗି ଚାଷୀଙ୍କୁ ଟୋକନ ଦିଆଯାଉନାହିଁ। ଟୋକନ ଥାଇ ମଧ ଅନେକ ଚାଷୀ ଧାନ ବିକ୍ରି କରୁପାରୁନାହାନ୍ତି। ଅନ୍ୟପଟେ ମଣ୍ଡିରେ ଧାନ ବିକ୍ରି କରିଥିବା ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସୁନାହିଁ। ଏଭଳି ଅଭିଯୋଗ କରିଛି ଖୋର୍ଦ୍ଧା ଜିଲା ନବ ନିର୍ମାଣ କୃଷକ ସଙ୍ଗଠନ। ଏହାର ପ୍ରତିବାଦରେ ଏକାଧିକ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସୋମବାର ଧାରଣା ଦେବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମନୱର ଅଲ୍ଲୀ, ସୁରେଶ ଚନ୍ଦ୍ର ମାନସିଂଙ୍କ ସମେତ ବହୁ କର୍ମୀ ଧାରଣାରେ ସାମିଲ ହୋଇଥିଲେ।

# କ୍ୱାରାଣ୍ଟାଇନ ନିୟମ ମାନୁନାହାନ୍ତି ଫେରନ୍ତା

ଭୁବନେଶ୍ୱର, ୮।୬ (ବ୍ୟୁରୋ)



- ଭୁବନେଶ୍ୱରରେ ପୁଣି ସ୍ଥିତି ବଗିଡ଼ିବା ଆଶଙ୍କା
- ସଂକ୍ରମଣ କେନ୍ଦ୍ର ପାଲଟିବ ଟ୍ରାଞ୍ଜିଟ୍ ପଏଣ୍ଟ
- ମନଇଚ୍ଛା ଆସୁଛନ୍ତି, ଏଣେ ତେଣେ ବୁଲୁଛନ୍ତି

ରାଜଧାନୀରୁ ବର୍ତ୍ତମାନ ଦୈନିକ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଇତିମଧ୍ୟରେ ଭୁବନେଶ୍ୱରକୁ ୩ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଫେରିଥିବାବେଳେ ଟ୍ରେନ୍, ବିମାନ ଓ ବିଭିନ୍ନ ଗାଡ଼ିରେ ଲକ୍ଷ ଲକ୍ଷ ପ୍ରବାସୀ ଏଠାରୁ ଓହ୍ଲାଇ ଅନ୍ୟ ଅଞ୍ଚଳକୁ ଯାଉଛନ୍ତି। ଫେରନ୍ତା ପାଇଁ ସହରରେ ସରକାରୀ କ୍ୱାରାଣ୍ଟାଇନ୍, ହୋଟେଲ କ୍ୱାରାଣ୍ଟାଇନ ଓ ହୋମ୍ କ୍ୱାରାଣ୍ଟାଇନ୍‌ର ବ୍ୟବସ୍ଥା ରହିଛି। ସ୍ଥିତିକୁ ଦେଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ହୋଟେଲ ଓ ହୋମ୍ କ୍ୱାରାଣ୍ଟାଇନ୍ ପାଇଁ ଅନୁମତି ଦେଉଛନ୍ତି। ଏଥିସହ ଦୂର ଫେରନ୍ତାଙ୍କ ସାମୟିକ ରହଣି ପାଇଁ ୩ ପ୍ରବେଶ ପଥରେ ଟ୍ରାଞ୍ଜିଟ୍ ସେଣ୍ଟର ଖୋଲାଯାଇଛି। ହେଲେ କିଛି ପ୍ରବାସୀ କ୍ୱାରାଣ୍ଟାଇନ୍ ନିୟମ ମାନୁ ନ ଥିବା ଅଭିଯୋଗ ଉଠୁଛି। କିଏ ହାଟ ବଜାର ବୁଲୁଥିବାବେଳେ ଆଉ କେତେଜଣ ସାଙ୍ଗମାନଙ୍କ ସହ ମିଳାମିଶା କରୁଥିବା ନଜରକୁ ଆସୁଛି। ଏମାନଙ୍କ ପ୍ରତି କୋହଳ ମନୋବୃତ୍ତି ଆଗକୁ ରାଜଧାନୀର ସ୍ଥିତିକୁ ବିଗାଡ଼ି ଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, କରୋନା ସଂକ୍ରମଣର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ଅଧିକ ସଂକ୍ରମିତ ସାମ୍ନାକୁ ଆସିଥିଲେ। ହେଲେ ଲକ୍‌ଡାଉନ୍ ସହ ଆବଦ୍ଧାଞ୍ଚଳ ଘୋଷଣା କରିବା ଓ ଅନ୍ୟ କଟକଣା ଯୋଗୁ ସମୟାନୁକ୍ରମେ ସଂକ୍ରମଣରେ ରୋକ୍ ଲଗାଇବାରେ ସଫଳତା ମିଳିଥିଲା। ଏପରି କି ଲଗାତର ୧୪ ଦିନ କୌଣସି ସଂକ୍ରମିତ ଚିହ୍ନଟ ନ ହେବାରୁ ବିଏମ୍‌ସି ଅଞ୍ଚଳ ରେଡ୍ ଜୋନ୍‌ରୁ ଅରେଞ୍ଜ ଜୋନ୍‌କୁ ମଧ୍ୟ ଚାଲି ଆସିଥିଲା। କିନ୍ତୁ ପରମୁହୂର୍ତ୍ତରେ ବିଏମ୍‌ସି ଦ୍ୱାରା ରାଜ୍ୟ ଫେରନ୍ତାଙ୍କ ପାଇଁ ଭୁବନେଶ୍ୱରରେ ଟ୍ରାଞ୍ଜିଟ୍ ପଏଣ୍ଟ କରିବା, ଫେରନ୍ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିବା, ଲକ୍ଷଣ ନ ବାହାରିବା ଯାଏ ନମୁନା ପରୀକ୍ଷଣ ନ କରିବା ପରି ଘଟଣା ଏବେ ସହରବାସୀଙ୍କ ଚିନ୍ତାକୁ ବଢ଼ାଇଛି। ବିଶେଷକରି ରସୁଲଗଡ଼, ଖଣ୍ଡଗିରି ଓ ଉତ୍ତରା ଛକରେ ଥିବା ଟ୍ରାଞ୍ଜିଟ୍ ସେଣ୍ଟର ନିକଟରେ ବାହାରୁ ଆସୁଥିବା ପ୍ରବାସୀମାନେ ଏଣେତେଣେ ବୁଲାବୁଲି କରୁଥିବା ନଜରକୁ ଆସିଛି। ଏମାନେ ଆଖପାଖ ଦୋକାନରୁ ମଧ୍ୟ କିଣାକିଣି କରୁଛନ୍ତି। ସେମାନଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁନି। ଏଠାରୁ ସହରକୁ ସଂକ୍ରମଣ ବ୍ୟାପିବା ସମ୍ଭାବନା ରହୁଛି। ସେହିଭଳି ପୁରୁଣା ଭୁବନେଶ୍ୱର, ଉତ୍ତର ଭୁବନେଶ୍ୱର (ଚନ୍ଦ୍ରଶେଖରପୁର, ଡମଣା, ନୀଳାଦ୍ରି ବିହାର ଓ ଶୈଳଶ୍ରୀ ବିହାର) ଅଞ୍ଚଳ ସମେତ ଅନ୍ୟ କିଛି ସ୍ଥାନରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁଥିବା ପ୍ରବାସୀମାନେ ମଧ୍ୟ ବାହାରେ ବୁଲୁଥିବା ବିଏମ୍‌ସି ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ଜଣାଇଛନ୍ତି। ତେବେ ଜୁନ୍ ଓ ଜୁଲାଇ ମାସ ରାଜ୍ୟ ପାଇଁ ବଡ଼ ଚ୍ୟାଲେଞ୍ଜ ବୋଲି ରାଜ୍ୟ ସରକାର କହିଥିବାବେଳେ ବିଏମ୍‌ସି କର୍ତ୍ତୃପକ୍ଷ କରୋନା ମୁକାବିଲା କ୍ଷେତ୍ରରେ କଠୋର ଆଭିମୁଖ୍ୟ ଗ୍ରହଣ ନ କଲେ ସହରକୁ ବଡ଼ ବିପଦ ମାଡ଼ି ଆସିବାକୁ ବେଶି ଡେରି ହେବ ନାହିଁ। ଏ ସଂକ୍ରାନ୍ତରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

### ରାଜଧାନୀରେ ଗୋଟିଏ ନୂଆ ପଜିଟିଭ୍

ଗତ କିଛିଦିନ ହେବ ଲଗାତର ଭୁବନେଶ୍ୱରରେ ଏକାଧିକ ପଜିଟିଭ୍ କେସ୍ ବାହାରୁଛି। ସୋମବାର ମାତ୍ର ଗୋଟିଏ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି। ଆକ୍ରାନ୍ତ ଜଣକ ହେଲେ ଡମଣାର ୨୫ ବର୍ଷୀୟ ଯୁବକ ଓ ସେ ମୁମ୍ବାଇରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ ବୋଲି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସୂଚନା ଦେଇଛି। ତାଙ୍କୁ ମିଶାଇ ସହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୯ରେ ପହଞ୍ଚିଛି।

# ଏମ୍‌ପିଙ୍କ ନାଁରେ ନିୟମ ଉଲ୍ଲଂଘନ ଅଭିଯୋଗ

ଭୁବନେଶ୍ୱର(ବ୍ୟୁରୋ)/ବାଲିଅନ୍ତା, ୮।୬(ଡି.ଏନ.ଏ)

### ହଂସପାଳରେ ଫ୍ଲାଏ ଓଭରବ୍ରିଜ୍‌ର ଭୂମି ପୂଜନ

୧୬ନଂ. ଜାତୀୟ ରାଜପଥ ଭୁବନେଶ୍ୱର–କଟକ ରାସ୍ତାର ହଂସପାଳରେ ଏକ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପାଇଁ ସୋମବାର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ସମୟରେ ଏମ୍‌ପି ସାମାଜିକ ଦୂରତ୍ୱ ଉଲ୍ଲଂଘନ କରି ଏକାଧିକ କର୍ମୀଙ୍କ ସହ ଏକାଠି ହୋଇଥିବାରୁ ଏକ ସଂଗଠନ ପକ୍ଷରୁ ଡିସିପି ଓ ବିଏମ୍‌ସି କମିଶନର ନିକଟରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ହଂସପାଳରେ ଫ୍ଲାଏଓଭର ବ୍ରିଜ ନିର୍ମାଣର ଭୂମି ପୂଜନ ପାଇଁ ଏମ୍‌ପି ଷଡ଼ଙ୍ଗୀ ଯୋଗଦେଇଥିଲେ। ପରେ ଉତ୍ତର ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ଏକ ସଭା ଆୟୋଜିତ ହୋଇଥିଲା। ସଭାରେ ଏମ୍‌ପି ଯୋଗଦେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୀର୍ଘ ବର୍ଷର ଦାବି ପୂରଣ ହେଲା ବୋଲି କହିଥିଲେ। ଉତ୍ସବରେ ଉନ୍ନୟନ ପରିଷଦର ସଭାପତି ପ୍ରଭାତ ଦାଶ, ସମ୍ପାଦକ ଇଂ. ବ୍ରଜବନ୍ଧୁ ପଣ୍ଡାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ପ୍ରାୟ ୨୪କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ବ୍ରିଜ୍ ୧୮ ମାସରେ ଶେଷ ହେବାର ଲକ୍ଷ୍ୟ ରଖାଯାଇଥିବା ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ କହିଛନ୍ତି। ଅନ୍ୟପଟେ କରୋନା ଲାଗି ସବୁ ସଭା ବନ୍ଦ ଥିବାବେଳେ ସଭା କରି ଏକାଧିକ କର୍ମୀ ରହିବା ଓ ସାମାଜିକ ଦୂରତ୍ୱ ନ ରଖିଥିବାରୁ ଉକ୍ତ ସଂସ୍ଥା ଏମ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

# ସାଇବର ଠକେଇର ଶିକାର ପୋଲିସ, ୪୦ ହଜାର ଗାଏବ

ଭୁବନେଶ୍ୱର,୮।୬ (ବ୍ୟୁରୋ)

ଜଣେ ଓଏସ୍‌ଏପି ପୋଲିସ କର୍ମଚାରୀ ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା କଟିଯାଇଛି। ଏ ନେଇ ପୋଲିସ କର୍ମଚାରୀ ପୁରୀର ସନ୍ତୋଷ କୁମାର ରାଉତରାୟ ଚନ୍ଦକା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଦଫା ୬୬(ସି),୬୬(ଡି)ରେ ଏକ ମାମଲା (ନଂ.୯୪/୨୦) ରୁଜୁକରି ତଦନ୍ତ ଚଳାଇଛି। ସନ୍ତୋଷଙ୍କ ମୋବାଇଲକୁ ଏକ ଲିଙ୍କ୍ ଆସିଥିଲା। ସେ ଏହାକୁ ଖୋଲିବା ପରେ ତାଙ୍କ ମୋବାଇଲ୍ ହ୍ୟାକ୍ ହୋଇଯାଇଥିଲା। ପରେ ତାଙ୍କ ଆକାଉଣ୍ଟରେ ୪୦ ହଜାର ଟଙ୍କା କଟିଯାଇଥିବା ମେସେଜ ଆସିଥିଲା। ଏହାପରେ ସନ୍ତୋଷ ତାଙ୍କ ଆକାଉଣ୍ଟ ଯାଞ୍ଚ କରିବା ପରେ ୪୦ ହଜାର ଟଙ୍କା କଟିଯାଇଥିଲା।

# 'ପ୍ରଧାନମନ୍ତ୍ରୀ ୨୧ ଦିନ ମାଗିଥିଲେ ୭୫ ଦିନ ହେଇଗଲା'

ଭୁବନେଶ୍ୱର,୮।୬(ବ୍ୟୁରୋ)

ଗତ ମାର୍ଚ୍ଚ ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବନାରସରେ କହିଥିଲେ ମହାଭାରତ ୧୮ ଦିନରେ ସରିଥିଲା ସେହିପରି ମୁଁ ମହାମାରୀ କରୋନାକୁ ୨୧ ଦିନରେ ଦେଶରୁ ମୁକ୍ତ କରିଦେବି। ତାଙ୍କୁ ମାତ୍ର ୨୧ଦିନ ସମୟ ଦିଆଗଲା ହେଲେ କରୋନା ମହାମାରୀ ଆସିବା ୭୫ ଦିନରୁ ଅଧିକ ଦିନ ହୋଇଗଲାଣି ବର୍ତ୍ତମାନ ଭାରତରେ ଏହି ସଂକ୍ରମଣ ବଢ଼ି ବିଶ୍ୱରେ ପଞ୍ଚମ ସ୍ଥାନରେ ପହଞ୍ଚିଛି। ଏସିଆ ମହାଦେଶରେ ପ୍ରଥମ ସ୍ଥାନରେ ପହଞ୍ଚିଲାଣି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ପ୍ରବାସୀଙ୍କୁ ନିଜ ରାଜ୍ୟକୁ ଶୀଘ୍ର ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଏବେ ସୁଦ୍ଧା ଲକ୍ଷ ଲକ୍ଷ ପ୍ରବାସୀମାନେ ଆସିବାର ସୁବିଧା ନପାଇଁ ବହୁ ଦୟନୀୟ ଭାବରେ ଦିନ କାଟୁଛନ୍ତି। ଏହି ସମୟରେ ସାଧାରଣ ଲୋକଙ୍କ ଜିବୀକା ଓ ଜୀବନ ବଞ୍ଚିବା ଚିନ୍ତା ନ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓଡ଼ିଶା ପାଇଁ ଯେଉଁ ଭର୍ଚୁଆଲ ର୍‍ୟାଲି କରିଛନ୍ତି ଏହା ରାଜ୍ୟ ଓ ଦେଶର ହିତ ଉଦ୍ଦେଶ୍ୟରେ ନ ଥିଲା ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ଶାହା ଗତ ତିନିମାସ ଧରି କୁଆଡ଼େ ଥିଲେ। ପ୍ରବାସୀ ଶ୍ରମିକଙ୍କ ଦୁଃଖ ଦୁର୍ଦ୍ଦଶବେଳେ କ'ଣ ତାଙ୍କୁ ଦେଖାଯାଉ ନ ଥିଲା ତାଙ୍କ ରାଜ୍ୟ ଗୁଜୁରାଟରେ ଓଡ଼ିଆ ଶ୍ରମିକ ପୋଲିସ୍ ଲାଠିର ଶୀକାର ହୋଇ ମୃତ୍ୟୁବରଣ ମଧ୍ୟ କରିଛନ୍ତି। ଅନେକ ଶ୍ରମିକ ପୋଲିସ ମାଡ଼ରେ ଆହତ ହୋଇଛନ୍ତି। କଳକାରଖାନାର ମାଲିକମାନେ ଶ୍ରମିକମାନଙ୍କୁ କୌଣସୀ ସାହାଯ୍ୟ ନ କରିବାରୁ ଭୋକ ଉପାସ ସହି ନ ପାରି ଲକ୍ଷାଧିକ ଶ୍ରମିକ ସାଇକେଲରେ, ଚାଲିଚାଲି, ଟ୍ରେନରେ, ବସରେ ନିଜ ବ୍ୟବସ୍ଥାରେ ଆସି ଗାଁ ଭୂମିରେ ପହଞ୍ଚିଛନ୍ତି। ଏବେ ଶାହା ଭାଜପା କାର୍ଯ୍ୟକର୍ତାମାନେ ୧୧ କୋଟି ଲୋକଙ୍କୁ ଭୋଜନ କରାଇଥିବାର ତଥ୍ୟ କେଉଁଠୁ ଆଣିଲେ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।




'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତ ମାନ୍ୟତା ପାଇବାପରେ ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ୍ ଆନିମେଶନ ଆର୍ଟ।

# ବୋମାମାଡ଼ ଘଟଣାରେ ୬ ଗିରଫ

କଟକ ଅଫିସ,୮।୬

ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟଙ୍କ ଉପରକୁ ବୋମାମାଡ଼ ଘଟଣାରେ ଜଗତପୁର ଥାନା ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ୟାକୁବ ଖାନ, ସେଖ୍ ୱାସିମ, ସେଖ୍ ଇମ୍ରାନ, ସେଖ ସାକିର, ରମେଶ ଭୋଇ ଓ ଶିବ ଭୋଇ। ୟାକୁବ ଓ ୱାସିମ ଉକ୍ତ ଘଟଣାର ମାଷ୍ଟର ମାଇଣ୍ଡ ବୋଲି ଥାନାଧିକାରୀ ପ୍ରଦୀପ୍ତ ନାୟକ କହିଛନ୍ତି। ଏମାନଙ୍କ ନିକଟରୁ ୫ଟି ବାଇକ, ୫ଟି ମୋବାଇଲ ଓ ଦୁଇଟି ଜୀବନ୍ତ ବୋମା ଜବତ କରାଯାଇଛି। ଗତ ୩୦ ତାରିଖରେ ଜଗତପୁର ଥାନା ଚମ୍ପତି ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବେହେରା ଓ ସମିତି ସଭ୍ୟ ଭୋଳାନାଥ ରାଉତଙ୍କ ଉପରକୁ ବୋମାମାଡ଼ ହୋଇଥିଲା। ଆଇପିସି ୩୦୭, ୪୨୭, ୩୪, ଏକ୍ସପ୍ଲୋଜିଭ ଆକ୍ଟ–୪, ୫ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପାଇକ ଆଖଡ଼ାକୁ ରାଜ୍ୟ କ୍ରୀଡ଼ା ମାନ୍ୟତା ଦାବି

ଭୁବନେଶ୍ୱର,୮।୬(ବ୍ୟୁରୋ)

ପାଇକ ଆଖଡ଼ାକୁ ରାଜ୍ୟ କ୍ରୀଡାର ମାନ୍ୟତା ଦେବାକୁ ନିଖିଳ ଓଡ଼ିଶା ପାଇକ ମହାସଂଘ ଅଣ୍ଟା ଭିଡ଼ିଛି। ରାଜ୍ୟର ଏହି ସର୍ବପୁରାତନ ସମରକଳାକୁ ସ୍କୁଲ୍, କଲେଜରେ ସାମିଲ କରି ଏନ୍‌ସିସି, ସ୍କାଉଟ୍ ଭଳି ମାନ୍ୟତା ଦେବାକୁ ମହାସଂଘ ସୋମବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛି। ସେହିଭଳି ପାଇକ ଆଖଡ଼ାକୁ ସଂସ୍କୃତି ବିଭାଗ ଅଧୀନରୁ ଆଣି କ୍ରୀଡ଼ା ବିଭାଗରେ ସାମିଲ କରିବାକୁ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ଦାବି କରିଛନ୍ତି। ପାଇକ ମହାସଂଘ ରାଜ୍ୟ ଉପଦେଷ୍ଟା ପ୍ରଫେସର ଗାୟନ ସାମଲ, ପାଇକବିଶାରଦ କେଦାର ଦାସ, ସ୍ତମ୍ଭକାର ବିଭୂତି ସ୍ୱାଇଁ, ଖୋର୍ଦ୍ଧା ଜିଲା ପାଇକ ମହାସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, କଟକ ଜିଲା ସଭାପତି ରାଜକିଶୋର ବେହେରା, ଭୁବନେଶ୍ୱର ସଭାପତି ଅଜୟ ନାୟକଙ୍କ ସହ ଜିଲା ସଭାପତିମାନେ ମଧ୍ୟ ଏନେଇ ଦାବି ଜଣାଇଛନ୍ତି।

# ଆଜି ଓଡ଼ିଶା ଆସିବନି ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୮।୬(ବ୍ୟୁରୋ)

ଧୀରେ ଧୀରେ ରାଜ୍ୟକୁ ପ୍ରବାସୀଙ୍କ ଆଗମନ କମୁଥିବାରୁ ଓଡ଼ିଶାକୁ ଆସୁଥିବା ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା ମଧ୍ୟ କମାଇ ଦିଆଯାଇଛି। ମଙ୍ଗଳବାର ଓଡ଼ିଶାକୁ କୌଣସି ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ଆସିବ ନାହିଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଥିବାବେଳେ ଶିଳ୍ପସଂସ୍ଥାଗୁଡ଼ିକ ଖୋଲିବାରେ ଲାଗିଛି। ତେଣୁ ପ୍ରବାସୀ ଶ୍ରମିକମାନେ ରାଜ୍ୟକୁ ନ ଫେରି ପୁଣିଥରେ କାମରେ ଯୋଗଦେଉଥିବାରୁ ଏଭଳି ହେଉଥିବା କୁହାଯାଉଛି। ରେଳପଥର ସୂଚନା ଅନୁଯାୟୀ, ସୋମବାର ଦେଶର କୌଣସି ଷ୍ଟେଶନରୁ ଓଡ଼ିଶା ଅଭିମୁଖେ ଟ୍ରେନ୍ ବାହାରି ନ ଥିବାରୁ ମଙ୍ଗଳବାର ଟ୍ରେନ୍ ଯୋଗେ ଓଡ଼ିଶାକୁ ପ୍ରବାସୀ ଓଡ଼ିଆ ଆସିବାର ସମ୍ଭାବନା ନାହିଁ। ତେବେ ମେ' ପହିଲାରୁ ରେଳ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିବା ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ମାଧ୍ୟମରେ ଏବେ ସୁଦ୍ଧା ୨୨୦ଟି ଟ୍ରେନ୍ ଓଡ଼ିଶାରେ ପହଞ୍ଚିଛି। ଏହି ଟ୍ରେନ୍‌ଗୁଡ଼ିକରେ ୩ ଲକ୍ଷରୁ ଅଧିକ ପ୍ରବାସୀ ଓଡ଼ିଶା ଫେରିଛନ୍ତି। ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳ କରୁଛି। ଓଡ଼ିଶା ସରକାର ଯେପର୍ଯ୍ୟନ୍ତ ଚାହିଁବେ ଆମେ ସେବା ଯୋଗାଇ ଦେବୁ। ଅନ୍ୟ ରାଜ୍ୟ ମଧ୍ୟ କିଛି ପ୍ରବାସୀ ଓଡ଼ିଆଙ୍କୁ ଟ୍ରେନ୍ ଯୋଗେ ପଠାଇବାର ବ୍ୟବସ୍ଥା କରିଛନ୍ତି। ସେମାନଙ୍କୁ ଓଡ଼ିଶାରେ ପହଞ୍ଚାଇବାକୁ ପ୍ରାଥମିକତା ଦିଆଯାଉଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ରବିବାର ଗୋଆର ମାଦଗାଁରୁ ବାଲେଶ୍ୱର ଅଭିମୁଖେ ବାହାରିଥିବା ସ୍ୱତନ୍ତ୍ର ଟ୍ରେନ୍ ନିର୍ଗୁଣ୍ଡି ଓ ଭଦ୍ରକ ଦେଇ ବାଲେଶ୍ୱରରେ ପହଞ୍ଚିଛି। ଏଥିରେ ପ୍ରାୟ ୧ ହଜାର ପ୍ରବାସୀ ଓଡ଼ିଶା ଫେରିଛନ୍ତି।

# କାନ୍ତକବିଙ୍କୁ ସଂସ୍କୃତି ବିଭାଗର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୮।୬(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତର ମାନ୍ୟତା ମିଳିବା ପରିପ୍ରେକ୍ଷୀରେ ସୋମବାର ରାଜ୍ୟ ସଂସ୍କୃତି ଭବନଠାରେ କାନ୍ତକବିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ୧୧୦ବର୍ଷ ତଳୁ ତାଙ୍କ ରଚିତ ଏହି କାଳଜୟୀ ସଙ୍ଗୀତକୁ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ରାଜ୍ୟ ସଙ୍ଗୀତର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଐତିହାସିକ ପଦକ୍ଷେପ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଭାଗ ପକ୍ଷରୁ ଗଭୀର କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶିକା ସଂଘମିତ୍ରା ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ, ଓଡ଼ିଶା ଲଳିତକଳା ଏକାଡେମୀ ସଚିବ ଗଜେନ୍ଦ୍ର ସାହୁ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ସଚିବ ସୟିଦ୍ ମୁଶିର ଆଲାମ୍ ପ୍ରମୁଖ ଉପସ୍ଥିତ ରହି କାନ୍ତକବିଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




କାନ୍ତକବିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ରେଭେନ୍‌ଶା: ପରୀକ୍ଷା ବାତିଲ ପାଇଁ ଦାବିପତ୍ର

**କଟକ ଅଫିସ,୮।୬:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଶେଷବର୍ଷର ଛାତ୍ରୀଛାତ୍ର ପରୀକ୍ଷା ବାତିଲ କରିବା ପାଇଁ ସୋମବାର କୁଳପତି ଓ ପରୀକ୍ଷା ନିୟନ୍ତ୍ରକଙ୍କ ପାଖକୁ ଦାବିପତ୍ର ପଠାଇଛନ୍ତି। କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶେଷ ସେମିଷ୍ଟରର ପରୀକ୍ଷା ବାତିଲ, ବିକଳ୍ପ ବ୍ୟବସ୍ଥା, ସ୍ୱତଃପ୍ରବୃତ୍ତ ଭାବେ ଛାତ୍ରୀଛାତ୍ରଙ୍କୁ ଉତ୍ତୀର୍ଣ୍ଣ କରିବା ପାଇଁ ଦାବି ହୋଇଛି। ଇଣ୍ଟର୍‌ନାଲ୍ ମାର୍କକୁ ଦେଖି ୫୦ ପ୍ରତିଶତ ଓ ଗତ ସେମିଷ୍ଟରର ଫଳାଫଳକୁ ଦେଖି ବଳକା ୫୦ ପ୍ରତିଶତ ଦେବା, ବ୍ୟାକ୍ ପେପର୍ ଥିବା ପିଲାଙ୍କୁ ୪୦ରୁ ୫୦ ପ୍ରତିଶତ ମାର୍କ ଦେବା ପାଇଁ ଦାବିରେ ରହିଛି। ଜୁନ ୧୫ ସୁଦ୍ଧା ଜଣାଇବା ପାଇଁ କୁଳପତିଙ୍କୁ ଅନୁରୋଧ କରାଯାଇଛି। କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କହିଛନ୍ତି, ସ୍ଥିତି ସୁଧୁରିବା ପରେ ପରୀକ୍ଷା କରାଯିବ। ପିଲାଙ୍କ ଭବିଷ୍ୟତକୁ ନେଇ ଆମେ ଚିନ୍ତିତ ଅଛୁ। ଶେଷ ସେମିଷ୍ଟରର ପରୀକ୍ଷା ନ ଦେଇ ଡିଗ୍ରୀ ହାସଲ କଲେ, ତାହାର କୌଣସି ମୂଲ୍ୟ ନାହିଁ। ପିଲାମାନେ ପାଠପଢ଼ାରେ ଧ୍ୟାନ ଦିଅନ୍ତୁ, ପରୀକ୍ଷା ଚିନ୍ତା ନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# ପରୀକ୍ଷା ବିଜ୍ଞପ୍ତିକୁ ବିରୋଧ କଲା ବିପିୟୁଟି ଛାତ୍ର ସଂଘ

ଭୁବନେଶ୍ୱର,୮।୬(ବ୍ୟୁରୋ)

### ତାରିଖ ନ ଘୁଞ୍ଚିଲେ ପରୀକ୍ଷା ଦେବେନି କୌଣସି ଛାତ୍ରୀଛାତ୍ର

ଶେଷବର୍ଷ ରେଗୁଲାର ପେପର ଓ ବ୍ୟାକ୍ ପେପର ପରୀକ୍ଷା ପାଇଁ ଗତ ୨ ଦିନ ତଳେ ବିପିୟୁଟି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଏହାକୁ ବିରୋଧ କରିଛି ଓଡିଶା ବିପିୟୁଟି ଛାତ୍ରସଂଘ। ମାର୍ଚ୍ଚ ଶେଷ ସପ୍ତାହରେ ପରୀକ୍ଷା ହେବାକୁ ଥିବାବେଳେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ପରୀକ୍ଷାକୁ ସ୍ଥଗିତ ରଖିଥିଲେ। ହେଲେ ଜୁନ ଶେଷ ସପ୍ତାହରେ ପରୀକ୍ଷା ଆରମ୍ଭ ହେବାନେଇ ଏବେ ହଠାତ୍ ବିପିୟୁଟି ପକ୍ଷରୁ ସୂଚନା ଦିଆଯାଇଛି। କେବଳ ଏତିକି ନୁହେଁ, ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ପରୀକ୍ଷା ଶେଷ ହେବାପରେ ଜୁଲାଇ ୧୫ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି କୁହାଯାଇଛି। ଏଭଳିସ୍ଥଳେ ରାଜ୍ୟ ବାହାରର ବହୁ ଛାତ୍ରୀଛାତ୍ର ଓଡ଼ିଶାରେ ରହି ଇଞ୍ଜିନିୟରିଂ ପଢୁଥିବାବେଳେ ଏବେ ସେମାନେ କିଭଳି ପରୀକ୍ଷା ଦେବେ ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟିହୋଇଛି। ଏପଟେ ହଷ୍ଟେଲ ଖୋଲା ନ ଥିବାରୁ ପିଲାମାନେ କେଉଁଠାରେ କିଭଳି ରହିବେ ସେନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। କରୋନା ସଂକ୍ରମଣକୁ ରୋକିବାକୁ ଜୁନ ମାସ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟ ସରକାର କହିଛନ୍ତି। ଏପରିସ୍ଥଳେ ବିପିୟୁଟି କିଭଳି ଏହି ମାସରେ ପରୀକ୍ଷା କରିବାକୁ ଯାଉଛି ବୋଲି ଓଡିଶା ବିପିୟୁଟି ଛାତ୍ରସଂଘ ସଭାପତି ଜ୍ୟୋତି ରଞ୍ଜନ ଶତପଥୀ ପ୍ରଶ୍ନ କରିଛନ୍ତି। ବିପିୟୁଟି କର୍ତ୍ତୃପକ୍ଷ ପରୀକ୍ଷାକୁ ଯେମିତି ସେମିତି ଭାବେ କରି ନିଜ ଦୋଷ ଖସାଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଏଡାଇ ଦେଉଛି ବୋଲି ଛାତ୍ରସଂଘ ଅଭିଯୋଗ କରିଛି। ଯଦି ପରୀକ୍ଷା ଘୁଞ୍ଚା ନ ଯାଏ କିମ୍ବା ଛାତ୍ରୀଛାତ୍ରମାନଙ୍କୁ ନିଜ କଲେଜରେ ପରୀକ୍ଷା ଦେବାକୁ ସୁଯୋଗ ଦିଆ ନ ଯାଏ ତା'ହେଲେ ଇଞ୍ଜିନିୟରିଂ କଲେଜର ସମସ୍ତ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ଓହରିଯିବେ ବୋଲି ସଂଘ ଚେତାବନୀ ଦେଇଛି।

**ଜଣେ କରୋନା ଆକ୍ରାନ୍ତ ଚିହ୍ନଟ, ୧୦ ସୁସ୍ଥ**

କେନ୍ଦ୍ରାପଡ଼ା ଅଫିସ, ୮।୬: କେନ୍ଦ୍ରାପଡ଼ା ଜିଲାରେ ସୋମବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୦ ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଜିଲାରେ ମାତ୍ର ୧୫ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତିଯେ, ଅଦ୍ୟାବଧି ଜିଲାର ୧୫୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସୋମବାର ଚିହ୍ନଟ ଆକ୍ରାନ୍ତଙ୍କୁ ସଙ୍ଗରୋଧ କେନ୍ଦ୍ରରୁ ଛତାସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଡିଆର୍‌ଡିଏ ଏସ୍‌ଆର୍‌ଏ ନିଲମ୍ବିତ

ଯାଜପୁର ଅଫିସ/ଯାଜପୁର ଟାଉନ୍(ଡି.ଏନ୍.ଏ.),୮।୬: ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆର୍‌ଡିଏ)ର ଏସ୍‌ଆର୍‌ଏ ରୋଜାଲିନ ଦାସଙ୍କୁ କାର୍ଯ୍ୟରେ ଅବହେଳା, ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶର ଅବମାନନା ଓ ବିନା ଅନୁମତିରେ ଅନୁପସ୍ଥିତ କାରଣରୁ ଜିଲାପାଳ ରଞ୍ଜନ କୁମାର ଦାସ ସୋମବାର ନିଲମ୍ବନ କରିଛନ୍ତି। ନିଲମ୍ବିତ ସମୟରେ ଏସ୍‌ଆର୍‌ଏ ଦାସଙ୍କ ହେଡ୍‌କ୍ୱାର୍ଟର୍ସ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କରାଯାଇଛି।

### ନଦୀରେ ଭାସିଯାଇ ଯବାନ ମୃତ

ବରୀ/ରତ୍ନଗିରି, ୮।୬ (ସ୍ୱ.ପ୍ର./ଡି.ଏନ୍.ଏ.): ବରୀ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ କେଲୁଅ ନଦୀରେ ଭାସି ଯାଇ ସୋମବାର ଜଣେ ବିଏସ୍‌ଏଫ ଯବାନଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାଥପୁର ପାଟଣା ଗ୍ରାମର କବୀନ୍ଦ୍ର ପଣ୍ଡାଙ୍କ ପୁଅ ବିକାଶ (୩୬)। ସୋମବାର ସେ କେଲୁଅ ନଦୀ ବାଲିକୁଦା ଘାଟକୁ ସାଙ୍ଗ ପ୍ରୀତିରଞ୍ଜନଙ୍କ ସହ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ଗୋଡ଼ ଖସି ଯିବାରୁ ସେ ନଦୀ ସ୍ରୋତରେ ଭାସିଯାଇଥିଲେ। ପ୍ରୀତିରଞ୍ଜନ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ବଡ଼ଚଣା ଓ ବରୀ ଅଗ୍ନି ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଖୋଜାଖୋଜି କରିବା ପରେ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଞ୍ଚଳ ଅଧୀନ ବିରୂପା ନଦୀର ବେଣୀପୁର ଘାଟରୁ ବିକାଶଙ୍କ ମୃତଦେହ ଉଦ୍ଧାର କରାଯାଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିରେ ମତ୍ସ୍ୟଜୀବୀମାନେ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀଙ୍କୁ ସହଯୋଗ କରିଥିଲେ। ଖବର ଲେଖା ହେବା ବେଳକୁ ଏ ନେଇ ଥାନାରେ ମାମଲା ହୋଇ ନ ଥିବା ଜଣାପଡ଼ିଛି। ସୂଚନାଥାଉ କି, ବିକାଶ ମାଲକାନାଗିରିରେ ବିଏସ୍‌ଏଫ୍ ଯବାନ ଭାବେ କାର୍ଯ୍ୟରତ ଥିଲେ। ଗତ ଫେବୃୟାରୀ ଶେଷ ସପ୍ତାହରେ ଛୁଟିରେ ସେ ଘରକୁ ଆସିଥିଲେ। ମାତ୍ର ଲକ୍‌ଡାଉନ୍ ଯୋଗୁ ବିକାଶ କାର୍ଯ୍ୟସ୍ଥଳକୁ ଫେରିପାରି ନ ଥିଲେ। ବିକାଶଙ୍କର ଦୁଇଟି ପୁଅ ଓ ପତ୍ନୀ ଅଛନ୍ତି।

### ପାଇପ ଲାଇନ୍ ବିଛା କାର୍ଯ୍ୟକୁ ବିରୋଧ

କୁଜଙ୍ଗ,୮।୬(ଡି.ଏନ୍.ଏ.): ଭାରତୀୟ ତୈଳ ନିଗମ ପକ୍ଷରୁ ପାରାଦୀପ-ହାଇଦ୍ରାବାଦ ପାଇପ ଲାଇନ୍ ବିଛାଯାଉଛି। ଏହି ପାଇପ ଲାଇନ୍ କୁଜଙ୍ଗ ଥାନା ଅନ୍ତର୍ଗତ ବଡ଼ବୁଦା,ଆଲିଗଡ, ବିଜିପୁର ଓ ବାଲିତୁଠ ଆଦି ଗ୍ରାମଦେଇ ଯାଉଛି। ଏସବୁ ଅଞ୍ଚଳର ବହୁ ଜମି ତଳେ ଲାଇନ୍ ବିଛାଯାଉଥିବାରୁ ସୋମବାର କ୍ଷତିପୂରଣ ଦାବିରେ ଚାଷୀ ବଡ଼ବୁଦାରଠାରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେଇଥିଲେ। ସେମାନଙ୍କ ଦାବି ମଧ୍ୟରେ ବଳପୂର୍ବକ ଜମି ଅଧିଗ୍ରହଣ କରା ନ ଯାଉ। ବେଞ୍ଚମାର୍କ ମୂଲ୍ୟାଙ୍କନରେ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ଜିଲାପାଳ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଆଲୋଚନା ପରେ ପାଇପ୍ ଲାଇନ୍ ବିଛା କାର୍ଯ୍ୟ ଆରମ୍ଭ କରାଯାଉ। ଏହି ଗଣଧାରଣାରେ ଇଞ୍ଜିନିୟର ମାନସ ରଞ୍ଜନ କର, ଅଖିଳ ବଲ୍ଲଭ ସ୍ୱାଇଁ, ମହେନ୍ଦ୍ର ଜେନା, ହରି ଖୁଣ୍ଟିଆ ଓ ରବିନାରାୟଣ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ନୟାଗଡ଼ରେ ୩ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ/ଖଣ୍ଡପଡ଼ା, ୮।୬(ସ୍ୱ.ପ୍ର.): ନୟାଗଡ଼ ଜିଲା ଭାପୁର ବ୍ଲକ କଇଁଫୁଲିଆ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ସୋମବାର ୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୯୩ରେ ପହଞ୍ଚିଛି। ସେହିପରି ୩ଜଣ ସୁସ୍ଥ ହୋଇଥିବାବେଳେ ମୋଟ ସୁସ୍ଥ ସଂଖ୍ୟା ୬୮ ହୋଇଛି। ୨୫ ଜଣ ଆକ୍ରାନ୍ତ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୩ ଆକ୍ରାନ୍ତଙ୍କ ମଧ୍ୟରେ ବାଇଗୁଣିଆ ଅଞ୍ଚଳର ଏକ ଦମ୍ପତି ରହିଛନ୍ତି। ସ୍ୱାମୀଙ୍କର ୩୫ ଓ ସ୍ତ୍ରୀଙ୍କ ବୟସ ୨୨। ସେହିପରି ଲକ୍ଷ୍ମୀପ୍ରସାଦ ଅଞ୍ଚଳର ଜଣେ ୨୨ ବର୍ଷର ଯୁବକ ଅଛନ୍ତି। ଏମାନେ ସୁରଟ ଫେରନ୍ତା ବୋଲି ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀଙ୍କଠାରୁ ସୂଚନା ମିଳିଛି।

# ପାଦଚିହ୍ନ ମିଳୁଛି, ବାଘର ଟେର୍ ମିଳୁନି

## ବାଘ, ହରିଣ ଛାଲ ଉଦ୍ଧାର ପରେ ବଢ଼ିଲା ସନ୍ଦେହ

ନୟାଗଡ଼ ଅଫିସ,୮।୬


ଜବତ ବାଘ ଓ ହରିଣ ଛାଲ।

ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ପାଦ ଚିହ୍ନ ଦେଖିବାକୁ ମିଳୁଥିଲେ ହେଁ ବାଘର ଟେର ମିଳୁନି। କଲରାପତିଆ ହେଉ କି ଅନ୍ୟ ବାଘ ପ୍ରକୃତରେ ଜିଲାର ଜଙ୍ଗଲରେ ଅଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇପାରୁ ନାହିଁ। ହେଲେ ବିଭିନ୍ନ ସମୟରେ ଛେଳି, ମେଣ୍ଢା ଓ ଗାଈ ପରି ଗୃହପାଳିତ ପ୍ରାଣୀଙ୍କୁ ବାଘ ଖାଇଯାଉଥିବା ଶୁଣିବାକୁ ମିଳୁଛି। ଏଭଳିସ୍ଥଳେ ଦଶପଲ୍ଲା ରେଞ୍ଜର ଗିରିପୂଜା ଜଙ୍ଗଲରୁ ଗତ ୬ ତାରିଖରେ ୨ଟି କଲରାପତରିଆ ବାଘ ଓ ୨ଟି ଚିତା ହରିଣ ଛାଲ ଜବତ ଘଟଣା ସବୁ କିଛିକୁ ଓଲଟପାଲଟ କରି ପକାଇଛି। ଏହି ଛାଲ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେବାର ମସୁଧା ଚାଲିଥିଲା। ଖବର ପାଇ ଦଶପଲ୍ଲା ଜଙ୍ଗଲରେ ଭୁବନେଶ୍ୱର କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ପହଞ୍ଚି ବାଘ ଓ ହରିଣ ଛାଲ ଜବତ କରିଥିଲା। ଏହାସହ ଘଟଣାରେ ସମ୍ପୃକ୍ତ ୨ ବ୍ୟବସାୟୀଙ୍କୁ ଜେଲ ପଠାଇଛି। କିନ୍ତୁ ବନ ବିଭାଗ ଏ ସମ୍ପର୍କରେ ଟେର ପାଇପାରିଲା ନାହିଁ। ତେଣୁ ଦଶପଲ୍ଲା ଜଙ୍ଗଲକୁ ବାଘ ଓ ହରିଣ ଛାଲ କେଉଁଠୁ ଆସିଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏହି ବନ୍ୟପ୍ରାଣୀ ନୟାଗଡ଼ ଜିଲାର କୌଣସି ଜଙ୍ଗଲରୁ ଶିକାର ହୋଇଛନ୍ତି ନାଁ ଅନ୍ୟ କେଉଁଠୁ ଶିକାର କରି ସେମାନଙ୍କ ଛାଲ ଏଠାରେ ବ୍ୟବସାୟ କରାଯାଉଥିଲା। ବାଘ ଓ ହରିଣ ଛାଲ ଜବତ ଘଟଣାର ୩ଦିନ ବିତିବାକୁ ବସିଥିବାବେଳେ ଏସ୍‌ଟିଏଫ୍ ବନ ବିଭାଗ ସହ ଯୋଗାଯୋଗ କରିନି। ଏହି ଛାଲ କେଉଁଠୁ ଆସିଲା ଏସ୍‌ଟିଏଫ୍ ସ୍ପଷ୍ଟ କରି ନ ଥିବାବେଳେ ତଦନ୍ତ ଚାଲିଥିବା ସଫେଇ ଦେଇଛି। ଅଭିଯୁକ୍ତ ଦ୍ୱୟଙ୍କୁ ରିମାଣ୍ଡରେ ନେଇ ଏସ୍‌ଟିଏଫ୍ ଘଟଣାର ପର୍ଦ୍ଦାଫାଶ କରୁଛି କି ନାହିଁ ତାହାକୁ ଅପେକ୍ଷା। ଅପରପକ୍ଷେ ସାକେଣିରୁ ଯେଉଁ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି ତାଙ୍କ ନାଁରେ ବଜ୍ରକାପ୍ତା ବ୍ୟବସାୟ ଅଭିଯୋଗ ଥିଲା। ତେବେ ବନବିଭାଗ ତାଙ୍କୁ ଧରିବାରେ ସକ୍ଷମ ହୋଇ ନ ଥିଲା। ଏ ନେଇ ନୟାଗଡ଼ ଡିଏଫଓ ଧନରାଜ ଏଚ୍‌ଡିଙ୍କୁ ପଚାରିବାରୁ ସେ କହିଥିଲେ, ବାଘର ପାଦଚିହ୍ନ ଦେଖିବାକୁ ମିଳୁଥିବାରୁ ଜିଲାର ଜଙ୍ଗଲରେ ବାଘ ଅଛନ୍ତି। ହେଲେ ବାଘ ଓ ହରିଣ ଛାଲ ଜବତ ନେଇ ଏସ୍‌ଟିଏଫ୍ ପକ୍ଷରୁ କିଛି କୁହାଯାଇ ନାହିଁ। ଦଶପଲ୍ଲା ଅଞ୍ଚଳରେ ଯେଉଁ ବାଘ ଓ ହରିଣ ଛାଲ ମିଳିଛି ତାହା କେଉଁ ଅଞ୍ଚଳରେ ଶିକାର ହୋଇଛି ତଦନ୍ତସାପେକ୍ଷ।

# ବାଘ, ହରିଣ ଛାଲ ଜବତ: ଜେଲ ଗଲେ ୨ ବ୍ୟବସାୟୀ

ନୟାଗଡ଼ ଅଫିସ/ଦଶପଲ୍ଲା, ୮।୬(ଡି.ଏନ୍.ଏ.)


ଗିରଫ ଦୁଇ ବ୍ୟବସାୟୀ।

କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ନୟାଗଡ଼ ଜିଲା ଦଶପଲ୍ଲାରୁ ୨ କଲରାପତରିଆ ବାଘ ଛାଲ ଓ ହରିଣ ଛାଲ ଜବତ କରିଛି। ଦଶପଲ୍ଲା ବ୍ଲକ ସାକେଣି ଗାଁର ପ୍ରତାପ ନାୟକ ଓ ଦେଢ଼ଶର ଗାଁର କିଶୋର ଚନ୍ଦ୍ର ଦେଉରୀ ନାମକ ଦୁଇ ବାଘ ଓ ହରିଣ ଛାଲ ବ୍ୟବସାୟୀଙ୍କୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ସୋମବାର ଦଶପଲ୍ଲା କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଦଶପଲ୍ଲା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ପ୍ରତାପ ଓ କିଶୋର ବାଘ ଓ ହରିଣ ଛାଲ ବ୍ୟବସାୟ କରୁଥିବା ନେଇ ଏସ୍‌ଟିଏଫ୍ ଟିମ୍ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେହି ଅନୁଯାୟୀ ଏହି ଟିମ୍ ଦଶପଲ୍ଲା ରେଞ୍ଜର ଗିରିପୂଜା ଜଙ୍ଗଲରେ ଗତ ୬ ତାରିଖରେ ଚଢ଼ାଉ କରିଥିଲା। ଚଢାଉ ସମୟରେ ୨ କଲରାପତରିଆ ବାଘଛାଲକୁ ୧୬ ଲକ୍ଷ ଓ ୨ ଚିତା ହରିଣଛାଲକୁ ୮ଲକ୍ଷ ଟଙ୍କାରେ ବିକ୍ରି ପାଇଁ ମସୁଧା ଚାଲିଥିବା ଜଣାପଡିଥିଲା। ପରେ ଏସ୍‌ଟିଏଫ୍ ଟିମ୍ ବାଘ ଓ ହରିଣ ଛାଲ ଜବତ କରିବା ସହ ୨ ବ୍ୟବସାୟୀଙ୍କୁ ଉଠାଇ ନେଇ ପଚରାଉଚୁରା ଜାରି ରଖିଥିଲା। ଏ ନେଇ କେବଳ ଧରିତ୍ରୀରେ ଗତ ୭ ତାରିଖରେ ବାଘ ଛାଲ ଜବତ, ଦୁଇ ଅଟକ ଖବର ପ୍ରକାଶିତ ହୋଇଥିଲା। ତେବେ ବ୍ୟବସାୟୀ ଦ୍ୱୟ ବାଘ ଓ ହରିଣ ଛାଲ କେଉଁଠୁ ଆଣିଲେ ସେ ନେଇ ଏସ୍‌ଟିଏଫ୍ ପକ୍ଷରୁ ତଦନ୍ତ ଜାରି ରହିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଯାହା ଜଣାପଡୁଛି, ବାଘକୁ ଗୁଳି ମରାଯାଇ ହତ୍ୟା କରାଯାଇଛି। ତେବେ ବାଘକୁ କେଉଁଠୁ ମରାଯାଇ ଏହି ଛାଲ ଅଣାଯାଇଛି ତାର ତଦନ୍ତ ଏସ୍‌ଟିଏଫ୍ କରିବ ବୋଲି ଜଣାପଡ଼ିଛି।

# ପ୍ରବାସୀଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ପରାମର୍ଶ


ବୈଠକରେ ଉପସ୍ଥିତ ଜିଲା ପ୍ରଶାସନିକ ଅଧିକାରୀ।

**ଯାଜପୁର ଟାଉନ, ୮।୬ (ଡି.ଏନ୍.ଏ.):** ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଜୀବିକା ମିଶନର ଏକ ସମୀକ୍ଷା ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବାହାର ରାଜ୍ୟରୁ ଫେରିଥିବା ପ୍ରବାସୀ ଶ୍ରମିକମାନଙ୍କ ସମ୍ପର୍କରେ ଡାଟାବେସ୍ ସଂଗ୍ରହ କରାଯାଇ ସେମାନଙ୍କୁ କେଉଁ କେଉଁ କ୍ଷେତ୍ରରେ କାର୍ଯ୍ୟରେ ନିୟୋଜିତ କରାଯାଇ ପାରିବ ତାହାର ରିପୋର୍ଟ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବାହାର ରାଜ୍ୟରୁ ଫେରୁଥିବା ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ କରାଯାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଜୀବିକା ମିଶନର ସମସ୍ତ କର୍ମଚାରୀ ବର୍ତ୍ତମାନ ସମୟରେ ଏହାକୁ ଏକ ଆହ୍ୱାନ ଭାବେ ନେଇ ଲୋକମାନଙ୍କର ଜୀବିକାକୁ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଆଇଏଏସ୍ ପ୍ରୋବେଶନର ପାୱାର ସଚିନ୍ ପ୍ରକାଶ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସମାଜ କଲ୍ୟାଣ ଅଧିକାରୀ ବିଜୟଲକ୍ଷ୍ମୀ ପଣ୍ଡା, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଓ ସମସ୍ତ ବ୍ଲକ ଜୀବିକା ମିଶନ ଓ ମିଶନ ଶକ୍ତିର କର୍ମଚାରୀ ଯୋଗଦେଇଥିଲେ।

# ଖଣିରେ କର୍ମଚାରୀଙ୍କ ମୃତ୍ୟୁ ଘଟଣା: ମୃତକଙ୍କ ପରିବାରକୁ ୨୫ ଲକ୍ଷ ସହାୟତା

**କାଳିଆପାଣି ୮।୬ (ଡି.ଏନ୍.ଏ.):** ଯାଜପୁର ଜିଲା କାଳିଆପାଣି ଥାନା ଅଧୀନ ବାଲେଶ୍ୱର ଆଲଏଜ ଖଣିରେ ଦୁର୍ଘଟଣାରେ ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ କମ୍ପାନୀ ପକ୍ଷରୁ ସୋମବାର ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଖଣି ଜିଏମ ତାରେଣୀ ପ୍ରସାଦ ମହାନ୍ତି, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର ମୃତକ ବିମଳବିହାରୀ ଦାସଙ୍କ ବଡ଼ ପୁଅ ଶୁଭଦର୍ଶନଙ୍କୁ ଏହି ଚେକ୍ ପ୍ରଦାନ କରିଛନ୍ତି। ଏହି ସମୟରେ ଶ୍ରମିକ ସଂଘ ସହ ସମ୍ପାଦକ ଭରତ ମହାନ୍ତ, ଉପସଭାପତି ପ୍ରଭାତ ପ୍ରଧାନ, ଶାଖା ସମ୍ପାଦକ ବଳରାମ ଦାସ ଉପସ୍ଥିତ ଥିଲେ। ଗତ ବୁଧବାର ଖଣିରେ ଦୁର୍ଘଟଣା ଘଟି ବିମଳ ବିହାରୀଙ୍କ ମୃତ୍ୟୁ ଘଟିଥିଲା। ଆର୍ଥିକ ସହାୟତା ସହ ତାଙ୍କ ପରିବାରର ଜଣକୁ ଚାକିରି ଯୋଗାଇ ଦେବା ଦାବିରେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା।

# ଓଏମ୍‌ସି ଠିକାସଂସ୍ଥାରୁ ଛଟେଇ ହେବେ ୫ଶହରୁ ଊର୍ଦ୍ଧ୍ୱ ଶ୍ରମିକ

କାଳିଆପାଣି, ୮।୬(ଡି.ଏନ.ଏ.)

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଦକ୍ଷିଣ କାଳିଆପାଣି ଖଣି ଖନନ କାର୍ଯ୍ୟ ପାଇଁ ଠିକାସଂସ୍ଥା ବିଜିଆର୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ ଅଧୀନରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଓଏମ୍‌ସି ସହ ବିଜିଆର ଠିକାସଂସ୍ଥାର ୩ ବର୍ଷିଆ ଚୁକ୍ତି ଆସନ୍ତା ଜୁଲାଇ ୩୧ରେ ଶେଷ ହେବାକୁ ଯାଉଛି। ଏନେଇ ଓଏମ୍‌ସି ନୋଟିସ୍ (ସଂଖ୍ୟା ୪୧୬/୨୬।୫।୨୦୨୦) ଜାରି କରିଛି। ଠିକାସଂସ୍ଥା ପକ୍ଷରୁ ମଧ୍ୟ କେତେଜଣ କର୍ମଚାରୀ ଓ ଶ୍ରମିକଙ୍କୁ ଛଟେଇ ନେଇ ନୋଟିସ ହୋଇଛି। ଏହି ଠିକାସଂସ୍ଥା ପ୍ରଥମେ ୪୧୩ କର୍ମଚାରୀଙ୍କୁ ନେଇ ଖଣି ଉତ୍ତୋଳନ କାର୍ଯ୍ୟ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ସଂସ୍ଥା ୫୦୨ ଜଣ ଶ୍ରମିକ ଓ କର୍ମଚାରୀଙ୍କୁ ନିୟୋଜିତ କରିଥିଲା। ତେବେ ଠିକାସଂସ୍ଥା ଦ୍ୱାରା ବକେୟା ଦରମା, ଭତ୍ତା, ନିୟମିତ ଦରମା ତାରିଖ ବଦଳ, ଭବିଷ୍ୟନିଧି ପାଣ୍ଠି ଦାଖଲକୁ ନେଇ ବିଭ୍ରାଟ ଅଭିଯୋଗରେ ମାସକୁ ୫ରୁ ୬ ଥର ଧାରଣା, କାର୍ଯ୍ୟବନ୍ଦ ଭଳି ପରିସ୍ଥିତି ଉପୁଜିଛି। ଏହାକୁ ନେଇ ଓଏମ୍‌ସି ଓ ଠିକାସଂସ୍ଥା ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ଫଳରେ ଠିକାସଂସ୍ଥାର ଚୁକ୍ତି ଅବଧି ବୃଦ୍ଧିକୁ ନେଇ ସଂଶୟ ପ୍ରକାଶ ପାଇଛି। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣଚନ୍ଦ୍ର ଧୀର କହିଛନ୍ତି, ଏତେ ସଂଖ୍ୟାରେ ଶ୍ରମିକ ଛଟେଇ ହେଲେ ଖଣି ଅଞ୍ଚଳରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ। ଶ୍ରମିକମାନଙ୍କ ସମସ୍ୟାର ସମାଧାନ ହେବା ଭଳି ପଦକ୍ଷେପ ନିଆଯିବାକୁ ସେ ଦାବି କରିଛନ୍ତି।

# ସ୍ୱଳ୍ପ ରହଣି କେନ୍ଦ୍ରରେ ବିବାହ କଲେ ପ୍ରେମିକାପ୍ରେମିକ

କେନ୍ଦ୍ରାପଡ଼ା ଅଫିସ, ୮।୬


ରେସ୍‌ୱା ପରିସରରେ ବିବାହ କାର୍ଯ୍ୟ ଚାଲିଛି।

କେନ୍ଦ୍ରାପଡ଼ା ସହର ମନକରପୁରସ୍ଥିତ ସ୍ୱଳ୍ପ ରହଣି କେନ୍ଦ୍ର ରେସ୍‌ୱା ପରିସରରେ ପ୍ରେମୀଯୁଗଳଙ୍କ ସୋମବାର ବିବାହ ହୋଇଛି। ନିର୍ଯାତନାର ଶୀକାର ହୋଇ ଘର ଛାଡିଥିବା ଟାଉନ ଥାନା ଅନ୍ତର୍ଗତ ଅଚ୍ୟୁତିପୁର ଗ୍ରାମର ଗାୟତ୍ରୀ ବେହେରାଙ୍କ ମଥାରେ ପ୍ରେମିକ ଏହି ଥାନା କମାରଖଣ୍ଡି ଗ୍ରାମର ଲିଟୁନା ବେହେରା ସିନ୍ଦୂର ଦେଇଛନ୍ତି। ସାମାଜିକ କର୍ମୀ ଅର୍ଜୁନ ଚରଣ ଦାସ କନ୍ୟାପିତା ସାଜି ଗାୟତ୍ରୀଙ୍କ ବିବାହ କରିଛନ୍ତି। ରେସୱାର ପରିଚାଳିକା ମିନତି ମହାରଣା ଏ ସମ୍ପର୍କରେ କୁହନ୍ତି ଯେ, ଉଭୟ ପରସ୍ପରକୁ ଭଲ ପାଉଥିଲେ। ଗାୟତ୍ରୀଙ୍କ ବାପାଙ୍କ ୧୦ ବର୍ଷ ପୂର୍ବେ ମୃତ୍ୟୁ ଘଟିଛି। ପରିବାର ସଦସ୍ୟଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ତାଙ୍କ ଉପରେ ନିର୍ଯାତନା ବଢ଼ିଥିଲା। ନିର୍ଯାତନା ସହ୍ୟକରି ନ ପାରି ଦୁଇଜଣ ଘର ଛାଡିଥିଲେ। ପରେ ଗାୟତ୍ରୀଙ୍କ ପରିବାର ସଦସ୍ୟମାନେ ଲିଟୁନାଙ୍କ ନାମରେ ଅପହରଣ ଅଭିଯୋଗ (ମାମଲା ନଂ-୭୬/୨୦) କରିଥିଲେ। ପୋଲିସ ତଦନ୍ତ କରି ପ୍ରେମୀଯୁଗଳଙ୍କୁ ଧରିବା ପରେ ରେସୱାରେ ରଖିଥିଲା। ଉଭୟ ସାବାଳକ ହୋଇଥିବାରୁ କୋର୍ଟ, ଜିଲାପାଳ, ଜିଲା ସମାଜ ମଙ୍ଗଳ କମିଟି ସଦସ୍ୟଙ୍କ ଅନୁମତି କ୍ରମେ ଏହି ବିବାହ କରାଯାଇଛି। ରେସ୍‌ୱା ମାଧ୍ୟମରେ ଗତ ୧୨ ବର୍ଷ ମଧ୍ୟରେ ଏହା ୭୨ ତମ ବାହାଘର।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଗଣଉପବାସ



ଜିଲାପାଳଙ୍କ ଅଫିସ ଆଗରେ ଚାଷୀମାନେ ବସିରହିଛନ୍ତି।

**ନୟାଗଡ଼ ଅଫିସ,୮।୬:** ଧାନର ଅଭାବୀ ବିକ୍ରି ଓ କୃଷି ସମସ୍ୟା ସମାଧାନ ନ ହେବା ପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଉପବାସ କରାଯାଇଛି। ଚାଷୀମାନେ ଜିଲାପାଳଙ୍କ ସହ ଆଲୋଚନା କରିବାକୁ ଅଡି ବସିଥିଲେ। ପରେ ଉପଜିଲାପାଳ ଆସି ଚାଷୀଙ୍କ ସହ ଆଲୋଚନା କରି ସ୍ମାରକପତ୍ର ଗ୍ରହଣ କରିଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅଭିଯୋଗ ଅନୁସାରେ ଚାଷୀ ମଣ୍ଡିରେ ଧାନ ବିକିଥିଲେ ମଧ୍ୟ ଟଙ୍କା ପାଇପାରି ନାହିଁ। ବଳକା ଧାନ ବିକ୍ରି କରିପାରୁ ନାହିଁ। ଫନୀ, ଫାଇଲିନ୍, ହୁଡ୍‌ହୁଡ୍, ଅମ୍ଫାନ୍‌ରେ ଚାଷୀର ଫସଲ ନଷ୍ଟ ହେବା ସହ ଘରଦ୍ୱାର ଭାଙ୍ଗିଥିଲେ ବି ତାକୁ ଉପେକ୍ଷା କରାଯାଇଛି। ନୟାଗଡ ଜିଲା ସଂଯୋଜକ ମହେଶ୍ୱର ଜେନାଙ୍କ ନେତୃତ୍ୱରେ ଜିଲା ସହସଂଯୋଜକ ରଞ୍ଜିତ ଦଳବେହେରା ଓ ମମତା ନାଥ, ଉପଦେଷ୍ଟା ସନ୍ତୋଷ ପ୍ରଧାନ ଯୋଗଦେଇ ସରକାରଙ୍କ ଚାଷୀ ମାରଣ ନୀତିକୁ ସମାଲୋଚନା କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଷୀଙ୍କ ବିକ୍ଷୋଭ

ଜଗତ୍‌ସିଂହପୁର ଅଫିସ, ୮।୬: ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୧୬ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଫନୀ ବାତ୍ୟା ସହାୟତା କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯାଇ ନାହିଁ। ଗତ ମାର୍ଚ୍ଚ ୨୩ରେ କୁଆ ପଥର ବର୍ଷା, ଏପ୍ରିଲରେ କାଳବୈଶାଖୀ ଓ ଅଦିନିଆ ଝଡ଼ବର୍ଷା ଦ୍ୱାରା ମୁଗ, ପନିପରିବା ଓ ବହୁ ପାନଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସେମାନଙ୍କୁ ସହାୟତା ମିଳିନାହିଁ। ଏହାଛଡା ଧାନ କୁଇଣ୍ଟାଲ ପ୍ରତି ବିକ୍ରି ମୂଲ୍ୟ ୨୯୩୦ ଟଙ୍କା କରିବା, କରୋନା ସମୟରେ କାମଧନ୍ଦା ହରାଇଥିବା ଚାଷୀ ଓ ଶ୍ରମିକ ପରିବାରକୁ ମାସିକ ୫ ହଜାର ଟଙ୍କା ଲେଖାଏ ଦେବାକୁ ସେମାନେ ଦାବି କରିଥିଲେ। ରିହାତି ଦରରେ ସାର ଯୋଗାଣ ସହ କଟକ ସହରର ମଇଳା ପାଣି ବିଶୋଧନ ପରେ ତାଳଦଣ୍ଡା, ମାଛଗାଁ କେନାଲରେ ଛାଡିବା ପାଇଁ ଦାବି ହୋଇଥିଲା। ଏହି ଆନ୍ଦୋଳନରେ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ପରିଡ଼ା, ଦେବୀପ୍ରସାଦ ମହାରଣା, ପ୍ରସନ୍ନ କୁମାର କୁଅଁର, ଦୁର୍ଗାଚରଣ ସ୍ୱାଇଁ ଓ ସ୍ନେହାଂଶୁ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ୨୦ ଦଫା ଦାବିରେ ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ମହାସଂଘର ବିକ୍ଷୋଭ


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ କରାଯାଉଛି।

ଜଗତ୍‌ସିଂହପୁର ଅଫିସ, ୮।୬

୨୦ ଦଫା ଦାବି ନେଇ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ମହାସଂଘ ଜିଲା ଶାଖା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଦର୍ଶାଯାଇଥିଲା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତମାନେ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ସହାୟତା ଦେବା ନିମନ୍ତେ ପ୍ରଥମେ ତାଲିକା ପ୍ରସ୍ତୁତ କରାଯାଉ। ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁଯାୟୀ, ସେମାନଙ୍କୁ ରାଶନ କାର୍ଡ ଦିଆଯାଉ। ସେମାନଙ୍କ ଆର୍ଥିକ ସ୍ଥିତିର ଉନ୍ନତି ପାଇଁ ରାଜ୍ୟ ସରକାର ଏକ ଆଇନ ଆଣନ୍ତୁ । ସମସ୍ତ ବେସରକାରୀ ବିଦ୍ୟାଳୟ (୧ମରୁ ୧୦ମ ଶ୍ରେଣୀ)ରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଚଳିତ ଶିକ୍ଷାବର୍ଷର ଫି ଛାଡ କରାଯାଉ। ୧୮ ବର୍ଷରୁ ଊର୍ଦ୍ଧ୍ୱ ଶିକ୍ଷିତ ବେକାରିଙ୍କୁ ମାସିକ ୫ ହଜାର ଟଙ୍କା ଲେଖାଏ ଭତ୍ତା ପ୍ରଦାନ ଓ ପ୍ରତ୍ୟେକ ମଧ୍ୟବିତ୍ତ ପରିବାରକୁ ବୀମାଭୁକ୍ତ କରିବା ଆଦି ବିଭିନ୍ନ ଦାବି କରାଯାଇଥିଲା। ବିକ୍ଷୋଭ ସମୟରେ ସଂଘ ରାଜ୍ୟ ଆବାହକ ଏନ୍.ସମ୍ପିତ ଦାସ, ରାଜ୍ୟ ସଂଯୋଜକ ପ୍ରଦୀପ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆର୍ତ୍ତବନ୍ଧୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଲାଭ ଉଠାଉଛନ୍ତି ଠିକାଦାର, ମେଶିନ ମାଲିକ

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା**

- ରାସ୍ତା କାମ କରୁଛି ମେଶିନ, ହାତବାନ୍ଧି ବସିଛନ୍ତି ଶ୍ରମିକ
- ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଞ୍ଚଳବାସୀ

ରସୁଲପୁର, ୮।୬ (ଡି.ଏନ୍.ଏ.)


ଜେସିବି ସାହାଯ୍ୟରେ ମାଟି ଉଠାଯାଉଛି।

କରୋନା ପାଇଁ ଅନେକେ ରୋଜଗାର ହରାଇଥିବା ବେଳେ ଶ୍ରମିକ ଶ୍ରେଣୀର ଲୋକେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଶ୍ରମିକଙ୍କ ସମସ୍ୟା ସୁଧାରିବା ପାଇଁ ସେମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା) ମାଧ୍ୟମରେ କାମ ଯୋଗାଇଦେବାକୁ ନିଷ୍ପତ୍ତି ହୋଇଥିବା ବେଳେ ଯାଜପୁର ଜିଲାରେ ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଜିଲାର ଅନେକ ସ୍ଥାନରେ ଉକ୍ତ ଯୋଜନାରେ ହେଉଥିବା କାର୍ଯ୍ୟରେ ଶ୍ରମିକଙ୍କୁ ନିୟୋଜିତ କରା ନ ଯାଇ ମେଶିନ ସାହାଯ୍ୟରେ କରୁଥିବା ଅଭିଯୋଗ ହେଉଛି। ରସୁଲପୁର ବ୍ଲକ ଜାବରା ପଞ୍ଚାୟତରେ ଏହାର ଉଦାହରଣ ଦେଖିବାକୁ ମିଳିଛି।

ପଞ୍ଚାୟତର ବରକୋଳି ପାଟଣାଠାରୁ ଶୁକଦେଇପରୁ ଗ୍ରାମର ଏଏନ୍‌ଏମ୍ ସେଣ୍ଟରକୁ ସଂଯୋଗ କରୁଥିବା ରାସ୍ତା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କରାଯାଉଛି। ଉକ୍ତ ରାସ୍ତା ପାଇଁ ୫ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଏଠାରେ ଶ୍ରମିକ ବଦଳରେ ମେଶିନରେ କାର୍ଯ୍ୟ କରାଯାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରମିକଙ୍କ ବଦଳରେ ଏହି ଯୋଜନା ମାଧ୍ୟମରେ ମେଶିନ ମାଲିକ ଓ ଠିକାଦାରମାନେ ଲାଭବାନ ହେଉଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାଛଡ଼ା ରାସ୍ତା ନିର୍ମାଣ ସ୍ଥଳରେ ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ରାସ୍ତା କାମ ପାଇଁ ଜେସିବିରେ ସରକାରୀ ଜମିରୁ ମାଟି ଉଠାଯାଉଥିଲେ ବି ଏ ନେଇ ସ୍ଥାନୀୟ ତହସିଲଦାରଙ୍କଠାରୁ ଅନୁମତି ନିଆଯାଇନାହିଁ। ଉକ୍ତ ପ୍ରକଳ୍ପରେ କାମ କରିବାକୁ ୫୫ଜଣ ଜବ୍‌କାର୍ଡଧାରୀ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଶ୍ରମିକ ହୋଇ ନଥିଲେ ବି ଜବକାର୍ଡ ଦେଇ ଅର୍ଥ ହଡ଼ପ କରିବାକୁ ମସୁଧା କରୁଛନ୍ତି। ଜବକାର୍ଡଧାରୀଙ୍କ ବଦଳରେ କେତେକ ବାହାର ଶ୍ରମିକଙ୍କୁ କାମରେ ନିୟୋଜିତ କରାଯାଉଥିବା ଦେଖାଯାଇଛି। ତୁରନ୍ତ ଏହାର ତଦନ୍ତ କରାଯାଇ ଉକ୍ତ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ପଞ୍ଚାୟତସ୍ତରୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପୁଷ୍ପାଞ୍ଜଳି ସାହୁ କହିଛନ୍ତି, ଆସନ୍ତା ମଙ୍ଗଳବାର ସୁଦ୍ଧା ସୂଚନା ଫଳକ ଲଗାଯିବ। ମେଶିନ ସାହାଯ୍ୟରେ କାମ ହେଉଥିବା ସମ୍ପର୍କରେ ଅଭିଯୋଗ ମିଳିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### କୁନି ଝୁମର ଶିଳ୍ପୀ ମୋହିତଙ୍କୁ ନେଇ ଚର୍ଚ୍ଚା



ଚମ୍ପୁଆ,୮।୬(ଡି.ଏନ.ଏ.): ସାମ୍ପ୍ରତିକ ପରିସ୍ଥିତିରେ ଜନ ସାଧାରଣଙ୍କ ମନୋରଞ୍ଜନ ପାଇଁ ବେଶ ଖରାକ ଯୋଗାଉଛି ଝୁମର ସଙ୍ଗୀତ। କୁରୁମାଲି ଭାଷାରେ ଏହି ସଙ୍ଗୀତ କୁଡୁମି ସମ୍ପ୍ରଦାୟର ପ୍ରମୁଖତା ବହନ କରୁଥିବା ବେଳେ ସମ୍ପ୍ରଦାୟ ବାହାରେ ମଧ ଏହାର ଆଦୃତ୍ତି ବଢ଼ିବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳରେ ଝୁମର ନାଚ ଓ ଝୁମର ସଙ୍ଗୀତ ମଧ ବେଶ ଲୋକପ୍ରିୟ ହୋଇପାରିଛି। ମୋହିତ ରଞ୍ଜନ ନାମକ ଜଣେ ୭ ବର୍ଷର ଶିଶୁ ଝୁମର ସଙ୍ଗୀତ ପରିବେଷଣ କରି ବେଶ୍ ଲୋକପ୍ରିୟ ହୋଇଛନ୍ତି। ତାଙ୍କ ଘର ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତ ଅନ୍ତର୍ଗତ ଚିଲିକାପଶିରେ। ତାଙ୍କ ପିତା ହେଲେ ପ୍ରିୟଦର୍ଶୀ ଚନ୍ଦନ ମହାନ୍ତ ଓ ମା' ଆରତୀ ମହାନ୍ତ। ପିତାମାତାଙ୍କ ପ୍ରେରଣାରେ ଜଣେ କଳାକାର ହୋଇପାରିଛନ୍ତି ବୋଲି ସେ କହିଛନ୍ତି। ବାସୁଦେବପୁର ସରସ୍ୱତୀ ବିଦ୍ୟା ମନ୍ଦିରର ତୃତୀୟ ଶ୍ରେଣୀର ଛାତ୍ର। ବିଭିନ୍ନ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୋଗଦେଇ ସେ ପ୍ରଶଂସା ସାଉଣ୍ଟି ପାରିଛନ୍ତି। ଆଗକୁ ଏହିପରି ସଙ୍ଗୀତ ସାଧନ କରି ନାଁ କମାନ୍ତୁ ବୋଲି ସ୍ଥାନୀୟ ଲୋକେ କାମନା କରିଛନ୍ତି।

### କେନ୍ଦୁପତ୍ର ସହ କାଠ ଜବତ: ୩ ଗିରଫ

ବାଙ୍ଗିରିପୋଷି,୮।୬(ଡି.ଏନ୍.ଏ.): ରାତି ପାଟ୍ରୋଲିଂ ବେଳେ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନ ବିଭାଗ ୩ଟି ମଟର ସାଇକେଲ ସହ କେନ୍ଦୁପତ୍ର ଓ କାଠପଟା ଜବତ କରିଛି। ଏହି ଘଟଣାରେ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଝାରପୋଖରୀଆ ଥାନା ଅନ୍ତର୍ଗତ କାଇରାକଚା ଗ୍ରାମର ରାଜୀବ ପାଲ, ରତିଲା ଗ୍ରାମର ଦୁର୍ଗା ମୁଣ୍ଡା ଓ ଝାଡଖଣ୍ଡ ରାଜ୍ୟ କଇଁମା ଗ୍ରାମର ବିଷ୍ଣୁପଦ ପଇରା। ଜବତ କେନ୍ଦୁପତ୍ରର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଉପବନାଞ୍ଚଳ ଅଧିକାରୀ ଶୈଳେନ୍ଦ୍ର ଦାସ ସୂଚନା ଦେଇଛନ୍ତି।

### ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ନବନିର୍ମାଣ କୃଷକ ସଙ୍ଗଠନ

କେନ୍ଦୁଝର, ୮।୬(ସ୍ୱ.ପ୍ର./ଡି.ଏନ.ଏ.): ଚାଷୀଙ୍କ ଧାନ ବିକ୍ରି ସମସ୍ୟା ନେଇ ସୋମବାର ନବନିର୍ମାଣ କୃଷକ ସଙ୍ଗଠନ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲା। ଏନେଇ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଚଳିତ ଖରିଫ ଋତୁରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଚାଷୀମାନେ ବିଭିନ୍ନ ସରକାରୀ ସଂସ୍ଥା ମାଧମରେ ଧାନ ବିକ୍ରି କରିଥିଲେ। ବହୁ ଚାଷୀ ଟୋକନ ପାଇଥିଲେ ମଧ ସରକାର ତାଙ୍କ ଧାନ କିଣି ନ ଥିଲେ। ଏହାର ସମାଧାନ ଲାଗି କିଛି ପଦକ୍ଷେପ ନେଇ ନ ଥିଲେ। ଏପଟେ ମୌସୁମୀ ପହଞ୍ଚି ଥିବା ବେଳେ ଧାନ ବିକ୍ରି କରି କୃଷକ ହାତ ଖାଲି କରି ବସିଛନ୍ତି। ୭ଦିନ ମଧରେ ଚାଷୀଙ୍କ ଦାବି ପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ନବ ନିର୍ମାଣ କୃଷକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି।

### ସୋଲାର ସିଷ୍ଟମ ଅଚଳ, ପାଣି ପାଇଁ ହଇରାଣ

କେନ୍ଦୁଝର, ୮।୬(ସ୍ୱ.ପ୍ର.): ଯୋଡ଼ା ବ୍ଲକ ଅନ୍ତର୍ଗତ ଖଣି ଖାଦାନ ବହୁଳ ବଲାଣି ପଞ୍ଚାୟତ ଅନ୍ତର୍ଗତ ଜୁର୍ମିତା ତଳସାହିରେ ସୋଲାର ସିଷ୍ଟମ ଅଚଳ ଯୋଗୁ ବର୍ଷେ ହେଲା ଲୋକମାନେ ଜଳ ସଙ୍କଟରେ ଅଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ପଦକ୍ଷେପ ନିଆ ଯାଉନାହିଁ। ଉକ୍ତ ସାହିରେ ୧୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଲୋକଙ୍କ ପାଣି ସମସ୍ୟା ସମାଧାନ କରିବା ପାଇଁ ନଳକୂପ ଖନନ କରାଯାଇଥିଲା। ହ୍ୟାଣ୍ଡ ପମ୍ପ ମାରି ପାଣି ନେଉଥିଲେ। ପ୍ରାୟ ବର୍ଷେ ପରେ ଏହାକୁ ସୋଲାର ସିଷ୍ଟମ କରାଗଲା। ପମ୍ପର ହ୍ୟାଣ୍ଡେଲକୁ କେହି ଖୋଲି ନେଇଗଲେ। ଗତ ମାର୍ଚ୍ଚ ମାସରେ ସୋଲାର ସିଷ୍ଟମ ଖରାପ ହୋଇଯିବାରୁ ପାଣି ଯୋଗାଣ ବନ୍ଦ ହୋଇଗଲା। ଫଳରେ ଲୋକମାନେ ଅକଥନୀୟ ଦୁର୍ଦ୍ଦଶାରେ ରହୁଛନ୍ତି। ପାଣି ପାଇଁ ଦୂରକୁ ଯିବାକୁ ପଡୁଥିବା ବେଳେ ଖରା ଦିନରେ ବହୁ କଷ୍ଟ ଭୋଗୁଥିବା ସ୍ଥାନୀୟ ଗ୍ରାମବାସୀ ଶୁକୁରା ମୁଣ୍ଡା, ଦସରା ମୁଣ୍ଡା ସମେତ ଅନ୍ୟମାନେ କହିଛନ୍ତି। ଏଣୁ ତୁରନ୍ତ ସୋଲାର ସିଷ୍ଟମ ସଜାଡିବାକୁ ସେମାନେ ନିବେଦନ କରିଛନ୍ତି।

# ମିଳୁନି ଶାଳମଞ୍ଜିର ମୂଲ୍ୟ

କେନ୍ଦୁଝର, ୮।୬ (ସ୍ୱ.ପ୍ର.)



ଜଣେ ମହିଳା ଶାଳ ମଞ୍ଜିକୁ ଖରାରେ ଶୁଖାଉଛନ୍ତି।

- ଠକୁଛନ୍ତି ବାହାର ରାଜ୍ୟ ବେପାରୀ
- ବିକ୍ରି ଲାଗି ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ଦାବି

ବଣ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାରେ ବଣ ଜଙ୍ଗଲ ଅର୍ଥନୀତି ଉପରେ ବନବାସୀମାନେ ନିର୍ଭରଶୀଳ। ବର୍ଷର ପ୍ରାୟ ୮ମାସ ଜଙ୍ଗଲରୁ ଫଳମୂଳ, ମଞ୍ଜି ଆଦି ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ଚଳନ୍ତି। ସେଥିରୁ ବର୍ଷର ୩ମାସ ମହୁଲ, ଶାଳମଞ୍ଜି, ଟୋଲ ଭଳି ଲାଭଜନକ ବିଭିନ୍ନ ବନଜାତ ଦ୍ରବ୍ୟ ସଂଗ୍ରହ କରି ତାକୁ ବଜାରରେ ବିକ୍ରି କରି ପରିବାରର ପ୍ରତିପୋଷଣ କରିଥାନ୍ତି। ତେବେ ସେମାନେ ସଂଗ୍ରହ କରୁଥିବା ଶାଳ ମଞ୍ଜିକୁ ବଜାରରେ ବିକ୍ରି ଲାଗି କୌଣସି ସ୍ୱତନ୍ତ୍ର ସୁବିଧା ନ ଥିବାରୁ ଆଦିବାସୀମାନେ ପରିଶ୍ରମର ମୂଲ୍ୟ ପାଇ ପାରୁ ନାହାନ୍ତି। ଅନ୍ୟ ରାଜ୍ୟର ବେପାରୀମାନଙ୍କ ଦ୍ୱାରା ସେମାନେ ଠକାମୀର ଶିକାର ହେଉଛନ୍ତି।

ସାଧାରଣତଃ ମେ' ଓ ଜୁନ ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଶାଳମଞ୍ଜି ଉତ୍ପାଦନ ହୋଇଥାଏ। ଏବେ ଜିଲାର ବଣ ପାହାଡ଼ ଅଞ୍ଚଳରେ ଥିବା ଶାଳଜଙ୍ଗଲଗୁଡ଼ିକ ଫୁଲରେ ଫଳ ଭରପୁର ହୋଇଛି। ଶାଳ ମଞ୍ଜି ସଂଗ୍ରହ ପାଇଁ ଆଦିବାସୀ ଅଞ୍ଚଳରେ ଲୋକଙ୍କ ମଧରେ ଉତ୍ସାହ ଦେଖାଦେଇଛି। ଏହି ମଞ୍ଜି ସଂଗ୍ରହ କରିବାକୁ ଲୋକେ ଖରାକୁ ଖାତିର ନ କରି ଶାଳ ଜଙ୍ଗଲର ଗଛ ମୂଳରେ ପଡ଼ିଥିବା ମଞ୍ଜି ଗୋଟାଇ ନିଜର ଜୀବିକା ନିର୍ବାହ କରିଥାନ୍ତି। ଅନେକ ସମୟରେ ଘଞ୍ଚ ଜଙ୍ଗଲରେ ଜୀବଜନ୍ତୁ ଆକ୍ରମଣର ଶିକାର ହୋଇ ଏବଂ ପାହାଡ଼ରେ ପଡ଼ି ଖଣ୍ଡିଆଖାବରା ହୋଇ ମଧ ଏହି ମଞ୍ଜି ସଂଗ୍ରହ କରିଥାନ୍ତି। ପିଲାଙ୍କଠାରୁ ଆରମ୍ଭକରି ବୟସ୍କ ଲୋକଙ୍କ ପର୍ଯ୍ୟନ୍ତ ପରିବାରର ସମସ୍ତେ ଶାଳମଞ୍ଜି ଗୋଟାଇବା କାମରେ ଲାଗିପଡ଼ନ୍ତି। ଗୋଟିଏ ପରିବାର ଦୈନିକ ୫ରୁ ୧୦କି.ଗ୍ରା. ମଞ୍ଜି ସଂଗ୍ରହ କରିଥାନ୍ତି। ଶାଳମଞ୍ଜିକୁ ଖରାରେ ଶୁଖାଇ ପରେ ତାକୁ ନିଆଁରେ ପୋଡି ଓ ଶିଳରେ ରଗଡି ମଞ୍ଜି ବାହାରକରି ସଫାକରି ବେପାରୀମାନଙ୍କୁ ବିକିଥାନ୍ତି। ଏହାର ମୂଲ୍ୟ ଯଦିଓ ସରକାର ନିର୍ଦ୍ଧାରଣ କରିଛନ୍ତି ତେବେ ଅନେକ ସମୟରେ ସେମାନେ ଓଜନ ଓ ମୂଲ୍ୟରେ ଠକେଇର ଶିକାର ହୋଇଥାନ୍ତି। ସଚେତନତାର ଅଭାବ ଯୋଗୁ ସେମାନେ କିଲୋ ୧୦ ଟଙ୍କାରୁ ୨୦ ଟଙ୍କାରେ ବିକିବାକୁ ବାଧ ହୋଇଥାନ୍ତି। ବିଶେଷକରି ହରିଚନ୍ଦନପୁର, ଘଟଗାଁ, ଘସିପୁରା, ଆନନ୍ଦପୁର, ପାଟଣା, ସାହାରପଡା, ଝୁମ୍ପୁରା, ତେଲକୋଇ, ବାଂଶପାଳ, ସଦର, ଯୋଡା, ଚମ୍ପୁଆ ଆଦି ବ୍ଲକର ଆଦିବାସୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଏହି ବନଜାତ ଦ୍ରବ୍ୟର ବିକ୍ରି ଲାଗି ସ୍ୱତନ୍ତ୍ର ବଜାର ବ୍ୟବସ୍ଥା କରାଗଲେ ସୁବିଧାରେ ବିକ୍ରୀ ହୋଇ ପାରନ୍ତା ବୋଲି ବନବାସୀମାନେ କହିଛନ୍ତି। ତେବେ ଶାଳମଞ୍ଜିର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ବନବାସୀମାନେ କିପରି ଠକାମୀର ଶିକାର ନ ହେବେ ସେଥିପ୍ରତି ଧ୍ୟାନ ଦିଆଯାଉଛି ବୋଲି ଅତିରିକ୍ତ ଜିଲାପାଳ ସନ୍ତୋଷ ନାୟକ କହିଛନ୍ତି।

## ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଏସିଡ୍ ମାଡ଼

କପ୍ତିପଦା,୮।୬(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଜଡିଦା ଗ୍ରାମରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ କେହି ଦୁର୍ବୃତ୍ତ ଏସିଡ୍ ମାଡ଼ କରିଥିବା ଅଭିଯୋଗ ହୋଇଛି। ଫଳରେ ତାଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି। ଆହତ ଯୁବକ ଜଣକ ହେଲେ ସେହି ଗ୍ରାମର ଶିବ ପ୍ରସାଦ ପାଇ। ଗତ ଶନିବାର ରାତିରେ ଶିବ ପ୍ରସାଦ ଖାଇ ସାରି ଘର ଠାରୁ ଅଳ୍ପ ଦୂରରେ ପଡ଼ିଥିବା ଏକ ହ୍ୟୁମ୍‌ପାଇପ୍ ଉପରେ ଶୋଇଥିଲେ। ଏହି ସମୟରେ କେହି ଜଣେ ଦୁର୍ବୃତ୍ତ ତାଙ୍କ ଉପରକୁ ଏସିଡ୍ ମାଡ଼ କରିଥିଲେ। ଯନ୍ତ୍ରଣା ହେବାରୁ ସେ ଘରକୁ ଦୌଡ଼ି ପଳାଇ ଆସିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବର ପାଇ କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

## ବାର୍‌ରେ ଚଢ଼ାଉ, ମାଲିକ ଗିରଫ

ବାଲେଶ୍ୱର ଅଫିସ/ ଜଳେଶ୍ୱର, ୮।୬(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଜଳେଶ୍ୱର ସହରରେ ଥିବା ଶାନ୍ତି ବାର୍ ଉପରେ ସୋମବାର ପୋଲିସ୍ ଅଚାନକ ଚଢ଼ାଉ କରିଥିଲା। ବେଆଇନ ଭାବେ ଖୋଲା ମଦ ବିକ୍ରି ସହ ଲକ୍‌ଡାଉନ ନିୟମକୁ ଅବମାନନା ଅଭିଯୋଗରେ ବାର୍‌ର ମାଲିକଙ୍କୁ ଗିରଫ କରାଯାଇଛି।

ବର୍ତ୍ତମାନ ସମୟରେ ସରକାର ମଦ ବିକ୍ରି ପାଇଁ ଅନଲାଇନ୍ ରେଜିଷ୍ଟ୍ରେଶନ ପରେ ହୋମ୍ ଡେଲିଭରି ପାଇଁ ଅନୁମତି ଦେଇଥିଲେ। ଏହି ବାର୍ ପକ୍ଷରୁ ଖୁଲମ୍‌ଖୁଲା ଅବମାନନା କରାଯାଉଥିଲା। ବେଆଇନ୍ ଭାବେ ଅଫଲାଇନ୍ ମାଧମରେ ବିକ୍ରି କରୁଥିବା ଖବରପାଇ ଜଳେଶ୍ୱର ପୋଲିସର ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲ। ବାର୍ ମାଲିକଙ୍କୁ ଗିରଫ କରିବା ସହ ପ୍ରାୟ ନଗଦ ୧୪ହଜାର ଟଙ୍କା ଜବତ କରାଯାଇଛି। ଅନ୍ୟପକ୍ଷରେ ବାର୍‌ର ଷ୍ଟକିଂକୁ ଯାଞ୍ଚ କରିବା ପରେ ବାର୍‌କୁ ସିଲ୍ କରାଯିବ ବୋଲି ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାର ପ୍ରକାଶ କରିଛନ୍ତି।

# ଆଉ ୨୭ ପଜିଟିଭ୍

ଭଦ୍ରକ ଅଫିସ/ କେନ୍ଦୁଝର/ ବାରିପଦା ଅଫିସ/ ରାଇରଙ୍ଗପୁର, ୮।୬(ସ୍ୱ.ପ୍ର./ଡି.ଏନ.ଏ.)

ଉତ୍ତର ଓଡ଼ିଶାରେ ସୋମବାର ଆଉ ୨୭ ପଜିଟିଭ ଚିହ୍ନଟ ହୋଇଛନ୍ତି। ଭଦ୍ରକ ଜିଲାରେ ୧୧, କେନ୍ଦୁଝର ଜିଲାରେ ୧୦ ଓ ମୟୂରଭଞ୍ଜ ଜିଲାରେ ଆଉ ୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଭଦ୍ରକରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୧ ହୋଇଥିବା ବେଳେ କେନ୍ଦୁଝରରେ ୪୩ ଓ ମୟୂରଭଞ୍ଜରେ ୭୬ ଛୁଇଁଛି।

ଭଦ୍ରକରେ ଚିହ୍ନଟ ହୋଇଥିବା ସଂକ୍ରମିତମାନେ ସମସ୍ତେ ସଙ୍ଗରୋଧ ଗୃହରେ ଥିଲେ। ଏମାନଙ୍କ ମଧ୍ୟରୁ ୩ କୋଲକାତା ଫେରନ୍ତା, ୨ ଗୁଜରାଟ, ଜଣେ ତାମିଲନାଡୁ, ଜଣେ ଦିଲ୍ଲୀ, ଜଣେ କର୍ଣ୍ଣାଟକ, ଜଣେ ରାଜସ୍ଥାନ ଓ ୨ଜଣ ମହାରାଷ୍ଟ୍ର ଫେରନ୍ତା ବୋଲି ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୦୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। କେନ୍ଦୁଝର ଜିଲାରେ ଚିହ୍ନଟ ସଂକ୍ରମିତମାନେ ବାହାର ରାଜ୍ୟରୁ ଆସିଥିବା ପ୍ରବାସୀ ଓଡିଆ ବୋଲି ଜଣାପଡିଛି। ସମସ୍ତେ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ। ବର୍ତ୍ତମାନ ସୁଦ୍ଧା ୧୮ଜଣ ସୁସ୍ଥ ହୋଇ ଫେରିଛନ୍ତି। ପ୍ରଶାସନ ତରଫରୁ ସେମାନେ ରହୁଥିବା କ୍ୱାରାଣ୍ଟାଇନ ସେଣ୍ଟରଗୁଡ଼ିକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇ ଆକ୍ରାନ୍ତମାନଙ୍କୁ ସ୍ୱତନ୍ତ୍ର କୋଭିଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲାରେ ଚିହ୍ନଟ ହୋଇଥିବା ୬ ଜଣଙ୍କ ମଧ୍ୟରୁ ୪ ଜଣ ଶୁଳିଆପଦା ବ୍ଲକର ହୋଇଥିବା ବେଳେ ୨ ଜଣ ବିଜତଳା ବ୍ଲକ ଅଞ୍ଚଳର। ମହାରାଷ୍ଟ୍ରରୁ ୨, ଗୋଆରୁ ୨, ଗୁଜରାଟରୁ ୧ ଓ ଜଣେ ତାମିଲନାଡୁ ଫେରନ୍ତା। ସମସ୍ତେ ସଙ୍ଗରୋଧ କେନ୍ଦ୍ରରେ ରହି ଆସୁଥିଲେ। ଜିଲାରେ ଏଯାଏ ୧୪ ଜଣ ସୁସ୍ଥ ହୋଇଥିବା ଫେରିଥିବା ବେଳେ ୬୨ ଜଣ ଚିକିତ୍ସାଧୀନ ଅଛନ୍ତି।

## ହାତୀ ଆକ୍ରମଣରେ ମହିଳା ଗୁରୁତର

ଚିତ୍ରଡ଼ା,୮।୬(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଜୁଆଳିଭଙ୍ଗା ପଞ୍ଚାୟତ ଅଧୀନ ମାକୁନ୍ଦ ଗ୍ରାମରେକ ସୋମବାର ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ହେଲେ ସେହି ଗ୍ରାମର ଜୟନ୍ତୀ ମହାନ୍ତ। ସମ୍ପର୍କୀୟଙ୍କ ସହିତ ନିକଟସ୍ଥ ଜଙ୍ଗଲକୁ ଶାଳପତ୍ର ତୋଳିବା ପାଇଁ ଯାଇଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରବିବାର ଏହି ବ୍ଲକ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ବାରମ୍ବାର ହାତୀ ଉପଦ୍ରବ ଯୋଗୁ ଧନ ଜୀବନ ନଷ୍ଟ ହେଉଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।



ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକକୁ ବନ୍ଦ କରି ଦେଇଛନ୍ତି।

# ବିଶ୍ୱବିଦ୍ୟାଳୟ ଫାଟକରେ ୪ ଘଣ୍ଟା ପଡ଼ିଲା ତାଲା

ବାରିପଦା ଅଫିସ,୮।୬

**ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ନିୟନ୍ତ୍ରକଙ୍କ ଦୁର୍ବ୍ୟବହାର ଅଭିଯୋଗ**

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସୋମବାର କେତେଜଣ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଅପରାହ୍ନ ୧୧ଟା ୩୦ରୁ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ଅପରାହ୍ନରେ ସେମାନେ ୬ଷ୍ଠ ସେମିଷ୍ଟର ପରୀକ୍ଷାକୁ ବ୍ୟାଜାପ୍ତି କରିବା ପାଇଁ ଏକ ଦରଖାସ୍ତ ଦେବା ପାଇଁ ପରୀକ୍ଷା ନିୟନ୍ତ୍ରକଙ୍କ କକ୍ଷଙ୍କୁ ଯାଇଥିଲେ। ପରୀକ୍ଷା ନିୟନ୍ତ୍ରକ ଗୁହାରି ଶୁଣିବା ବଦଳରେ ସେମାନଙ୍କୁ ବିଭିନ୍ନ କଟୁକଥା କହି ଦୁର୍ବ୍ୟବହାର କରି ବାହାରକୁ ତଡ଼ି ଦେଇଥିଲେ। ଏହାର ପ୍ରତିବାଦାର ସେମାନେ ଆସି ମୁଖ୍ୟ ଫାଟକରେ ଧାରଣାରେ ବସିଥିଲେ। ଖବରପାଇ ଲକ୍ଷ୍ମୀପୋଷି ଫାଣ୍ଡି ପୋଲିସ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ୪ ଘଣ୍ଟା ଧରି ଗେଟ୍ ବନ୍ଦ ରହିବାରୁ କେହି ବାହାରକୁ ଆସି ପାରି ନ ଥିଲେ କି କେହି ବାହାରୁ ବିଶ୍ୱବିଦ୍ୟାଳୟ ଭିତରକୁ ଯାଇ ପାରି ନ ଥିଲେ। ଅପରାହ୍ନ ୩ଟା ୩୦ରେ ପରୀକ୍ଷା ନିୟନ୍ତ୍ରକ ଡ. ଲକ୍ଷ୍ମୀଧର ଗିରି ଆସି ଛାତ୍ରୀଛାତ୍ରମାନଙ୍କୁ ବୁଝାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟର କୁଳପତିଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗର ତୁରନ୍ତ ବିଚାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଛାତ୍ରୀଛାତ୍ରମାନେ ପ୍ରକାଶ କରିଛନ୍ତି। ସାନନ୍ଦ କୁମାର ଦାସ, ବର୍ଷାରାଣୀ ପାତ୍ର, ସୁନନ୍ଦା ମୋଦିଙ୍କ ସମେତ ଏକାଧିକ ଛାତ୍ରୀଛାତ୍ର ଏହି ଧାରଣାରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକ ଡ. ଗିରିଙ୍କୁ ପଚାରିବାରୁ ଛାତ୍ରୀଛାତ୍ରମାନଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣାକୁ ସେ ଅସ୍ୱୀକାର କରିଥିଲେ।

# କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ କଲେ ଡବ୍ଲ୍ୟୁଏଚ୍‌ଓ ଅଧିକାରୀ

ବନ୍ତ, ୮।୬(ଡି.ଏନ.ଏ.)




କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ ବେଳେ ଉପସ୍ଥିତ ଅଧିକାରୀ ଓ ସରପଞ୍ଚ।

**ଅନ୍ତେବାସୀଙ୍କୁ ସମସ୍ୟା ପଚାରି ବୁଝିଲେ**

ଭଦ୍ରକ ଜିଲା ବନ୍ତ ବ୍ଲକର ୨୫ଟି କ୍ୱାରାଣ୍ଟାଇନ୍ ସେଣ୍ଟର ଓ ଅତିରିକ୍ତ ସେଣ୍ଟରରେ ପ୍ରବାସୀ ଓଡିଆମାନଙ୍କୁ ଆଇଶୋଲେଶନରେ ରଖାଯାଇଛି। ସମସ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଅନ୍ତେବାସୀମାନଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଯାଇଛି। ଏହି ପରିପ୍ରେକ୍ଷୀରେ କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡିକରେ ବିଭିନ୍ନ ସୁବିଧା ଅସୁବିଧା ତଦାରଖ କରିବା ପାଇଁ ସୋମବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସର୍ଭେଲାନ୍ସ ମେଡିକାଲ ଅଫିସର ଅର୍ଚ୍ଚନା ଗାଏନ ଓଡଙ୍ଗ, ଛୟାଳସିଂ, ଗଣିଜାଙ୍ଗ ସମେତ ଷେଣ୍ଟେତୀରାସ୍ଥିତ କୋଭିଡ୍ କେୟାର ହସ୍‌ପିଟାଲ ପରିଦର୍ଶନ କରିଥିଲେ। ଉପରୋକ୍ତ ସେଣ୍ଟରଗୁଡିକରେ ଶୌଚାଳୟ, ପାନୀୟ ଜଳ, ଆଲୋକ ବ୍ୟବସ୍ଥା ଠିକ୍ ରହିଛି କି ନାହିଁ, ସାମାଜିକ ଦୂରତା ରକ୍ଷା କରାଯାଉଛି କି ନାହିଁ, ମାସ୍କ ବ୍ୟବହାର କରାଯାଉଛି କି ନାହିଁ ସେ ସମ୍ପର୍କରେ ତଦାରଖ କରିଥିଲେ। ଏଥିସହ କେତେଜଣ ଅନ୍ତେବାସୀମାନଙ୍କୁ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ପରିଦର୍ଶନ ବେଳେ ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ସରପଞ୍ଚ, ନୋଡାଲ ଅଫିସର ଏବଂ ଟି.ଏମ୍.ସି ସଭ୍ୟସଭ୍ୟା ମାନେ ଉପସ୍ଥିତ ଥିଲେ ।

## ପାଣିଟାଙ୍କି ଉପରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଧମକ

ଚିତ୍ରଡ଼ା,୮।୬(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅମରଦା ପଞ୍ଚାୟତ ପରିସରରେ ଥିବା ୭୦ ଫୁଟ ଉଚ୍ଚର ପାଣିଟାଙ୍କି ଉପରକୁ ଚଢି ସୋମବାର ଜଣେ ଯୁବକ ଆତ୍ମହତ୍ୟା ଧମକ ଦେବା ଚର୍ଚ୍ଚାର ବିଷୟ ହୋଇଛି। ଯୁବକ ଜଣକ ହେଲେ କାଳିଚରଣ ନାୟକ। ଗ୍ରାମବାସୀଙ୍କଠାରୁ ଖବର ପାଇ ରାସଗୋବିନ୍ଦପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି କୌଶଳ କ୍ରମେ ତାଙ୍କୁ ତଳକୁ ଓହ୍ଲାଇବାରେ ସଫଳ ହୋଇଥିଲେ।

## କରୋନା ମୁକାବିଲାରେ ପ୍ରଶାସନ ବିଫଳ: କଂଗ୍ରେସ

ବାସୁଦେବପୁର,୮।୬(ଡି.ଏନ୍.ଏ.)

ବାସୁଦେବପୁର ନଗର କଂଗ୍ରେସ ପକ୍ଷରୁ ଉଇଡିହା ଗ୍ରାମ ଠାରେ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଛି। କରୋନା ମୁକାବିଲା କ୍ଷେତ୍ରରେ ପ୍ରଶାସନ ପୂର୍ଣ୍ଣମାତ୍ରାରେ ବିଫଳ ହୋଇଥିବା ସହିତ ବିଭିନ୍ନ ସମସ୍ୟା ବାବଦରେ ଅଭିଯୋଗ ଉଠାଇଛି। ବିଶେଷ କରି ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀ ଓଡ଼ିଆଙ୍କ ସୁରକ୍ଷା ଠିକ୍ ଭାବରେ କରାଯାଇ ନ ଥିବା ସହିତ ଖାଦ୍ୟ ପାନୀୟ ପ୍ରଦାନରେ ଅନିୟମିତତା ହୋଇଥିବା ନେଇ କଂଗ୍ରେସ ଅଭିଯୋଗ ଆଣିଛି। ଅରଣ୍ଡୁଆ, ବରଣ୍ଡୁଆ, ଅଡୁଆଁ, ବିନାୟକପୁର ସମେତ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ବ୍ୟାପକ ଦୁର୍ନୀତି ହେବା ସହିତ ସେଠାରେ ରହୁଥିବା ପ୍ରବାସୀଙ୍କର ସ୍ୱାବ ଟେଷ୍ଟ ନ ହେବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ନିର୍ମଳ ଚନ୍ଦ୍ର ବେହେରା, ବରିଷ୍ଠ ନେତା ରତ୍ନାକର ମଲ୍ଲିକ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କାଠପାଳ ଅଞ୍ଚଳରୁ ବାଲି ଚୋରାଚାଲାଣ



ସଜନାଗଡ଼, ୮।୬(ଡି.ଏନ.ଏ.)

**୨ ଡମ୍ପର, ୩ ଟ୍ରାକ୍ଟର, ୧ ଲୋଡର, ୪ ବାଇକ୍ ଜବତ**

ନୀଳଗିରି ତହସିଲ କାଠପାଳ ଅଞ୍ଚଳ ଦେଇ ପ୍ରବାହିତ ସୋନ ନଦୀପଠାରୁ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ରବିବାର ମଧରାତ୍ରିରେ ବାଲି ଚାଲାଣ ହେଉଥିବା ଖବରପାଇ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ଚଢାଉ ବେଳେ କିଛି ଗାଡ଼ି ପଳାଇ ଯାଇଥିବା ବେଳେ ୨ଟି ଡମ୍ପର, ୩ ଟ୍ରାକ୍ଟର, ୧ ଲୋଡର, ୪ ବାଇକ୍ ଜବତ କରାଯାଇ ନୀଳଗିରି ପୋଲିସ ଜିମା ଦିଆଯାଇଛି। ଘଟଣାସ୍ଥଳରୁ ଡ୍ରାଇଭର ଏବଂ ହେଲପର ଫେରାର ହୋଇଯାଇଥିଲେ। ତଦନ୍ତ ପରେ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ନାୟକ କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଅନଶନ

ବାରିପଦା ଅଫିସ,୮।୬



ଚାଷୀମାନେ ଅନଶନରେ ବସିଛନ୍ତି।

ମୟୂରଭଞ୍ଜ ନବ ନିର୍ମାଣ ସଂଗଠନ ପକ୍ଷରୁ ଚାଷୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସମୂହ ଗଣଉପାସରେ ବସିଥିଲେ। ଧାନର ଅଭାବୀ ବିକ୍ରି ଓ ଅନ୍ୟାନ୍ୟ କୃଷି ସମସ୍ୟା ନେଇ ଚାଷୀମାନେ ଏହି ଅନଶନ କରିଥିଲେ। ସଂଗଠନର ଜିଲା ସଂଯୋଜକ ପ୍ରାଣବନ୍ଧୁ ପଲେଇଙ୍କ ନେତୃତ୍ୱରେ ଏକାଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଜିଲାରେ ୨୦୨୦ ଖରିଫ ଧାନକିଣାରେ ସରକାରୀ ମଣ୍ଡିରେ ଧାନ ବିକ୍ରି କରିଥିଲେ ମଧ ଏଯାବତ୍ ସେମାନଙ୍କୁ ଟଙ୍କା ମିଳିନାହିଁ। ବଳକା ଧାନ ମଧ ଏ ପର୍ଯ୍ୟନ୍ତ ବିକ୍ରି ହୋଇପାରୁ ନାହିଁ। ବାତ୍ୟା କ୍ଷୟକ୍ଷତିର ଠିକ୍ ଆକଳନ କରାଯାଉ ନ ଥିବାରୁ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ପୁନର୍ବାର ଚିହ୍ନଟ କରି ସେମାନଙ୍କୁ କ୍ଷତିପୂରଣ ଦେବାକୁ ଦାବି ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ସେହିପରି ଚାଷ ଜମିକୁ ବିଭିନ୍ନ କମ୍ପାନୀକୁ ଠିକା ଦେବା ନିଷ୍ପତ୍ତିକୁ ଚାଷୀମାନେ ନିନ୍ଦା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରଭାରୀ ଚିନ୍ତୁ ଦାଶଙ୍କ ସମେତ ବିଭିନ୍ନ ବ୍ଲକର ସଂଯୋଜକମାନେ ଏହି ଅନଶନରେ ସାମିଲ ହୋଇଥିଲେ।

# ଗଞ୍ଜାମରେ ଦ୍ୱିତୀୟ ପର୍ଯ୍ୟାୟ ସମୂହ ସ୍ୱାସ୍ଥ୍ୟ ଯାଞ୍ଚ

ଛତ୍ରପୁର,୮।୬(ଡି.ଏନ୍.ଏ.)


ଜଣେ ଶିଶୁର ଥର୍ମାଲ ସ୍କ୍ରିନିଂ କରାଯାଉଛି ।

■ ୩.୫ ଲକ୍ଷ ପରିବାରରେ ପହଞ୍ଚିବ ଟିମ୍
■ ୨୦୮ କରୋନା ଆକ୍ରାନ୍ତଙ୍କ ଚାଲିଛି ଚିକିତ୍ସା

କରୋନା ସଂକ୍ରମଣ ଆଶଙ୍କାକୁ ପ୍ରତିହତ କରିବା ପାଇଁ ସୋମବାରଠାରୁ ଗଞ୍ଜାମ ଜିଲାରେ ପୁଣି ଥରେ ସମୂହ ସ୍ୱାସ୍ଥ୍ୟ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ଏହି ମେଗା ସ୍ୱାସ୍ଥ୍ୟ ସ୍କ୍ରିନିଂ ଫେଜ -୨ରେ ଜିଲାରେ ଥିବା ସାଢେ ୩ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଥର୍ମାଲ ସ୍କ୍ରିନିଂ ଚାଲିଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହିପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରତି ୱାର୍ଡ ଲାଗି ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍‌ରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ୪ ଜଣ ସଦସ୍ୟ ରହିଛନ୍ତି। ଗତ ଏପ୍ରିଲରେ ମଧ୍ୟ ଜିଲାରେ ଏପରି ଘରକୁ ଘର ଯାଇ ସମସ୍ତଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଜିଲାରେ ଦିନକୁ ଦିନ କରୋନା ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ନେଇ ପ୍ରଶାସନର ଚିନ୍ତା ବଢ଼ିଛି ଏବଂ ଲୋକେ ମଧ୍ୟ ଭୟଭୀତ ହୋଇପଡିଛନ୍ତି। ଜିଲାପାଳ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ, ଅନ୍ୟ ରାଜ୍ୟଗୁଡିକରୁ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଜିଲାକୁ ଫେରି କ୍ୱାରାଣ୍ଟାଇନ୍ ସେଣ୍ଟର ଓ ହୋମ କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି। କରୋନା ଲକ୍ଷଣ ଦେଖାଦେଲେ ନ ଲୁଚାଇ ପ୍ରଶାସନକୁ ସହଯୋଗ କରିବାକୁ ଜନସାଧାରଣଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି । ପୂର୍ବରୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ କେବଳ ପଜିଟିଭ ଚିହ୍ନଟ ହେଉଥିଲେ। ଏବେ ଏମାନଙ୍କ ସଂସ୍ପର୍ଶରେ ଆସି ଅନ୍ୟମାନେ ସଂକ୍ରମିତ ହେବାରେ ଲାଗିଛନ୍ତି। ଜିଲାରେ ଏ ପର୍ଯ୍ୟନ୍ତ ୬୩୧ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହେଲେଣି। ସେଥିମଧ୍ୟରୁ ୪୧୯ ସୁସ୍ଥ ହୋଇଥିବା ବେଳେ ୨୦୮ ଜଣ ଏବେ କୋଭିଡ ହସ୍ପିଟାଲରେ ଅଛନ୍ତି। ୪ ଜଣଙ୍କ ମୃତ୍ୟୁ ଘଟିଛି।

# କନ୍ଧମାଳରେ ପୁଣି ୧୦ ପଜିଟିଭ

ଫୁଲବାଣୀ ଅଫିସ, ୮।୬

**କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୫**

କନ୍ଧମାଳ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସୋମବାର ଆଉ ୧୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୫ରେ ପହଞ୍ଚିଛି । ସୋମବାର ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ୯ ଜଣ ପୁରୁଷ ଏବଂ ଜଣେ ମହିଳା। ଏମାନଙ୍କ ମଧ୍ୟରୁ ୭ ଜଣ ତାମିଲନାଡୁ, ୨ ଜଣ କେରଳ ଏବଂ ଜଣେ ବିହାର ଫେରନ୍ତା । ସମସ୍ତେ କ୍ୱାରାଣ୍ଟାଇନରେ ଥିଲେ । ତେଣୁ କେହି ଭୟଭୀତ ନ ହେବାକୁ ଜିଲା ପ୍ରଶାସନ ପକ୍ଷରୁ ସୁଚନା ଦିଆଯାଇଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ୨୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବାକି ୧୩ ଜଣଙ୍କ ଚିକିତ୍ସା ଚାଲିଛି ।

# ୧୫ ବସ୍ତା ଗଞ୍ଜେଇ ସହ ଟ୍ରାକ୍ଟର ଜବତ, ଚାଳକ ଗିରଫ

ବାଲିଗୁଡା,୮।୬(ଡି.ଏନ୍.ଏ.)

ବାଲିଗୁଡ଼ା ଥାନା ମହାସିଙ୍ଗି ପଥପ୍ରାନ୍ତ ସେବାକେନ୍ଦ୍ର ନିକଟରେ ପୋଲିସ ଚଢ଼ାଉ କରି ୧୫ ବସ୍ତା ଗଞ୍ଜେଇ ସହ ଏକ ଟ୍ରାକ୍ଟରକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି । ସେ ହେଲେ ମହାସିଙ୍ଗି ପୁରୁଣା ସାହିର ସଞ୍ଜୀବ ଖଟୁଆ। ତାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ମହାସିଙ୍ଗି ପୁରୁଣା ସାହି ଦେଇ ରବିବାର ରାତିରେ ଯାଉଥିବା ଟ୍ରାକ୍ଟର (ନଂ.ଓଡି୧୨ଏ୩୪୩୪)ର ଡାଲାରେ ପଲିଥିନ ଘୋଡାଯାଇଥିଲା। ସେ ସମୟରେ ପାଟ୍ରୋଲିଂ କରୁଥିବା ପୋଲିସକୁ ଦେଖି ଟ୍ରାକ୍ଟରଟିକୁ ଚାଳକ ଦ୍ରୁତଗତିରେ ନେଇ କ.ନୂଆଗାଁ ଆଡ଼କୁ ପଳାଇବାକୁ ଚେଷ୍ଟା କରିଥିଲେ। ସନ୍ଦେହ ହେବାରୁ ପୋଲିସ ଉକ୍ତ ଟ୍ରାକ୍ଟର ପିଛା କରି ପଥପ୍ରାନ୍ତ ସେବାକେନ୍ଦ୍ର ନିକଟ ଜଙ୍ଗଲ ରାସ୍ତାରେ ଅଟକାଇଥିଲା। ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ପରେ ଉକ୍ତ ଟ୍ରାକ୍ଟର ସହ ୧୫ଟି ବସ୍ତାରେ ଥିବା ୩ କୁଇଣ୍ଟାଲ ୮୩ କି.ଗ୍ରା. ୫୫୦ଗ୍ରାମ ଗଞ୍ଜେଇକୁ ପୋଲିସ ଜବତ କରିବା ଚାଳକଙ୍କୁ ଗିରଫ କରିଥିଲା। ଅଞ୍ଚଳରେ ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ଏପରି ଚଢ଼ାଉ ଜାରି ରହିବ ଏବଂ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଲିଗୁଡ଼ା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ସୂଚନା ଦେଇଛନ୍ତି।


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

## ସଂକ୍ଷେପରେ

### କୋଭିଡ୍-୧୯ ନିୟମ ଉଲ୍ଲଂଘନ ଅଭିଯୋଗ

ବ୍ରହ୍ମପୁର ଅଫିସ,୮।୬- କରୋନା ମୁକାବିଲା ପାଇଁ ସରକାର କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ନିୟମ ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ବ୍ରହ୍ମପୁର ସହରରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ନାଥ ପାଣିଗ୍ରାହୀ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ସୋମବାର ଦାବି ଜଣାଇଛନ୍ତି। ପୋଲିସ ଲୋକମାନେ ସାମାଜିକ ଦୂରତା ରକ୍ଷା କରିବା ଓ ମାସ୍କ ବ୍ୟବହାର କରୁ ନ ଥିବାରୁ ସେମାନଙ୍କଠାରୁ ଜରିମାନା ଆଦାୟ କରୁଥିବା ବେଳେ ଉକ୍ତ ରାଜନୈତିକ ଦଳ ନିକଟରେ ପାଳନ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଏହି ନିୟମ ଉଲ୍ଲଂଘନ ହୋଇଥିଲେ ମଧ୍ୟ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାକୁ ବିଚାର କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

### ମାସ୍କ ନ ପିନ୍ଧି ଜରିମାନା ଦେଲେ

#### ୨୪ ଘଣ୍ଟାରେ ୪୭,୨୦୦ ଆଦାୟ

ଛତ୍ରପୁର,୮।୬(ଡି.ଏନ.ଏ.)-ଗଞ୍ଜାମ ପୋଲିସ ଜିଲାରେ ମାସ୍କ ପିନ୍ଧି ନ ଥିବା ଲୋକଙ୍କ ଲୋକଙ୍କଠାରୁ ଜରିମାନା ଆଦାୟ ଜରି ରହିଛି। ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ଥାନା ପକ୍ଷରୁ ଏହି ବାବଦରେ ୪୭,୨୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ଶଟ୍‌ଡାଉନ ନିୟମ ଭାଙ୍ଗିଥିବାରୁ ୧ହଜାର ଜରିମାନା ଆଦାୟ ହୋଇଛି। ଅନ୍ୟପକ୍ଷରେ ୨ଟି ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇ ୧୫,୪୮୦ ଟଙ୍କା ଓ ବେଆଇନ ମଦ କାରବାର ଉପରେ ଚଢ଼ାଉ ହୋଇ ୮୬୩.୦୬ ଲିଟର ଦେଶୀ ମଦ ଜବତ ହୋଇଛି। କୋଭିଡ ନିୟମ ଉଲ୍ଲଂଘନ ନେଇ ୪ ମାମଲା ରୁଜୁ ହୋଇଥିବା ବେଳେ ୪ ଜଣଙ୍କୁ ଗିରଫ କରାଯାଇଥିବା ସୋମବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରୟ ଟୁଇଟ କରି ସୂଚନା ଦେଇଛନ୍ତି।

### ଆକ୍ରମଣ କରି ଡକାୟତି ଉଦ୍ୟମ, ଜଣେ ଗିରଫ

ଶଙ୍କରାଖୋଲ,୮।୬(ଡି.ଏନ.ଏ.)-ଟିକାବାଲି ଥାନା ସାରାଡ଼ାମାହା ଘାଟିରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ଡକାୟତି ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ସାରଙ୍ଗଗଡ ଥାନା ଗୁମାଗଡ ଗ୍ରାମର ଅନନ୍ତ ପ୍ରଧାନ। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କଠାରୁ ଅଧିକ ତଥ୍ୟ ଆଦାୟ କରାଯାଉଥିବା ଟିକାବାଲି ଥାନାଧିକାରୀ ରେବତୀ ଶବର କହିଛନ୍ତି । ଆକ୍ରମଣରେ ବ୍ୟବହୃତ ପଥର ସହ ଏକ ବାଇକକୁ ଜବତ କରାଯାଇଛି। ବାଲିଗୁଡା ପାଟଖଣ୍ଡା ସାହିର ପିଣ୍ଟୁ କୁମାର ସିଂଙ୍କ ଏକ ଚପଲ ଗୋଦାମ ରହିଛି। ସେ ଗତ ୪ ତାରିଖରେ ବିଭିନ୍ନ ଦୋକାନରୁ ଚପଲ ଟଙ୍କା ଆଦାୟ କରି ଶଙ୍କରାଖୋଲରୁ କଁଇଝର ଦେଇ ବାଇକରେ ଫେରୁଥିବା ବେଳେ ସାରଡାମାହା ଘାଟିରେ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ମୁହଁକୁ ପଥରରେ ଛେଚି ଟଙ୍କା ଲୁଟ ଉଦ୍ୟମ କରାଯାଉଥିଲା। ସେ ସମୟରେ ପାଖ ଗ୍ରାମର କିଛି ଲୋକ ଆସିଯିବାରୁ ଲୁଟ ଉଦ୍ୟମ ବିଫଳ ହୋଇଥିଲା। ପିଣ୍ଟୁ ଚିକିତ୍ସିତ ହେବାପରେ ଏ ନେଇ ୬ ତାରିଖରେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୩୨/୨୦ରେ ମାମଲା ରୁଜୁ କରିଥିଲା।

# ଆଇଟିଆଇର ପୁଣି ନୂଆ ଉଦ୍ଭାବନ

ବ୍ରହ୍ମପୁର ଅଫିସ,୮।୬


ଟାଟା ହସ୍ପିଟାଲ ନୋଡାଲ ଅଫିସରଙ୍କୁ ୟୁଭିସି ସୋଲ ସାନିଟାଇଜର ମେଶିନ ପ୍ରଦାନ କରାଯାଉଛି ।

■ ପ୍ରସ୍ତୁତ କଲା ୟୁଭିସି ସୋଲ ସାନିଟାଇଜର
■ ଜୋତା ବିଶୋଧନ କରିବ ସାନିଟାଇଜର
■ ଟାଟା କୋଭିଡ୍ ହସ୍ପିଟାଲରେ ହେଲା ସ୍ଥାପିତ

କୋଭିଡ୍-୧୯ ମୁକାବିଲା ତଥା ସଂକ୍ରମଣରୁ କରୋନା ଯୋଦ୍ଧାଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଗୋଟିଏ ପରେ ଗୋଟିଏ ଉଦ୍ଭାବନକରି ଏବେ ସାରା ଦେଶରେ ବ୍ରହ୍ମପୁର ଆଇଟିଆଇ ଅନ୍ୟ ଆଇଟିଆଇ ପାଇଁ ଉଦାହରଣ ପାଲଟିଛି। ସୋମବାର ପୁଣି ଆଉ ଏକ ଉଦ୍ଭାବନ ପାଇଁ ଚର୍ଚ୍ଚାକୁ ଆସିଛି। ବ୍ରହ୍ମପୁର ଆଇଟିଆଇ କରୋନା ଯୋଦ୍ଧାଙ୍କ ପାଦ ତଥା ଜୋତାକୁ ସାନିଟାଇଜ କରିବା ନେଇ ଆଇଟିଆଇ ଉଦ୍ଭାବନ କରିଛି ୟୁଭିସି ସୋଲ ସାନିଟାଇଜର। ସୋମବାର ଆଇଟିଆଇ ପରିସରରେ ଓଡିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚି ଭିଡିଓ କନଫେରେନ୍ସ ଯୋଗେ ଏହାର ଶୁଭାରମ୍ଭ କରିଥିଲେ। ଏହି ସାନିଟାଇଜର ଦ୍ୱାରା ମାତ୍ର ୮ ରୁ ୧୦ ସେକେଣ୍ଡ ମଧ୍ୟରେ ଜୋତାକୁ ସମ୍ପୂର୍ଣ୍ଣ ବିଶୋଧନ କରିହେବ। ଏହି ସାନିଟାଇଜର ମେଶିନରେ ସେନ୍ସର ଓ ଅତିବାଇଗଣି ରଶ୍ମୀର ବ୍ୟବହାର କରାଯାଇଛି। ଏହାର ପ୍ରସ୍ତୁତି ପାଇଁ ୬ ହଜାର ରୁ ୭ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନ ଅବସରରେ ଶୀତଳାପଲ୍ଲିସ୍ଥିତ ଟାଟା କୋଭିଡ୍ ହସ୍ପିଟାଲକୁ ଅନୁଷ୍ଠାନର ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ପ୍ରଥମ ୟୁଭିସି ସୋଲ ସାନିଟାଇଜର ମେଶିନ ପ୍ରଦାନ କରିଥିଲେ। ଏହି ଅବସରରେ ଆଇଜର ନିର୍ଦ୍ଦେଶକ କେ.ଭି. ଆର. ଚାରୀ, ଟାଟା କୋଭିଡ୍ ହସ୍ପିଟାଲ ନୋଡାଲ ଅଫିସର ଡ଼ା ଉମାଶଙ୍କର ମିଶ୍ରଙ୍କ ସମେତ ଆଇଟିଆଇର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଆଇଟିଆଇ ଇତିମଧ୍ୟରେ କୋଭିଡ୍-୧୯ ମୁକାବିଲା ପାଇଁ ଫେସ୍‌ସିଲ, ଏରସଲ ବକ୍ସ, ସ୍ୱୟଂଚାଳିତ ହ୍ୟାଣ୍ଡ ସାନିଟାଇଜର, ପାଦ ଚାଳିତ ହ୍ୟାଣ୍ଡ ସାନିଟାଇଜର, ୟୁଭିସି ସାନିଟାଇଜର ମେଶିନ ଉଦ୍ଭାବନ କରି ସାରାଦେଶର ଅନ୍ୟ ଆଇଟିଆଇ ପାଇଁ ଉଦାହରଣ ସୃଷ୍ଟି କରିଛି।

# ଛତ୍ରପୁରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ସଚିବଙ୍କ ସମୀକ୍ଷା

ଛତ୍ରପୁର, ୮।୬(ଡି.ଏନ.ଏ .)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ୍ ସୋମବାର ଗଞ୍ଜାମ ଜିଲା ଗସ୍ତରେ ଆସି ସମୀକ୍ଷା ବୈଠକ କରିଛନ୍ତି। ସହରାଞ୍ଚଳରେ ଶୃଙ୍ଖଳା ଏବଂ ଓଦା ବର୍ଜ୍ୟ ଓ ଅଦରକାରୀ ବସ୍ତୁକୁ କିପରି ଉତ୍ତମ ପରିଚାଳନା କରି ବ୍ୟବହାର ଯୋଗ୍ୟ ଜିନିଷ ପ୍ରସ୍ତୁତ କରିହେବ ସେଥିପ୍ରତି ଫୋକସ କରିବାକୁ ଉପସ୍ଥିତ ସମସ୍ତ ଅର୍ବାନ ଲୋକାଲ ବଡିର ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ସହରାଞ୍ଚଳକୁ ଫେରିଥିବା ପ୍ରବାସୀ ଓଡ଼ିଆଙ୍କୁ ବିଭିନ୍ନ କାମ ଯୋଗାଇ ପାରିଶ୍ରମିକ ଦେବାକୁ କହିଛନ୍ତି। ସେହିପରି ପ୍ରମୁଖ ସଚିବ ଜାଗା ମିଶନରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସହରାଞ୍ଚଳରେ ସର୍ବଦା ସ୍ୱଚ୍ଛତା ରଖିବା, ରାସ୍ତା ପାର୍ଶ୍ୱରେ ପଡ଼ି ରହିଥିବା ବାଲି ଗୋଡିକୁ ତୁରନ୍ତ ସଫା କରିବା ଏବ ସୁନ୍ଦର ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ମ୍ୟୁନିସିପାଲିଟି ଡାଇରେକ୍ଟର ସଂଗ୍ରାମଜିତ ନାୟକ, ଜିଲାପାଳ ବିଜୟ ଅମୃତା କୁଳାଙ୍ଗେ, ବିଏମସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ପିଡି ଡୁଡା ସୁଦାମ ଚନ୍ଦ୍ର ମଣ୍ଡଳଙ୍କ ସମେତ ଗଞ୍ଜାମ ଜିଲାର ସମସ୍ତ ୧୮ ଏନଏସି ଏବଂ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ ।

# ଦୁଇ ଅଭିଯୁକ୍ତ ଗଲେ ଜେଲ

ପାଟପୁର,୮।୬

**ଯୁବକଙ୍କୁ ଅପହରଣ ପରେ ହତ୍ୟା ଘଟଣା**

ଗଞ୍ଜାମ ଜିଲା ପାଟପୁର ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଅପହରଣ ପରେ ହତ୍ୟା ଘଟଣାରେ ପୋଲିସ ସୋମବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଟପୁର ଥାନା ଅଞ୍ଚଳର ଟୁକୁନା ଶବର ଓ ଗଜପତି ଜିଲା ଅଡବା ଥାନା ନାଡାମା ଗ୍ରାମର କମଳ ଲୋଚନ ଗମାଙ୍ଗୋ।

ପ୍ରକାଶ ଯେ, ପାଟପୁର ଥାନା ଟି.ଗୋବିନ୍ଦପୁର ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଜଙ୍ଗଲରୁ ପାଟପୁର ପୋଲିସ ଗତ ୨୬ ତାରିଖରେ ଗଛରେ ବନ୍ଧା ହୋଇଥିବା ଅବସ୍ଥାରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା। ସେ ହେଲେ ବ୍ରହ୍ମପୁର ଶାସ୍ତ୍ରୀନଗରର ବିଭୁପ୍ରସାଦ ଦାସ (୨୦)। ଶ୍ରୀରାମନଗର ଗ୍ରାମରୁ ଶନିବାର ଅପରାହ୍ନରେ ତାଙ୍କୁ ଅପହରଣ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ଜାଣିବାକୁ ପାଇଥିଲା। ବିଭୁ ଗଜପତି ଜିଲା ଅଡବା ଗ୍ରାମର ଉଦ୍ଧବ ଗୌଡ଼ ଓ ଅଡବା ଥାନା ପଦାଗାଁର ଗଙ୍ଗାଧର ପାତ୍ର ଏକ କାର୍‌ରେ ପାଟପୁର ଥାନା ତପ୍ତପାଣି ନିକଟସ୍ଥ ଶ୍ରୀରାମନଗର ଗ୍ରାମର ଜଣେ ଯୁବକଙ୍କ ଘରକୁ ଆସିଥିଲେ। ସମ୍ପୃକ୍ତ ଯୁବକ ଓ ତାଙ୍କ ସାନଭାଇ ପ୍ରଥମେ ବିଭୁଙ୍କୁ ବାଇକ୍‌ରେ ବସାଇ କେଉଁଆଡେ ନେଇଯାଇଥିଲେ। କିଛି ସମୟ ପରେ ସମ୍ପୃକ୍ତ ଯୁବକଙ୍କ ସାନଭାଇ ଆସି ବିଭୁଙ୍କୁ ଆଣିବାକୁ ଯିବା କହି ଗଙ୍ଗାଧରଙ୍କୁ ନେଇ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ କେହି ନ ଫେରିବାରୁ ଉଦ୍ଧବ ଘଟଣା ସମ୍ପର୍କରେ ବିଭୁଙ୍କ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ପରେ ବିଭୁଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

ମଙ୍ଗଳବାର ବିଭୁଙ୍କ ଦାଦା ପାଟପୁର ଥାନାରେ ତାଙ୍କ ପୁତୁରାଙ୍କୁ ଅପହରଣ କରାଯାଇଥିବା ଏତଲା ଦେବାପରେ ପୋଲିସ ନଂ.୧୧୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅନ୍ୟ କେତେକ ଅଭିଯୁକ୍ତ ଗିରଫ ଭୟରେ ଫେରାର ଥିବା ପୋଲିସ କହିଛି।

# ଡିଆଇଜିଙ୍କ ଆସିକା ଥାନା ପରିଦର୍ଶନ

ଆସିକା,୮।୬(ଡି.ଏନ୍.ଏ.)



ଦକ୍ଷିଣାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ସୋମବାର ଆସିକା ଥାନା ପରିଦର୍ଶନରେ ଆସି ସମୀକ୍ଷା କରିଥିଲେ। ଗତ ଏକ ବର୍ଷ ମଧ୍ୟରେ ଆସିକା ଥାନା ୱାରେଣ୍ଟି ଧରପଗଡ, ଜୁଆଆଡ୍ଡା ଚଢ଼ାଉ, ଚୋରାମଦ, ବିସ୍ଫୋରକ ସାମଗ୍ରୀ ଓ ବେଆଇନ ଆତସବାଜୀ ଜବତ ଏବଂ ବିଭିନ୍ନ ମାମଲାର ଚାର୍ଜସିଟ ପ୍ରସ୍ତୁତ ସହ ମୋ ସରକାର କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରି ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ଡିଆଇଜି ସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ଡିଆଇଜି ଆସିକା ଥାନା ଇଲାକାକୁ ଅପରାଧମୁକ୍ତ କରିବା ନିମନ୍ତେ ଅସାମାଜିକଙ୍କ ଧିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିଆଇଜଙ୍କ ଗସ୍ତ ବେଳେ ଗଞ୍ଜାମ ଏସପି. ବ୍ରିଜେଶ ରୟ, ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ମା’ ଦୁଇ ପୁଅଙ୍କୁ ମରଣାନ୍ତକ ଆକ୍ରମଣ, ୫ ଗିରଫ

ବୁଗୁଡ଼ା,୮।୬(ଡି.ଏନ.ଏ.)

ବୁଗୁଡ଼ା ଥାନା ଟିକରପଡ଼ା (ବୋରିପଦର) ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମା’ ଏବଂ ତାଙ୍କ ୨ ପୁଅଙ୍କୁ ମରଣାନ୍ତକ ଆକ୍ରମଣରେ ବୁଗୁଡ଼ା ପୋଲିସ ସୋମବାର ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଟିକରପଡ଼ା ଗ୍ରାମର ରାକେଶ ପଲାଇ, କେଶବ ପ୍ରଧାନ, କାହ୍ନୁ ପ୍ରଧାନ, ବଳରାମ ପ୍ରଧାନ ଓ ରାଜେନ୍ଦ୍ର ପ୍ରଧାନ। ଏନେଇ ବୁଗୁଡ଼ା ଥାନାରେ ନଂ. ୧୫୩/୨୦ରେ ଏକ ମାମଲା ରୁଜୁ ହୋଇଛି।

ଗୁରୁବାର ଟିକରପଡ଼ାର ରବୀନ୍ଦ୍ର ଦଳେଇ ବାଇକ୍‌ରେ ବେଲଗୁଣ୍ଠାରୁ ଗ୍ରାମକୁ ଫେରୁଥିବା ବେଳେ ଗାଁ ଛକରେ ଛିଡା ହୋଇଥିବା ଜଣଙ୍କ ଦେହରେ ବାଇକ୍ ବାଜି ଥିଲା। ଫଳରେ ସେଠାରେ ଥିବା କେତେଜଣ ଯୁବକ ମିଶି ରବୀନ୍ଦ୍ରଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। କିନ୍ତୁ ସେ ସେଠାରୁ ବାଇକ୍ ଛାଡି ଖସି ପଳାଇ ଯାଇଥିଲେ। ଉକ୍ତ ଯୁବକମାନେ ବାଇକ୍‌ଟିକୁ ସେଠାରେ ଭାଙ୍ଗି ଦେଇଥିଲେ। ଏନେଇ ରବୀନ୍ଦ୍ର ଓ ତାଙ୍କର ଭାଇ ସୀମାଞ୍ଚଳ ବୁଗୁଡ଼ା ଥାନାକୁ ଅଭିଯୋଗ କରିବାକୁ ଶୁକ୍ରବାର ଆସୁଥିବା ବେଳେ ଟିକରପଡ଼ା ଛକରେ ଉକ୍ତ ୫ ଜଣ ସହ ଅନ୍ୟମାନେ ମିଶି ଠେଙ୍ଗା ଓ ଲୁହାରଡ଼ରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମା’ ବାଧା ଦେବାରୁ ତାଙ୍କୁ ମଧ୍ୟ ଟଣାଓଟରା କରି ଆକ୍ରମଣ କରିଥିଲେ। ରବୀନ୍ଦ୍ର ଓ ସୀମାଞ୍ଚଳଙ୍କୁ ଗୁରୁତର ଅବସ୍ଥାରେ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ସେଠାରୁ ପୁଣି ସେମାନଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଥିଲା। ଏନେଇ ମା’ କମା ପଲାଇ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଘଟଣାରେ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ପୋଲିସ କହିଛି।

# ସିକ୍ୟୁରିଟି ଇନ୍‌ଚାର୍ଜ ରୁମ୍ ଭାଙ୍ଗି ପଶିଲେ ଦୁର୍ବୃତ୍ତ, ୨ ଅଟକ

ଗୋପାଳପୁର,୮।୬

**ନିଷ୍ଟରେ ଥମୁନି ପରିଚାଳନା କମିଟିର ବିବାଦ**

ଗୋଳନ୍ଥରା ଥାନା ପାଲୁର ହିଲ୍‌ସସ୍ଥିତ ନିଷ୍ଟ ବୈଷୟିକ ଶିକ୍ଷାନୁଷ୍ଠାନ ପରିଚାଳନା କମିଟିରେ କିଛି ମାସ ହେଲା ବାଦବିବାଦ ଲାଗି ରହିଛି। ଫଳରେ ଗତ ଫେବୃୟାରୀରେ ଏହା ଉଗ୍ରରୂପ ଧାରଣ କରି ଶିକ୍ଷାନୁଷ୍ଠାନ ବନ୍ଦ ହୋଇ ରହିଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ପୁଣି ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ମଧ୍ୟ କଲେଜ ନିର୍ଦ୍ଦେଶକ ଓ ଚେୟାରପର୍ସନଙ୍କ ମଧ୍ୟରେ ବାଦବିବାଦ ଲାଗି ରହିଛି। ରବିବାର ମଧ୍ୟରାତ୍ର ପ୍ରାୟ ୨ଟାରେ ଦୁଇଜଣ ଦୁର୍ବୃତ୍ତ ଏକ କାରରେ ଆସି ଶିକ୍ଷାନୁଷ୍ଠାନର ସିକ୍ୟୁରିଟି ଇନ୍‌ଚାର୍ଜ ସିଏଚ୍ ନରେଶ ପାତ୍ରଙ୍କ ରୁମକୁ ଯାଇ ତାଲା ଭାଙ୍ଗି କିଛି ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଖବର ପାଇ ଇନ୍‌ଚାର୍ଜ ନରେଶ ପାତ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ଆମକୁ ନିର୍ଦ୍ଦେଶକ ପଠାଇଛନ୍ତି ବୋଲି ଦୁର୍ବୃତ୍ତମାନେ କହି ତାଙ୍କୁ ଧମକ ଚମକ ଦେବା ସହି ଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ୨ ଦୁର୍ବୃତ୍ତଙ୍କୁ ଶିକ୍ଷାନୁଷ୍ଠାନ କର୍ମଚାରୀମାନେ ଧରି ପୋଲିସରେ ଜିମା ଦେଇଥିଲେ। ଏନେଇ ନରେଶ ଓ ଅନ୍ୟ କର୍ମଚାରୀ ସୋମବାର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଏନେଇ ଥାନାରେ ନରେଶଙ୍କ ଅଭିଯୋଗକ୍ରମେ ନଂ. ୧୫୦/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ହୋମ୍ କ୍ୱାରାଣ୍ଟାଇନ୍ ଅନୁଧ୍ୟାନ କଲେ ଉପଜିଲାପାଳ

ଦିଗପହଣ୍ଡି,୮।୬(ଡି.ଏନ.ଏ.)


ଝରିପଦରରେ ଏକ ଘରୋଇ ସଙ୍ଗରୋଧ ସ୍ଥିତି ଅନୁଧ୍ୟାନ କରୁଛନ୍ତି ଉପଜିଲାପାଳ।

ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଦିଗପହଣ୍ଡି ବ୍ଲକ ଗସ୍ତରେ ଆସି ସିଦ୍ଧେଶ୍ୱର, ଗୋକର୍ଣ୍ଣପୁର ଏବଂ ବି.ତୁରୁବୁଡି ପଞ୍ଚାୟତର ଝରିପଦର ଆଦି ଗ୍ରାମରେ ପ୍ରବାସୀଙ୍କ ହୋମ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ପ୍ରବାସୀମାନେ ଘରେ ସଙ୍ଗରୋଧରେ ନ ରହି ବାହାରେ ବୁଲିଲେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ରହିଛି। ତେଣୁ ଉପଜିଲାପାଳ ଅଚାନକ ଏସବୁ ଗାଁ ପରିଦର୍ଶନ କରିଥିଲେ। ସଙ୍ଗରୋଧ ଅବଧି ପୂରଣ କରିଥିବା ଅନ୍ତେବାସୀମାନେ ପ୍ରୋତ୍ସାହିତ ରାଶି ୧୦୦୦ ଟଙ୍କା ପାଇଛନ୍ତି କି ନାହିଁ ସେମାନଙ୍କୁ ପଚାରି ବୁଝିବା ସହ ଘରୋଇ ସଙ୍ଗରୋଧରେ ରହୁଥିବା ଲୋକଙ୍କ ଉପରେ ନଜର ରଖିବାକୁ ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁ, ସରୋଜ ଜେନା ଏବଂ କୁରେଶ୍ଚ ସେଠୀଙ୍କୁ ପରାମର୍ଶ ଦେଇଥିଲେ। ଉପଜିଲାପାଳଙ୍କ ପରିଦର୍ଶନ ସମୟରେ ବିଡିଓ ହଳଧର ଶବର, ସିଡିପିଓ ଯଶୋବନ୍ତି ସାହୁ, ସ୍ଥାନୀୟ ଅଙ୍ଗନୱାଡି, ଆଶା କର୍ମୀ ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ।

# ବିନା ଅଧ୍ୟାପକରେ ଚାଲିଛି ଏମ୍‌ଜେଏମ୍‌ସି, ଆଇନ ବିଭାଗ

ବ୍ରହ୍ମପୁର ଅଫିସ,୮।୬



■ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
■ ଦୁଇ ବିଭାଗରେ ଜଣେ ଅଧ୍ୟାପକ

ଓଡ଼ିଶାର ପ୍ରମୁଖ ବିଶ୍ୱବିଦ୍ୟାଳୟ ମଧ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ (ଭଞ୍ଜବିହାର) ଅନ୍ୟତମ। ଓଡିଶା ତଥା ରାଜ୍ୟ ବାହାରୁ ବହୁ ଛାତ୍ରୀଛାତ୍ର ଏହି ବିଶ୍ୱବିଦ୍ୟାଳୟକୁ ଅଧ୍ୟୟନ କରିବାକୁ ଆସିଥାନ୍ତି। ଏଥି ସହ ଉଚ୍ଚତର ଗବେଷଣା କରି ଏଠାକାର ଛାତ୍ରୀଛାତ୍ରମାନେ ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ଏବେ ସାମ୍ବାଦିକ ଗଣଯୋଗାଯୋଗ (ଏମ୍‌ଜେଏମ୍‌ସି) ଓ ଆଇନ ବିଭାଗରେ ଅଧ୍ୟାପକ ନାହାନ୍ତି । ଏମ୍‌ଜେଏମ୍‌ସି ବିଭାଗ ପାଇଁ ବିଶ୍ୱବିଦ୍ୟାଳୟ ପରିଚୟ ହାସଲ କରିଥିବା ବେଳେ ଏବେ ନା ଅଛନ୍ତି ସ୍ଥାୟୀ ଅଧ୍ୟାପକ ନା ଅତିଥି ଅଧ୍ୟାପକ। ୨ ଜଣ ଅତିଥି ଅଧ୍ୟାପକଙ୍କୁ ନେଇ ବିଭାଗ ଚାଲୁଥିଲା। କିନ୍ତୁ ଅତିଥି ଅଧ୍ୟାପକ ମାନଙ୍କର ଚୁକ୍ତି ଗତ ଏପ୍ରିଲରେ ସରିଯାଇଥିବା ବେଳେ ଏବେ ବିନା ଅଧ୍ୟାପକରେ ଚାଲିଛି ବିଭାଗ। କିଛି ଦିନ ତଳେ ଇତିହାସ ବିଭାଗର ଜଣେ ଅଧ୍ୟାପକଙ୍କୁ କୋଅର୍ଡିନେଟର ଭାବେ ନିଯୁକ୍ତି ଦେଇଛି ବିଶ୍ୱବିଦ୍ୟାଳୟ ପ୍ରଶାସନ। ଅନ୍ୟପଟେ ଆଇନ ବିଭାଗରୁ କିଛି ଦିନ ତଳେ ମୁଖ୍ୟ ପ୍ରଫେସର ଭାଗୀରଥି ପାଣିଗ୍ରାହୀ ଅବସର ନେବା ପରେ ଜଣେ ଅଧ୍ୟାପକଙ୍କୁ ନେଇ ଚାଲିଛି ଏହି ବିଭାଗ। ଗବେଷଣା କରୁଥିବା ପିଲାମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏହି ବିଷୟରେ ଛାତ୍ରମାନେ ଗତ ଗୁରୁବାର କୁଳସଚିବଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଆମେ ଏହି ବିଷୟରେ ବିଶ୍ୱବିଦ୍ୟାଳୟର ମିଡ଼ିଆ ସେଲ୍ ଅଧ୍ୟକ୍ଷ ବଳଭଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ଏବେ ନିଯୁକ୍ତି ପ୍ରକ୍ରିୟା ଚାଲୁରହିଛି। ବହୁ ଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ



### ଆର୍‌ଏସ୍‌ପିରେ ଦୁର୍ଘଟଣା, କର୍ମଚାରୀ ମୃତ

ରାଉରକେଲା ଅଫିସ,୮।୬: ସୋମବାର ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ପରିସରରେ ଏକ ଦୁର୍ଘଟଣା ଘଟି ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜିଙ୍ଗା ଲାକ୍ରା(୫୬)। ସେ ଆର୍‌ଏସ୍‌ପିର ଟ୍ରାଫିକ୍ ଓ ର ମ୍ୟାଟେରିଆଲ ବିଭାଗ କର୍ମଚାରୀ ଥିଲେ। ସେ ସକାଳ ଡ୍ୟୁଟି ସାରି ନିଜ ବାଇକ(ଓଡ଼ି-୧୪ସି-୬୫୭୫)ରେ ଘରକୁ ଫେରୁଥିଲେ। ଏହି ସମୟରେ ଟ୍ରାଫିକ୍ ଗେଟ୍ ଓ ସଂସ୍କାର ଗେଟ୍ ମଝିରେ ଏକ ମାଲବାହୀ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେ କିଛି ଦୂର ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଡାକ୍ତରମାନେ କହିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ତାଙ୍କ ପରିବାରର ଜଣଙ୍କୁ ଚାକିରି ଓ ସହାୟତା ପ୍ରଦାନ ପାଇଁ ସଙ୍ଗଠନର କର୍ମକର୍ତ୍ତା ଦାବି କରିଛନ୍ତି।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଗୁଜବ

ଝାରସୁଗୁଡ଼ା ଅଫିସ,୮।୬: ଝାରସୁଗୁଡ଼ା ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ମନ୍ତ୍ରୀ ପଦରୁ ଇସ୍ତଫା ଦେଉଥିବା ସୋମବାର ଜିଲାରେ ଚର୍ଚ୍ଚା ଜୋର ଧରିଛି। ସହରର ବିଭିନ୍ନ ଛକ ଓ ଦୋକାନରେ ଏହି ଆଲୋଚନା ହେଉଛି। ଏମିତି କି ବିଜେଡି କର୍ମକର୍ତ୍ତାଙ୍କ ମହଲରେ ମଧ ଏହି ଚର୍ଚ୍ଚା ଚାଲିଛି। ତେବେ ଏ ସମ୍ପର୍କରେ ମନ୍ତ୍ରୀ ଦାସଙ୍କୁ ପଚାରିବାରୁ ସେ ଇସ୍ତଫା ଦେଉନାହାନ୍ତି। ଏହା ଏକ ଗୁଜବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, କରୋନା କିଟ୍ କିଣିବା ନେଇ ଅନିୟମିତତା ହୋଇଥିବା ବିରୋଧୀ ଅଭିଯୋଗ କରିବାରୁ ନିକଟରେ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଏହି ସବୁ ସାମଗ୍ରୀ କିଣାଯାଇଛି। ଏଥିରେ କୌଣସି ପ୍ରକାର ଅନିୟମିତତା ହୋଇ ନ ଥିବା ସେ ଦର୍ଶାଇଥିଲେ। ମନ୍ତ୍ରୀଙ୍କ ଏହି ଯୁକ୍ତି ପରେ ରାଜ୍ୟ ସରକାର ଅଧିକ ଅଡୁଆରେ ପଡ଼ିଛନ୍ତି।

### ଉମ୍ବରୁଧରଙ୍କୁ ମିଳିଲା ଚିକିତ୍ସା ସୁବିଧା

କୋକସରା,୮।୬(ଡି.ଏନ.ଏ.): କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଭିର୍କାପଡାର ଉମ୍ବରୁଧର ସେଠୀ (୬୩) କୌଣସି ଅଜଣା ରୋଗରେ ଆକ୍ରାନ୍ତ ହୋଇ ବହୁଦିନରୁ ଖଟରେ ପଡି ରହିଥିଲେ। ଅର୍ଥାଭାବରୁ ତାଙ୍କର ଚିକିତ୍ସା ବ୍ୟବସ୍ଥା ହୋଇପାରି ନ ଥିଲା। ଏ ସଂକ୍ରାନ୍ତରେ ଧରିତ୍ରୀରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ କୋକସରା ବ୍ଲକ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। କୋକସରା ବିଡିଓ ମନୀଷା ଦାସଙ୍କ ନିର୍ଦ୍ଦେଶକ୍ରମେ ସୋମବାର ୧୦୮ ଆମ୍ବୁଲାନ୍ସରେ ଉମ୍ବରୁଧରଙ୍କୁ ପ୍ରଥମେ କୋକସରା ମେଡିକାଲ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ଆବଶ୍ୟକ ଚିକିତ୍ସା କରାଯିବ ବୋଲି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ତତ୍ତ୍ୱଦର୍ଶୀ ଦାସ କହିଛନ୍ତି।

### ବଜ୍ରପାତରେ ୯ ଗାଈ ମୃତ

ସଇଁତଲା,୮।୬(ଡି.ଏନ୍.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ପଞ୍ଚାୟତର ଫଂପସୀ ଅଞ୍ଚଳରେ ସୋମବାର ଅପରାହ୍ନ ବଜ୍ରପାତ ଘଟି ୯ ଗାଈଙ୍କ ମୃତ୍ୟୁ ଘଟିଛି। ଏଥିରେ ଫଂପସୀ ଗ୍ରାମର ବାଜେ ବନ୍ଧ ଭୋଇଙ୍କ ୨ ଗାଈ, ବଡ଼ମାଳ ଗ୍ରାମର ଭିକ ଭୋଇଙ୍କ ୨ ଗାଈ, ଫଂପସୀ ଭଦ୍ରା ଗ୍ରାମର ମାଘା ମୁନାଙ୍କ ୩ ଗାଈ ଏବଂ ସତ୍ୟ ନାଗଙ୍କ ୨ ଗାଈ ଅଛନ୍ତି। ଗାଈମାନେ ରେଳଷ୍ଟେସନ ନିକଟ ଶିବମନ୍ଦିର ପଡ଼ା ପାଖରେ ଚରୁଥିଲେ। ଅପରାହ୍ନରେ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଗଛ ତଳେ ଆଶ୍ରାନେଇଥିବା ଏହି ଗାଈଙ୍କ ମୃତ୍ୟୁ ଘଟିଛି।

# ପାଇଖାନା ନିର୍ମାଣରେ ଅନିୟମିତତା

## ଜିଲାପାଳଙ୍କୁ ଫେରାଦ ହେଲେ ହିତାଧିକାରୀ

ବରଗଡ଼ ଅଫିସ୍,୮।୬

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଯୋଜନା ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ହିତାଧିକାରୀମାନେ ନିଜ ଖର୍ଚ୍ଚରେ ପାଇଖାନା ନିର୍ମାଣ କରିଥିବାବେଳେ ଏଥିପାଇଁ ମଞ୍ଜୁର ଟଙ୍କା ଏପର୍ଯ୍ୟନ୍ତ ସେମାନଙ୍କୁ ମିଳି ନ ଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ହିତାଧିକାରୀମାନେ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ସେମାନେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏହାର ବିହିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି।

ଅଭିଯୋଗ ଅନୁସାରେ, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଉକ୍ତ ଗ୍ରାମର ଚମ୍ପେନ ଥାଲି, କୃପାସିନ୍ଧୁ ସେଠ, ତନୁ ଦଲେଇ, ଶ୍ୟାମସୁନ୍ଦର ଭୁଏ ପ୍ରମୁଖ ପାଇଖାନା ନିର୍ମାଣ କରିଛନ୍ତି । ମାତ୍ର ସମ୍ପୃକ୍ତ ଠିକାଦାର ସେମାନଙ୍କ ନାମରେ ମଞ୍ଜୁର ହୋଇଥିବା ୧୨ହଜାର ଟଙ୍କା ଲେଖାଏଁ ଟଙ୍କାକୁ ହଡ଼ପ୍ କରିଛନ୍ତି । ସେହିପରି ମାଖନୁ କଲେତ, ଘସିଆ କଲେତ, ସୁବାସ କୁମରା, ରାଧାମୋହନ ପାତ୍ର, ଗୋବର୍ଦ୍ଧନ ପାତ୍ର, ସଞ୍ଜୟ ମହାନନ୍ଦ, ସଂଖ୍ୟାକାରୀ ପାତ୍ର, ଘାସିରାମ ସେଠ, ପିତାମ୍ବର ପାତ୍ର ପ୍ରମୁଖଙ୍କ ପାଇଖାନା ନିମ୍ନମାନର ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ମିଥ୍ୟା ବିଲ୍ କରି ଏଭଳି ଅନେକ ପାଇଖାନା ନିର୍ମାଣ ପାଇଁ ମଞ୍ଜୁର ଟଙ୍କା ହଡ଼ପ୍ ହୋଇଛି । କୃପାସିନ୍ଧୁ ସେଠ, ଶ୍ୟାମସୁନ୍ଦର ଭୁଏ, ଘାସିରାମ କଲେତ, ଭୋଲାନାଥ କଲେତ, ଯୋଗିନ୍ଦ୍ର ମହାନନ୍ଦ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ ।



ପାଇଖାନା ଅନିୟମିତତା ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ହିତାଧିକାରୀବୃନ୍ଦ ।

# ଯୁବକଙ୍କୁ ଗୁଳିମାଡ଼ କରି ଟଙ୍କା ଲୁଟ୍



ଗୁଳିମାଡରେ ଆହତ ଶାନ୍ତନୁ ରାଉତ ।

## ୨ ଗୋଡରେ ବାଜିଛି ଗୁଳି, ପୋଲିସର ତନାଘନା

ସୋନପୁର/ତରଭା, ୮।୬(ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା-ବ୍ରାହ୍ମଣୀ ରାସ୍ତାରେ ଜଣେ ଯୁବକଙ୍କୁ ସୋମବାର ଗୁଳିମାଡ ହୋଇଛି। ଆହତ ଯୁବକଙ୍କ ନାମ ଶାନ୍ତନୁ ରାଉତ(୨୫)। ତାଙ୍କ ଘର ତରଭା ଥାନା ବ୍ରାହ୍ମଣୀ ପଞ୍ଚାୟତର ଭରାଡ ଗ୍ରାମରେ। ଶାନ୍ତନୁ ଦୁଦୁଲା ପଞ୍ଚାୟତର ପଣ୍ଡରାପିଠା ଗ୍ରାମସ୍ଥିତ ବଡଭଉଣୀ ଘରକୁ ଯାଇଥିଲେ। ସକାଳେ ବାଇକ୍‌ରେ ନିଜ ଘର ଭରାଡକୁ ଫେରୁଥିଲେ। ରମେଇ ପାହାଡ ପାଦ ଦେଶ ନିଛାଟିଆ ରାସ୍ତାରେ ତାଙ୍କୁ କେତେକ ଦୁର୍ବୃତ୍ତ ଅଟକାଇ ଟଙ୍କା ମାଗିଥିଲେ। ଶାନ୍ତନୁ ପ୍ରତିବାଦ କରିବାରୁ ସେମାନେ ତାଙ୍କ ଦୁଇ ଗୋଡକୁ ଲକ୍ଷ୍ୟ କରି ଗୁଳିମାଡ କରିଥିଲେ। ସେ ତଳେ ପଡି ଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କ ପ୍ୟାକେଟ୍‌ରୁ ୨୦ହଜାର ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଶାନ୍ତନୁଙ୍କ ବାପା ରାଜେନ୍ଦ୍ର ରାଉତ ଏ ସମ୍ପର୍କରେ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତନାଘନା ଜାରି ରଖିଛି। ଗୁଳିକାଣ୍ଡର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ତରଭା ଆଇଆଇସି ଡୋଳାମଣି ଭୋଇ କହିଛନ୍ତି।

# 'ବନ୍ଦେ ଉତ୍କଳ ଜନନୀ'କୁ ବିରୋଧ

ସମ୍ବଲପୁର,୮।୬(ବ୍ୟୁରୋ)

ରାଜ୍ୟ ସରକାର ବନ୍ଦେ ଉତ୍କଳ ଜନନୀ ଗୀତକୁ ରାଜ୍ୟ ସଙ୍ଗୀତ ଭାବେ ସ୍ୱୀକୃତି ପ୍ରଦାନ କରି ଘୋଷଣା କରିଛନ୍ତି। ଏହାକୁ ନେଇ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ବିରୋଧର ସ୍ୱର ଉଠିଛି। ସୋମବାର ସମ୍ବଲପୁର ଜିଲାର ବିଭିନ୍ନ ଅନୁଷ୍ଠାନ ବିରୋଧ ଓ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସନ୍ଧ୍ୟାରେ ଗୋଲବଜାର ଛକରେ ଭାଜପା ଯୁବ ମୋର୍ଚ୍ଚା, ପଶ୍ଚିମାଞ୍ଚଳ ପିପୁଲ୍‌ସ ଫୋରମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ରକୁ ପୋଡାଯାଇଛି। ସଙ୍ଗଠନର ସଦସ୍ୟମାନେ ହାତ ଓ ମୁଣ୍ଡରେ କଳାପଟି ବାନ୍ଧି ବିରୋଧ ପ୍ରଦର୍ଶନ କରିବା ସହିତ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ମାନସ ବକ୍ସି, ପଙ୍କଜିନୀ ମେହେର, କାନ୍ତି ମେହେର, ଅନ୍ନପୂର୍ଣ୍ଣା ବାରିକ, ରାକେଶ ବେହେରା, ଅଭିଷେକ ମହାରଣା, ଅଭିଷେକ ଜଗଦଲା, ଲମ୍ବୋଦର ପଣ୍ଡା ପ୍ରମୁଖ ଏହି ବିରୋଧ ପ୍ରଦର୍ଶନ କରିଥିଲେ। ସେହିପରି କୋଶଳ ସେନାର ବିରେନ୍ଦ୍ର ପାଣିଗ୍ରାହୀ, ପିକେ ନାୟକ, ଶ୍ରୀକାନ୍ତ ପ୍ରଧାନ ମଧ୍ୟ ଅନୁରୂପ ଭାବେ ବିରୋଧ କରି ଦାବିପତ୍ର ପ୍ରଦାନ କରିଛନ୍ତି ।

**ଅତାବିରା,(ଡି.ଏନ.ଏ):** ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସରକାର ରାଜ୍ୟ ସଙ୍ଗୀତର ମାନ୍ୟତା ଦେଇଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପକୁ କୋସଲପ୍ରେମୀମାନେ ବିରୋଧ କରିଛନ୍ତି। ସୋମବାର ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗାରେ କୋସଲ ସେନା ଏବଂ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତଳିକା ଦାହ କରାଯାଇଥିଲା। ଏଥିରେ ଅଜିତ କୁମାର ପତି, ସୁଶାନ୍ତ ମିଶ୍ର, ଅବିନାଶ ବିଶି, ବୀରେନ୍ଦ୍ର ପାଣିଗ୍ରାହୀ, ଅର୍ପଣ ନାୟକ, ଶ୍ରୀକାନ୍ତ ପଣ୍ଡା, ସୁଧୀର ପ୍ରଧାନ, ଅନନ୍ତ ମହାକୁର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ମଦ୍ୟପ ପୁଅକୁ ହତ୍ୟା କଲେ ବାପା

ବାମରା,୮।୬,(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ବ୍ଲକ୍ ଗୋବିନ୍ଦପୁର ଥାନା ଅଧୀନ ଗଡ଼ପୋଷ ପଞ୍ଚାୟତ ବଡ଼ଖଲିଆ ଗ୍ରାମ ତିର୍କୀପଡାରେ ଜଣେ ବ୍ୟକ୍ତି ରବିବାର ରାତିରେ ମଦ୍ୟପ ପୁଅକୁ ପିଟିପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଅସୀମ ତିର୍କୀ (୧୯)। ସୋମବାର ପୋଲିସ ଅଭିଯୁକ୍ତ ବାପା ଜେମ୍ସ ତିର୍କୀଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ପଥର, ଠେଙ୍ଗା ଓ ଅନ୍ୟାନ୍ୟ ସାମଗ୍ରୀକୁ ପୋଲିସ ଜବତ କରିଛି। ଗୋବିନ୍ଦପୁର ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୮୨/୨୦) ରୁଜୁ କରି ତଦନ୍ତ ଜାରି ରଖିଛି । ସମ୍ବଲପୁରରୁ ଅନୁସନ୍ଧାନୀ ଦଳ ପହଞ୍ଚି ନମୁନା ସଂଗ୍ରହ କରଛନ୍ତି। ପୋଲିସ ଗୋବିନ୍ଦପୁର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସ୍କୁଲ ଫି, ବିଦ୍ୟୁତ୍ ଦେୟ ଛାଡ଼ ଦାବି

ବରଗଡ଼ ଅଫିସ୍,୮।୬

କରୋନା ବିପର୍ଯ୍ୟୟ ସମୟରେ ସ୍କୁଲ ଫି, ବିଦ୍ୟୁତ ଦେୟ, ଘରଭଡ଼ା ଅସୁଲି କରାଯାଉଥିବାରୁ ବରଗଡ଼ ଜିଲା ସମ୍ବିଧାନ ସୁରକ୍ଷା ମଞ୍ଚ ଏହାକୁ ବିରୋଧ କରିଛି। ସୋମବାର ମଞ୍ଚର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। ମଞ୍ଚର ଏମଡ଼ି ନିଜାମ, ବାଳକିଶୋର ଛତର, ଆଶୀଷ କୁମାର ସୁନା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।



ସମ୍ବିଧାନ ସୁରକ୍ଷା ମଞ୍ଚର ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ୨ ସାଇକେଲ ଆରୋହୀ ମୃତ

ସୁନ୍ଦରଗଡ, ୮।୬ (ଡି.ଏନ୍.ଏ.)

ସୁନ୍ଦରଗଡ଼ ସଦର ଥାନା ଅଧୀନ ମହୁଲପାଲି ଛକରେ ସୋମବାର ଅପରାହ୍ନରେ ଏକ ବୋଲେରୋ ଧକ୍କାରେ ୨ଜଣ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ହେଲେ ସେମାନଙ୍କ ପରିଚୟ ମିଳି ନାହିଁ। ଅବଶ୍ୟ ଏଥିରୁ ଜଣେ ଉଜ୍ଜଳପୁର ନିକଟ ଦେହେରୀମୁଣ୍ଡାର ବୋଲି ଜଣାପଡିଛି। ଉଭୟଙ୍କ ମଧ୍ୟରୁ ଜଣକର ବୟସ ୫୦ ବର୍ଷ ଭିତରେ ହୋଇଥିବା ବେଳେ ଅନ୍ୟ ଜଣଙ୍କ ବୟସ ୩୫ ବର୍ଷ ଭିତରେ ହେବ ବୋଲି ପୋଲିସ ଅନୁମାନ କରୁଛି।

# ମୌଳିକ ସୁବିଧା ଦାବିରେ ଜିଲାପାଳଙ୍କୁ ଫେରାଦ



ମୌଳିକ ସୁବିଧା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ପଡ଼ାବାସୀ ।

ବରଗଡ଼ ଅଫିସ୍,୮।୬

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୭ ରାଧାମାଧବ ପଡ଼ାକୁ ମୌଳିକ ସୁବିଧା ସୁଯୋଗ ଅପହଞ୍ଚ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ରାସ୍ତାଘାଟଠାରୁ ଆରମ୍ଭ କରି ପାନୀୟଜଳ, ଡ୍ରେନ ଆଦି ସମସ୍ୟା ଏହି ପଡ଼ାରେ ଲାଗି ରହିଛି । ଏହାକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିକାର ଦାବିରେ ସୋମବାର ପଡ଼ାବାସୀ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସୁନୀତା ନାଗ, ମୀନା ନାଗ, ଏମଡ଼ି ନିଜାମ, ରୂପମ କ୍ଷେତ୍ରୀ, ସବିତା ସେଠ, ମମତା ଭେସ୍ରା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଗର୍ଭବତୀ ମାନସିକ ରୋଗୀଙ୍କୁ ମା'ଗୃହରେ ଛାଡି ଦାୟିତ୍ୱ ସାରିଲା ପ୍ରଶାସନ

ପର୍ଲା,୮।୬(ଡି.ଏନ.ଏ.)

ଜଣେ ଅପରିଚିତ ଗର୍ଭବତୀ ମାନସିକ ରୋଗୀଙ୍କୁ ମାଆଗୃହରେ ଛାଡି ନିଜର ଦାୟିତ୍ୱ ଶେଷ କରିଛି ଜିଲା ପ୍ରଶାସନ । ସେହି ମହିଳାଙ୍କ ପାଇଁ ସରକାରୀ ପକ୍ଷରୁ ଅନ୍ୟ ଯେଉଁ ବ୍ୟବସ୍ଥା ଅଛି ସେ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନ ଜାଣି ବି ଅଜଣା ରହିଛନ୍ତି । ଏଥିପାଇଁ ସଂପୃକ୍ତା ମହିଳା ଭାଗ୍ୟକୁ ଆଦରି ଏଣେ ତେଣେ ବୁଲୁ ଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜଣେ ଗର୍ଭବତୀ ମାନସିକ ବିକୃତ ମହିଳା ପଡି ରହିଥିଲେ। ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ ଅବଗତ ହେବା ପରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଗତ ମାସ ୧୦ ତାରିଖ ଦିନ ତାଙ୍କୁ ପର୍ଲାରେ ଥିବା ମାଆଗୃହରେ ଛାଡି ନିଜ କର୍ତ୍ତବ୍ୟ ସାରିଥିଲେ। ସେହି ମହିଳା ଗର୍ଭବତୀ ଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଯତ୍ନ ଓ ପୃଷ୍ଟିକର ଖାଦ୍ୟର ଆବଶ୍ୟକତା ରହିଛି । ହେଲେ ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । କେବଳ ଜିଲାପାଳଙ୍କ ଚିଠି ନମ୍ବର ୮୧୦/୧୦।୫।୨୦ ଅନୁଯାୟୀ ମାଆଗୃହରେ ତାଙ୍କୁ ଥଇଥାନ କରାଯାଇଥିବା କେନ୍ଦ୍ରର କର୍ମୀ ବୀଣାପାଣି ମାଝି କହିଛନ୍ତି। ସେ କହିଛନ୍ତି, ଉପଜିଲ୍ଲାପାଳଙ୍କ ଆଦେଶ କ୍ରମେ ୨ଦିନ ପାଇଁ ସଂପୃକ୍ତ ମହିଳାଙ୍କୁ ଏଠାରେ ରଖିବା ବ୍ୟବସ୍ଥା କରାଯାଇଥିଲା। ହେଲେ ମାସେ ପରେ ବି ପ୍ରଶାସନ ଏ ସଂକ୍ରାନ୍ତରେ କିଛି ପଦକ୍ଷେପ ନେଇ ନ ଥିଲେ। ଏବେ ସେହି ମହିଳା ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ବୁଲୁଥିବା ଦେଖିବାକୁ ମିଳୁଛି । ଜଣେ ଗର୍ବବତୀ ମହିଳାଙ୍କ ସୁରକ୍ଷା ପାଇଁ ସରକାର ବହୁ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି । ହେଲେ ସମ୍ପୃକ୍ତ ମହିଳା ସରକାରଙ୍କ ଯୋଜନାରୁ ବଞ୍ଚିତ ହେଇଥିବା ଅଭିଯୋଗ ହୋଇଛି । ଏନେଇ ଜିଲା ଚିକିତ୍ସା ଅଧିକାରୀ ଜଗୁଲାଲ ଅଗ୍ରୱାଲଙ୍କୁ ପଚାରିବାରୁ ତାଙ୍କୁ ଖୁବ୍‌ଶୀଘ୍ର ମଦର ଟେରେସା କେନ୍ଦ୍ରକୁ ସ୍ଥାନାନ୍ତର କରାଯିବ ବୋଲି କହିଛନ୍ତି । ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ମତାମତ ପାଇଁ ତାଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ତାହା ସମ୍ଭବ ହୋଇପାରିନାହିଁ।

# ଝାଡ଼ଖଣ୍ଡ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

କୋକସରା,୮।୬(ଡି.ଏନ.ଏ.)

ଜୟପାଟଣା ଥାନା ଅନ୍ତର୍ଗତ ଉଚ୍ଛଳାଠାରେ ଥିବା ଏଲ୍‌ଏନ୍‌ଟି କମ୍ପାନୀର କେନାଲ ନିର୍ମାଣ କାମରେ ନିୟୋଜିତ ଶ୍ରମିକ ତଥା ଝାଡ଼ଖଣ୍ଡ ରାଜ୍ୟ ଖାନସମ ଜିଲା ଟେଙ୍ଗାଡି ଗ୍ରାମର ରବି ସିଂ (୨୦)ଙ୍କ ରବିବାର ମୃତ୍ୟୁ ଘଟିଛି। ସେ ଉଚ୍ଛଳା ଏଲ୍‌ଏନ୍‌ଟି କ୍ୟାମ୍ପରେ ରହୁଥିଲେ। ରବିବାର ସକାଳେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କୋକସରା ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ନେଇ ଜୟପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । କୋକସରା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଘରକୁ ପଠାଇ ଦିଆଯାଇଥିବା କୋକସରା ଏଏସ୍‌ଆଇ ବୁଲୁ ସେଠୀ କହିଛନ୍ତି । ଏନେଇ ଡା. ସୁଶୀଲ କୁମାର ସାହୁ କହିଛନ୍ତି, ସେ କ୍ୟାମ୍ପରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ପୋଲିସ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବସ୍ କର୍ମଚାରୀଙ୍କ ବିକ୍ଷୋଭ

ଝାରସୁଗୁଡା ଅଫିସ,୮।୬

ଝାରସୁଗୁଡା ଡିଷ୍ଟ୍ରିକ୍ଟ ପ୍ରାଇଭେଟ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ସୋମବାର ୪ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୟୁନିୟନର ସାରଙ୍ଗଧର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଦେଇଛନ୍ତି। ୟୁନିୟନ ପକ୍ଷରୁ ଦର୍ଶାଯାଇଛି ଯେ ପ୍ରତ୍ୟେକ ବସ କର୍ମଚାରୀଙ୍କୁ ବୀମା ଓ ୬ ମାସର ଦରମା ଯୋଗାଇ ଦିଆଯାଉ। କରୋନା ମୁକାବିଲା ପାଇଁ ମାସକୁ ୧୦ ହଜାର ଲେଖାଏଁ ଜିଲା ଖଣିଜ ପାଣ୍ଠିରୁ ସାହାଯ୍ୟ କରାଯାଉ। ୮ ଘଣ୍ଟା କାର୍ଯ୍ୟ କରାଯାଉ। ପ୍ରତି ବସ୍ କର୍ମଚାରୀଙ୍କୁ ଇଏସ୍‌ଆଇ, ପ୍ରୋଭିଡେଣ୍ଟ ପେନ୍‌ସନ୍ ସହିତ ବ୍ୟାଙ୍କ ଜରିଆରେ ଦରମା ପ୍ରଦାନ କରାଯାଉ। ୟୁନିୟନର ସାରଙ୍ଗଧର ମିଶ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବସ୍ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବର୍ଷା ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ

ସମ୍ବଲପୁର, ୮।୬ (ବ୍ୟୁରୋ)

ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍‌ସେନା ସୋମବାର ଝୁଝୁମୁରା ବ୍ଲକ୍ ଅଞ୍ଚଳ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କାମ ପଡିଥିବାରୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ବର୍ଷା ପୂର୍ବରୁ ଏମ୍‌ଜିଏନ୍‌ଆରଜିଏସ ସହ ରାସ୍ତା ଘାଟ, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କା ଘର ଆଦି କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ସକ୍‌ସେନା ପ୍ରଥମେ ଘେନୁପାଲି ପଞ୍ଚାୟତ ଗସ୍ତ କରିଥିଲେ। ସେଠାରେ ବଡସାହି ଗ୍ରାମରେ ଏସ୍‌ଏଚ୍‌ଜି ମହିଳାମାନେ କରିଥିବା ନ୍ୟୁଟ୍ରି ଗାର୍ଡେନ୍, ଖଲିଦନା ପ୍ରେସ୍ ମେଶିନ, ଅଇଁଲାକାନୀରେ ଜଳ ସଂରକ୍ଷଣ ପାଇଁ ଚାଲିଥିବା ପ୍ରକଳ୍ପ, ଘେନୁପାଲିରେ ପୋଖରୀ ଖନନ କାର୍ଯ୍ୟ ତଦାରଖ କରିଥିଲେ। ପରେ ଡଙ୍ଗରପଡା ପଞ୍ଚାୟତ ଯାଇ ସେଠାରେ ପୋଖରୀ ଖନନ, ଡ୍ରେନ୍ କାମ ଦେଖିଥିଲେ। ତେବେ ଝୁଝୁମୁରା ବ୍ଲକ ଅଫିସ ପରିସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ସରୋଜ ବିଶ୍ୱାଳଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ। ଉନ୍ନୟନ କାମ ଗୁଡିକ ଶୀଘ୍ର ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷେ ଶ୍ରମିକମାନଙ୍କ ସହ ମଧ୍ୟ ଜିଲାପାଳ ଆଲୋଚନା କରିଥିଲେ । ସେମାନଙ୍କ ମଜୁରୀ ଓ କାମ ଠିକ ହିସାବରେ ଯୋଗାଇ ଦିଆଯାଉଛି କି ନାହିଁ ପଚାରି ବୁଝିଥିଲେ । ପରେ ଝୁଝୁମୁରା ତହସିଲ ଅଫିସକୁ ପରିଦର୍ଶନରେ ଯାଇଥିଲେ। ତହସିଲଦାର ସୁମନ ମିଞ୍ଜଙ୍କ ସହ ତହସିଲ ଅଫିସର ସମସ୍ୟା ଉପରେ ଜିଲାପାଳ ଆଲୋଚନା କରିଥିଲେ। ରାଜସ୍ୱ ବୃଦ୍ଧି, ପଥର ଖଦାନ ଚୋରା ଚାଲାଣ ଉପରେ ନଜର ରଖିବା, ଜନସାଧାରଣଙ୍କୁ ହଇରାଣ ନ କରି ଠିକ ସମୟରେ ସେମାନଙ୍କ କାମ କରିବାକୁ ଜିଲାପାଳ ସକସେନା ତହସିଲଦାର ମିଞ୍ଜଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ଜିଲାପାଳ ଝୁଝୁମୁରା ବ୍ଲକ ଗସ୍ତ କରି ଏମ୍‌ଜିଏନ୍‌ଆର୍‌ଜିଏସ୍ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

## ସଂକ୍ଷେପରେ

### ପୁଣି ୧୨ କରୋନା ପଜିଟିଭ ଚିହ୍ନଟ

#### ସୁନ୍ଦରଗଡ ଜିଲାରେ ୧୧୧ ଛୁଇଁଲା

ସୁନ୍ଦରଗଡ, ୮ା୬ (ଡି.ଏନ.ଏ) ଗତ ୨୪ଘଣ୍ଟା ମଧ୍ୟରେ ପୁଣି ସୁନ୍ଦରଗଡ ଜିଲାରେ ୧୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୧ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଚିହ୍ନଟ ସମସ୍ତ ଆକ୍ରାନ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ ବୋଲି ଜଣାଯାଇଛି। ସେମାନଙ୍କ ମଧରେ ରାଉରକେଲା ବିପିୟୁଟି କ୍ୱାରାଣ୍ଟାଇନ ସେଣ୍ଟରର ୬ଜଣ ଓ ରାଜଗାଙ୍ଗପୁର ମାଲିଡିହି ଟିଏମସିର ୬ଜଣ ରହିଛନ୍ତି। ଏଥିମଧ୍ୟରୁ ୨ଜଣ ପୂର୍ବ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ୩ଜଣ ତାମିଲନାଡୁ, ୨ଜଣ ସୁରଟ, ମହାରାଷ୍ଟ୍ରରୁ ୨ଜଣ, କଟକରୁ ୨ଜଣ ଓ ଜଣେ ହରିଦ୍ୱାର ଫେରନ୍ତା ବୋଲି କଣ୍ଟାକ୍ଟ ଟ୍ରେସିଂ ପରେ ଜଣାଯାଇଛି ।

### ସମ୍ବଲପୁର ଷ୍ଟେଶନରୁ ଚାଲିଲା ସ୍ୱତନ୍ତ୍ର ଟ୍ରେନ

ସମ୍ବଲପୁର,୮ା୬(ବ୍ୟୁରୋ): ମହାମାରୀ କରୋନା ଯୋଗୁ ସମ୍ବଲପୁର ଷ୍ଟେଶନରୁ ବନ୍ଦ ପଡିଥିବା ରେଳ ଚଳାଚଳ ଆରମ୍ଭ ହୋଇଛି। ସୋମବାର ସମ୍ବଲପୁର-ପୁରୀ ଇଣ୍ଟରସିଟି ଯାହା ପରିବର୍ତ୍ତନ ହୋଇ ଖୋର୍ଦ୍ଧା ପର୍ଯ୍ୟନ୍ତ ଚାଲିବ । ଏହି ଟ୍ରେନରେ ଯାତ୍ରା କରିବା ପାଇଁ ସମ୍ବଲପୁର ଷ୍ଟେଶନରୁ ୮୨ ଓ ଫାଟକ ଷ୍ଟେଶନରୁ ୨୦ ଜଣ ଟିକେଟ କରିଥିଲେ। ସେହିପରି ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି, ରାଉରକେଲା-ଭୁବନେଶ୍ୱର, ଭୁବନେଶ୍ୱର-କୋରାପୁଟକୁ ସ୍ୱତନ୍ତ୍ର ଟ୍ରେନ ସମ୍ବଲପୁର ଷ୍ଟେଶନ ଦେଇ ଯାତାୟାତ କରିଛି । ଏହା ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। କରୋନା ଭୟ ରହିଥିବାରୁ ଯାତ୍ରୀ ସଂଖ୍ୟା କମିଯାଇଥିବା ଜଣାପଡିଛି । ଭୁବନେଶ୍ୱର-କୋରାପୁଟ ଟ୍ରେନ ସପ୍ତାହକରେ ୩ ଦିନ ଚାଲିବ। ସମସ୍ତ ଟ୍ରେନ ଶନିବାର ଓ ରବିବାର ବନ୍ଦ ହେବ ବୋଲି ସୂଚନା ମିଳିଛି। ପ୍ରଥମଦିନରେ ଯାତ୍ରୀମାନଙ୍କୁ ଷ୍ଟେଶନ ବାହାରେ ଥର୍ମସ୍କାନ କରାଯାଇଥିଲା। ପରେ ଯାତ୍ରୀମାନେ ସାନିଟାଇଜରରେ ହାତ ଧୋଇଥିଲେ। କେବଳ ଯାତ୍ରୀମାନଙ୍କୁ ଷ୍ଟେଶନ ପରିସରକୁ ଯିବାକୁ ଅନୁମତି ଦିଆଯାଇଥିଲା।

### ପଙ୍ଗପାଳ ସର୍ବେକ୍ଷଣ ଅଭିଯାନ ଆରମ୍ଭ

ଝାରସୁଗୁଡା ଅଫିସ,୮ା୬: ଝାରସୁଗୁଡା ଜିଲା ପ୍ରଶାସନ ପକ୍ଷରୁ ପଙ୍ଗପାଳ ସର୍ବେକ୍ଷଣ ଅଭିଯାନ ଆରମ୍ଭ କରାଯାଇଛି। ଜିଲାପାଳ ସରୋଜ କୁମାର ସାମଲ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଜିଲା ମୁଖ୍ୟ କୃଷି ଅଧିକାରୀ ଲକ୍ଷ୍ମୀନାରାୟଣ ଶତପଥୀ କହିଛନ୍ତି ଯେ, ଯେ ପଙ୍ଗପାଳ ରୋକିବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ଆରମ୍ଭ କରିଛି। ଏଥିପାଇଁ ପ୍ରତି ବ୍ଲକସ୍ତରରେ ଦୁଇଟି ଲେଖାଏ ଟିମ୍ ଓ ଜିଲାସ୍ତରରେ ୩ଟି ଟିମ୍ ନିୟୋଜିତ ରହିଛନ୍ତି। ଜିଲା ଟିମ୍‌ରେ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସାମିଲ ଅଛନ୍ତି। ଜିଲା ଓ ବ୍ଲକସ୍ତରରେ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି। ଲୋକେ ଝିଣ୍ଟିକାକୁ ଦେଖି ପଙ୍ଗପାଳ ଭାବୁଛନ୍ତି। ଜିଲାରେ ଆବଶ୍ୟକ କୀଟନାଶକ ମଧ ଗଚ୍ଛିତ ରହିଛି। ଭୁବନେଶ୍ୱରର ୨ ଜଣ ବୈଜ୍ଞାନିକ ଏହି କାର୍ଯ୍ୟର ମୁକାବିଲା ପାଇଁ ଆସିଥିବା ମଧ ସେ ସୂଚନା ଦେଇଛନ୍ତି।

# ହାତବାନ୍ଧି ବସିଛନ୍ତି ୩୫ ବାଉଁଶ କାରିଗର ପରିବାର

କାମଟିକ୍ରା,୮ା୬(ଡି.ଏନ୍.ଏ.)

- କରୋନା କଟକଣା ଦେଇଛି ଦୁଃଖ
- ବାଉଁଶ ମିଳୁନି, ବଜାର ସୁବିଧା ନାହିଁ
- ସରକାରୀ ସହାୟତାକୁ ଅପେକ୍ଷା



ବରଗଡ଼ ଜିଲା ଅତାବିରା ବ୍ଲକ ଟୋପ ପଞ୍ଚାୟତ ଅନ୍ତର୍ଗତ ପରମାନପୁର ଗ୍ରାମର ତୁରୀପଡ଼ା । ସେହି ଗାଁର ଅଧିକାଂଶ ପରିବାର ବାଉଁଶ କାରିଗର । କୁଲା, ପାଛିଆ, ଡାଲା, ଗାଣ୍ଡୁଆ, ଝାମ୍ପି, ବାହାଘର ଡାଲା, ବିଞ୍ଚଣା, ଫୁଲଦାନୀ, ଫୁଲ ଚାଙ୍ଗରି ଆଦି ତିଆରି କରନ୍ତି। ସେହି ସାମଗ୍ରୀକୁ ବିକ୍ରି କରି ସେମାନେ ପରିବାର ପ୍ରତିପୋଷଣ କରନ୍ତି । ଆବହମାନ କାଳରୁ ସେମାନେ ଏହି କୁଳ ବେଉସାକୁ ଆଦରି ନେଇଛନ୍ତି । ହେଲେ କରୋନା କଟକଣା ସେମାନଙ୍କ ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି କରିଛି । ସେହି ଗାଁର ୩୦ରୁ ୩୫ ପରିବାର ଏବେ ହାତବାନ୍ଧି ବସିଛନ୍ତି । ସେମାନଙ୍କୁ ବାଉଁଶ ମିଳୁନି କି ତିଆରି ସାମଗ୍ରୀ ବିକ୍ରି ହୋଇପାରୁନି । ବଜାର ସୁବିଧା ନ ଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଉପରୋକ୍ତ ପରିବାର ଲାଗି ସରକାର ଜଙ୍ଗଲରୁ ବାଉଁଶ ସଂଗ୍ରହ ଅନୁମତି ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ ବାଉଁଶ ନିର୍ମିତ ସାମଗ୍ରୀର ବଜାର ବ୍ୟବସ୍ଥା କରାଗଲେ ତୁରିପଡ଼ାବାସୀଙ୍କ ଦୁଃଖ ଲାଘବ ହୋଇପାରିବ ବୋଲି ସେମାନେ କହିଛନ୍ତି । ଏବେ ଯାନିଯାତ୍ରା ବନ୍ଦ ରହିଛି । ଦୋକାନ ବଜାର ବି ଠିକ୍ ଭାବେ ଖୋଲୁନି । ବାହାଘର ସିଜନ ଚାଲିଛି । କିନ୍ତୁ କରୋନା ମହାମାରୀ ଯୋଗୁ ବଜାରରେ ସାମଗ୍ରୀ ବିକ୍ରି ମାନ୍ଦା ପଡିଛି । ଫଳରେ ଏହି କାରିଗରଙ୍କ ଦୁଃଖ ଆହୁରି ବଢ଼ିଯାଇଛି । ଏଣେ କାରିଗରଙ୍କ ଏହି ସୁନ୍ଦର କଳାକୃତିର ପ୍ରକୃତ ମୂଲ୍ୟ ମିଳୁ ନ ଥିବା କୁହନ୍ତି ଗ୍ରାମର ଅଷ୍ଟମୀ ଦୀପ । ଏପରି ପରିସ୍ଥିତିରେ ସରକାର ବାଉଁଶ କାରିଗରମାନଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି ।

# କ୍ୱାରାଣ୍ଟାଇନ ସେଣ୍ଟରରେ କଲେଜ ଅଧ୍ୟକ୍ଷ-ସରପଞ୍ଚ ଧସ୍ତାଧସ୍ତି

ବଲାଙ୍ଗୀର ଅଫିସ/ଲାଠୋର, ୮ା୬ (ଡି.ଏନ୍.ଏ.)

**ଉଭୟ ପକ୍ଷରୁ ଲାଠୋର ଥାନାରେ ଅଭିଯୋଗ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଜୁନିୟର କଲେଜରେ ଏକ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। ଏହି ସେଣ୍ଟରରେ ରବିବାର କଲେଜ ଅଧ୍ୟକ୍ଷ ଓ ସ୍ଥାନୀୟ ପଞ୍ଚାୟତ ସରପଞ୍ଚଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଘଟଣାକୁ ନେଇ ଲାଠୋର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। କଲେଜ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀଙ୍କ ପଞ୍ଜୀକରଣ ପାଇଁ ସରପଞ୍ଚ ଏକ ରେଜିଷ୍ଟର ରଖିଛନ୍ତି। ଉକ୍ତ ରେଜିଷ୍ଟରରେ ସରପଞ୍ଚଙ୍କ ବିନା ଅନୁମତିରେ କେହି ଜଣେ ଦୁଇଜଣ ଅଧ୍ୟାପକ ଅନୁପସ୍ଥିତ ଥିଲେ ବୋଲି ଉଲ୍ଲେଖ କରିଦେଇଥିଲେ। ଏହାକୁ ନେଇ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଖୋଳତାଡ କରିବା ପରେ କଲେଜ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏହା କରିଥିବା ଜାଣିବାକୁ ପାଇଥିଲେ । କଲେଜର ଦୁଇଜଣ ଅଧ୍ୟାପକ ସେମାନଙ୍କ ଡ୍ୟୁଟି ନ କରି ଅନୁପସ୍ଥିତ ଥିବା ସମ୍ପର୍କରେ କିଛିଦିନ ପୂର୍ବରୁ ଅଧ୍ୟକ୍ଷ ପ୍ରଧାନ ସରପଞ୍ଚଙ୍କୁ ଜଣାଇ ତାଙ୍କ ରେଜିଷ୍ଟରରେ ସେମାନଙ୍କ ଅନୁପସ୍ଥିତିକୁ ନେଇ ଉଲ୍ଲେଖ କରିବାକୁ କୁଆଡେ କହିଥିଲେ । ଏହାକୁ ସରପଞ୍ଚ ମନା କରିଦେଇଥିଲେ । ସମ୍ପୃକ୍ତ ଦୁଇଜଣ ଅଧ୍ୟାପକ ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ଥିବା ସରପଞ୍ଚ ଅଗ୍ରୱାଲ କହିଥିଲେ । ତେବେ ଶନିବାର ସରପଞ୍ଚଙ୍କ ରେଜିଷ୍ଟରରେ ସମ୍ପୃକ୍ତ ଦୁଇ ଅଧ୍ୟାପକଙ୍କ ଅନୁପସ୍ଥିତି ନେଇ ଲେଖା ଥିବା ସରପଞ୍ଚ ଜାଣିବାକୁ ପାଇଥିଲେ । ଏନେଇ ଖୋଳତାଡ କରିବା ପରେ ସେଠାରେ ଥିବା ଜଣେ ହୋମଗାର୍ଡ ଓ ପମ୍ପ ଡ୍ରାଇଭର କଲେଜ ଅଧ୍ୟକ୍ଷ ସେଠାକୁ ଆସି ଏଭଳି କରିଥିବା କହିଥିଲେ । ଏହି ଘଟଣାକୁ ନେଇ ସରପଞ୍ଚ ଅଗ୍ରୱାଲ ଓ କଲେଜ ଅଧ୍ୟକ୍ଷ ପ୍ରଧାନଙ୍କ ମଧ୍ୟରେ କ୍ୱାରାଣ୍ଟାଇନ୍ ସେଣ୍ଟର ଭିତରେ ଯୁକ୍ତିତର୍କ ଓ ଧସ୍ତାଧସ୍ତି ହୋଇଥିଲା । ଏହାକୁ ନେଇ କଲେଜ ଅଧ୍ୟକ୍ଷ ପ୍ରଧାନ ସରପଞ୍ଚ ଅଗ୍ରୱାଲ ଓ ପମ୍ପ ଡ୍ରାଇଭର ଲାଏବନ ସୁନାଙ୍କ ନାଁରେ ଲାଠୋର ଥାନାରେ ଅଭିଯୋଗ କରିଥିଲେ । ଏନେଇ ମାମଲା (ନଂ.୫୦/୨୦) ରୁଜୁ ହୋଇଥିଲା । ଏହି ମାମଲାରେ ସରପଞ୍ଚ ଥାନାରୁ ଓ ପମ୍ପ ଡ୍ରାଇଭର କୋର୍ଟରୁ ଜାମିନ୍‌ରେ ଆସିଥିବା ଜଣାପଡିଛି । ପମ୍ପ ଡ୍ରାଇଭର ଲାଏବନ ସୁନା ମଧ କଲେଜ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ନାଁରେ ଥାନାରେ ପାଲଟା ଅଭିଯୋଗ କରିଥିବା ଜଣାପଡିଛି।

# ତଳାବିରା ଖଣି ବିବାଦ: ସମାଧାନ ପାଇଁ ତ୍ରିପାକ୍ଷିକ ବୈଠକ



ସମ୍ବଲପୁର ଉପଜିଲାପାଳ ଅଫିସ ପରିସରରେ ତ୍ରିପାକ୍ଷିକ ବୈଠକ ।

ସମ୍ବଲପୁର,୮ା୬(ବ୍ୟୁରୋ)

- ଗଠନ ହେଲା କମିଟି, ପ୍ରତି ମାସରେ ବୈଠକ
- ନିଯୁକ୍ତି, ସିଏସ୍ଆର ନେଇ ଆଲୋଚନା

ସମ୍ବଲପୁର ରେଙ୍ଗାଲି ତଳାବିରା କୋଇଲାଖଣି ୧ ଓ ୨ରେ ଲାଗି ରହିଥିବା ବିବାଦର ସମାଧାନର ବାଟ ଫିଟୁନାହିଁ। କମ୍ପାନୀ କୋଇଲା ଉତ୍ତୋଳନ କାମ ଆରମ୍ଭ କରିଥିବା ବେଳେ ବିସ୍ଥାପିତ ଓ ଅଞ୍ଚଳବାସୀ ଏହାକୁ ବିରୋଧ ଜାରି ରଖିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସୋମବାର ଉପଜିଲାପାଳଙ୍କ ଅଫିସ ପରିସରରେ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଏନଏଲସି ଓ ଆଦାନୀ କମ୍ପାନୀ ଅଧିକାରୀମାନେ ଉପସ୍ଥିତ ରହି ନିଯୁକ୍ତି, କ୍ଷତିପୂରଣ, ସିଏସ୍ଆର ଅନୁଦାନ ଉପରେ ଆଲୋଚନା କରିଥିଲେ । ଆଲୋଚନା ପରେ କମ୍ପାନୀ ପକ୍ଷରୁ କୁହାଯାଇଥିଲା ଯେ, କୋଇଲା ଉତ୍ତୋଳନ ଅନୁସାରେ ଧୀରେ ଧୀରେ ନିଯୁକ୍ତି ବଢିବ । କ୍ଷତିଗ୍ରସ୍ତ ଓ ପ୍ରଭାବିତ ଅଞ୍ଚଳରେ ସିଏସ୍ଆର ଅନୁଦାନ ଖର୍ଚ୍ଚ କରାଯିବ । ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନର ଅନୁମୋଦନ କ୍ରମେ ପ୍ରକଳ୍ପ ହାତକୁ ନିଆଯିବ। ସରକାରୀ ନିୟମ ଅନୁସାରେ ଜମି ଓ ଘର କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏହି ସମସ୍ତ କାର୍ଯ୍ୟ ତଦାରଖ ଓ ପରିଚାଳନା କରିବା ପାଇଁ ଏକ କୋର୍ କମିଟି ଗଠନ କରାଯାଇଥିଲା। ସେଥିରେ ଉପଜିଲାପାଳ, ତହସିଲଦାର, ସ୍ଥାନୀୟ ବିଧାୟକ ଓ ସରପଞ୍ଚ ସଦସ୍ୟ ରହିବେ। ସେମାନେ ବିଭିନ୍ନ ସମସ୍ୟା ଓ ଅଞ୍ଚଳର ବିକାଶ ଉପରେ ଆଲୋଚନା ପାଇଁ ପ୍ରତି ମାସର ଦ୍ୱିତୀୟ ମଙ୍ଗଳବାର ଉପଜିଲାପାଳଙ୍କ ଅଫିସ ପରିସରରେ ବୈଠକ କରିବେ ବୋଲି ସ୍ଥିର ହୋଇଥିଲା। କମ୍ପାନୀ ପକ୍ଷରୁ ଦକ୍ଷତା ବିକାଶ ଓ ଡ୍ରାଇଭିଙ୍ଗ ଟ୍ରେନିଂ ସେଣ୍ଟର ଖୋଲିବ । ତାଲିମ ଦେଇ ଶିକ୍ଷାଗତ ଯୋଗ୍ୟତା ଅନୁସାରେ କମ୍ପାନୀ ଚାକିରୀ ଓ ରୋଜଗାର ଯୋଗାଇ ଦେବ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ବିନୋଦ ବିହାରୀ ଦାସ, ରେଙ୍ଗାଲି ତହସିଲଦାର ସୁନୀଲ ମେହେର, ଖିଣ୍ଡା ସରପଞ୍ଚ ନୀଳବତୀ ଓରାମ, ଠେଲକୋଲି ଥାନାଧିକାରୀ ସୁରୁବାବୁ ଛତ୍ରିଆ, ଦୀପକ ପାଣ୍ଡେ, ପିତାମ୍ବର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

### ଗାଁକୁ ଆମ୍ବୁଲାନ୍ସ ଛାଡିଲେନି ଗ୍ରାମବାସୀ

ଲୋଇସିଂହା, ୮ା୬(ଡି .ଏନ .ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୁଦପାଲି/ସାଲେଡୁଙ୍ଗରିରେ ଆଉ ଜଣେ କରୋନା ରୋଗୀ ସୋମବାର ଚିହ୍ନଟ ହୋଇଛନ୍ତି। ଗାଁର ଆଉ ୫ପ୍ରବାସୀ ହୋମକ୍ୱାରେଣ୍ଟାଇନରେ ଥିବାରୁ ସଂକ୍ରମଣ ସଂଖ୍ୟା ବୃଦ୍ଧି ଆଶଙ୍କା ରହିଛି। ସୋମବାର ପଜିଟିଭ ଚିହ୍ନଟ ବ୍ୟକ୍ତିଙ୍କୁ ବଲାଙ୍ଗୀର କୋଭିଡ ହସ୍ପିଟାଲକୁ ଆଣିବାକୁ ଆସିଥିବା ଆମ୍ବୁଲାନ୍ସକୁ ଅଟକ ରଖିଥିଲେ ଗ୍ରାମବାସୀ। ସେମାନଙ୍କ ଦାବିଥିଲା ସଙ୍ଗରୋଧରୁ ଫେରି ହୋମକ୍ୱାରାଣ୍ଟାଇନରେ ଥିବା ବାକି ୫ପ୍ରବାସୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ସତନ୍ତ୍ର ସଙ୍ଗରୋଧରେ ରଖାଯାଉ। ୩ଦିନ ହେଲା ଗାଁରେ ବିଦ୍ୟୁତ୍ ନଥିବାରୁ ତାହାର ସମାଧାନ କରାଯାଉ। ଅତ୍ୟାବଶ୍ୟକ ସାମଗ୍ରୀ ସପ୍ତାହକ ପାଇଁ ଯୋଗାଇ ଦିଆଯାଉ। ସ୍ଥାନୀୟ ସରପଞ୍ଚ ସୁଜିତ ସାହୁ ଓ ଲୋଇସିଂହା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ପଜିଟିଭ ଚିହ୍ନଟ ଯୁବକଙ୍କୁ ଆଣିବା ପାଇଁ ଆମ୍ବୁଲାନ୍ସକୁ ଛଡାଯାଇଥିଲା। ପରେ ସରପଞ୍ଚ ଓ ପୋଲିସ ଫେରନ୍ତା ପ୍ରବାସୀଙ୍କ ଘରକୁ ଯାଇ ୧୫ଦିନ ଯାଏ ଘରେ ରହିବାକୁ ପରାମର୍ଶ ଦେଇଥିଲେ। ମଙ୍ଗଳବାର ଗ୍ରାମର ୧୨୫ପରିବାରକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଯିବ ବୋଲି ସ୍ଥିର କରାଯାଇଥିଲା।

# କରୋନା କଟକଣା ବେଳେ ଆଦର୍ଶ ବିବାହ



ମନ୍ତ୍ରୀ ସୁଶାନ୍ତ ସିଂ କନ୍ୟାଦାନ କରୁଛନ୍ତି ।

ସୋହେଲା,୮ା୬(ଡି.ଏନ.ଏ)

ଏବେ କରୋନା ଯୋଗୁ ବିବାହ, ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟକ୍ରମରେ କିଛିଟା କଟକଣା ଜାରି କରାଯାଇଛି । ଫଳରେ ଅନେକେ ବିବାହ କାର୍ଯ୍ୟକ୍ରମକୁ ବାତିଲ କରୁଥିବା ବେଳେ ଆଉ କେତେକ କଟକଣା ବିତରେ ସରକାରୀ ନିୟମ ପାଳନ କରି ମାଙ୍ଗଳିକ କାର୍ଯ୍ୟ କରୁଛନ୍ତି। କରୋନା କଟକଣା ସତ୍ତ୍ୱେ ବରଗଡ ଜିଲା ସୋହେଲା ବ୍ଲକ ଦଶମାଇଲ ନିକଟସ୍ଥ ମୁନିଗାଡଠାରେ ରବିବାର ସନ୍ଧ୍ୟାରେ ଏକ ଆଦର୍ଶ ବିବାହ ଅନୁଷ୍ଠିତ ହୋଇଯାଇଛି। ବରଗଡ ବ୍ଲକ ଚକରକେନ୍ଦ ଗ୍ରାମର ଚଉବର୍ଗ ପଧାନ ଓ ବରପାଲି ବ୍ଲକ ଅଏଁଲାପାଲି ଗ୍ରାମର ପଦ୍ମିନୀ ପଧାନଙ୍କ ଏହି ବିବାହ ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରପକ୍ଷ ଓ କନ୍ୟାପକ୍ଷଙ୍କ ପରିବାର ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଦୁଇ ପକ୍ଷର ସମ୍ମତିକ୍ରମେ ଏହି କାର୍ଯ୍ୟକ୍ରମକୁ ଦଶମାଇଲ ଛକ ସ୍ଥିତ ଜୟ ମାନବ ମଞ୍ଚ ପକ୍ଷରୁ ଆୟୋଜନ କରାଯାଇଥିଲା। ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦାନ କରି କନ୍ୟାଦାନ କରିଥିଲେ। ଏହି ମାଙ୍ଗଳିକ କାର୍ଯ୍ୟକ୍ରମରେ ନା ବାଜା ବାଜିଥିଲା ନା ରୋଷଣୀ ହୋଇଥିଲା। ବ୍ରାହ୍ମଣଙ୍କ ଆବଶ୍ୟକତା ମଧ ପଡି ନ ଥିଲା। ସରଳ ଓ ନିରାଡମ୍ବର ସହକାରେ ଏହି ବିବାହ ସମ୍ପନ୍ନ ହୋଇଥିଲା। ନବ ଦମ୍ପତି ଶପଥ ପାଠ କରିବା ପରେ ସ୍ମୃତି ସ୍ୱରୂପ ଚାରାରୋପଣ କରିଥିଲେ।

# ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟରେ ଚଢ଼ାଉ

ବରଗଡ଼ ଅଫିସ୍,୮ା୬

- ଅନିୟମିତତା ଧରାପଡ଼ିଲା, କାରଣ ଦର୍ଶାଅ ନୋଟିସ୍
- ବିନା ଅନୁମତିରେ ଚାଲିଥିଲା ବିହନ ପ୍ରକ୍ରିୟାକରଣ
- କାଗଜପତ୍ର ଦାଖଲ କରିବାକୁ ୨ଦିନ ମହଲତ



ସର୍ଲା ନିକଟ ନୁଜିବୁଡୁ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟରେ କୃଷି ବିଭାଗର ସ୍କ୍ୱାଡ୍ ଛାନ୍‌ଭିନ୍ ଚଳାଇଛି ।

ବରଗଡ ଜିଲା ଭେଡ଼େନ ବ୍ଲକ ଅଞ୍ଚଳର କେତେକ ଦୋକାନରେ କୃଷି ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ଼ ଚଢ଼ାଉ କରିଥିଲା। ସୋମବାର ବରଗଡ଼ ବ୍ଲକ ଅନ୍ତର୍ଗତ ସର୍ଲା ନିକଟରେ ଥିବା ଏକ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ନୁଜିବୁଡୁ ସିଡ୍ସରେ ଏହି ସ୍କ୍ୱାଡ୍ ଚଢାଉ କରିଥିଲା। କାଗଜପତ୍ର ଯାଞ୍ଚ ସମୟରେ ଉକ୍ତ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ଆବଶ୍ୟକ ଅନୁମତି ନ ଥିବା ସତ୍ତ୍ୱେ ବିଭିନ୍ନ କିସମର ବିହନ ପ୍ରକ୍ରିୟାକରଣ କରୁଥିବା ଜଣାପଡ଼ିଥିଲା ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ କହିଛନ୍ତି। ଏହି ପ୍ଲାଣ୍ଟରୁ ବିଭିନ୍ନ କିସମ ବିହନ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ରାଜ୍ୟ ବିହନ ପରୀକ୍ଷାଗାର ଭୁବନେଶ୍ୱରକୁ ପଠାଯାଇଛି ଏବଂ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀ ସୂଚନା ଦେଇଛନ୍ତି। ସେହିପରି ଆବଶ୍ୟକ କାଗଜପତ୍ର ଦେଖାଇବା ପାଇଁ ପ୍ଲାଣ୍ଟ କର୍ତ୍ତୃପକ୍ଷକୁ ୨ଦିନ ମହଲତ୍ ଦିଆଯାଇଛି ଏବଂ ନିର୍ଦ୍ଧାରିତ ସମୟ ସୁଦ୍ଧା ତାହା ଦେଖାଇ ନ ପାରିଲେ କୃଷି ବିଭାଗ ପକ୍ଷରୁ ଉକ୍ତ ପ୍ଲାଣ୍ଟ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀ କହିଛନ୍ତି । ଚଢ଼ାଉ ବେଳେ ଜିଲା ମୁଖ୍ୟ କୃଷି ଅଧିକାରୀ ଗାନ୍ଧୀଙ୍କ ସମେତ ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ କୃଷି ଅଧିକାରୀ ରବି ନାରାୟଣ ସେନାପତି ପ୍ରମୁଖ ସାମିଲ ହୋଇଥିଲେ ।

### ପୋଷ୍ଟାଲ ଡିଭିଜନର ସେବାକେନ୍ଦ୍ର ଉଦ୍‌ଘାଟିତ

ରାଉରକେଲା ଅଫିସ,୮ା୬

ସୋମବାର ରାଉରକେଲା ପୋଷ୍ଟାଲ ଡିଭିଜନର ଏକ ନୂତନ ସେବାକେନ୍ଦ୍ର (ସିଏସ୍‌ସି) ଉଦ୍‌ଘାଟିତ ହୋଇଯାଇଛି। ଏହି କେନ୍ଦ୍ରକୁ ସମ୍ବଲପୁର ମଣ୍ଡଳ ପୋଷ୍ଟ ମାଷ୍ଟର ଜେନେରାଲ ଲଳିତେନ୍ଦୁ ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଏହି ସେବାକେନ୍ଦ୍ରରୁ ଜନସାଧାରଣ ସମସ୍ତ ସୁବିଧା ଉଠାଇ ପାରିବେ । ପୂର୍ବରୁ ଭଦ୍ରକ ଓ ସମ୍ବଲପୁରରେ ଏପରି ସେବାକେନ୍ଦ୍ର ଖୋଲିଥିଲା । ଆଜି ରାଉରକେଲାରେ ଏହି ସେବାକେନ୍ଦ୍ର କାର୍ଯ୍ୟକାରୀ ହୋଇଛି । ଏହି ସେବାକେନ୍ଦ୍ରରେ ପ୍ରାଥମିକ ପର୍ଯ୍ୟାୟରେ ଜୀବନ ପ୍ରମାଣପତ୍ର, ପାନ୍‌କାର୍ଡ ଓ ପାସ୍‌ପୋର୍ଟ ସେବା ମିଳିବ । ପରବର୍ତ୍ତୀ ସମୟରେ ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଇ-ଜିଲା ନିର୍ବାଚନ ଆୟୋଗ ସେବା, ବିଭିନ୍ନ ସରକାରୀ ବିଲ୍ ପଇଠ ଓ ଖାଦ୍ୟ ବିକ୍ରିର ଲାଇସେନ୍ସ ପ୍ରଦାନ ଆଦି ସେବା ମିଳିପାରିବ ବୋଲି ସେ କହିଥିଲେ।

# ମାଟିର ଋଣ ପରିଶୋଧ କରିଛନ୍ତି ଡା.ଲଳିତ

ବଲାଙ୍ଗୀର ଅଫିସ, ୮ା୬




ଡା. ଲଳିତ କୁମାର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଭୀମଭୋଇ ମେଡିକାଲ କଲେଜ ଡିନ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ଲଳିତ କୁମାର ମେହେର ବୁର୍ଲା ଭିମସାର ନିର୍ଦ୍ଦେଶକ ଭାବେ ମନୋନୀତ ହେବା ପରେ ସୋମବାର ବଲାଙ୍ଗୀରର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଡା ମେହେରଙ୍କୁ ସାମାଜିକ କର୍ମୀ ଲଳିତ କୁମାର ନାୟକ, ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ, ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ ଉପାୟନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । କରୋନା ଯୋଗୁ ନିରାଡମ୍ବର ଭାବେ ଏବଂ ସାମାଜିକ ଦୂରତ୍ୱ ରଖି ସ୍ଥାନୀୟ ଆଇନ ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଭୀମଭୋଇ ମେଡିକାଲ କଲେଜ ପ୍ରତିଷ୍ଠା ହେବା ପରେ ପ୍ରଥମ ଡିନ୍‌ଭାବେ ଯୋଗଦେଇ ଡା ମେହେର ପ୍ରାରମ୍ଭିକ ଭିତ୍ତିଭୂମିକୁ ସୁଦୃଢ଼ କରି ଜାତୀୟସ୍ତରରେ ପରିଚିତ କରିପାରିଛନ୍ତି ବୋଲି ବକ୍ତାମାନେ କହିଥିଲେ। ବଲାଙ୍ଗୀର ମାଟିରେ ଜନ୍ମଗ୍ରହଣ କରିଥିବା ଡା ମେହେର ବଲାଙ୍ଗୀର ମେଡିକାଲ କଲେଜର ପ୍ରଥମ ଡିନ୍ ଭାବେ ଆସି ମାଟିର ଋଣ ପରିଶୋଧ କରି ଋଣୀ କରିଯାଇଛନ୍ତି ବୋଲି ବକ୍ତାମାନେ କହିଥିଲେ । ଏହି ସଭାରେ ଡା ପରମେଶ୍ୱର ରଥ, ଡା ସୁଜ୍ଞାନେନ୍ଦ୍ର ମିଶ୍ର, ଡା ଲକ୍ଷ୍ମୀକାନ୍ତ ମହାପାତ୍ର, ଲଳିତ କୁମାର ନାୟକ, ଗୋପାଳଜୀ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଡା ମେହେର ବଲାଙ୍ଗୀରବାସୀଙ୍କ ଅକୁଣ୍ଠ ସହଯୋଗ ଓ ଭଲ ପାଇବା ପାଇଁ କୃତଜ୍ଞତା ଜଣାଇ ଏବେ ଭୀମଭୋଇ ମେଡିକାଲ କଲେଜ ସୁଦୃଢ଼ ସ୍ଥିତିରେ ରହିଥିବା ସୂଚନା ଦେଇଥିଲେ ।

# ଲିଙ୍ଗମାର୍ଣ୍ଡି, ଚିଟ୍‌କେଲବନ୍ଧଲି କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷିତ

ସୋନପୁର,୮ା୬(ନି.ପ୍ର.)

- ସିଲ୍ ହେଲା ସଂଯୋଗ କରୁଥିବା ରାସ୍ତା
- କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ
- ସାନିଟାଇଜ ହେଲା ଗାଁ ରାସ୍ତା

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲିଙ୍ଗମାର୍ଣ୍ଡି ପଞ୍ଚାୟତର ଲିଙ୍ଗମାର୍ଣ୍ଡି ଓ ଚିଟ୍‌କେଲବନ୍ଧଲି ଗାଁକୁ ଜିଲାପାଳ ମୋନିଷା ବାନାର୍ଜୀ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଶନିବାର ଲିଙ୍ଗମାର୍ଣ୍ଡିର ଜଣେ ୨୫ ବର୍ଷୀୟ ଯୁବକ, ଅନ୍ୟ ଜଣେ ୪୨ ବର୍ଷୀୟ ବ୍ୟକ୍ତି ଓ ଚିଟ୍‌କେଲବନ୍ଧଲି ଗାଁର ଜଣେ ୪୩ ବର୍ଷୀୟ ବ୍ୟକ୍ତିଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ଏହି ୩ ପ୍ରବାସୀ ଶ୍ରମିକ ଗତ ମେ ୨୪ ତାରିଖରୁ ତାମିଲନାଡୁରୁ ଫେରି ଲିଙ୍ଗମାର୍ଣ୍ଡି ଟିଏମ୍‌ସିରେ କ୍ୱାରାଣ୍ଟାଇନ୍‌ରେ ଥିଲେ। ମେ ୨୭ତାରିଖରେ ପଜିଟିଭ୍ ରିପୋର୍ଟ ଆସିଥିବା ଲିଙ୍ଗମାର୍ଣ୍ଡିର ଜଣେ ପ୍ରବାସୀ ସଂକ୍ରମିତଙ୍କ ସଂସ୍ପର୍ଶରେ ସମସ୍ତେ ଆସିଥିଲେ। ଟିଏମ୍‌ସିରେ ସରକାରଙ୍କ ୭ ଦିନିଆ କ୍ୱାରାଣ୍ଟାଇନ ଅବଧି ସରିବା ପରେ ଗତ ଜୁନ୍ ୧ ତାରିଖରେ ସେମାନେ ଘରକୁ ଫେରିଥିଲେ। ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ୬ତାରିଖରେ ରିପୋର୍ଟ ପଜିଟିଭ୍ ଆସିବା ପରେ ସଂକ୍ରମିତଙ୍କୁ ଜିଲା ଅସ୍ଥାୟୀ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

ସଂକ୍ରମିତ ଚିହ୍ନଟ ହେବା ପରେ ଲିଙ୍ଗମାର୍ଣ୍ଡି ଗାଁକୁ ସଂଯୋଗ କରୁଥିବା ବନ୍ଧଛକ ପୂର୍ବ ଦିଗ, ବରଗଡ ଜିଲାକୁ ସଂଯୋଗ କରୁଥିବା ହଲଦିପାଲି ପଶ୍ଚିମ ଦିଗ, ଉତ୍ତର ଦିଗର ଗଞ୍ଜିଆପଡା ଓ ଦକ୍ଷିଣର ତଳିଆପଡା ରାସ୍ତାକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ସେହିପରି ଚିଟକେଲବନ୍ଧଲି ଗାଁକୁ ପୂର୍ବ ଦିଗରୁ ସଂଯୋଗ କରୁଥିବା କେନାଲ ଛକ, ପଶ୍ଚିମ ଦିଗରେ ତ୍ରିବେଣୀ ଛକ, ଉତ୍ତର ଦିଗର କୁଡେରପଦର ଓ ଦକ୍ଷିଣର ବେତରାପଡା ଗ୍ରାମ ରାସ୍ତାକୁ କଣ୍ଟେନ୍‌ମେଣ୍ଟ ଜୋନ କରାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ୨ ଗାଁକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରି ଦିଆଯାଇଛି। ଦୋକାନ ବଜାର ବନ୍ଦ ରହିଛି। ଏହି ରାସ୍ତାରେ କୌଣସି ପ୍ରକାର ଯାନବାହନ, ମାଲବାହୀ ଯାନ ଓ ଜନସାଧାରଣଙ୍କ ଯାତାୟାତକୁ ବାରଣ କରାଯାଇଛି । ଚିଟକେଲବନ୍ଧଲି ଗାଁରେ ୪୦ଟି ପରିବାର ଓ ଲିଙ୍ଗମାର୍ଣ୍ଡି ଗାଁର ୧୧୦ଟି ପରିବାର ରହୁଛନ୍ତି। ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। କଣ୍ଟେନମେଣ୍ଟ ଅଞ୍ଚଳର ଲୋକଙ୍କ ଜରୁରୀ ଔଷଧ ଓ ଗ୍ରସେରି ସାମଗ୍ରୀ ବିଷୟ ଅନୁଧ୍ୟାନ କରିବାକୁ ଡୁଙ୍ଗୁରିପାଲି ବିଡିଓ ସହଦେବ ସମାଧିଆଙ୍କୁ ଦାୟିତ୍ୱ ଦିଆଯାଇଛି। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକଙ୍କୁ ସମସ୍ତ କାର୍ଯ୍ୟ ମନିଟରିଂ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରାପିଡ୍ ରେସପନ୍ସ ଟିମ୍ ଓ ଡୁଙ୍ଗୁରିପାଲିରୁ ମେଡିକାଲ ଟିମ୍ ଉଭୟ ଗାଁରେ ପହଞ୍ଚି ସଂକ୍ରମିତ ୪ ଜଣ କେବେ ଓ କାହା ସହିତ ମିଶିଥିଲେ ତା'ର କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ କରିଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ ଗାଁ ରାସ୍ତା ଓ ଛକ ସ୍ଥାନକୁ ସାନିଟାଇଜ କରାଯାଇଛି ।

## ଦୁର୍ଘଟଣାରେ ୪ ଗୁରୁତର

ବଇଣ୍ଡା/ଛେଣ୍ଡିପଦା,୮।୬(ଡି.ଏନ୍.ଏ.)- ଅନୁଗୋଳ ଜିଲା ଠାକୁରଗଡ଼-ପାଇକସାହି ପୂର୍ତ୍ତ ରାସ୍ତାର କୁଣ୍ଡାଝରୀ ନିକଟରେ ସୋମବାର ଏକ ଆମ୍ବୁଲାନ୍ସ ସହ କାର୍‌ର ଧକ୍କା ହୋଇଛି। ଏଥିରେ ଆମ୍ବୁଲାନ୍ସ ଚାଳକ ଓ ଜଣେ ଆଶାକର୍ମୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଠାକୁରଗଡ଼ ପୋଲିସ ଗାଡ଼ି ଦୁଇଟି ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହିପରି ଛେଣ୍ଡିପଦା-ଜରପଡା ରାସ୍ତାର ଛେଣ୍ଡିପଦା ନର୍ସରୀ ନିକଟରେ ଏକ ବାଇକ୍ ଗଛରେ ପିଟିହେବାରୁ ତୁରଙ୍ଗ ଗ୍ରାମର ପିଣ୍ଟୁ ଦାଶ ଓ ଜେରେଙ୍ଗ ଦେହୁରୀ ସାହିର ଶ୍ରୀନିବାସ ଦାଶ ଗୁରୁତର ହୋଇଛନ୍ତି।



## ସଂକ୍ଷେପରେ

### ଜଙ୍ଗଲରୁ ନବଜାତ ଶିଶୁକନ୍ୟା ଉଦ୍ଧାର

**କାମାକ୍ଷାନଗର, ୮।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ହରିଡ଼ାପଦା ଜଙ୍ଗଲରୁ ସୋମବାର ସକାଳେ ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଗ୍ରାମର ବଳରାମ ପୂର୍ତ୍ତି ଏବଂ ତାଙ୍କ ସ୍ତ୍ରୀ ମିନତୀ ଜାଳେଣି ସଂଗ୍ରହ କରିବାକୁ ଯାଇଥିବାବେଳେ ପରିତ୍ୟକ୍ତ ଅବସ୍ଥାରେ ଶିଶୁଟି ପଡ଼ିଥିବା ଦେଖି ଘରକୁ ନେଇ ଆସିଥିଲେ। ପରେ ଶିଶୁକନ୍ୟାକୁ ବୀରାଶାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଶିଶୁଟି ଚିକିତ୍ସାଧୀନ ରହିଛି। ତା'ର ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଜଣାପଡ଼ିଛି। ତେବେ ଶିଶୁଟି ଜଙ୍ଗଲକୁ କିପରି ଆସିଲା ତାହା ଜଣାପଡ଼ିନାହିଁ। ତେବେ ଅଞ୍ଚଳର କେହି ଜଣେ କୁମାରୀ ମା' ଶିଶୁକନ୍ୟାକୁ ଜନ୍ମଦେବା ପରେ ଲୋକଲଜ୍ୟା ଭୟରେ ଜଙ୍ଗଲରେ ଛାଡ଼ି ଦେଇଥିବା ଚର୍ଚ୍ଚା ହେଉଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ଜିଲାରେ ପଜିଟିଭ୍ ସଂଖ୍ୟା ୩୮

**ଢେଙ୍କାନାଳ ଅଫିସ, ୮।୬:** ଢେଙ୍କାନାଳ ଜିଲାରେ ସୋମବାର ୩ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସଂଖ୍ୟା ପହଞ୍ଚିଛି ୩୮ରେ। କାମାକ୍ଷାନଗର ବ୍ଲକ କୋଟଗରା ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ବ୍ୟକ୍ତି ମେ ୨୮ରେ ସୁରଟ୍‌ରୁ ଫେରିଥିଲେ। ସେହିପରି ଡୁମୁସିଙ୍ଗା ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ଯୁବକ ଦିଲ୍ଲୀରୁ ଫେରି ଜୁନ୍ ୧ରୁ କ୍ୱାରାଣ୍ଟାଇନ୍‌ରେ ଥିଲେ। ସେହିପରି କନ୍ତିଓପୁଟସାହି ସଙ୍ଗରୋଧ କେନ୍ଦ୍ରର ଆକ୍ରାନ୍ତ ବ୍ୟକ୍ତି ହରିୟାଣାରୁ ଫେରି ଜୁନ୍ ୩ରୁ ସଙ୍ଗରୋଧରେ ଥିଲେ। ଗତ ୫ ତାରିଖରେ ସମସ୍ତଙ୍କ ସ୍ୱାବ୍ ପରୀକ୍ଷା ଲାଗି ପଠାଯାଇଥିଲା। ପଜିଟିଭ୍ ରିପୋର୍ଟ ଆସିବା ପରେ ସେମାନଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ପ୍ରଶାସନ ପକ୍ଷରୁ ସଙ୍ଗରୋଧ କେନ୍ଦ୍ରଗୁଡ଼ିକୁ ବିଶୋଧନ କରାଯିବା ସହ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି।

### ଖୋଲିଲା ଆଇନ ସହାୟତା କେନ୍ଦ୍ର




**ଢେଙ୍କାନାଳ ଅଫିସ, ୮।୬:** ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିକଳ୍ପ ସମାଧାନ କେନ୍ଦ୍ର ପରିସରରେ ସୋମବାର ଆଇନ ସହାୟତା କେନ୍ଦ୍ର ଖୋଲାଯାଇଛି। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଆଇନଗତ ସହାୟତା ଚାହୁଁଥିବା ପ୍ରବାସୀ ଓଡ଼ିଆ, ଅସହାୟ ବ୍ୟକ୍ତି ଏବଂ ଜିଲାରେ ଅଟକି ଯାଇଥିବା ଅନ୍ୟ ରାଜ୍ୟର ପ୍ରବାସୀଙ୍କ ଲାଗି ଏହି କେନ୍ଦ୍ର ଜରିଆରେ ସହାୟତା ଯୋଗାଇ ଦିଆଯିବ। ସହାୟତା ପାଇଁ ରାଜ୍ୟ ଆଇନସେବା ପ୍ରାଧିକରଣ ଫୋନ ନଂ. ୧୫୧୬, ଜିଲା ଆଇନସେବା ପ୍ରାଧିକରଣ ଫୋନ ନଂ. ୦୬୭୬୨-୨୨୬୭୯୯ ଏବଂ ସମ୍ମୁଖ କାର୍ଯ୍ୟାଳୟରେ କାର୍ଯ୍ୟରତ ରିଟେନରଙ୍କ ମୋବାଇଲ ନଂ.୯୦୯୦୨୪୨୧୫୪ରେ ଯୋଗାଯୋଗ ପାଇଁ ପ୍ରାଧିକରଣ ପକ୍ଷରୁ ନିବେଦନ କରାଯାଇଛି।

### ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ କମିଟି ଗଠନ

**ବଅଁରପାଳ, ୮।୬(ଡି.ଏନ୍.ଏ.):** ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମ ନିକଟରେ ନିର୍ମାଣାଧୀନ ନାଲ୍‌କୋ ଆଲୁମିନିୟମ ପାର୍କରେ କାର୍ଯ୍ୟରତ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଏକ କମିଟି ସୋମବାର ଗଠିତ ହୋଇଛି। ଭଜମନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କମିଟିର ସଭାପତି ଭାବେ ବୀରେନ୍ଦ୍ର କୁମାର ସାହୁଙ୍କୁ ଚୟନ କରାଯାଇଛି। ସେହିପରି ଗିରିଶ କୁମାର ବିଶ୍ୱାଳ ଉପସଭପତି, ଲକ୍ଷ୍ମୀଧର ସାହୁ ସାଧାରଣ ସମ୍ପାଦକ, ବୈକୁଣ୍ଠ ବିହାରୀ ସାହୁ ସହସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ରମେଶ ବାରିକ, ପରାମର୍ଶଦାତା ଭାବେ ପ୍ରସନ୍ନ କୁମାର ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି।

### ବଜ୍ରପାତରେ ୪ ଗୋରୁ ମୃତ

**ଭୁବନ/ଛେଣ୍ଡିପଦା, ୮।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳରେ ସୋମବାର ବର୍ଷା ବେଳେ ବଜ୍ରପାତ ଘଟିବାରୁ କାନଖାଇ ଗ୍ରାମର ଗାଣ୍ଡୁ ଦେହୁରୀଙ୍କ ୩ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଖବରପାଇ ଭୁବନ ପ୍ରାଣୀ ଚିକିତ୍ସକ ଶୁଭ୍ରାଂଶୁ ଶେଖର ବାରିକ ସେଠାରେ ପହଞ୍ଚିଥିଲେ। ସେହିପରି ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ବୁଦ୍ଧିଆ ସାହୁଙ୍କ ଏକ ବଳଦର ବଜ୍ରପାତରେ ମୃତ୍ୟୁ ହୋଇଛି।

# ସୁରକ୍ଷିତ ହେଲେ ବଢ଼ିବ ସୁନାମ

- ଇତିହାସର ସାକ୍ଷୀ ବୀରାଶାଳ ଏୟାରଷ୍ଟ୍ରିପ୍
- ଅବତରଣ କରିଥିଲେ ଇନ୍ଦିରା, ରାଜୀବ, ବିଜୁ
- ବିକାଶରେ ଖର୍ଚ୍ଚ ହୋଇଛି ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା

**ଢେଙ୍କାନାଳ ଅଫିସ, ୮।୬**

ଗୌରବମୟ ଇତିହାସର ମୂକସାକ୍ଷୀ ବୀରାଶାଳ ଏୟାରଷ୍ଟ୍ରିପ୍। ସତୁରି ଦଶକରେ ପରିକଳ୍ପନା କରାଯାଇଥିବା ଏହି ଏୟାରଷ୍ଟ୍ରିପ୍ ପୂର୍ଣ୍ଣାଙ୍ଗ ରୂପ ପାଇଥିଲା ୨୦୧୯ରେ। ସୋମବାର ପ୍ରଶିକ୍ଷଣ ଚାଲିଥିବାବେଳେ ଏଠାରେ ବିମାନ ଦୁର୍ଘଟଣା ଘଟି ଜଣେ କ୍ୟାପ୍‌ଟେନ୍ ଏବଂ ଅନ୍ୟଜଣେ ପ୍ରଶିକ୍ଷାର୍ଥୀଙ୍କ ମୃତ୍ୟୁ ଘଟିବା ପରେ ପୁଣି ଥରେ ଚର୍ଚ୍ଚାକୁ ଆସିଛି ଏହି ଏୟାରଷ୍ଟ୍ରିପ୍। ପ୍ରଶିକ୍ଷାର୍ଥୀ ଏବଂ ଅଞ୍ଚଳବାସୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଟ୍ରେନିଂ କାର୍ଯ୍ୟକ୍ରମ ଜାରି ରଖିଲେ ଢେଙ୍କାନାଳ ଜିଲାରେ ଥିବା ରାଜ୍ୟର ଏହି ଅନ୍ୟତମ ପୁରାତନ ଏୟାରଷ୍ଟ୍ରିପ୍‌ର ଯଶ ବଢ଼ିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ପରିତ୍ୟକ୍ତ ହୋଇପଡ଼ିଥିବା ବୀରାଶାଳ ଏୟାର ଷ୍ଟ୍ରିପ୍ ସେତେବେଳ ଚର୍ଚ୍ଚାକୁ ଆସିଲା ଯେତେବେଳେ ଏହାକୁ ପଶ୍ଚିମବଙ୍ଗର ବାୟୁସେନା ଶାଖା ବ୍ୟବହାର କରିବାକୁ ଆଗ୍ରହୀ ହୋଇଥିଲେ। ସମ୍ପୃକ୍ତ ରାଜ୍ୟର ବାୟୁସେନାର ଅଧିକାରୀମାନେ ୨୦୧୯ ମେ ୧୬ରେ ଏୟାରଷ୍ଟ୍ରିପ୍ ପରିଦର୍ଶନରେ ଆସିଥିଲେ। ଏହାପୂର୍ବରୁ ୨୦୧୯ ମେ ୧୪ରେ କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ବିଭାଗ ତାଲିମ ପ୍ରତିଷ୍ଠାନର ଚିଫ୍ ଫ୍ଲାଇଟ୍ ଇନ୍‌ଷ୍ଟ୍ରକ୍ଟର କ୍ୟାପ୍‌ଟେନ ଓ.ବି.କେ ସିଂହଙ୍କ ସହ ଅନ୍ୟ ୨ ଅଧିକାରୀ ମଧ୍ୟ ଏଠାକୁ ଆସି ଭିତ୍ତିଭୂମି ଯାଞ୍ଚ କରିଥିଲେ। ଓଡ଼ିଶା ଇତିହାସରେ ବୀରାଶାଳ ଏୟାରଷ୍ଟ୍ରିପ୍‌ର ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଏଠାରେ ଅବତରଣ କରିଥିଲେ। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ସଞ୍ଜୟ ଗାନ୍ଧୀଙ୍କ ଭଳି ନେତାମାନେ ବିଭିନ୍ନ ସମୟରେ ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ଅବତରଣ କରିଥିବା ଘଟଣା ଅଞ୍ଚଳବାସୀଙ୍କ ମନରେ ଏବେ ବି ଅଭୁଲା ହୋଇ ରହିଛି।



ଏୟାରଷ୍ଟ୍ରିପ୍‌ରେ ବିମାନ ଅବତରଣ।

ଦୀର୍ଘଦିନ ଧରି ପରିତ୍ୟକ୍ତ ହୋଇ ରହିବା ପରେ ବେସାମରିକ ବିମାନ ଚଳାଚଳ ବିଭାଗର ଆଖି ଏହି ଏୟାରଷ୍ଟ୍ରିପ୍ ଉପରେ ପଡ଼ିଥିଲା। ଏହାକୁ ବିମାନ ଉଡାଣ ତାଲିମ କେନ୍ଦ୍ର ଭାବେ ବ୍ୟବହାର କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ତଦନୁଯାୟୀ ୨୦୧୭-୧୮ ଆର୍ଥିକ ବର୍ଷରେ ଏହାର ବିକାଶ ଲାଗି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୯ କୋଟି ୧୮ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ରନ୍‌ୱେ, ସମେତ ଅନ୍ୟ ବିକାଶମୂଳକ କାର୍ଯ୍ୟ କରାଯାଇଥିଲା। ୫୦ ଏକର ଜମିରେ ନିର୍ମାଣ କରାଯାଇଥିବା ଏୟାରଷ୍ଟ୍ରିପ୍ ଚତୁଃପାର୍ଶ୍ୱରେ ୧କୋଟି ଟଙ୍କା ବ୍ୟୟରେ ପାଚେରି ନିର୍ମାଣ ହୋଇଥିଲା। ତେବେ ହାତୀ ଉପଦ୍ରବରେ ପାଚେରିର କିଛି ଅଂଶ ଭାଙ୍ଗିଯାଇଥିଲା। ପରେ ପୁଣି ଅନୁଦାନ ମଞ୍ଜୁର କରି ଏହାର ମରାମତି କରାଯାଇଥିଲା। ୨୦୧୮-୧୯ରେ ଏହାର ସମସ୍ତ ଉନ୍ନତୀକରଣ କାମ ଶେଷ ହେବାପରେ ଏୟାରଷ୍ଟ୍ରିପ୍‌କୁ ବେସାମରିକ ବିମାନ ଚଳାଚଳ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ୨୦୧୯ରେ ବିମାନ ଉଡାଣ ତାଲିମ ପାଇଁ ଏନ୍‌ଓସି ମିଳିବା ପରେ ଏହା ଉଚ୍ଚାଭିଳାଷୀ ଛାତ୍ରୀଛାତ୍ରଙ୍କ ପାଇଲଟ ହେବା ସ୍ୱପ୍ନ ପୂରଣର ମାଧ୍ୟମ ପାଲଟିଛି। ଗଭର୍ନମେଣ୍ଟ ଆଭିଏଶନ ପାଇଲଟ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଜିଏଟିଆଇ) ପ୍ରଶିକ୍ଷଣ ଦାୟିତ୍ୱ କାନ୍ଧକୁ ନେଇଥିବା ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଅନୁଗୋଳ ଷ୍ଟେଶନରେ ଗଡ଼ିଲା ଟ୍ରେନ୍


ଅନୁଗୋଳ ରେଳ ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ପରେ ଯାତ୍ରୀମାନେ ଚଢୁଛନ୍ତି ଓ ଓହ୍ଲାଉଛନ୍ତି।

- କାଉଣ୍ଟରରେ ବିକ୍ରି ହେଲା ୨୫ ଟିକେଟ୍
- ଯାତ୍ରା କଲେ ମୋଟ୍ ୧୩୬ ଯାତ୍ରୀ

**ଅନୁଗୋଳ ଅଫିସ, ୮।୬**

ଦୀର୍ଘ ଦୁଇ ମାସ ପରେ ସୋମବାରଠାରୁ ଚଳଚଞ୍ଚଳ ହୋଇଛି ଅନୁଗୋଳ ରେଳ ଷ୍ଟେଶନ। କେନ୍ଦ୍ର ସରକାର କେତେକ ଟ୍ରେନ୍ ଚଳାଚଳକୁ ଅନୁମତି ଦେବା ପରେ ଆଜି ଗୋଟିଏ ଦିନରେ ଅନୁଗୋଳରୁ ମୋଟ୍ ୧୩୬ ଯାତ୍ରୀ ଏହି ଷ୍ଟେଶନ ଦେଇ ବିଭିନ୍ନ ସ୍ଥାନକୁ ଯାତ୍ରା କରିଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମାର୍ଚ୍ଚରୁ ଲାଗିଥିବା କଟକଣା କୋହଳ ହେବା ପରେ ଅନୁଗୋଳ ଷ୍ଟେଶନରେ ଗହଳି ଦେଖିବାକୁ ମିଳିଥିଲା। ଡାକବାଜି ଯନ୍ତ୍ରରେ ରେଳ ସମ୍ପର୍କିତ ବିବରଣୀ ପ୍ରଦାନ ସହ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବାକୁ ରେଳ କର୍ମଚାରୀ, ଆରପିଏଫଙ୍କ ପକ୍ଷରୁ ସଚେତନ କରାଯାଇଥିଲା। ସେହିପରି ଯାତ୍ରୀଙ୍କ ଶରୀରର ତାପମାତ୍ରା ମପାଯିବା ପରେ ଷ୍ଟେଶନ ଭିତରକୁ ଛଡ଼ାଯାଇଥିଲା। ଏହି ଷ୍ଟେଶନ ଦେଇ ସକାଳେ ସମ୍ବଲପୁର-ଖୋର୍ଦ୍ଧା, ଭୁବନେଶ୍ୱର-ବଲାଙ୍ଗୀର, ରାଉରକେଲା-ଭୁବନେଶ୍ୱର ପାସେଞ୍ଜର ଏକ୍ସପ୍ରେସ୍ ଯାଇଥିଲା। ସନ୍ଧ୍ୟାରେ ଷ୍ଟେଶନ ଦେଇ ଭୁବନେଶ୍ୱର-ରାଉରକେଲା, ବଲାଙ୍ଗୀର-ଭୁବନେଶ୍ୱର, ଖୋର୍ଦ୍ଧା-ସମ୍ବଲପୁର ଟ୍ରେନ୍ ଫେରିଥିଲା। ଅନୁଗୋଳ ଷ୍ଟେଶନରୁ ମୋଟ୍ ୭୩ ଜଣ ଟ୍ରେନ୍‌ରେ ଚଢିଥିବା ବେଳେ ୬୩ ଜଣ ଓହ୍ଲାଇଥିଲେ। ପୂର୍ବରୁ ଟିକେଟ ଅନ୍‌ଲାଇନରେ କଟାଯାଇଥିବାବେଳେ କାଉଣ୍ଟରରୁ ୨୫ଟି ଟିକେଟ୍ ସୋମବାର ବିକ୍ରି ହୋଇଥିବା କର୍ତ୍ତୃପକ୍ଷ କହିଛନ୍ତି। ସେହିପରି ରାତିରେ ହୀରାଖଣ୍ଡ ଏକ୍ସପ୍ରେସ୍ ଅନୁଗୋଳ ଷ୍ଟେଶନ ଦେଇ ଯାଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଅଗ୍ନିକାଣ୍ଡରେ ୧୦ ପରିବାର ସର୍ବସ୍ୱାନ୍ତ


ଜଳିଯାଇଥିବା ଘର।

- ଜଳିଗଲା ୧୨ ବଖରା
- ୫ ଲକ୍ଷରୁ ଉର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ

**ବଅଁରପାଳ/ଭୁବନ, ୮।୬ (ଡି.ଏନ୍.ଏ.)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଫୁଲୁପଡା ପଞ୍ଚାୟତ ରଙ୍ଗାସିଂହା ଗ୍ରାମରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୦ ପରିବାରର ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି।

ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ପ୍ରଥମେ ସୁବ୍ରତ ବେହେରାଙ୍କ ଘରେ ନିଆଁ ଲାଗିଯାଇଥିଲା। ପରେ ଗ୍ରାମର ଶଶିକାନ୍ତ ବେହେରା, କାର୍ତ୍ତିକ ବେହେରା, କୁମୁଦ ବେହେରା, କ୍ଷୀରୋଦ ବେହେରା, ସୁବାସ ବେହେରା, ସଲିଳ ବେହେରା, ସୁରେଶ ବେହେରା, ହୃଦୟ ବେହେରା, ରମେଶ ଚନ୍ଦ୍ର ବାଡିଆଙ୍କ ଘରକୁ ନିଆଁ ବ୍ୟାପି ଯାଇଥିଲା। ଏଥିରେ ମୋଟ୍ ୧୨ ବଖରା ସହ ଭିତରେ ଥିବା ଧାନ ଚାଉଳ, ଆସବାବ ପତ୍ର, ନଗଦ ଟଙ୍କା, ସୁନା ଅଳଙ୍କାର ଆଦି ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ଶର୍ଟସର୍କିଟରୁ ଏପରି ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଘଟଣାସ୍ଥଳରେ ଅଗ୍ନିଶମ ସଂସ୍ଥାର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ ପହଞ୍ଚି ବିପନ୍ନଙ୍କୁ ଜରି ପାଲ ଯୋଗାଇବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ସେହିପରି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ପଞ୍ଚାୟତ ଚଣ୍ଡିପାଳ ଗ୍ରାମର ଶମ୍ଭୁନାଥ ବେହେରାଙ୍କ ଜଳଖିଆ ଦୋକାନ ସୋମବାର ବଜ୍ରପାତରେ ଜଳିଯାଇଛି। ଦୋକାନରେ ଆନୁମାନିକ ୨୦ ହଜାର ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଭୁବନ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଦୁର୍ବ୍ୟବହାର ଅଭିଯୋଗରେ ଆସିଷ୍ଟାଣ୍ଟ ପ୍ରଫେସର ଗିରଫ

**ଆଠମଲ୍ଲିକ, ୮।୬(ଡି.ଏନ୍.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଥାନାର ସବ୍‌ଇନ୍ସପେକ୍ଟର ଦେବଯାନୀ ଛତରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ପୋଲିସ ୭ ନମ୍ବର ୱାର୍ଡ ପୁଳେଶ୍ୱର ଗ୍ରାମର ପ୍ରଶାନ୍ତ ସାହୁଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଥାନା ସୂତ୍ରରୁ ପ୍ରକାଶ, କେନ୍ଦ୍ରାପଡା ସ୍ୱୟଂଶାସିତ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ପ୍ରଶାନ୍ତ ସାହୁ ଓ ପୁଳେଶ୍ୱର ଗ୍ରାମର ସତ୍ୟନାରାୟଣ ସାହୁଙ୍କ ମଧ୍ୟରେ ଘର ଡିହକୁ ନେଇ ବିବାଦ ଉପୁଜିବାରୁ ଉଭୟେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଇଆଇସି ନ ଥିବାରୁ ସବ୍‌ଇନ୍ସପେକ୍ଟର ଛତର ଘଟଣା ସମ୍ପର୍କରେ ପଚାରିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରଶାନ୍ତ ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଅଭିଯୋଗ ପାଇ ଆଠମଲ୍ଲିକ ଆଇଆଇସି ପ୍ରିୟବ୍ରତ ଦାଶ ନମ୍ବର ୭୭/୨୦ରେ ଏକ ମାମଲା ରୁଜୁ କରି ପ୍ରଶାନ୍ତଙ୍କୁ ଗିରଫ କରିଥିଲେ।

## ୬ ଚୋରା ଗାଡ଼ି ଜବତ, ୪ ଗିରଫ

**ବଅଁରପାଳ, ୮।୬(ଡି.ଏନ୍.ଏ.)**

ବଅଁରପାଳ ପୋଲିସ ବାଇକ୍ ଚୋରି ଓ ଚୋରା ବାଇକ୍ କିଣିଥିବା ଅଭିଯୋଗରେ ମୋଟ୍ ୪ଜଣଙ୍କୁ ସୋମବାର ଗିରଫ କରିବା ସହ ୬ଟି ବାଇକ୍ ଜବତ କରିଛି। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ ବାଙ୍କୀ ଅଞ୍ଚଳର ପ୍ରଶାନ୍ତ ଲେଙ୍କା। ଚୋରା ବାଇକ୍ କିଣି ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ହିନ୍ଦୋଳ ଅଞ୍ଚଳର ବିକାଶ ନାୟକ, ବୁଲା ନାୟକ ଓ ମୋଟଙ୍ଗା ଥାନା ଅଞ୍ଚଳର ମୁନା ନାୟକ। ଗତ ୭ ତାରିଖରେ ପ୍ରଶାନ୍ତ ବାଇକ୍ ଧରି ମହୀଧରପୁର ଅଞ୍ଚଳରେ ବୁଲୁଥିବାବେଳେ ସନ୍ଦେହରେ ପୋଲିସ ଥାନାକୁ ଆଣି ପଚରାଉଚରା କରିଥିଲା। ସେ ବାଇକ୍ ଚୋରି କରି ବିକ୍ରି କରୁଥିବା ସ୍ୱୀକାର କରିଛି ବୋଲି ପୋଲିସ କହିଛି।

## ପୁରୁଣା ନୋଟ୍ ଧରି ଜିଲା କାର୍ଯ୍ୟାଳୟରେ ଭିନ୍ନକ୍ଷମ

### ଅଧିକ ଅର୍ଥ ମିଳିବା ଗୁଜବ ବୋଲି ଜାଣି ଫେରିଲେ ଘରକୁ

**ଅନୁଗୋଳ ଅଫିସ, ୮।୬**

ସୋସିଆଲ ମିଡିଆରେ ବୁଲୁଥିବା ଏକ ଗୁଜବକୁ ଜାଣି ନ ପାରି ଅଧିକ ଅର୍ଥ ପାଇବା ଆଶାରେ ଅନୁଗୋଳ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ସୋମବାର ଧାଇଁ ଆସିଥିବା ବଅଁରପାଳ ବ୍ଲକ କୁଶପଙ୍ଗି ଗାଁର ଭିନ୍ନକ୍ଷମ ଅରବିନ୍ଦ ନାଏକ(୪୮)ଙ୍କୁ ଶେଷରେ ତାଙ୍କର ପୁରୁଣା ନୋଟ୍ ଓ କଏନ୍ ସହ ଘରକୁ ଫେରିବାକୁ ପଡ଼ିଛି। ପୁରୁଣା ନୋଟ୍ ବଦଳରେ ଅଧିକ ଅର୍ଥ ମିଳିବା ସମ୍ପୂର୍ଣ୍ଣ ମିଥ୍ୟା ଓ ଏହା ଏକ ଗୁଜବ ବୋଲି ପ୍ରଶାସନିକ ଅଧିକାରୀମାନେ ତାଙ୍କୁ ବିଶ୍ୱାସ ଦେଇଥିବା ଅରବିନ୍ଦ କହିଛନ୍ତି।

ଅରବିନ୍ଦଙ୍କ କହିବା ଅନୁଯାୟୀ, ବୁଢ଼ୀ ମା' ସହ ୫ ବର୍ଷର ଦୁଇ ଯାଆଁଳା ଶିଶୁପୁତ୍ରଙ୍କୁ ନେଇ ତାଙ୍କ ପରିବାର। କେବଳ ଭିନ୍ନକ୍ଷମ ଭତ୍ତା ଓ ରାଶନ ସାମଗ୍ରୀ ଛଡ଼ା ଅନ୍ୟ କିଛି ସରକାରୀ ସହାୟତା ମିଳୁନାହିଁ। ଫଳରେ ଅତି ଦୟନୀୟ ଅବସ୍ଥାରେ ସେ ପରିବାର ଚଳାଉଛନ୍ତି। ପୁରୁଣା ନୋଟ୍ ଓ କଏନ ଦେଲେ ଅଧିକ ଅର୍ଥ ମିଳୁଥିବା ସମ୍ପର୍କରେ ସେ ସୋସିଆଲ ମିଡିଆରୁ ଜାଣିବା ପରେ ମନରେ ଉତ୍ସାହ ଆସିଥିଲା। ଫଳରେ ଘରେ ଥିବା କିଛି ପୁରୁଣା ନୋଟ୍ ଓ କଏନ ଧରି ସେ ବହୁ ଆଶାରେ କୁଶପଙ୍ଗିରୁ ଜିଲା କାର୍ଯ୍ୟାଳୟକୁ ଧାଇଁ ଆସିଥିଲେ। ଏପରି କି ଜିଲାପାଳଙ୍କୁ ମଧ୍ୟ ଭେଟିଥିଲେ। ହେଲେ ପ୍ରଶାସନିକ ଅଧିକାରୀମାନେ ଏହା ଏକ ଗୁଜବ ବୋଲି ତାଙ୍କୁ ବିଶ୍ୱାସ ଦେବା ସହ ଆର୍‌ବିଆଇରେ ଚିରା କି ଫଟା ଟଙ୍କା ବଦଳାଇବାକୁ ପରାମର୍ଶ ଦେଇଥିଲେ। ହେଲେ ଏତେବାଟ ଯିବାକୁ ସକ୍ଷମ ନୁହନ୍ତି ବୋଲି କହି ଘରକୁ ଫେରି ଯାଉଥିବା ଅରବିନ୍ଦ ପ୍ରକାଶ କରିଛନ୍ତି। ଭିନ୍ନକ୍ଷମ ଅରବିନ୍ଦଙ୍କ ଅନ୍ୟ ସମସ୍ୟା ସମ୍ପର୍କରେ ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି, ଭିନ୍ନକ୍ଷମଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହିଛି। ଅରବିନ୍ଦ ଏ ନେଇ ପ୍ରଶାସନକୁ ଅଭିଯୋଗ କଲେ କିଛି ବ୍ୟବସ୍ଥା କରାଯାଇପାରିବ।



ପୁରୁଣା ନୋଟ୍ ଓ କଏନ ସହ ଜିଲା କାର୍ଯ୍ୟାଳୟକୁ ଆସିଥିବା ଭିନ୍ନକ୍ଷମ ଅରବିନ୍ଦ।

## ବନ୍ଧାହେଲେ, ବିବାହ କଲେ

### ଯୁବକଙ୍କୁ ମହଙ୍ଗା ପଡ଼ିଲା ପରକୀୟା ପ୍ରୀତି

**ବଇଣ୍ଡା,୮।୬(ଡି.ଏନ୍.ଏ.)**

ମିସ୍‌କଲ୍‌ରୁ ମହିଳାଙ୍କ ସହ ପ୍ରେମ ଓ ସ୍ୱାମୀ ନ ଥିବା ବେଳେ ରାତିରେ ତାଙ୍କ ଘରେ ପଶିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଗ୍ରାମବାସୀଙ୍କ ନଜରକୁ ଏହା ଆସିବା ପରେ ଯୁବକ ଜଣକ ବନ୍ଧାହେବା ସହ ସମ୍ପୃକ୍ତା ମହିଳାଙ୍କୁ ବିବାହ କରିବାକୁ ପଡ଼ିଛି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣା ସୋମବାର ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ୩ ବର୍ଷ ତଳୁ ସମ୍ପୃକ୍ତା ମହିଳାଙ୍କ ସହ ହଣ୍ଡପା ଥାନା ଅଞ୍ଚଳର ଜଣେ ଯୁବକଙ୍କ ମିସ୍ କଲ୍‌ରୁ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମହିଳାଙ୍କ ସ୍ୱାମୀ ଅନୁଗୋଳରେ କାମ କରୁଥିବାରୁ ସେ ପ୍ରାୟ ସମୟରେ ଘରେ ଅନୁପସ୍ଥିତ ରହୁଥିଲେ। ଏହାର ସୁଯୋଗ ନେଇ ଯୁବକ ଜଣକ ମହିଳାଙ୍କ ଘରକୁ ରାତିରେ ଯିବାଆସିବା କରୁଥିଲେ। ରବିବାର ରାତିରେ ମହିଳାଙ୍କ ସ୍ୱାମୀ ନ ଥିବା ବେଳେ ସମ୍ପୃକ୍ତ ଯୁବକ ଦୂରରେ ବାଇକ୍ ରଖି ସେଠାକୁ ଯାଇଥିବା ସ୍ଥାନୀୟ ଲୋକେ ଦେଖି ଉଭୟେ ଥିବା ରୁମ୍‌ରେ ତାଲା ପକାଇ ଦେଇଥିଲେ। ପରେ ଗ୍ରାମବାସୀ ତାଲା ଖୋଲି ମହିଳାଙ୍କ ରୁମ୍‌ରୁ ଯୁବକଙ୍କୁ ବାହାର କରି ବାନ୍ଧି ଦେଇଥିଲେ। ଉଭୟଙ୍କ ପରିବାରକୁ ନେଇ ଗ୍ରାମରେ ଏକ ବୈଠକ ବସିଥିଲା। ସେଥିରେ ନିଷ୍ପତ୍ତି ଅନୁଯାୟୀ ସମ୍ପୃକ୍ତ ଯୁବକ ମହିଳା ଜଣଙ୍କୁ ଶଙ୍ଖା, ସିନ୍ଦୂର ପିନ୍ଧାଇ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ।

## ୮୦୦୦ କର୍ମଚାରୀଙ୍କ ଥଇଥାନ ଦାବି



ସମ୍ମିଳନୀରେ ସଂଘର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୮।୬**

ରାଜ୍ୟରେ ଜୀବିକା ହରାଇଥିବା ୮୦୦୦ ଏନ୍‌ଜେନ୍ କର୍ମଚାରୀଙ୍କ ଥଇଥାନ ଦାବି କରିଛି ଓଡ଼ିଶା ପାୱାର ଡିଷ୍ଟ୍ରିବ୍ୟୁଶନ ଫ୍ରାଞ୍ଚାଇଜ୍ ଏମ୍ପ୍ଲଇଜ୍ ଆସୋସିଏଶନ (ଓପେଫା)। ସ୍ଥାନୀୟ ନୂଆପୋଖରୀସ୍ଥିତ ଶ୍ରଦ୍ଧାଶ୍ରୀ ମଣ୍ଡପରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ ୮ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଚୁକ୍ତି ଅବଧି ପୂରିବା ପରେ ବୃତ୍ତି ହରାଇଥିବା କର୍ମଚାରୀଙ୍କୁ ତୁରନ୍ତ ଥଇଥାନ କରିବାକୁ ଢେଙ୍କାନାଳ ମଣ୍ଡଳ ସମ୍ପାଦକ ଅଭୟ ମିଶ୍ର, ସମ୍ପାଦକ ଚିନ୍ମୟ ସିଂହସାମନ୍ତ, ସଦସ୍ୟ ପ୍ରଦୋଷ ସାହୁ ପ୍ରମୁଖ ଦାବି କରିଛନ୍ତି। ରାଜ୍ୟ ସରକାର ୫ଦିନ ଭିତରେ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ନିଷ୍ଠାପର ଭାବେ ୧୦-୧୨ବର୍ଷ ଧରି ସେବା ଯୋଗାଇ ଆସିବା ସତ୍ତ୍ୱେ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ଢେଙ୍କାନାଳ, ଅନୁଗୋଳ ଓ ତାଳଚେର ସର୍କଲରୁ ୨୫୦୦ କର୍ମଚାରୀ ଜୀବିକା ହରାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

## ଅଧା ଶଟରେ ଖୋଲି ପରଷାଯାଉଛି ଖାଦ୍ୟ

### ବ୍ୟବସାୟୀଙ୍କୁ ତାଗିଦ୍ କଲେ ପୌର ନିର୍ବାହୀ ଅଧିକାରୀ

**ଅନୁଗୋଳ ଅଫିସ, ୮।୬**

ଅନୁଗୋଳରେ କୋଭିଡ୍ କଟକଣା ମାନୁନାହାନ୍ତି କେତେଜଣ ବ୍ୟବସାୟୀ। ଏହାର ମାଳ ମାଳ ଉଦାହରଣ ଥିଲେ ବି ସୋମବାର ରାତିରେ ପୌରପାଳିକାର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଅମଲାପଡ଼ାର ଏକ ସାଉଥ୍‌ଇଣ୍ଡିଆନ ହୋଟେଲ ବ୍ୟବସାୟୀଙ୍କୁ ଧରିଛନ୍ତି। ଚଢ଼ାଉ ବେଳେ ଉକ୍ତ ହୋଟେଲରେ ନିୟମ ଉଲ୍ଲଂଘନ କରାଯାଇ କେତେଜଣ ଗ୍ରାହକଙ୍କୁ ଖାଦ୍ୟ ପରଷା ଯାଉଥିବା ନିର୍ବାହୀ ଅଧିକାରୀ ଦେଖିବାକୁ ପାଇଥିଲେ। ଏ ନେଇ ସେ ବ୍ୟବସାୟୀଙ୍କୁ ତାଗିଦ୍ କରିଥିଲେ। ତେବେ କେବଳ ଚେତାବନୀ ଦିଆଯାଇ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଛାଡ଼ି ଦିଆଯାଇଥିବାରୁ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ହୋଟେଲରେ ଲୋକଙ୍କୁ ବସାଇ ଖାଇବାକୁ ଦିଆଯାଇଛି।

ଅନୁଗୋଳ ଜିଲାରେ ଅପରାହ୍ନ ୫ଟା ଯାଏ ଦୋକାନ ବଜାର ଖୋଲାଯାଇପାରିବ ବୋଲି ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି। ଏଥିସହ ଜଳଖିଆ ଦୋକାନୀ କିମ୍ବା ହୋଟେଲ କେବଳ ପାର୍ସଲ ଦେଇପାରିବେ ବୋଲି ନିୟମ ରଖାଯାଇଛି। କିନ୍ତୁ ଅମଲାପଡ଼ାର ଉକ୍ତ ସାଉଥ୍ ଇଣ୍ଡିଆନ ହୋଟେଲରେ ରାତି ୭ଟା ପରେ ଗ୍ରାହକଙ୍କୁ ବସାଯାଇ ଖାଦ୍ୟ ପରଷା ଯାଉଥିବା ଦେଖାଯାଇଥିଲା। ଅଧା ଶଟର ଖୋଲି ବ୍ୟବସାୟୀ ଜଣକ ଏହି ବେପାର କରୁଥିବା ବେଳେ କେହି ବି ମାସ୍କ ପିନ୍ଧି ନ ଥିବା ନିର୍ବାହୀ ଅଧିକାରୀ ଦେଖିବାକୁ ପାଇଥିଲେ। ପୂର୍ବରୁ ତାଗିଦ୍ କରାଯାଇଥିଲେ ମଧ୍ୟ ନିର୍ଦ୍ଦେଶ କାହିଁକି ମାନୁ ନାହାନ୍ତି ବୋଲି ନିର୍ବାହୀ ଅଧିକାରୀ ପଚାରିବାରୁ ବ୍ୟବସାୟୀ ଜଣକ ଅନୁଗୋଳ ଥାନାରୁ ଅନୁମତି ଆଣିଥିବା କହିଥିଲେ। ସନ୍ଧ୍ୟା ୭ଟା ପରେ କିଭଳି ଦୋକାନ ଖୋଲା ରହିଲା ବୋଲି ନିର୍ବାହୀ ଅଧିକାରୀ ତାଗିଦ୍ କରିବାରୁ ବ୍ୟବସାୟୀ ଜଣକ ଅନୁମତି ନ ଥିବା ସ୍ୱୀକାର କରିଥିଲେ। ଏଣିକି ନିୟମ ଉଲ୍ଲଂଘନ ହେଲେ ଦୋକାନକୁ ସିଲ୍ କରାଯିବ ବୋଲି ନିର୍ବାହୀ ଅଧିକାରୀ ଚେତାବନୀ ଦେଇ ଫେରି ଯାଇଥିଲେ।

## ୪୫ ଲକ୍ଷ ଟଙ୍କାର ଗୁଟ୍‌ଖା, ପାନମସଲା ଜବତ, ୨ଗିରଫ

ରାୟଗଡ଼ା ଅଫିସ,୮।୬: ଲକ୍‌ଡାଉନ୍ ସମୟରେ ଚାଲିଛି ବେଆଇନ ତମାଖୁ କାରବାର। ଦିଲ୍ଲୀରୁ ରାୟଗଡ଼ା ଯାଉଥିବା ଏକ ଟ୍ରକ୍‌ରୁ ଚାନ୍ଦିଲି ପୋଲିସ ୪୫ ଲକ୍ଷ ଟଙ୍କାର ଗୁଟ୍‌ଖା ଓ ପାନମସଲା ଜବତ କରିଛି। ସୂଚନା ଅନୁଯାୟୀ ରବିବାର ରାତ୍ରି ପାଟ୍ରୋଲିଂ ସମୟରେ ପୋଲିସ ପେଣ୍ଟା ଗ୍ରାମ ନିକଟରେ ଟ୍ରକ୍‌ଟିକୁ ସନ୍ଦେହରେ ଅଟକାଇଥିଲା। ଯାଞ୍ଚ ସମୟରେ ସେଥିରେ ତମାଖୁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏହି ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଦୁହେଁ ହେଲେ ଉତ୍ତର ପ୍ରଦେଶର କମଲ୍ ଖାନ୍ ଏବଂ ବାବୁ ଖାନ୍। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସୂଚନା ମିଳିଛି।

**ସଂକ୍ଷେପରେ**

### ୨୧ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଫେରିଲେ

ମାଲକାନଗିରି,୮।୬(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ କରୋନା ଆକ୍ରାନ୍ତ ହୋଇଥିବା ସମସ୍ତ ବ୍ୟକ୍ତି ସୁସ୍ଥ ହୋଇଛନ୍ତି। ଜିଲାରେ ୨୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇ ଚିକିତ୍ସାଧୀନ ଥିଲେ। ସେମାନଙ୍କ ମଧ୍ୟରୁ ୧୮ ଜଣ ପ୍ରବାସୀ ଥିବା ବେଳେ ୨ଜଣ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଓ ଜଣେ ଶିଶୁ ଥିଲେ। ଏହି ୨୧ଜଣ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

### ଓଲଟିଲା ଚାଉଳ ବୋଝେଇ ଟ୍ରକ୍, ୨ଗୁରୁତର



ଗୁଣପୁର,୮।୬(ଡି.ଏନ୍.ଏ.)-ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍ ଅଧୀନ ପାଲପାଇ ନିକଟରେ ସୋମବାର ଏକ ଚାଉଳ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଛତିଶଗଡ଼ରୁ ଏକ ଚାଉଳ ବୋଝେଇ ଟ୍ରକ୍ ଆନ୍ଧ୍ରପ୍ରଦେଶର କାକିନାଡ଼ା ଅଭିମୁଖେ ଯାଉଥିଲା। ଏହି ସମୟରେ ପାଲପାଇସ୍ଥିତ ବୁଲାଣି ରାସ୍ତାରେ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଟ୍ରକ୍ ଚାଳକ ୱାଇ. ରାଜୁ ଏବଂ ହେଲ୍‌ପର ଏ. ଚିରଞ୍ଜୀବୀ ଗୁରୁତର ହୋଇଛନ୍ତି। ସେହିପରି ଚାଉଳ ବସ୍ତାଗୁଡ଼ିକ ଫାଟି ଚାଉଳ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଖବର ପାଇ ରାମନାଗୁଡ଼ା ଫାଣ୍ଡି ଅଧିକାରୀ କୃତ୍ତିବାସ ହରିଚନ୍ଦନ ଏବଂ ଟିମ୍ ଘଟଣାର ତଦନ୍ତ ଚଳାଇଛନ୍ତି। ସେହିପରି ୨ ଗୁରୁତରଙ୍କୁ ପ୍ରଥମେ ରାମନାଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ସଙ୍ଗରୋଧ କେନ୍ଦ୍ର ଛାତରୁ ପଡ଼ି ପ୍ରବାସୀ ଗୁରୁତର

ମୁନିଗୁଡ଼ା,୮।୬(ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡ଼ା ଆଦର୍ଶ ବିଦ୍ୟାଳୟସ୍ଥିତ ସଙ୍ଗରୋଧ କେନ୍ଦ୍ରର ଛାତରୁ ପଡ଼ି ଜଣେ ପ୍ରବାସୀ ଗୁରୁତର ହୋଇଛନ୍ତି। ସେ ହେଲେ ମୁନିଗୁଡ଼ା ବ୍ଲକ୍ ଶିବପଦର ପଞ୍ଚାୟତର ବାବୁଲା ପାଲକିଆ(୩୦)। କିଛି ଦିନ ତଳେ ସେ ଟ୍ରେନ୍‌ରେ କେରଳରୁ ଫେରି ସଙ୍ଗରୋଧରେ ଥିଲେ। ସୋମବାର ସେ ଛାତ ଉପରକୁ ଯାଇଥିବାବେଳେ ବର୍ଷା ଯୋଗୁ ଗୋଡ଼ ଖସି ତଳେ ପଡ଼ିଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ରଇତ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

କାଶୀନଗର,୮।୬(ଡି.ଏନ୍.ଏ.): କାଶୀନଗର ଅଞ୍ଚଳରେ ହେଉଥିବା ବିକାଶମୂଳକ କାର୍ଯ୍ୟକ୍ରମ କେବଳ ସହର ମଧ୍ୟରେ ସୀମିତ ରହୁଛି। ଏନ୍‌ଏସି ଅଞ୍ଚଳ ଅବହେଳିତ ଅବସ୍ଥାରେ ରହିଥିବା କାଶୀନଗର ରଇତ ସଂଘ ଅଭିଯୋଗ କରିଛି। ସହର ନିକଟବର୍ତ୍ତୀ ରେଲଲାଇନ ନିକଟରେ ଥିବା ପୋଲାକି ତାଉଡ଼ୁ ପୋଖରୀ ଏବେ ଶୁଖି ଆବର୍ଜନାପୂର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ ପୂର୍ବଭଳି ଚାଷଜମିକୁ ପୋଖରୀ ପାଣି ମିଳୁନାହିଁ। ଉକ୍ତ ପୋଖରୀର ପୁନରୁଦ୍ଧାର ପାଇଁ ସଂଘ ଦାବି କରିଛି। ସେହିପରି ଲକ୍‌ଡାଉନ୍ ଯୋଗୁ ପରିବା ବଜାର ଶୀଘ୍ର ବନ୍ଦ ହେଉଛି। ଏଥିପାଇଁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଚାଷୀଙ୍କୁ ସେମାନଙ୍କ ଉଚିତ ମୂଲ୍ୟ ମିଳିପାରୁନାହିଁ। ସରକାର ଉତ୍ପାଦିତ ଫସଲ କିଣି ଉଚିତ ମୂଲ୍ୟ ପ୍ରଦାନ କରିବାକୁ ଦାବି ହୋଇଛି। ଏ ନେଇ ସଂଘ ପକ୍ଷରୁ ଏକ ଦାବିପତ୍ର ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ସଂଘର ସଭାପତି ପ୍ରଶାନ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି ଏସ୍. ତାଡେୟା, କୋଷାଧ୍ୟକ୍ଷ ବସନ୍ତ ଦାମୋଦର ଉପସ୍ଥିତ ଥିଲେ।

### ପରିବେଶ ପାଇଁ ଗଛ ଜରୁରୀ

ଜୟପୁର,୮।୬ (ଡି.ଏନ.ଏ )- କୋରାପୁଟ ଜିଲା ଜୟପୁର ବନ ବିଭାଗ ରେଞ୍ଜ ପକ୍ଷରୁ ସ୍ଥାନୀୟ ମୁଣ୍ଡିଗୁଡାଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା। ରେଞ୍ଜର ରଶ୍ମିରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ପରିବେଶ ସୁରକ୍ଷା ପାଇଁ ଗଛ ନିହାତି ଜରୁରୀ। ଏହାକୁ ବଞ୍ଚାଇବା ସମସ୍ତଙ୍କ ଦାୟିତ୍ୱ ବୋଲି ସଚେତନତା କରାଯାଇଥିଲା। ଫରେଷ୍ଟର ଦୁର୍ଯ୍ୟୋଧନ ଗଣ୍ଡ, ପ୍ରଶାନ୍ତ ସାମନ୍ତରାୟ, ରାମଚନ୍ଦ୍ର ନେପାକ, ଗାର୍ଡ ଗୌତମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିଖା ସଙ୍ଗଠନ ମହିଳା ବାହିନୀ ପକ୍ଷରୁ ନାରାୟଣ ମହାବିଦ୍ୟାଳୟ ପରିସରରେ ୧୦୦ଟି ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରାଯାଇଥିଲା।

## ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ନିର୍ଦ୍ଦେଶରେ ପଥର କ୍ୱାରିରେ ତଦନ୍ତ

**ନିୟମ ଉଲ୍ଲଂଘନ ଅଭିଯୋଗ**

ନବରଙ୍ଗପୁର/ପାପଡ଼ାହାଣ୍ଡି, ୮।୬(ବି.ପ୍ର./ଡି.ଏନ୍.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ତହସିଲ ଅନ୍ତର୍ଗତ ଉସିଗାଁରେ ଥିବା ଏକ ପଥର କ୍ୱାରି ଓ କ୍ରଶର ବେଆଇନ ଭାବେ ହୋଇଥିବା ଓ ନିୟମ ଉଲ୍ଲଂଘନ କରୁଥିବା ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ଅଭିଯୋଗ ହୋଇଥିଲା। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶକ୍ରମେ ସୋମବାର ଏକ ଟିମ୍ ଉସିଗାଁଠାରେ ପହଞ୍ଚି ଏହାର ତଦନ୍ତ କରିଛି।

ଉସିଗାଁ ମୌଜାରେ ଥିବା ପଥର ଖାଦାନରେ ଲିଜ୍‌ଧାରୀ ଆଇନ ଉଲ୍ଲଂଘନ କରୁଥିବା ନେଇ ପ୍ରଶାସନ ନିକଟରେ ବହୁ ବାର ଗ୍ରାମବାସୀ ଅଭିଯୋଗ କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା । ପଥର କ୍ୱାରି ଓ କ୍ରଶର ନିୟମ ଅନୁଯାୟୀ ଜନବସତିଠାରୁ ୫୦୦ ମିଟର ଦୂରରେ ରହିବା କଥା କିନ୍ତୁ ଏହା ଗ୍ରାମରୁ ମାତ୍ର ୩ ଶହ ମିଟର ମଧ୍ୟରେ ନିର୍ମାଣ କରାଯାଇଛି। କ୍ରଶରରୁ ବାହାରୁଥିବା ପାଣି ଜମିକୁ ମାଡୁଥିବା ସହ ଜମିରେ ପଥରଗୁଣ୍ଡ ପଡି ପୋତିହୋଇଯାଉଥିବାରୁ ଚାଷ ହୋଇପାରୁ ନାହିଁ। ବାରମ୍ବାର ପଥର ବ୍ଲାଷ୍ଟିଂ କରିବା ଦ୍ୱାରା ଗ୍ରାମବାସୀଙ୍କ ଧନ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଅନ୍ୟପକ୍ଷେ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ବ୍ଲାଷ୍ଟିଂ ପାଇଁ ଅନୁମତି ନ ଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ରାଜେନ୍ଦ୍ର କଟିମ ଓ ନବରଙ୍ଗପୁର ସହର ସ୍ଥିତ ଓକିଲ ସରୋଜ ବେହେରା ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଅଭିଯୋଗ କରିଥିଲେ । ଯାହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଏକ ତିନିଜଣିଆ କମିଟି ଗଠନ କରି ଏହାର ତଦନ୍ତ କରିବା ସହ ଶୀଘ୍ର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗକାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ତିନି ଜଣିଆ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ରାୟଗଡାରେ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣର ଏକ ଟିମ୍ ସହ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ସୁଭାଶିଷ ମାନସିଂହ, ବନଖଣ୍ଡ ଅଧିକାରୀ ମଗର ଧନାଜି ଏବଂ ପାପଡାହାଣ୍ଡି ତହସିଲଦାର ପ୍ରେମଲାଲ ହିଆଲ ପଥର କ୍ୱାରି ଓ କ୍ରଶରକୁ ଯାଇ ତଦନ୍ତ କରିଥିଲେ। ତଦନ୍ତ ସମୟରେ ପଥର ଖାଦାନ ଓ ପଥର ବ୍ଲାଷ୍ଟିଂକୁ ନେଇ ଆଇନ ଗତ ଭାବରେ ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରିଥିଲେ । ଏଥିସହ ସମ୍ପୂର୍ଣ୍ଣ ତଦନ୍ତ ରିପୋର୍ଟ ଦେବାକୁ ହେଲେ ଆଉ ୨ କିମ୍ବା ୩ ଥର ଗସ୍ତ କରିବାକୁ ପଡିବ ବୋଲି ଅଧିକାରୀ ପ୍ରତିକ୍ରିୟା ରଖିଛନ୍ତି। ଜିଲା ପ୍ରଶାସନ ନିକଟରେ ଦୀର୍ଘ ବର୍ଷ ହେବ ଏ ସମ୍ପର୍କରେ ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ କାହିଁକି ଜିଲା ପ୍ରଶାସନ ତଦନ୍ତ କରି ନ ଥିଲେ ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି ।



ଗ୍ରାମବାସୀଙ୍କ ଉପସ୍ଥିତିରେ ଅଧିକାରୀମାନେ ତଦନ୍ତ କରୁଛନ୍ତି ।

## ଜୟପୁରରୁ ଗଡ଼ିଲା ୪ ସରକାରୀ ବସ୍

ଜୟପୁର,୮।୬(ଡି.ଏନ.ଏ./ନି.ପ୍ର.)

କୋରାପୁଟ ଜିଲା ଜୟପୁର ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ସୋମବାର ୪ଟି ରୁଟରେ ବସ୍ ଚଳାଚଳ ଆରମ୍ଭ ହୋଇଛି। ଦୀର୍ଘ ଅଢେଇ ମାସ ବନ୍ଦ ରହିବା ପରେ ସରକାରଙ୍କ ନିଷ୍ପତ୍ତିକ୍ରମେ ଏଠାରୁ ବସ୍ ବିଭିନ୍ନ ସ୍ଥାନକୁ ଗଡିଛି। ଭୋର ସାଢେ ୫ଟାରେ ଜୟପୁର-ଭବାନୀପାଟଣା, ୮ଟାରେ ଜୟପୁର-ମୋଟୁ, ୯ଟାରେ ଜୟପୁର-ଭବାନୀପାଟଣା ଏବଂ ୧୧ଟାରେ ଜୟପୁର-ଗୁଣପୁର ବସ୍ ଚଳାଚଳ କରିଛି। ସେହିପରି ୨ଟି ବସ୍ ପାରଳାଖେମୁଣ୍ଡି ଏବଂ ଗୋଟିଏ ବସ୍ ଫୁଲବାଣୀକୁ ଚଳାଚଳ ପାଇଁ ନିର୍ଦ୍ଧାରିତ ହୋଇଥିଲେ ମଧ୍ୟ ମଙ୍ଗଳବାର ମାଓବାଦୀମାନେ ବନ୍ଦ ଡାକରା ଦେଇଥିବାରୁ ଏହାକୁ ବାତିଲ କରାଯାଇଛି । ବୁଧବାରଠାରୁ ପାରଳାଖେମୁଣ୍ଡି ଏବଂ ଫୁଲବାଣୀକୁ ବସ୍ ଚଳାଚଳ କରିବ ବୋଲି ଡିଟିଏମ୍ ଇନ୍‌ଚାର୍ଜ ଚିତ୍ତରଞ୍ଜନ ସାହୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜୟପୁର ପରିବହନ ଡିପୋର ୨୯ ରୁଟରେ ଯାତାୟାତ ଲାଗି ୪୯ଟି ବସ୍ ରହିଛି । ସେଥିରୁ ବାହାର ରାଜ୍ୟକୁ ପ୍ରବାସୀଙ୍କୁ ଛାଡିବା ପାଇଁ ମାଲକାନଗିରି ଜିଲାକୁ ୧୩ଟି ଏବଂ କୋରାପୁଟକୁ ୨ଟି ବସ୍ ଯାଇଛି। ସେହିପରି ବସ୍‌ଗୁଡିକ ଯାତ୍ରା କରିବା ପୂର୍ବରୁ ଏବଂ ଫେରିବା ପରେ ସାନିଟାଇଜ୍ କରାଯାଉଛି।

## ଆରମ୍ଭ ହେଲା ଛାତ୍ରୀଛାତ୍ରଙ୍କ ନାମଲେଖା



ନାମଲେଖାଇଥିବା ଛାତ୍ରୀଛାତ୍ର ।

କାଲିମେଲା,୮।୬(ଡି.ଏନ.ଏ)

କରୋନା ପାଇଁ ଗତ ମାର୍ଚ୍ଚ ୧୫ରୁ ରାଜ୍ୟର ସମସ୍ତ ସରକାରୀ ଏବଂ ଘରୋଇ ବିଦ୍ୟାଳୟ ଗୁଡିକ ବନ୍ଦ ରହିଛି। ସରକାର ୨୦୧୯-୨୦ ଶିକ୍ଷା ବର୍ଷରେ ପଢୁଥିବା ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାସ କରାଇଦେଇଛନ୍ତି। ତେବେ ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ବିଦ୍ୟାଳୟରେ ଜୁନ ୮ରୁ ନୂତନ ଛାତ୍ରୀଛାତ୍ରଙ୍କ ନାମଲେଖା ଆରମ୍ଭ ହୋଇଛି । କୋଭିଡ ନିୟମ ଅନୁସାରେ ଦିନକୁ ୫ ଜଣ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକଙ୍କ ସହ ଆସି ନାମ ଲେଖାଇବାର ନିୟମ କରାଯାଇଛି। ମାଲକାନଗିରି ଜିଲା କାଲିମେଲା ବ୍ଲକରେ ମଧ୍ୟ ନାମଲେଖା କାର୍ଯ୍ୟ ଆରମ୍ଭ ହୋଇଛି । ବ୍ଲକ ସଦର ମହକୁମାସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ୫ ଜଣଙ୍କ ନାମ ଲେଖାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ନାୟକ ଛାତ୍ରୀଛାତ୍ରଙ୍କୁ ଚକଲେଟ ଦେଇ ସ୍ୱାଗତ କରିବା ସହ ସେମାନଙ୍କ ନାମ ଲେଖାଇଥିଲେ । ପରେ ପିଲାମାନଙ୍କୁ ବହି ,ସିଲଟ,ଖଡି ଇତ୍ୟାଦି ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଏହିସମୟରେ ସିଆରସିସି ରଞ୍ଜିତ ସରକାର,ଶିକ୍ଷକ ଶ୍ୟାମ ସୁନ୍ଦର ଜେନା,ଅଶୋକ ହାଲଦାର, ସଞ୍ଜୁଲତା ସେଠୀ, ନିବେଦିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧୁତ୍ୱ ପାଖରେ ହାର ମାନିଛି ଜାତିବାଦ

ଜୟପୁର,୮।୬(ନି.ପ୍ର.)

ବନ୍ଧୁତା ପାଖରେ ସବୁ କିଛି ହୋଇପଡିଛି ତୁଚ୍ଛ। ଗ୍ରାମର ଜାତିବାଦର ପାଚେରି ସେମାନଙ୍କୁ ଅଟକାଇପାରିନି। ଜଣକ ପରିବାର ଭାଙ୍ଗିଯାଇଥିଲେ ଅନ୍ୟ ଜଣେ ସାହାରା ହୋଇଛି। ଜଣେ ନିରାଶ୍ରୟ ହୋଇପଡିଥିବା ବେଳେ ଅନ୍ୟ ଜଣେ ତାକୁ ଦେଇଛି ଆଶ୍ରୟ। ସମାଜର ଟାହିଟାପରା ଉଭୟଙ୍କୁ ବଦଳାଇପାରିନି। ଏହି ଦୁଇ ବନ୍ଧୁ ହେଉଛନ୍ତି କମଳ ଓ କିଶୋର। କୋରାପୁଟ ଜିଲା ଜୟପୁର ନିକଟସ୍ଥ ବାର୍ଲାହାଣ୍ଡି ଗ୍ରାମରେ ଏହି ଦୁଇ ବନ୍ଧୁଙ୍କ ଘର। ନିଆରା ବନ୍ଧୁତାର ନିଦର୍ଶନ ସେମାନଙ୍କ ସମ୍ପର୍କକୁ କରିଛି ଆହୁରି ଜାଜ୍ୱଲ୍ୟମାନ, ଆହୁରି ଶକ୍ତ।

ବାର୍ଲାହାଣ୍ଡି ଗ୍ରାମରେ କମଳ ଖାତି ଓ କିଶୋର ହରିଜନଙ୍କ ବନ୍ଧୁତା ଆଜିର ନୁହେଁ, ପିଲାଦିନୁ ଉଭୟେ ସାଙ୍ଗ ହୋଇ ଗୋଟିଏ ସ୍କୁଲରେ ପାଠ ପଢିଛନ୍ତି। ସାଙ୍ଗ ହୋଇ ଖାଇବାଠାରୁ ଖେଳକୁଦ ଯାଏ ସବୁଠି ଏହି ଦୁଇବନ୍ଧୁଙ୍କ ଉପସ୍ଥିତି। ନିବିଡ଼ ବନ୍ଧୁତ୍ୱ ଯୋଗୁ କମଳ ବନ୍ଧୁ କିଶୋରଙ୍କ ଘରେ ଅନେକ ଥର ଖାଇଛନ୍ତି। ଉଭୟଙ୍କ ଜାତି ଅଲଗା ହୋଇଥିଲେ ମଧ୍ୟ ଜାତିଭେଦ ସେମାନଙ୍କ ମନକୁ ଛୁଇଁନି। ପରିବାରର ତାଗିଦ ସତ୍ତ୍ୱେ କମଳ କିଶୋରଙ୍କୁ ଛାଡିପାରିନାହାନ୍ତି। ଏବେ କମଳ ନିଜ ପରିବାର ଓ ସମାଜରୁ ବାସନ୍ଦ ହୋଇଛନ୍ତି। ଏଥିପାଇଁ ତାଙ୍କ ସ୍ତ୍ରୀ ମଧ୍ୟ ଛୁଆଙ୍କୁ ନେଇ ବାପଘରକୁ ଚାଲିଯାଇଛନ୍ତି। ପରିବାର ଲୋକେ କେବଳ କମଳଙ୍କୁ ଘରୁ ବାଛନ୍ଦ କରିଛନ୍ତି ତା’ ନୁହେଁ, ତାଙ୍କୁ ସମ୍ପତ୍ତିରୁ ମଧ୍ୟ କୌଣସି ଭାଗ ଦେଇନାହାନ୍ତି। ଫଳରେ ଅସହାୟତାରେ ଭାଙ୍ଗିପଡୁଥିବା ବେଳେ କମଳଙ୍କୁ ବନ୍ଧୁ କିଶୋର ହୋଇଛନ୍ତି ସାହାରା। ବନ୍ଧୁଙ୍କ ସମସ୍ତ ଦେଖାଶୁଣା ସେ କରୁଥିଲେ। ତେବେ ବେଶିଦିନ କିଶୋରଙ୍କ ପାଖରେ ରହିବା ଲାଗି ସେ ନିଜକୁ ସଙ୍କୋଚ ମନେକଲେ। ମାତ୍ର ତାଙ୍କ ପାଖରୁ ସେ ଯାଇପାରୁ ନ ଥିଲେ କି କିଶୋର ମଧ୍ୟ ତାଙ୍କୁ ଛାଡୁ ନ ଥିଲେ। ଏପରି ସ୍ଥିତିରେ କମଳ କିଛି କାମ କରିବା ବାହାନାରେ କିଶୋରଙ୍କୁ ବୁଝାଇ ଗ୍ରାମ ଛାଡ଼ି ହାଇଦ୍ରାବାଦ ଚାଲିଯାଇଥିଲେ। ଲକ୍‌ଡାଉନ ଯୋଗୁ ଗ୍ରାମକୁ ଫେରି ସଙ୍ଗରୋଧ କେନ୍ଦ୍ରରେ ୧୪ ଦିନ ରହିଥିଲେ। ଏହା ପରେ ମଧ୍ୟ ପରିବାର ଲୋକେ କମଳଙ୍କୁ ଗ୍ରହଣ କରୁନାହାନ୍ତି। ସୋମବାର ଫାମ୍ପୁଣୀ ସରପଞ୍ଚ ପ୍ରତିମା ନାୟକ ପରିବାର ଲୋକଙ୍କ ସହ ତାଙ୍କୁ ମିଶାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ କମଳଙ୍କ ବଡ଼ଭାଇ ମୋହନ ତାଙ୍କୁ ଗ୍ରହଣ କରିବାକୁ ରୋକ୍‌ଠୋକ୍ ମନା କରି ଦେଇଛନ୍ତି। ଫଳରେ ଏବେ କ’ଣ କରିବେ ଚିନ୍ତାରେ ଅଛନ୍ତି କମଳ।



ପରିବାର ଲୋକଙ୍କ ନିକଟରୁ ଫେରୁଛନ୍ତି ସରପଞ୍ଚ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରଙ୍କ ମୃତ୍ୟୁ

ମାଲକାନଗିରି,୮।୬ (ଡି.ଏନ୍.ଏ.)-

ସୋମବାର ଏକ କ୍ରଶର ମିଲ୍‌ରେ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ମନା ମାଡକାମି । ସେ ସଦର ଥାନା ତମସା ପଞ୍ଚାୟତ ଦରିଗୁଡା ଗ୍ରାମର ବାଗା ମାଡକାମିଙ୍କ ପୁଅ। ମନା ମାଲକାନଗିରି କଲେଜରେ ଯୁକ୍ତ ୨ରେ ପଢୁଥିଲେ। ସେ ଏହି ମିଲ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଦରିଗୁଡା ଗ୍ରାମ ପାହାଡ ତଳେ ଏହି କ୍ରଶର ମିଲ୍ ଚାଲିଛି। କ୍ରଶର ଚାଲିବା ପାଇଁ ବସାଯାଇଥିବା ମେଶିନରେ ପୂର୍ବରୁ ବିଦ୍ୟୁତ୍ ଅବ୍ୟବସ୍ଥା ଥିବା କେତେଜଣ ଶ୍ରମିକ ପ୍ରକାଶ କରିଛନ୍ତି। ଖବରପାଇ ଘଟଣାସ୍ଥଳରେ ମାଲକାନଗିରି ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, କରୋନା ପାଇଁ ଲକ୍‌ଡାଉନ ଯୋଗୁ ବିଦ୍ୟାଳୟ, ମହାବିଦ୍ୟାଳୟ ବନ୍ଦ ରହିଛି। ମନା ଘରେ ନ ବସି ପରିବାର ଚଳାଇବା ପାଇଁ ଏହି ମିଲ୍‌ରେ କାର୍ଯ୍ୟ କରୁଥିଲେ।

## ଜଙ୍ଗଲରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ

ମାଲକାନଗିରି,୮।୬(ଡି.ଏନ୍.ଏ.)

ଜଙ୍ଗଲରେ ବେଆଇନ ଭାବେ ଗଚ୍ଛିତ ଥିବା ଗଞ୍ଜେଇକୁ ମାଲକାନଗିରି ପୋଲିସ ଜବତ କରିଛି। ଏହାର ପରିମାଣ ୧ ହଜାର କେଜି ଅର୍ଥାତ୍ ୧୦ କୁଇଣ୍ଟାଲ ହେବ ବୋଲି କୁହାଯାଉଛି। ସଦର ବ୍ଲକ ତଣ୍ଡାପାଲି ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଲୁଚାଇ ରଖାଯାଇଥିବା ସୂଚନା ପାଇ ଆଇଆଇସି ରାମପ୍ରସାଦ ନାଗ, ଏସ୍‌ଆଇ ସୁଶୀଲ ସ୍ୱାଇଁ ଚଢାଉ କରିଥିଲେ। ଏହି ଗଞ୍ଜେଇକୁ ନିକଟସ୍ଥ ଅଞ୍ଚଳରେ ଅମଳ କରାଯାଇ ଏହାକୁ ଛତିଶଗଡ ପଠାଇବା ଲାଗି ଯୋଜନା ଥିଲା। ତେବେ ଏଥିରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡଙ୍କୁ ଚିହ୍ନଟ କରାଯାଇଛି। ତାଙ୍କ ନାମରେ ମାମଲା (୧୮୨/୨୦) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଲକ୍‌ଡାଉନ ଯୋଗୁ ବ୍ୟବସାୟୀମାନେ ଗଞ୍ଜେଇ କାରବାର କରିପାରୁ ନ ଥିବାରୁ ଜଙ୍ଗଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏପରି ଭାବେ ଲୁଚାଇ ରଖୁଛନ୍ତି।



ଜବତ ହୋଇଥିବା ଗଞ୍ଜେଇ।

## ରାୟଗଡ଼ାରେ ତୃତୀୟ କରୋନା ପଜିଟିଭ

- ଦିଲ୍ଲୀ ଫେରନ୍ତା ଯୁବତୀ ହୋମ୍ କ୍ୱାରାଣ୍ଟାଇନରେ ଥିଲେ
- ସପ୍ତାହ ପାଇଁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

ରାୟଗଡ଼ା ଅଫିସ,୮।୬:

ରାୟଗଡ଼ା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସୋମବାର ଜିଲାର ବିଷମକଟକ ବ୍ଲକ୍‌ରୁ ତୃତୀୟ ପଜିଟିଭ୍ ଚିହ୍ନଟ ହୋଇଛି। ଚିହ୍ନଟ ଯୁବତୀ ଦିଲ୍ଲୀରୁ ଫେରିଛନ୍ତି। ସେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିବାବେଳେ ୨୨ତାରିଖରେ ବିଷମକଟକ ଫେରି ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ୨୪ରେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ସୋମବାର ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ଗଜପତି ଜିଲା ରାଜସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ସୂଚନା ଦେଇଛନ୍ତି। ଯୁବତୀଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସଂକ୍ରମିତ ଚିହ୍ନଟ ହେବାପରେ ବିଷମକଟକର ଡୁକୁମ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍‌ଭାବେ ଘୋଷଣା କରାଯାଇଛି। ଏହା ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ତେବେ ଉକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକ ଜିନିଷ ପହଞ୍ଚାଇବା, ସ୍ୱାସ୍ଥ୍ୟ ବିଷୟ ଏବଂ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବା ପାଇଁ ବିଷମକଟକ ବ୍ଲକ୍ ସହକାରୀ ଯନ୍ତ୍ରୀ ପି. କେ ଜେନା, ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ବିକାଶ କୁମାର ପଣ୍ଡା ଏବଂ ସ୍ଥାନୀୟ ତହସିଲଦାର ଶୁଭେନ୍ଦୁ କୁମାର ଜେନାଙ୍କୁ ଦାୟିତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଜିଲାରେ ୨୧ତମ ପର୍ଯ୍ୟାୟରେ ୧୪୩ଜଣଙ୍କ ସ୍ୱାବ ନମୁନା ପରୀକ୍ଷା ପାଇଁ ଯାଇଥିଲା। ସେଥିରୁ ୧୪୨ଜଣଙ୍କ ରିପୋର୍ଟ ନେଗେଟିଭ୍ ରହିଥିବାବେଳେ ଜଣଙ୍କ ପଜିଟିଭ୍ ରହିଛି। ଜିଲାରୁ ଏଯାବତ ୨୨୧୩ ନମୁନା ପରୀକ୍ଷା କରାଯାଇଥିବାବେଳେ ୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

## କେନାଲ ରାସ୍ତା ମରାମତି ନିମ୍ନମାନର ଅଭିଯୋଗ

**୨ ଯନ୍ତ୍ରୀଙ୍କ କଥାରେ ତାଳମେଳ ନାହିଁ**

ଜୟପୁର, ୮।୬ (ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ନିକଟସ୍ଥ କୋଲାବ ଇରିଗେସନ ବିଭାଗର କେନାଲ ରାସ୍ତାରେ ଖାଲଖମାର ମରାମତି ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି । ଖାଲଖମା ବନ୍ଦ ନିମନ୍ତେ ମେଟାଲ ଏବଂ ମୋରମ ବ୍ୟବହାର ହୋଇଥିଲା। ମାତ୍ର ଉକ୍ତ ମେଟାଲ ଓ ମୋରମ ଢଳାଯିବା ପରେ ରୋଲର ବ୍ୟବହାର ହୋଇ ନ ଥିବାରୁ ଅଧିକାଂଶ ସ୍ଥାନରେ ମୋରମ ଉଠି ମେଟାଲ ବାହାରି ପଡୁଛି । ନିମ୍ନମାନର ମୋରମ ବ୍ୟବହାର ଯୋଗୁ ଏପରି ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଏହି କାର୍ଯ୍ୟ ପାଇଁ ୩ଲକ୍ଷ ୪୪ ହଜାର ଟଙ୍କା ଟେଣ୍ଡର ହୋଇଥିବା ବିଭାଗୀୟ ଜେଇ ପ୍ରସନ୍ନ ପଣ୍ଡା କହୁଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ମିଶ୍ର ୩ଲକ୍ଷ ୨୦ ହଜାର ଟଙ୍କାରେ ଟେଣ୍ଡର ପ୍ରଦାନ କରାଯାଇଥିବା କହିଛନ୍ତି । ଉଭୟ ଯନ୍ତ୍ରୀଙ୍କ ମତରେ ମେଳ ରହୁ ନ ଥିବାରୁ ସନ୍ଦେହ ପ୍ରକାଶ ପାଇଛି । ସେହିପରି କେନାଲର ଆଡିବନ୍ଧ ଉପରପାର୍ଶ୍ୱରେ ମଧ୍ୟ ପ୍ରାୟ ୮ଶହ ମିଟର ମାଟି ମୋରମ କାର୍ଯ୍ୟ ୩ ଲକ୍ଷ ଟଙ୍କାର କାର୍ଯ୍ୟ କରାଯାଉଛି । ସରକାରୀ ଟଙ୍କାକୁ ମରାମତି ନାମରେ ଠିକ୍ ରୂପେ ଖର୍ଚ୍ଚ କରାଯାଉ ନ ଥିବା ସାଧାରଣରେ ମତ ପ୍ରକାଶ ପାଉଛି। ସୂଚନାଯୋଗ୍ୟ ଯେ, ଜୟପୁର ଗାନ୍ଧୀଛକ, ପାରାବେଢା ପଛପାଖ ଦେଇ ତେଲିଗୁଡା ପର୍ଯ୍ୟନ୍ତ ଏହି କେନାଲ ପାର୍ଶ୍ୱ ରାସ୍ତା ମରାମତି ହେଉଛି ।

## ଚାଉଳ ବୋଝେଇ ପିକ୍‌ଅପ୍‌କୁ ଧରିଲେ ଗ୍ରାମବାସୀ

**ପିଡିଏସ୍ ଚାଉଳ ଚୋରା ଚାଲାଣ ଅଭିଯୋଗ**

କାଶୀନଗର,୮।୬(ଡି.ଏନ୍.ଏ.):

ହିତାଧିକାରୀଙ୍କ ପାଇଁ ଆସିଥିବା ପିଡିଏସ୍ ଚାଉଳ ଚୋରା ଚାଲାଣବେଳେ ସୋମବାର ଗ୍ରାମବାସୀ ଧରିଛନ୍ତି। ଗଜପତି ଜିଲା କାଶୀନଗର ବ୍ଲକ୍ ଖାଣ୍ଡବା ପଞ୍ଚାୟତ ଅଧୀନ ବାଡ଼ିଗାଁରେ ଘଟିଛି ଏପରି ଘଟଣା। ବାଡ଼ିଗାଁରୁ ଏକ ଭ୍ୟାନ (ଓଡି୦୭ଏଡି-୬୬୨୭)ଯୋଗେ ୫୦ ବସ୍ତା ପିଡିଏସ୍ ଚାଉଳ ରାୟଗଡ଼ା ଜିଲା ଗୁଣପୁରକୁ ଚାଲାଣ ସମୟରେ ଗ୍ରାମବାସୀ ଗାଡ଼ିକୁ ଅଟକାଇଥିଲେ। ଏ ନେଇ ବିଡିଓ ଏବଂ ଥାନାକୁ ସୂଚନା ଦିଆଯାଇଥିଲା। ଏହି ଚାଉଳ ପଞ୍ଚାୟତର ବାଡ଼ିଗାଁ ସମେତ ଅନ୍ୟ ୩ ଗ୍ରାମର ହିତାଧିକାରୀଙ୍କ ପାଇଁ ଆସିଥିଲା। ମାତ୍ର ଏହା ଗୁଣପୁରସ୍ଥିତ ଏକ ମିଲ୍‌କୁ ଯାଉଥିଲା। ଗ୍ରାମବାସୀଙ୍କ ପକ୍ଷରୁ ସୂରିୟା ରାଓ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଗ୍ରହଣ କରିଛି। ଯୋଗାଣ ବିଭାଗ ପକ୍ଷରୁ କାଗଜପତ୍ର ଯାଞ୍ଚ ସହ ଘଟଣାର ତଦନ୍ତ ଚାଲିଥିବା ଯୋଗାଣ ନିରୀକ୍ଷକ ସଞ୍ଜୀବ ମଲ୍ଲିକ କହିଛନ୍ତି।

## ଅନିଶ୍ଚିତତାରେ ଜୟପୁର ରଥଯାତ୍ରା

**ରୀତିନୀତି ପାଳନ ନେଇ ହୋଇପାରେ ବିକଳ୍ପ ବ୍ୟବସ୍ଥା**

ଜୟପୁର,୮।୬(ଡି.ଏନ.ଏ. )

ଉପଖଣ୍ଡ ପ୍ରଶାସନ ଏବଂ ପୋଲିସ ପ୍ରଶାସନକୁ ନେଇ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଜୟପୁରରେ ରଥଯାତ୍ରାକୁ ନେଇ ଦେବୋତ୍ତର ବିଭାଗର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏବେ ରାଜ୍ୟରେ କରୋନା ସଂକ୍ରମଣ ବ୍ୟାପକ ଭାବେ ବୃଦ୍ଧି ପାଉଥିବାରୁ ଏପରି ସ୍ଥିତିରେ କୋଭିଡ୍-୧୯ ନିୟମ ଅନୁଯାୟୀ ପାଳିବା ସମ୍ଭବ ନୁହେଁ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଅନୁମତି ଦେବାକୁ ମନା କରାଯାଇଛି। ଏନେଇ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ବୋଲି ଆଲୋଚନା ହୋଇଥିଲା। ତେବେ ଉପରସ୍ତରରୁ ଆଗାମୀ ଦିନରେ ଯାହା ନିଷ୍ପତ୍ତି ଆସିବ ତାହାକୁ ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରା କରିବାକୁ ଯଦି ସରକାର ଅନୁମତି ନ ଦିଅନ୍ତି ତା’ ହେଲେ ରୀତିନୀତି ପାଳନ ନେଇ ଏକ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏଥପାଇଁ ଜୟପୁରର ୭/୮ଜଣ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଙ୍କ ମତାମତ ନିଆଯିବ। ରଥଯାତ୍ରା ଆୟୋଜନ ନେଇ କୌଣସି ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ରଥ ନିର୍ମାଣ ନ କରିବାକୁ ନିଷ୍ପତ୍ତି ହୋଇଛି। ତହସିଲଦାର ଅଶ୍ୱିନୀ ମହାପାତ୍ରଙ୍କ ଉପସ୍ଥିତିରେ ବୈଠକରେ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ଲାଲମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କମିଟି ସଦସ୍ୟ, ନରେନ୍ଦ୍ରନାଥ ନାୟକ, ରାମଚନ୍ଦ୍ର ପଣ୍ଡା, ଶିବପ୍ରସାଦ ପ୍ରହରାଜ, ଦିନେଶ ନନ୍ଦ, ପଦ୍ମନାଭ ହୋତା, ସୁପ୍ରିତ ପୂଜାରୀ, ସୁପରିଣ୍ଟେଣ୍ଡେଣ୍ଟ ରାଜେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବନ ବିଭାଗର ଅନୁମତି ମିଳୁନି, ହୋଇପାରୁନି ରାସ୍ତା ନିର୍ମାଣ



ଜୟପୁର,୮।୬(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ବ୍ଲକ କେବିଡି ପଞ୍ଚାୟତର ମାଣ୍ଡିକୋଟା ଗ୍ରାମଠାରୁ କୁସୁମଭଟ୍ଟା ଗ୍ରାମ ପର୍ଯ୍ୟନ୍ତ ୩ କି.ମି. ରାସ୍ତା ନିର୍ମାଣ ବନ ବିଭାଗର ଅନୁମତି ମିଳୁ ନ ଥିବାରୁ କାମ ହୋଇପାରୁନି। ଏହି ୩କି.ମି. ରାସ୍ତା ମଧ୍ୟରେ ଜଙ୍ଗଲ ଅଞ୍ଚଳ ପଡୁଥିବାରୁ ବିଭାଗର ଅନୁମତି ଆବଶ୍ୟକ ପଡୁଛି। ୨୦୧୮-୧୯ରେ ବିଜୁ କେବିକେ ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମାଣ୍ଡିକୋଟଠାରୁ କୁସୁମଭଟ୍ଟା ଯାଏ ୩ କି.ମି. ରାସ୍ତା ନିର୍ମାଣ ଲାଗି ଜଙ୍ଗଲ ସଫେଇ କରିବାକୁ ଟଙ୍କା ମଞ୍ଜୁର ହୋଇଥିଲା। ଏହି ରାସ୍ତା ନିର୍ମାଣ ପାଇଁ ଗଛ କଟାଯିବା ସହିତ ମାଟି ଓ ପଥର ବାହାରିବ। ଏଥିପାଇଁ ବନ ବିଭାଗ ଅନୁମତି ଲୋଡ଼ାଯାଇଥିଲା। ମାତ୍ର ଏଯାଏ ବିଭାଗ ଅନୁମତି ଦେଉନାହିଁ। ଏନେଇ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଓ ଗ୍ରାମବାସୀ ବାରମ୍ବାର ଦାବି କରୁଛନ୍ତି। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଅର୍ଥ ମଞ୍ଜୁର କରାଯାଇ ବନ ବିଭାଗକୁ ଅନୁମତି ପାଇଁ ଆବେଦନ କରାଯାଇଛି । ମାତ୍ର ଏ ଦିଗରେ କୌଣସି ସୁଫଳ ମିଳୁ ନ ଥିବା ସମିତିସଭ୍ୟ ରାଜେନ୍ଦ୍ର ସାହୁ, ଦାସୁ କାଡ୍ରାକା, ସୁକ୍ରି କାଡ୍ରାକା, ୟୁନିସ କାଡ୍ରାକା, ଶ୍ରୀପତି ସାନ୍ତା, ପୂର୍ବାନନ୍ଦ ମୁଦୁଲି, ଶିବ ସାନ୍ତା ପ୍ରମୁଖ ଅଭିଯୋଗ କରିଛନ୍ତି। ପାହାଡ ଉପରେ ମାଣ୍ଡିକୋଟା ଏବଂ କୁସୁମଭଟ୍ଟା ଗ୍ରାମ ରହିଛି । ବାଟ ଜଗନ୍ନାଥପୁରଠାରୁ ମାଣ୍ଡିକୋଟା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ମାଣ୍ଡିକୋଟାଠାରୁ କୁସୁମଭଟ୍ଟା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନ ଥିବାରୁ କୁସୁମଭଟ୍ଟା ଏବଂ ଆଖପାଖ କେନ୍ଦୁଗୁଡା ଆଦି ଗ୍ରାମର ୪୦ଟି ପରିବାର ଜଙ୍ଗଲ ଦେଇ ଏହି ଗ୍ରାମକୁ ଯାତାୟାତ କରିଥାଆନ୍ତି। ଅଧିକାଂଶ ସମୟରେ ବିଭିନ୍ନ ସରକାରୀ ଯୋଜନାରୁ ଲୋକେ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ କେତେଜଣ ପରିବେଶବିତ୍ ଗଛକଟାକୁ ବିରୋଧ କରୁଛନ୍ତି। ଏ ସମ୍ପର୍କରେ ବିଡିଓ ସୂରଜ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବନ ବିଭାଗର ଜମି ଓ ଜଙ୍ଗଲ। ସେମାନଙ୍କ ଅନୁମତି ମିଳିଲେ କାର୍ଯ୍ୟ ଆରମ୍ଭ କରାଯିବ ।

**ସଂକ୍ଷେପରେ**

## 'ମିଆଁଦାଦଙ୍କ ଭଳି କୋହଲି'



**ଲାହୋର, ୬।୮:** ଜାଭେଦ ମିଆଁଦାଦଙ୍କ ସହ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ତୁଳନା କରିଛନ୍ତି ପାକିସ୍ତାନ ପୂର୍ବତନ ଅଧିନାୟକ ଅମୀର ସୋହେଲ। କୋହଲିଙ୍କ ମଧ୍ୟରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ମିଆଁଦାଦଙ୍କ ପ୍ରତିଛବି ଦେଖୁଛି ବୋଲି ସେ କହିଛନ୍ତି। ମିଆଁଦାଦ ସବୁବେଳେ ପାକିସ୍ତାନ କ୍ରିକେଟର ଉନ୍ନତି କଥା ଚିନ୍ତା କରିଥାନ୍ତି। ସାଥୀ ଖେଳାଳିମାନଙ୍କୁ ଭଲ ପ୍ରଦର୍ଶନ କରିବା ପାଇଁ ସେ ସବୁବେଳେ ଉତ୍ସାହିତ କରିଥାନ୍ତି। ତାଙ୍କ ସହିତ ପାର୍ଟନରଶିପ୍ ହେଲେ ସେ ଆହୁରି ଭଲ ପ୍ରଦର୍ଶନ କରିବାକୁ ପ୍ରବର୍ତ୍ତାଇଥାନ୍ତି। ଠିକ୍ ଏହିଭଳି କୋହଲି ଏବେ ନିଜ ଦଳ ଓ ସାଥୀ ଖେଳାଳିଙ୍କ ପାଇଁ କରୁଛନ୍ତି। କୋହଲିଙ୍କ ସହିତ ଜଡିତ ଥିବା ସବୁ ଖେଳାଳି ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାରେ ସକ୍ଷମ ହୋଇଛନ୍ତି। ଏଥିପାଇଁ କୋହଲି ଜଣେ ମହାନ୍ ଖେଳାଳିଭାବେ ଉଭା ହୋଇଛନ୍ତି। ଏହି ଦୁଇଜଣ ଶେଷ ପର୍ଯ୍ୟନ୍ତ ହାର ମାନି ନ ଥାନ୍ତି ଓ ଲଢ଼େଇ ଜାରି ରଖିଥାନ୍ତି ବୋଲି ସୋହେଲ କହିଛନ୍ତି। ମିଆଁଦାଦ ତାଙ୍କ କ୍ୟାରିୟରରେ ୧୨୪ଟି ଟେଷ୍ଟ ଓ ୨୩୩ ଦିନିକିଆ ଖେଳି ଯଥାକ୍ରମେ ୮୮୩୨ ଓ ୭୩୮୨ ରନ ସଂଗ୍ରହ କରିଛନ୍ତି। ଅନ୍ୟପଟେ କୋହଲି ୮୬ ଟେଷ୍ଟ, ୨୪୮ ଦିନିକିଆ ଓ ୮୨ ଟି୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୭୨୪୦, ୧୧୮୬୭ ଓ ୨୭୯୪ ରନ ସଂଗ୍ରହ କରିଛନ୍ତି। କୋହଲି ଏପର୍ଯ୍ୟନ୍ତ ୭୦ଟି ଅନ୍ତର୍ଜାତୀୟ ଶତକ ହାସଲ କରିସାରିଛନ୍ତି।

## ଷ୍ଟୋକ୍ସଙ୍କୁ ଚାପମୁକ୍ତ ରଖିବା ଉଚିତ: ପିଟରସନ୍

**ଲଣ୍ଡନ, ୮।୬ (ପି.ଟି.):** ବେନ୍ ଷ୍ଟୋକ୍ସଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯିବା ଉଚିତ ନୁହେଁ। ଏହାଦ୍ୱାରା ସେ ଅତିରିକ୍ତ ଚାପରେ ରହିବେ। ସେ ସ୍ୱାଭାବିକ ପ୍ରଦର୍ଶନ କରିପାରିବେ ନାହିଁ ବୋଲି କହିଛନ୍ତି ଇଂଲଣ୍ଡର ପୂର୍ବତନ ଅଧିନାୟକ କେଭିନ ପିଟରସନ। ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ଯଦି ନିୟମିତ ଅଧିନାୟକ ଜୋ ରୁଟ୍ ଇଂଲଣ୍ଡ ପାଇଁ ଉପଲବ୍ଧ ନ ହୁଅନ୍ତି ବରଂ ତାଙ୍କ ସ୍ଥାନରେ ଉଇକେଟକିପର-ବ୍ୟାଟ୍ସମ୍ୟାନ ଜୋସ୍ ବଟଲରଙ୍କୁ ଦଳର ନେତୃତ୍ୱ ଦିଆଯିବା ଉଚିତ। ପ୍ରଥମ ଟେଷ୍ଟ ଜୁଲାଇ ୮ରୁ ଖେଳାଯିବ। ସେ ସମୟରେ ଇଂଲଣ୍ଡ ରେଡ୍ ବଲ୍ ଅଧିନାୟକଙ୍କ ସ୍ତ୍ରୀ ଦ୍ୱିତୀୟ ସନ୍ତାନର ମା ହେବାକୁ ଯାଉଥିବାରୁ ରୁଟ୍ ଉପଲବ୍ଧ ହେବେ କି ନା ସନ୍ଦେହ ରହିଛି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଗାଇଡ୍‌ଲାଇନ୍ ଅନୁସାରେ କୌଣସି ଖେଳାଳି ଜାତୀୟ ଦଳରେ ଯୋଗଦାନ କରିବା ପୂର୍ବରୁ ୭ ଦିନ ସେଲ୍ଫ ଆଇସୋଲେଶନରେ ରହିବେ। ପିଟରସନ ତାଙ୍କ ଅଧିନାୟକ ସମୟର ଅନୁଭବକୁ ମନେପକାଇଥିଲେ। ଅଧିନାୟକ ପଦବୀରେ ଥିବାବେଳେ ନିଜେ ଚାପରେ ରହୁଥିଲେ ଏବଂ ସ୍ୱାଭାବିକ ପ୍ରଦର୍ଶନ ପାଇଁ ତାଙ୍କୁ ଖୁବ୍ ସଂଘର୍ଷ କରିବାକୁ ପଡୁଥିଲା। ତେଣୁ ଏହି ପଦବୀ ପାଇଁ ତାଙ୍କୁ ବିତୃଷ୍ଣା ଆସିଯାଇଥିଲା ବୋଲି କହିଛନ୍ତି।

# ସଚିନଙ୍କୁ ଆଉଟ୍ କରିବାରୁ ହତ୍ୟା ଧମକ

**ଲଣ୍ଡନ,୮।୬**

୨୦୧୧ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆୟୋଜିତ ଏକ ଟେଷ୍ଟ ସିରିଜରେ ଏକ ବିରଳ ଘଟଣା ଘଟିଥିଲା। ଏହି ସିରିଜରେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଆଉଟ କରିଥିବାରୁ ମୋତେ ଓ ଅମ୍ପାୟର ରଡ୍ ଟକରଙ୍କୁ ହତ୍ୟା ଧମକ ଦିଆଯାଇଥିଲା ବୋଲି ଇଂଲଣ୍ଡ ଦ୍ରୁତ ବୋଲର ଟିମ୍ ବ୍ରେସ୍‌ନାନ କହିଛନ୍ତି।

ସେତେବେଳେ ସଚିନ ୯୯ତମ ଅନ୍ତର୍ଜାତୀୟ ଶତକ ହାସଲକରି ସାରିଥିଲେ। ଓଭାଲରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟରେ ସେ ୧୦୦ତମ ଶତକ ହାସଲ ଆଡ଼କୁ ଗତି କରୁଥିଲେ। ସଚିନ ୯୧ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ବ୍ରେସ୍‌ନାନଙ୍କ ଏକ ବଲ ସଚିନଙ୍କ ପ୍ୟାଡ୍‌ରେ ବାଜିଥିଲା ଓ ଜବରଦସ୍ତ ଅପିଲ ହେବାରୁ ଟକର ଅଙ୍ଗୁଳି ଟେକି ସଚିନଙ୍କୁ ଆଉଟ ଘୋଷିତ କରିଥିଲେ। ବଲ୍ ଲେଗ୍‌ଷ୍ଟମ୍ପର ବାହାରକୁ ଯାଉଥିବା ଲକ୍ଷ୍ୟ କରାଯାଇଥିଲା। ତେବେ



ସଚିନଙ୍କୁ ଆଉଟ୍ କରିବା ଅବସରରେ ଟିମ୍ ବ୍ରେସ୍‌ନାନ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଡିଆର୍‌ଏସ୍‌କୁ ବିରୋଧ କରୁଥିବାରୁ ସଚିନ ଏହାର ସହାୟତା ନେଇ ନ ଥିଲେ। ସେତେବେଳେ ଭାରତ ୦-୩ରେ ପଛରେ ପଡ଼ିଥିଲା। ସଚିନ ପ୍ରଥମ ୩ଟି ଟେଷ୍ଟରେ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲକରି ଖରାପ ଫର୍ମ ଦେଇ ଗତି କରୁଥିଲେ। ତେବେ ଚତୁର୍ଥ ଟେଷ୍ଟରେ ଶତକ ହାସଲ କରିଥିଲେ ସେ ୧୦୦ତମ ଅନ୍ତର୍ଜାତୀୟ ଶତକ ହାସଲ କରିବା ସହ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଥାନ୍ତେ। ସଚିନ ଆଉଟ୍ ହେବା ପରେ ପ୍ରଶଂସକମାନେ ନିରାଶ ହୋଇଥିଲେ। ଫଳରେ ମୋତେ ଓ ଟକରଙ୍କୁ ହତ୍ୟା ଧମକ ଦିଆଯାଇଥିଲା ଓ ଆମ ପାଖକୁ ଏକାଧିକ ଚିଠି ଆସିଥିଲା। ବଲ ଲେଗ୍ ଷ୍ଟମ୍ପ ବାହାରକୁ ଯାଉଥିବା ବେଳେ ଆପଣ ସଚିନଙ୍କୁ ଆଉଟ୍ ଘୋଷିତ କଲେ କେମିତି ବୋଲି ଚିଠିରେ ଉଲ୍ଲେଖ କରାଯାଇଥିଲା। ଫଳରେ ଆମକୁ ପୋଲିସର ସହାୟତା ନେବାକୁ ହୋଇଥିଲା। ଅଷ୍ଟ୍ରେଲିଆରେ ତାଙ୍କ ଘର ପାଖରେ ପୋଲିସ ନିୟୋଜିତ କରାଯାଇଥିଲା ବୋଲି ବ୍ରେସ୍‌ନାନ କହିଛନ୍ତି। ଏହାପରେ ସଚିନ ୨୦୧୨ ଏସିଆ କପ୍‌ରେ ବାଂଲାଦେଶ ବିପକ୍ଷରେ ଶତକ ହାସଲ କରି ୧୦୦ତମ ଅନ୍ତର୍ଜାତୀୟ ଦିନିକିଆ ଶତକ ହାସଲ କରି ରେକର୍ଡ ସୃଷ୍ଟି କରିଥିଲେ। ସଚିନ ଟେଷ୍ଟରେ ୧୫୯୨୧ ଓ ଦିନିକିଆରେ ୧୮୪୨୬ ରନ ସଂଗ୍ରହ କରିଥିଲେ।

## ଏଫ୍‌ସି ଗୋଆ ସହ ଆହୁରି ୨ବର୍ଷ ରହିବେ ବେଡିଆ

**ପଣଜୀ, ୮।୬ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଫ୍ରାଞ୍ଚାଇଜ୍ ଏଫ୍‌ସି ଗୋଆ ଏଡୁ ବେଡିଆଙ୍କ ସହିତ ଚୁକ୍ତି ନବୀକରଣ କରିଛି। ଫଳରେ ଏହି ସ୍ପେନ୍ ଫୁଟ୍‌ବଲର ଦଳ ସହ ୨୦୨୨ ପର୍ଯ୍ୟନ୍ତ ରହିବେ। ଆଇଏସ୍‌ଏଲ ସିଜନ ଆରମ୍ଭରେ ୨୦୧୭/୧୮ରେ ରିଅଲ ଜାରାଗୋଜା ଟିମ୍‌ରୁ ବେଡିଆଙ୍କୁ ଆଣିବା ପରଠାରୁ ସେ ଦଳର ଜଣେ ପ୍ରମୁଖ ଖେଳାଳି ରହି ଆସିଛନ୍ତି। ଆଇଏସ୍‌ଏଲ୍‌ର ତିନୋଟି ସିଜନରେ ବେଡିଆ ଏଫ୍‌ସି ଗୋଆ ତରଫରୁ ୫୧ ମ୍ୟାଚ ଖେଳିଛନ୍ତି। ସେ ୯ଟି ଗୋଲ ସ୍କୋର କରିଥିବାବେଳେ ୯ଟି ଗୋଲ୍‌ରେ ସହାୟକ ହୋଇଛନ୍ତି। ଏଫ୍‌ସି ଗୋଆର ଫୁଟ୍‌ବଲ ନିର୍ଦ୍ଦେଶକ ରବି ପୁଷ୍କର କହିଛନ୍ତି ମିଡ୍‌ଫିଲ୍ଡର ବେଡିଆ ଆମ ଦଳର ଜଣେ ପ୍ରମୁଖ ଖେଳାଳି ରହି ଆସିଛନ୍ତି। ଭବିଷ୍ୟତରେ ମଧ୍ୟ ସେ ଦଳର ପ୍ରଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ଆମର ଦୃଢବିଶ୍ୱାସ ରହିଛି।



## ମିକାଇଲା କରୋନା ପଜିଟିଭ

**ୱାଶିଂଟନ, ୮।୬ (ଏପି):** ଆମେରିକୀୟ ପେସାଦାର ମହିଳା ଜୁନିୟର ଲାଇଟ୍‌ୱେଟ ବକ୍ସର ମିକାଇଲା ମେୟର କୋଭିଡ୍-୧୯ରେ ସଂକ୍ରମିତ। ରବିବାର ସୋସିଆଲ ମିଡିଆରେ ସେ ଏହା ଘୋଷଣା କରିଥିଲେ। ଫଳରେ କୋଭିଡ୍-୧୯ ମହାମାରୀ ପରେ ସେ ଲାସ୍ ଭେଗାସ୍‌ରେ ହେବାକୁ ଥିବା ପ୍ରଥମ ମେଜର ବକ୍ସିଂ ପ୍ରତିଯୋଗିତାରୁ ଓହରି ଯାଇଛନ୍ତି।

ଦୁଇଦିନ ପରେ ସେ ଏମ୍‌ଜିଏମ୍ ଗ୍ରାଣ୍ଡ ଗାର୍ଡେନ ଆରେନାରେ ମଙ୍ଗଳବାର ଆୟୋଜନ ହେବାକୁ ଥିବା ଟପ୍ ର୍ୟାଙ୍କ ଶୋ ତଥା ହେଲେନ ଜୋସେଫ୍‌ଙ୍କ ବିପକ୍ଷ ବାଉଟ୍‌ରେ ଅବତୀର୍ଣ୍ଣ ହୋଇଥାନ୍ତେ। ଉଲ୍ଲେଖଥାଉ କି, ୨୯ ବର୍ଷୀୟ ମେୟର ହେଉଛନ୍ତ ପୂର୍ବତନ ୟୁଏସ୍ ଅଲିମ୍ପିଆନ ଓ ୧୩୦ ପାଉଣ୍ଡ ଡିଭିଜନରେ ଜଣେ ଉଦୀୟମାନ ତାରକା। ତାଙ୍କଠାରେ କୌଣସି ଲକ୍ଷଣ ଦେଖା ଦେଇ ନ ଥିଲେ ମଧ୍ୟ ସେ ପଜିଟିଭ ବୋଲି ଶନିବାର ହୋଇଥିବା କୋଭିଡ୍ ଟେଷ୍ଟରୁ ଜଣାପଡ଼ିଥିଲା। ମୋ ଟିମ୍‌ର ଅବଶିଷ୍ଟ ଖେଳାଳି ନେଗେଟିଭ୍ ଅଛନ୍ତି ଓ ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହିଛି ବୋଲି ମେୟର କହିଛନ୍ତି। ଏବେ ନିଜ ସହିତ ମୋ ଟିମ୍, ସମର୍ଥକ ଓ ବିପକ୍ଷ ଖେଳାଳିଙ୍କୁ ନିରାଶ କରିଛି ବୋଲି ମେୟର କହିଛନ୍ତି। ମେୟର ଜୋସେଫଙ୍କ ବିପକ୍ଷରେ ତାଙ୍କର ୧୦ ରାଉଣ୍ଡ ବିଶିଷ୍ଟ ବାଉଟ୍ ହୋଇଥାନ୍ତା। ଚଳିତବର୍ଷ ଶେଷ ଭାଗରେ ୱାର୍ଲ୍ଡ ଟାଇଟଲ ଲଢ଼େଇରେ ସେ ଅବତୀର୍ଣ୍ଣ ହୋଇଥାନ୍ତେ ବୋଲି ମନସ୍ଥ କରିଥିଲେ।



## ୧୫ରୁ ଖୋଲିବ ମୋହନ ବାଗାନ କ୍ଲବ ଟେଣ୍ଟ

**କୋଲକାତା,୮।୬(ପି.ଟି.):** ଆସନ୍ତା ୧୫ ତାରିଖରୁ ଦେଶର ଜଣାଶୁଣା ଫୁଟ୍‌ବଲ କ୍ଲବ ମୋହନ ବାଗାନ ଦ୍ୱିତୀୟ ଥର ପାଇଁ ଖେଳାଳି ଓ ପ୍ରଶଂସକଙ୍କ ପାଇଁ କ୍ଲବ ଟେଣ୍ଟ ଖୋଲିବ। ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ ଲକ୍‌ଡାଉନ୍‌ରେ ମିଳିଥିବା ସୁବିଧା ଅନୁସାରେ ଟେଣ୍ଟ ଖୋଲାଯିବ ବୋଲି କ୍ଲବ ତରଫରୁ କୁହାଯାଇଛି। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଚାମ୍ପିୟନ ଏଟିକେ ସହିତ ଆଇଲିଗ୍ ଚାମ୍ପିୟନ ମୋହନ ବାଗାନର ମିଶ୍ରଣ ହୋଇଛି। ଫଳରେ ମୋହନ ବାଗାନର ଜର୍ସି ଓ ଅନ୍ୟାନ୍ୟ ଜିନିଷ କିପରି ହେବ ସେ ନେଇ ଚର୍ଚ୍ଚା ଚାଲିଛି। ତେବେ ଚାମ୍ପିୟନଶିପ୍ ସହ ଜଡ଼ିତ ଥିବା ଜର୍ସି ଓ ଅନ୍ୟ ଜିନିଷ ସବୁ ୧୬ ତାରିଖରୁ ଟେଣ୍ଟରେ ବିକ୍ରି ହେବ ବୋଲି କ୍ଲବ ତରଫରୁ ଟୁଇଟ୍ କରି କୁହାଯାଇଛି। ନୂଆ ଟିମ୍ ଏଟିକେ-ମୋହନ ବାଗାନ ଜୁନ୍ ୧ ତାରିଖରେ ଲଞ୍ଚ୍ ହେବାର ଥିଲା। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ବୋର୍ଡ ବୈଠକକୁ ଘୁଞ୍ଚାଇ ଦିଆଯାଇଥିଲା। ନୂଆ ଦଳର ଲୋଗୋ, ଜର୍ସି ଓ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନ ଥିବାରୁ ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି କୁହାଯାଇଛି।

## ଦୈନିକ ୪ଘଣ୍ଟା ଅଭ୍ୟାସ କରୁଛନ୍ତି କୁଲ୍‌ଦୀପ

**ଲକ୍ଷ୍ନୌ, ୮।୬ (ପି.ଟି.)**

ଭାରତର ବାମହାତୀ ରିଷ୍ଟ ସ୍ପିନର କୁଲ୍‌ଦୀପ ଯାଦବ ପୁଣି ତାଙ୍କର ଟ୍ରେନିଂ ଆରମ୍ଭ କରିଛନ୍ତି। ସେ ଦୈନିକ ୪ଘଣ୍ଟା ଅଭ୍ୟାସ କରୁଛନ୍ତି। ବଲ୍‌କୁ ଚକ୍ ଚକ୍ କରିବା ଲାଗି ବୋଲରମାନେ ଛେପ ବ୍ୟବହାର କରିବା ଏକ ସ୍ୱାଭାବିକ ଅଭ୍ୟାସ। ମାତ୍ର ଏହା ନ କରିବା ଲାଗି ଚେଷ୍ଟା କରୁଛନ୍ତି। ଲକ୍‌ଡାଉନ୍ କଟକଣା ଯୋଗୁ ଖେଳାଳିମାନଙ୍କୁ ନିଜ ଅଞ୍ଚଳରେ ଟ୍ରେନିଂ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିର୍ଦ୍ଦେଶ ରହିଛି। କୁଲ୍‌ଦୀପ ନିଜ ପିଲାଦିନର କୋଚ୍ କପିଲ ପାଣ୍ଡେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ରୋଭର୍ସ ଗ୍ରାଉଣ୍ଡରେ ଅଭ୍ୟାସ କରୁଛନ୍ତି। ଲାଲ୍ ବାଂଲା ଅଞ୍ଚଳରେ ଅବସ୍ଥିତ ରୋଭର୍ସ ଗ୍ରାଉଣ୍ଡରେସେ ତାଙ୍କ ଦୈନିକ ଅଭ୍ୟାସ ସେସନକୁ ଦୁଇ ଭାଗରେ ବିଭକ୍ତ କରିଛନ୍ତି। ସକାଳେ ୭ଟା ୩୦ରୁ ୯ଟା ସେ ଫିଜିକାଲ ଟ୍ରେନିଂ ନେଉଛନ୍ତି। ଘରକୁ ଯାଇ ସେ ପୁଣି ସନ୍ଧ୍ୟାବେଳା ଆସି ୪ଟାରୁ ୮ଟା ପର୍ଯ୍ୟନ୍ତ ନେଟ୍ସରେ ବୋଲିଂ କରୁଛନ୍ତି। କୁଲ୍‌ଦୀପ କହିଛନ୍ତି, ମୁଁ ଏକ ସପ୍ତାହ ହେଲା ଆଉଟ ଡୋର୍ ଟ୍ରେନିଂ ଆରମ୍ଭ କରିଛି। ଘରେ ଅବା ବାହାରେ ମୁଁ ସୋସିଆଲ ଡିଷ୍ଟାନ୍ସ ବଜାୟ ରଖୁଛି। ଆଉ କିଛି ସପ୍ତାହ ମଧ୍ୟରେ ମୁଁ ପ୍ରତିଯୋଗିତାମୂଳକ କ୍ରିକେଟ ପାଇଁ ଫିଟ୍ ହୋଇଯିବି। କୁଲଦୀପ ଇତିମଧ୍ୟରେ ଦେଶ ପାଇଁ ୬ଟି ଟେଷ୍ଟ, ୬୦ ଅନ୍ତର୍ଜାତୀୟ ଦିନିକିଆ ଏବଂ ୨୧ ଅନ୍ତର୍ଜାତୀୟ ଟି୨୦ ଖେଳିସାରିଛନ୍ତି। ୨୫ ବର୍ଷୀୟ ଏହି ବୋଲରଙ୍କର ବୋଲିଂ ବେଳେ ବଲ୍‌ଥକୁ ଚକ୍ ଚକ୍ କରିବାଲାଗି ପିଲାଦିନୁ ଛେପକୁ ବ୍ୟବହାର କରି ଆସୁଛନ୍ତି। କରୋନା ଭାଇରସ୍ ମହାମାରୀ ଯୋଗୁ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସ୍ୱରୂପ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଛେପ ବ୍ୟବହାର ଉପରେ କଟକଣା ଜାରି କରିଛି। ମୋତେ ଏହି ଅଭ୍ୟାସକୁ ଛାଡ଼ିବାକୁ ପଡ଼ିବ। ଖୁବ୍ ଶୀଘ୍ର ଏହାର ବିକଳ୍ପ ବ୍ୟବସ୍ଥା ବାହାରିଯିବ ବୋଲି ମୋର ଆଶା ବୋଲି ସମସ୍ତ ଫର୍ମାଟରେ ୧୬୭ ଅନ୍ତର୍ଜାତୀୟ ଉଇକେଟ ହାସଲ କରିଥିବା କୁଲ୍‌ଦୀପ କହିଛନ୍ତି।



## ଟି୨୦ ବିଶ୍ୱକପ୍ ହୋଇ ନ ପାରିଲେ ଆଇପିଏଲ୍ ହେଉ: ହୋଲ୍ଡିଂ

**ନୂଆଦିଲ୍ଲୀ, ୮।୬**

ଯଦି ଟି୨୦ ବିଶ୍ୱକପ୍ ନିର୍ଦ୍ଧାରିତ କାର୍ଯ୍ୟସୂଚୀରେ ଆୟୋଜନ ନ ହୋଇପାରେ ତା'ହେଲେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ କରୁ। ଏକଥା କହିଛନ୍ତି ୱେଷ୍ଟଇଣ୍ଡିଜ୍ କିମ୍ବଦନ୍ତୀ ଦ୍ରୁତ ବୋଲର ମାଇକେଲ ହୋଲ୍ଡିଂ। ଅଷ୍ଟ୍ରେଲିଆରେ ଆସନ୍ତା ଅକ୍ଟୋବର ୧୮ରୁ ନଭେମ୍ବର ୧୫ ତାରିଖ ମଧ୍ୟରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବା କାର୍ଯ୍ୟକ୍ରମ ରହିଛି। ଯଦି କୋଭିଡ୍-୧୯ ମହାମାରୀ କାରଣରୁ ଏହାକୁ ସ୍ଥଗିତ ରଖାଯାଏ ତା'ହେଲେ ବିସିସିଆଇକୁ ଆଇପିଏଲ୍ ଆୟୋଜନ କରିବାକୁ ଅଧିକାର ଦିଆଯାଉ ବୋଲି ସେ କହିଛନ୍ତି। ଏପରି ହେଲେ ବିସିସିଆଇ ଆଇପିଏଲ୍ ପାଇଁ ଯୋଜନା ପ୍ରସ୍ତୁତ କରିବ ବୋଲି ନିଖିଲ ନାଜ୍‌ଙ୍କ ସହ ଇନ୍‌ଷ୍ଟାଗ୍ରାମ୍‌ରେ କଥା ହେବା ଅବସରରେ ସେ କହିଛନ୍ତି। ତେବେ ଆଇପିଏଲ୍ ପାଇଁ ୱିଣ୍ଡୋ ପ୍ରସ୍ତୁତ କରିବାକୁ ଯାଇ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି) ଜାଣିଶୁଣି ଟି୨୦ ବିଶ୍ୱକପ୍‌କୁ ବିଳମ୍ବିତ କରିବ ନାହିଁ ବୋଲି ଭାବୁଥିବା କଥା ସେ କହିଛନ୍ତି। ପୁଣି ଅଷ୍ଟ୍ରେଲିଆରେ ଟ୍ରାଭେଲ ରେଷ୍ଟ୍ରିକ୍ସନ ଜାରି କରାଯାଇଛି। ଏକ ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ଅଷ୍ଟ୍ରେଲିଆ କାହାକୁ ଦେଶ ଭିତରକୁ ପ୍ରବେଶ ଅନୁମତି ଦେବ ନାହିଁ ବୋଲି ସେ କହିଛନ୍ତି।



## ରକ୍ତ ଦାନକଲେ ମୁମ୍ବାଇ ରଣଜୀ କ୍ରିକେଟର

**ମୁମ୍ବାଇ, ୮।୬ (ପି.ଟି.):** ମୁମ୍ବାଇ ରଣଜୀ ଖେଳାଳି ବିନାୟକ ଭୋଇର ଓ ରୋଷ୍ଟନ ଡାଏସ୍‌ଙ୍କ ସମେତ ୯୦ଜଣ କ୍ରିକେଟର ସୋମବାର ରକ୍ତ ଦାନ କରିଛନ୍ତି। ଜେଜେ ହସ୍ପିଟାଲ ତରଫରୁ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। କ୍ରିକେଟ ଖେଳାଳିଙ୍କ ବ୍ୟତୀତ ବିଧାୟକ କ୍ଷିତିଜ ଠାକୁର, ପୂର୍ବତନ ମୁମ୍ବାଇ କ୍ରିକେଟ ଆସୋସିଏଶନ କର୍ମକର୍ତ୍ତା ପଙ୍କଜ ଠାକୁର ଏବଂ ଏମ୍‌ସିଏ ଆପେକ୍ସ କାଉନ୍‌ସିଲ ସଦସ୍ୟ ଅଜିଙ୍କ୍ୟ ନାଏକ ପ୍ରମୁଖ ମଧ୍ୟ ରକ୍ତ ଦାନ କରିଥିଲେ। କୋଭିଡ୍-୧୯ ମହାମାରୀ ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରଚେଷ୍ଟାରେ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା।

## ଅର୍ଡର ଅଫ୍ ଅଷ୍ଟ୍ରେଲିଆରେ କ୍ଲାର୍କଙ୍କୁ ନିଯୁକ୍ତି

**ସିଡ୍‌ନୀ, ୮।୬ (ପି.ଟି.)**

ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟୀ ଅଧିନାୟକ ମାଇକେଲ କ୍ଲାର୍କଙ୍କୁ ଏକ ନୂଆ ଗୁରୁ ଦାୟିତ୍ୱ ଦିଆଯାଇ ସମ୍ମାନିତ କରାଯାଇଛି। ତାଙ୍କୁ ଅର୍ଡର ଅଫ୍ ଅଷ୍ଟ୍ରେଲିଆରେ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ପୂର୍ବତନ ଅଧିନାୟକ ଆଲାନ ବର୍ଡର, ଷ୍ଟିଭ୍ ୱ, ରିକି ପଣ୍ଟିଂ, ମାର୍କ ଟେଲର ଓ ବବ୍ ଥମ୍ପସନଙ୍କୁ ମଧ୍ୟ ଏହି ପଦରେ ନିଯୁକ୍ତି ପାଇଥିଲେ। କ୍ଲାର୍କ ଜାତୀୟ ତଥା ରାଷ୍ଟ୍ରୀୟ ମାନ୍ୟତା ହାସଲ କରିଛନ୍ତି। କ୍ଲାର୍କଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଘରୋଇ ପରିବେଶରେ ୨୦୧୫ ଦିନିକିଆ ବିଶ୍ୱକପ୍‌ରେ ଟାଇଟଲ ହାସଲ କରିଥିଲା। ତାଙ୍କୁ ଅର୍ଡର ଅଫ୍ ଅଷ୍ଟ୍ରେଲିଆର ଜେନେରାଲ ଡିଭିଜନରେ ଆନ୍ ଅଫିସର (ଏଓ) ଭାବେ ନିଯୁକ୍ତି ଦିଆଯାଇଛି। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ମେଧାବୀ ସେବା କ୍ଲାର୍କଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି।

ଏହି ଖବର ମିଳିବା ପରେ କ୍ଲାର୍କ ଏହାକୁ ବିଶ୍ୱାସ କରିପାରି ନ ଥିଲେ। ଏପ୍ରିଲ ଫୁଲ୍ ଭଳି ତାଙ୍କୁ ଜୁନ୍‌ରେ ବୋକା ବନାଇବାକୁ ଚେଷ୍ଟା କରାଯାଇଛି ବୋଲି ସେ ଭାବିଥିଲେ। ଏଥିରେ ସେ ଆଶ୍ଚର୍ଯ୍ୟ ହୋଇଥିଲେ ଓ ଶେଷରେ ସମ୍ମାନ ବୋଧ କରିଥିଲେ। କ୍ରିକେଟରେ କ୍ଲାର୍କଙ୍କ ଅସାଧାରଣ ଅବଦାନ ରହିଛି। ଜଣେ ଖେଳାଳି ଓ ଅଧିନାୟକ ଭାବେ ସେ ଅଷ୍ଟ୍ରେଲିଆ କ୍ରିକେଟ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲେ। ୨୦୧୫ ବିଶ୍ୱକପ୍ ପରେ ୩୯ ବର୍ଷୀୟ କ୍ଲାର୍କ କ୍ରିକେଟରୁ ଅବସର ନେଇଥିଲେ। ସେ ୧୧୫ ଟେଷ୍ଟ, ୧୪୫ ଦିନିକିଆ ଓ ୩୪ଟି ଟି୨୦ ଖେଳି ଯଥାକ୍ରମେ ୮୬୪୩, ୭୯୮୧ ଓ ୪୮୮ ରନ ସଂଗ୍ରହ କରିଥିଲେ।

ଅଷ୍ଟ୍ରେଲିଆରେ କ୍ରିକେଟ ସଂସ୍କୃତିରେ ପରିଣତ ହୋଇଛି। ଏହା ଆମ ରକ୍ତରେ ମିଶିକରି ରହିଛି। କ୍ରିକେଟକୁ ବାଦ୍ ଦେଲେ ଅଷ୍ଟ୍ରେଲିଆରେ ଗ୍ରୀଷ୍ମଋତୁ କଥା ଚିନ୍ତା କରିହେବ ନାହିଁ। କୋଭିଡ୍-୧୯ ଯୋଗୁ କ୍ରିକେଟ ଗୁରୁତର ଭାବେ ପ୍ରଭାବିତ ହୋଇଥିଲେ ମଧ୍ୟ କ୍ରିକେଟ ତଥା ଅନ୍ୟ କ୍ରୀଡ଼ାଗୁଡିକ ସ୍ଥିତି ବଞ୍ଚାଇବାକୁ ସକ୍ଷମ ହେବେ ଓ ଏଥିରେ ସଫଳତା ଲାଭ କରିବେ ବୋଲି କ୍ଲାର୍କ କହିଛନ୍ତି। ଏହି ମହାମାରୀ କାରଣରୁ ସାରା ବିଶ୍ୱ ଓ ଅଷ୍ଟ୍ରେଲିଆରେ କ୍ରିକେଟ ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଥିପାଇଁ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ୩୦୦ ମିଲିୟନ ଅଷ୍ଟ୍ରେଲୀୟ ଡଲାର କ୍ଷତି ସହିଛି। ଏବେ ସିଏ ଏହି କ୍ଷତିରୁ ମୁକୁଳିବା ପାଇଁ ଭାରତ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ଉପରେ ଅତ୍ୟଧିକ ଭାବେ ନିର୍ଭରଶୀଳ ହୋଇପଡିଛି।



## ଯୁବଦର୍ଶକଙ୍କ ଲାଗି ନୂଆ ଟେନିସ ଟୁର୍ନାମେଣ୍ଟ

**ପ୍ୟାରିସ, ୮।୬ (ଏପି)**

ଚଳିତବର୍ଷ ପରବର୍ତ୍ତୀ ଭାଗରେ ୟୁଏସ୍ ଓପନ ଓ ଫ୍ରେଞ୍ଚ୍ ଓପନ ଆୟୋଜନ ହୋଇପାରିବ କି ନା ସେ ନେଇ ଆଲୋଚନା ଚାଲିଥିବା ବେଳେ ଶନିବାରଠାରୁ ଫ୍ରାନ୍ସର ଦକ୍ଷିଣାଞ୍ଚଳରେ ଏକ ନୂଆ ଡିଜିଟାଲି ଫ୍ରେଣ୍ଡଲି ଟେନିସ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ୪ଜଣ ଟପ୍ ର୍ୟାଙ୍କିଙ୍ଗ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ନା ଅଲ୍‌ଟିମେଟ୍ ଟେନିସ୍ ଶୋ ଡାଉନ୍ (ୟୁଟିଏସ୍) ରଖାଯାଇଛି। ଏହାର ପ୍ରଥମ ସଂସ୍କରଣରେ ଏଟିପି ଫାଇନାଲ୍ସ ବିଜେତା ଷ୍ଟିଫାନସ ଟିସିତ୍‌ସିପାସ୍ ଓ ୟୁଏସ୍ ଓପନ ସେମିଫାଇନାଲିଷ୍ଟ ମାଟେଓ ବରେଟିନି ଭାଗ ନେଇଛନ୍ତି। ବିଶେଷ କରି ଯୁବ ଟେନିସ୍‌ପ୍ରେମୀମାନେ ଏହି ଇଭେଣ୍ଟ ପ୍ରତି ଆକର୍ଷିତ ହେବେ ବୋଲି ୟୁଟିଏସ୍‌ର ସହ ପ୍ରତିଷ୍ଠାତା ପ୍ୟାଟ୍ରିକ୍ ମୋରାଟୋଗ୍ଲୋ ପ୍ରକାଶ କରିଛନ୍ତି। ୫ ସପ୍ତାହ ଧରି ପ୍ରତି ସପ୍ତାହର ଶେଷରେ ମ୍ୟାଚ୍ ଖେଳାଯିବ। ଟୁର୍ନାମେଣ୍ଟ ରାଉଣ୍ଡ ରବିନ୍ ଭିତ୍ତିରେ ଖେଳାଯାଉଛି। ମ୍ୟାଚଗୁଡ଼ିକର ପ୍ରସାରଣର ବ୍ୟବସ୍ଥା କରାଯାଇଛି। ଏହାର ଟିକିନିଖି ଘଟଣା ଦର୍ଶକମାନେ ଜାଣିପାରିବେ। ୨୩ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନା ୱିଲିୟମ୍ସଙ୍କ କୋଚ୍ ମୋରାଟୋଗ୍ଲୋ ଏବଂ ଅଷ୍ଟ୍ରେଲୀୟ ଖେଳାଳି ଆଲେକ୍ସି ପପିରିନ୍ ମିଳିତ ଭାବେ ଏହି ଟୁର୍ନାମେଣ୍ଟର ଆୟୋଜନ କରିଛନ୍ତି। ପପିରିନ୍ ନିଜେ ମଧ୍ୟ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଟେନିସପ୍ରେମୀମାନେ ସେମାନଙ୍କ ପ୍ରିୟ ଖେଳାଳି ଓ କୋଚ୍‌ଙ୍କ ସହିତ ଆଲୋଚନାର ସୁବିଧା କରାଯାଇଛି। ଚେଞ୍ଜ୍‌ଓଭର ଉପରେ ସେମାନେ ପ୍ରଶ୍ନ ମଧ୍ୟ କରିପାରିବେ। ବଦ୍‌ରାଗି ପ୍ରକୃତିର ହୋଇଥିବାରୁ ୨୨ତମ ର୍ୟାଙ୍କିଙ୍ଗପ୍ରାପ୍ତ ଫ୍ରେଞ୍ଚ୍ ଖେଳାଳି ବେନଏଟ ପାଇରେ ଏହି ଟୁର୍ନାମେଣ୍ଟରେ ଆକର୍ଷଣ କେନ୍ଦ୍ର ବିନ୍ଦୁ ହେବେ ବୋଲି ଆଶା କରାଯାଉଛି। ଇଭେଣ୍ଟଟି ଆଣ୍ଟିବିଜ୍ ନିକଟବର୍ତ୍ତୀ ମୋରାଟୋଗୋଲୋଙ୍କ ଏକାଡେମୀରେ ଅନୁଷ୍ଠିତ ହେଉଛି। କରୋନାଭାଇରସ୍ ଜନିତ କଟକଣା ଯୋଗୁ ଦର୍ଶକମାନଙ୍କୁ ଇଭେଣ୍ଟ ସ୍ଥଳକୁ ଅନୁମତି ନାହିଁ। ସୀମିତ ସଂଖ୍ୟକ ଷ୍ଟାଫ୍ ବ୍ୟତୀତ ସାମାଜିକ ଦୂରତ୍ୱ ରକ୍ଷା ଦିଗରେ ଧ୍ୟାନ ଦିଆଯାଉଛି। ୧୦ମ ର୍ୟାଙ୍କିଙ୍ଗପ୍ରାପ୍ତ ଡେଭିଡ୍ ଗଫିନ ମଧ୍ୟ ଖେଳୁଛନ୍ତି। ଫାଇନାଲ ଟପ୍ ଟେନ୍ ମେମ୍ବର ଚଳିତ ସପ୍ତାହରେ ଘୋଷଣା କରାଯିବ। ପ୍ରତିଯୋଗିତାରେ ଭାଗ ନେଉଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ୧୦ମ ର୍ୟାଙ୍କିଙ୍ଗପ୍ରାପ୍ତ ଡେଭିଡ୍ ଗଫିନ୍ ଫେଲିକ୍ସ ଅଗର ଆଲିଆସିମି, ରିଚାର୍ଡ ଗାସ୍କେଟ, ଲୁକାସ ପୋଲି ଏବଂ ଡଷ୍ଟିନ୍ ବ୍ରାଉନ୍। ୧୯ବର୍ଷୀୟ ଅଗର ଅଲିଆସିମି ହେଉଛନ୍ତି ଟୁର୍ନାମେଣ୍ଟର ସର୍ବକନିଷ୍ଠ ଖେଳାଳି।



ଷ୍ଟିଫାନସ ଟିସିତ୍‌ସିପାସ୍

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୨ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ଜୁନ୍ ୯/୨୦୨୦ Tuesday, June 9/2020




# ଚାରି ନମ୍ବର ସ୍ଥାନ ପକ୍କା କରିଛନ୍ତି ଶ୍ରେୟାସ



**କୋଲକାତା, ୮।୬ (ପି.ଟି.):** ହ୍ୱାଇଟ୍ ବଲ୍ କ୍ରିକେଟରେ ଭାରତୀୟ କ୍ରିକେଟ ଦଳରେ ୪ ନମ୍ବର ସ୍ଥାନ କିଏ ପୂରଣ କରିବ ସେ ନେଇ ଦୀର୍ଘ ଦିନ ହେଲା ବିତର୍କ ଚାଲିଥିଲା। ଏହି ସ୍ଥାନ ବୋଧହୁଏ ମୁଁ ପକ୍କା କରିସାରିଛି ବୋଲି କହିଛନ୍ତି ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର। ବ୍ୟାଟିଂ ଅର୍ଡରରେ ଚାରି ନମ୍ବର ସ୍ଥାନ ପାଇଁ ଅମ୍ବାଟି ରାୟୁଡୁ, ବିଜୟ ଶଙ୍କର, ରିଷଭ ପନ୍ତ ଏପରିକି ଏମ୍.ଏସ୍. ଧୋନୀଙ୍କୁ ନେଇ ପରୀକ୍ଷା କରାଯାଇଛି। ହେଲେ କେହି ଏହି ସ୍ଥାନ ପକ୍କା କରି ପାରି ନ ଥିଲେ। ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ପରାଜୟ ପରେ ଏହି ମୁମ୍ବାଇ ୟଙ୍ଗଷ୍ଟରଙ୍କୁ ୱେଷ୍ଟଇଣ୍ଡିଜ ଟୁର୍ ପାଇଁ ଡାକରା ଆସିଥିଲା। ସିରିଜରେ ସେ ପ୍ରଭାବୀ ପ୍ରଦର୍ଶନ ମଧ୍ୟ କରିଥିଲେ। ପରେ ଚଳିତ ବର୍ଷ ପ୍ରଥମ ଭାଗରେ ନ୍ୟୁଜିଲାଣ୍ଡରେ ଏହି ୨୫ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ସିରିଜରେ ସେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ସହ ସବୁଠାରୁ ଅଧିକ ରନ ସଂଗ୍ରହକାରୀ ଖେଳାଳି ହୋଇଥିଲେ। ଯଦି ଭାରତର ତରଫରୁ ଏକ ବର୍ଷ ଧରି ଜଣେ ଖେଳାଳି ଗୋଟିଏ ପୋଜିଶନରେ ଖେଳିପାରିଲା ସେହି ସ୍ଥାନ ସେ ପକ୍କା କରିନେଲା ବୋଲି ବୁଝିବାକୁ ହେବ ବୋଲି ଶ୍ରେୟାସ କହିଛନ୍ତି। ଶ୍ରେୟାସ ଏହି ସରିଜରେ ମୋଟ ୨୧୭ ରନ ସ୍କୋର କରିଥିଲେ। ଏକ ୩ ମ୍ୟାଚ ବିଶିଷ୍ଟ ଦ୍ୱିପାକ୍ଷିକ ସିରିଜରେ ୪ନମ୍ବର ସ୍ଥାନରେ ଜଣେ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ଏହାଥିଲା ସର୍ବାଧିକ ରନ। ୪ ନମ୍ବର ସ୍ଥାନ ପାଇଁ ବିତର୍କ ଚାଲିଥିଲା। ଏହି ସ୍ଥାନରେ ଭଲ ପ୍ରଦର୍ଶନ କରି ସ୍ଥାନ ପକ୍କା କରିବା ନିଶ୍ଚିତ ଭାବେ ସନ୍ତୋଷଜନକ ବୋଲି ଶ୍ରେୟାସ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଆୟୋଜିତ ଏକ ଇନଷ୍ଟାଗ୍ରାମ୍ ଚାଟ୍‌ରେ କହିଛନ୍ତି। ତେବେ ସେ ଟିମ୍‌ର ଆବଶ୍ୟକତା ଅନୁସାରେ ଯେକୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଥିବା ପ୍ରକାରାନ୍ତରେ ଉଲ୍ଲେଖ କରିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ